# ଏକ ସତ୍ୟ ଚିହ୍ନ ଯାହା ଅଣଦେଖା କରାଯାଇଛି

…ଆଜି ସକାଳେ ପ୍ରଭୁ ଯୀଶୁଙ୍କ ନାମରେ ଏକତ୍ର ହୋଇଅଛୁ, ଏବଂ ବହୁତ ପ୍ରାର୍ଥନା କରିବା ପରେ। ଏବଂ ଆଜି ସକାଳେ, ମୁଁ ଶୀଘ୍ର ଉଠିଲି ନାହିଁ। ମୁଁ ଏକ ପ୍ରକାର ଉଠିବାରେ, ବିଳମ୍ବ କରିଥିଲି, ଏବଂ ମୁଁ ଭାବୁଛି ଯେ ପ୍ରତ୍ୟେକ ଜଣ ଠିକ ବର୍ତ୍ତମାନ, ଏହା ଜାଣନ୍ତି ଯେ ତାହା କାହିଁକି ଅଟେ।

2 ମୁଁ ଅନ୍ୟ ଦିନ ସକାଳେ, କିମ୍ବା ଅନ୍ୟ ରାତିରେ, ଘରକୁ ଆସିଲି, ଏବଂ ମୋର ପଡ଼ୋଶୀ ଅଗଣାରେ ଛିଡା ହୋଇଥିଲେ, ସେ ଏବଂ ତାଙ୍କ ସାନ ଝିଅ। ତାଙ୍କ ପତ୍ନୀ ଡାକ୍ତରଖାନାର ପ୍ରସୂତି କକ୍ଷରେ ଜଣେ ନର୍ସ ଅଟନ୍ତି। ତେଣୁ ତାଙ୍କ ହାତରେ ଗୋଟିଏ—ଗୋଟିଏ, ଏତେ ଲମ୍ବା ବାଡ଼ି ରହିଥିଲା, ଯାହା ଉପରେ ଏକ—ଏକ କିଛି ଲେଖା ଉଲ୍ଲେଖ ହୋଇଥିଲା, କିଛି ଗୋଟାଏ ରିବନ୍ ବନ୍ଧା ହୋଇଥିଲା, ଏବଂ ଅଳ୍ପ କିଛି ଗୋଟାଏ ବିଷୟ କହୁଥିଲା, "ଜେଜେବାପା ବ୍ରାନହାମ୍ ଏପରି କିଛି, ମୁଁ ଭାବୁଛି, ପ୍ରାୟଃ 3:43 କିମ୍ବା 4:43, ଅକ୍ଟୋବର 11ଶ ତାରିଖ।" ତାହାପରେ, ନିମ୍ନରେ ଏକ ବହୁତ ବଡ ବନ୍ଧନୀ ରହିଥିଲା, ଯାହାକି କହୁଥିଲା, "ତୁମେ ଭାବିବାଠାରୁ ଅଧିକ ବୃଦ୍ଧ ଅଟ।" ତେଣୁକରି ବର୍ତ୍ତମାନ ମୋ ପାଖରେ ସକାଳେ ଅଳ୍ପ ଟିକିଏ ଅଧିକ ସମୟ ବିଶ୍ରାମ କରିବାକୁ ଏକ ଆଇନଗତ ଅଧିକାର ଅଛି। ତାହା ଠିକ୍, ଭାଇ ରାଇଟ୍, ଯେତେବେଳେ ଆପଣ—ଯେତେବେଳେ ଆପଣ ଜଣେ ଜେଜେବାପା ହୁଅନ୍ତି?

3 ଏବଂ ତେଣୁକରି ମୁଁ ଅନୁମାନ କରେ ଯେ ତାହା ଏକ ପ୍ରକାରେ ମୋତେ ବାହାନା ମିଳିଥାଏ, ତେବେ, ଭଉଣୀ କିଡ୍, ଆଜି ସକାଳେ, ଯେତେବେଳେ ଆପଣ ଓହାୟୋରୁ ଆସିଲେ ସେତେବେଳେ ମୁଁ ସେଠାରେ ନ ଥିଲି। ଯଦିଓ, ଏହା ପରେ, ମୁଁ ଭାବୁଛି, ଯେ ମୁଁ ନିଶ୍ଚିତ ପ୍ରାୟଃ ଦଶ ବର୍ଷ ଅଧିକ ବୃଦ୍ଧ ହୋଇଯାଇଥିବା ଭଳି ଅନୁଭବ କରେ। ମାତ୍ର, ଯେପରି ଆପଣମାନେ ସମସ୍ତେ ଜାଣିଛନ୍ତି ଯେ ମୋର ସେଠାରେ ଏକ ଛୋଟ ନାତି ଅଛି, ପ୍ରାୟଃ ସାତ କିମ୍ବା ଆଠ ପାଉଣ୍ଡ, ସେହିପରି କିଛି ଓଜନର, ସବୁଠୁ ଅସୁନ୍ଦର ସାନ ଶିଶୁ ଯାହା ମୁଁ କଦାଚ ଦେଖିଅଛି। କହିଲେ, "ସେ ଠିକ୍ ତାର ଜେଜେବାପା ପରି ଦେଖାଯାଉଅଛି।" ତେଣୁ…ଏବଂ ମୁଁ ଠିକ ଦେଖୁଥିଲି ଯେ ସେ କେଉଁଆଡକୁ ଯାଉଥିଲା, ଯେଉଁଠାକୁ ବିଲି ଗଲା।

4 ତେଣୁ, ଗତକାଲି ରାତିରେ, ମୋର ପ୍ରାର୍ଥନା ବିନତୀ ସବୁ କରିସାରିବା ପରେ, ହଲ୍‌ରୁ ତଳକୁ ଆସିବାବେଳେ, ମୁଁ ଜର୍ଜିଆ ଏବଂ ଆଖପାଖରୁ ଆସିଥିବା ବିଶ୍ୱସ୍ତ ବନ୍ଧୁମାନଙ୍କର ଏକ ସମୂହକୁ ଭେଟିଲି, ଏବଂ ଆମେମାନେ ସମସ୍ତେ ସେଠାରେ ସେହି ଛୋଟ ଶିଶୁମାନଙ୍କୁ ଦେଖୁଥିଲୁ। ଏବଂ ସେମାନେ ଅତି ସୁନ୍ଦର ଅଟନ୍ତି। ତେବେ, ସେମାନେ କେବଳ…ମୁଁ

ସବୁବେଳେ ଏପରି କିଛି ଅନୁଭବ କରିଥିଲି, “ବିଲି, ତୁମେ ଭୟ କରୁଛ ଯେ ତୁମେ ସେମାନଙ୍କୁ ଧରିଲେ ସେମାନଙ୍କର କିଛି ଭାଙ୍ଗିଯିବ, ଆପଣମାନେ ଜାଣନ୍ତି । ସେମାନେ ଏତେ ସାନ ଅଟନ୍ତି ।” ଏବଂ ମୁଁ ବିଶ୍ୱାସ କରେ ଯେ ଏହା ଭଉଣୀ ବିଲର୍ କହିଥିଲେ…ମୁଁ ଭାବୁଥିଲି…ସେ ମଧ୍ୟ ତାହା ଭାବୁଥିଲେ, ମାତ୍ର, ପରେ, ସେ ଏହା ଜାଣିବାକୁ ପାଇଲେ ଯେ ସେମାନେ ଏତେ ସହଜରେ ଭାଙ୍ଗନ୍ତି ନାହିଁ । ତେଣୁ, ମୁଁ ଭାବୁଛି ଯେ ତାହା ପ୍ରାୟଃ ଠିକ୍ ଅଟେ ।

5 ଗତକାଲି ଅପରାହ୍ନରେ ମୁଁ ଏଠାରେ ମଣ୍ଡଳୀର ଆମର ଜଣେ ଭଉଣୀଙ୍କ ଘରକୁ ଯିବାର ସୌଭାଗ୍ୟ ପାଇଲି, ତାଙ୍କ ଝିଅ ଘରକୁ; ଏବଂ ମୁଁ ଭାବୁଛି ସେ ମଧ୍ୟ ଏଠାରେ ମଣ୍ଡଳୀରେ ଅଛନ୍ତି, ଯେଉଁଠାରେ ସେମାନେ ଭାଇ ନେୱିଲଙ୍କ ପାଇଁ ଏକ ଛୋଟ ଜନ୍ମଦିନ ରାତ୍ରୀ ଭୋଜ ରଖିଥିଲେ । ଏବଂ ଗତକାଲି ତାଙ୍କର ଆଉ ଏକ ମାଇଲଖୁଣ୍ଟ ଥିଲା ଯାହା ସେ ଅତିକ୍ରମ କରିଥିଲେ । ଏବଂ ତେଣୁ ଆମେ ଭାଇ ନେୱିଲଙ୍କୁ କହୁଅଛୁ, “ଏକ ପ୍ରକୃତ ଶୁଭ ଜନ୍ମଦିନ,” ଆମେମାନେ ପ୍ରତ୍ୟେକ ଜଣ, କାରଣ ସେ ଜଣେ ଅତି ଉତ୍ତମ ଭାଇ ଅଟନ୍ତି । ଏବଂ, ଅବଶ୍ୟ, ସେ ଠିକ ପଚି-ଶ ଅତିକ୍ରମ କଲେ, ଅଳ୍ପ ଟିକିଏ, ତେବେ ସେ ମୋ ପରି ଅଟନ୍ତି । ଏବଂ ତେଣୁକରି ଆମେମାନେ ଏହାକୁ, ଦ୍ୱିତୀୟ ଥର ଅତିକ୍ରମ କଲୁ । ତାହାହିଁ…ତେବେ ତାହା ବୃଦ୍ଧ ଲୋକ ହେବା ଭଳି ଯାଉଅଛି, ଯେତେବେଳେ ଆପଣ ଦ୍ୱିତୀୟ ଥର ପାଇଁ ସେହି ସଙ୍କେତକୁ ଅତିକ୍ରମ କରିବାକୁ ଯାଆନ୍ତି, ଆପଣମାନେ ଜାଣନ୍ତି ।

6 ମୋର ସେହି ସକାଳେ ମନେ ଅଛି ଯେତେବେଳେ ଫ୍ରାଙ୍କି ୱେବର ଏଠାକୁ ଆସିଥିଲେ । ଏବଂ ସେ ଏଠାରେ ଆମର ନିକଟବର୍ତ୍ତୀ ପାଖ ପଡ଼ୋଶୀ ଥିଲେ; ତାଙ୍କ ଝିଅ ବର୍ତ୍ତମାନ ସେଠାରେ ରହୁଛନ୍ତି । ସେ ଫ୍ଲୋରିଡାରେ ଅଛନ୍ତି । ଏବଂ ଫ୍ରାଙ୍କି ଓ ମୁଁ ଏକାଠି ବିଦ୍ୟାଳୟକୁ ଯାଉଥିଲୁ । ଏବଂ ଫ୍ରାଙ୍କି ତାଙ୍କ ଜନ୍ମଦିନର ନୈବେଦ୍ୟ ଅର୍ପଣ କରିଥିଲେ । ଏବଂ ମୁଁ ସେତେବେଳେ ପ୍ରାୟଃ ତିନି ଚାରି ବର୍ଷ ହେବ ପ୍ରଚାରକାର୍ଯ୍ୟ କରୁଥିଲି । ମୁଁ ଫ୍ରାଙ୍କିଙ୍କୁ ପ୍ରଭୁ ଯୀଶୁଙ୍କ ନିକଟକୁ କଢାଇ ନେଇଥିଲି । ଏବଂ ସେ ଏକ ଚତୁର୍ଥାଂଶ ଦେଇଥିଲେ । ମୁଁ ଭାବୁଛି ମୋତେ ବାଇ-ଶି ବର୍ଷ ହେଉଥିଲା । ଏବଂ ସେ ଏକ ଚତୁର୍ଥାଂଶ ଦେଇଥିଲେ । ମୁଁ ଭାବିଲି, “ଓଃ, ମୋର ପ୍ରଭୁ, କଅଣ ଆପଣ ମୋତେ ଏହା କହିବାକୁ ଚାହୁଁଛନ୍ତି ଯେ ଫ୍ରାଙ୍କି ୱେବର ପଚି-ଶ ବର୍ଷ ବୟସର ଅଟନ୍ତି? ହ୍ୟା! ମୋର ପ୍ରଭୁ, ମୁଁ ସେହି ସମୟକୁ ଭୟ କରେ ଯେତେବେଳେ ମୁଁ ପଚି-ଶ ବର୍ଷର ହେବି ।” ତେବେ ମୁଁ ସେଗୁଡିକୁ ମଧ୍ୟରୁ ତିନୋଟି ରଖିବାକୁ ସ୍ଥିର କରୁଛି, ତେଣୁକରି ତେବେ, ଖୁବ୍ ଶୀଘ୍ର । ତେଣୁ ଏହା—ଏହା ସେହି ବିଷୟକୁ ଅତିକ୍ରମ କରିବାକୁ ଅଧିକ ସମୟ ଲାଗେ ନାହିଁ ।

7 ଯେତେବେଳେ ମୁଁ ଏଠାକୁ ଦେଖେ ଏବଂ ଭାଇ ଓ ଭଉଣୀ କିଡଙ୍କୁ ସେମାନଙ୍କର ଅଶୀ ବର୍ଷ ବୟସରେ ଥିବାର ଏବଂ ତଥାପି ଦୃଢ ଭାବରେ ଗତି କରୁଥିବାର ଦେଖେ, ମୁଁ ଭାବିଥାଏ, “ପ୍ରଭୁ ଯୀଶୁ, ମୋତେ ବା-ବନ ବର୍ଷରେ, ଅଭିଯୋଗ କରୁଥିବା ପାଇଁ କ୍ଷମା କର ।” ଏବଂ ସେମାନେ…ଆପଣ ଅଶୀ, ଏବଂ ଭାଇ କିଡ୍ ଏକା-ଅଶୀ ବର୍ଷର । କଅଣ ତାହା ଠିକ୍ କି? ଏକା-ଅଶୀ । ଏବଂ ସେମାନେ ତଥାପି ସେବାକାର୍ଯ୍ୟରେ ରହିଛନ୍ତି । ଏବଂ ମୁଁ ଆପଣଙ୍କୁ କହୁଛି,

ତାହା ଆମକୁ ସାହସ ଦେଇଥାଏ, କଅଣ ନୁହେଁ କି? ନିଶ୍ଚିତରେ ଦେଇଥାଏ। ପ୍ରଭୁ ନିଶ୍ଚିତ ଭାବରେ ଆମ ପ୍ରତି ଉତ୍ତମ ଅଟନ୍ତି।

8 ତେବେ, ସେଠାରେ କେବଳ ଗୋଟିଏ ଖରାପ ବିଷୟ ଅଛି ଯାହା ମୁଁ ଭୟ କରେ, ଏଠାରେ ସକାଳ ସମୟରେ ସଭା କରିବା, ଏବଂ ତାହା ହେଉଛି...ଏହା ଏକ ଭୟଙ୍କର ବିଷୟ ଅଟେ, ତାହା କହିବାକୁ ସୁଦ୍ଧା ଏକ ଅତ୍ୟନ୍ତ ଅପମାନଜନକ କଥା ପରି ଶୁଭାଯାଏ। ମାତ୍ର ମୋର ଏପରି ଅନେକ ଗୁଡିଏ ବନ୍ଧୁମାନେ ଅଛନ୍ତି ଯେଉଁମାନେକି, ଏତେ ଦୂରରୁ, ସେହି ସଭାଗୁଡିକ ପାଇଁ—ପାଇଁ, ଆସନ୍ତି।

ମୁଁ ଏଠାରେ ଇଭାନ୍‌ସ ପରିବାରକୁ ଦେଖୁ ନାହିଁ, ମାତ୍ର ସେମାନେ ଏଠାରେ କେଉଁଠାରେ ଅଛନ୍ତି, ମୁଁ ଭାବୁଛି। ସେମାନେ କେବେବି ଗୋଟିଏ ବି ସେବାରେ ଅନୁପସ୍ଥିତ ରୁହନ୍ତି ନାହିଁ। ଏବଂ କଅଣ ଆପଣମାନେ ଜାଣିଛନ୍ତି ଯେ ସେମାନେ ପ୍ରଚାର ଶୁଣିବା ପାଇଁ ପ୍ରତି ରବିବାର କେତେ ମାଇଲ୍ ବାଟ ଗାଡି ଚଲାଇ ଆସନ୍ତି? ତେର ଶହ ମାଇଲ୍। ସେମାନେ ମଣ୍ଡଳୀକୁ ଯିବା ପାଇଁ, ପ୍ରତି ସପ୍ତାହରେ ଷାଠିଏରୁ ସତୁରି ଡଲାରରୁ କମ୍ ଟଙ୍କାରେ ଯାତ୍ରା କରିପାରନ୍ତି ନାହିଁ, ତାହା ଠିକ୍, ସେହି ସମୟରେ ଯେତେବେଳେ ସେମାନେ ସେମାନଙ୍କର ସମଗ୍ର, ସେମାନଙ୍କ ପରିବାର ସହିତ ଏଠାକୁ ଆସନ୍ତି, ଏଠାକୁ ଯାଆନ୍ତି, ଦେୟ ଦିଅନ୍ତି।

9 ତେବେ, କେବଳ ସେତିକି ନୁହେଁ, ମାତ୍ର ଏଠାରେ ତଳେ ଆଲାବାମାରୁ ଜଣେ ଛୋଟ ଭାଇ ଅଛନ୍ତି, ଯିଏକି ପ୍ରତି ସପ୍ତାହରେ ପ୍ରାୟଃ ସେହି ସମାନ ଦୂରତା ଗାଡି ଚଲାଇ ଆସନ୍ତି। ଭାଇ... ଓଃ, ମୋର ପ୍ରଭୁ! ଭାଇ "ୱେଲ୍ଟ"? [ଜଣେ ଭାଇ କୁହନ୍ତି, "ୱେଷ୍ଟ।"—ସମ୍ପା।] ୱେଷ୍ଟ। ମୁଁ... ସେ ମୋତେ, ଜଣେ ବାଳକ ପରି ଦେଖାଯାଆନ୍ତି। ସେ—ସେ ଜଣେ ପିତା ଅଟନ୍ତି, ତାଙ୍କର ଅନେକ ସନ୍ତାନମାନେ ଅଛନ୍ତି। ମାତ୍ର ସେ ମୋତେ ସବୁବେଳେ ମନେ ପକାନ୍ତି, ସେ ଏତେ ଯୁବା-ଦେଖାଯାଆନ୍ତି, ସେ ଏବଂ ତାଙ୍କ ପତ୍ନୀ। ଭାଇ ୱେଷ୍ଟ।

10 ତଳେ ଜର୍ଜିଆ, ମାକନ୍ ଠାରୁ, ଭାଇ ଏବଂ ଭଉଣୀ ପାମର ସେଠାରେ ବସିଛନ୍ତି।

ଏବଂ—ଏବଂ ଭଉଣୀ ଅନ୍‌ଗ୍ରେନ୍, ସେମାନେ ସାଧାରଣତଃ ଏଠାରେ, ତଳେ ଟେନିସିର, ମେମ୍ଫିସ୍‌ଠାରୁ ଆସିଥାଆନ୍ତି। କଅଣ ସେମାନେ ଆଜି ସକାଳେ ଏଠାରେ ଅଛନ୍ତି କି? ମୁଁ—ମୁଁ...ସେମାନେ ସାଧାରଣତଃ ରହିଥାଆନ୍ତି। ଭଉଣୀ ଅନ୍‌ଗ୍ରେନ୍ ଏବଂ—ଏବଂ ଟେନିସିର, ମେମ୍ଫିସ୍‌ଠାରୁ ସେହି ସମୂହ, ସେଠାରେ, ହଁ, ପଛରେ ସେହି ପଛରେ ଅଛନଟି।

ଏବଂ ସେଠାରେ ଅନ୍ୟମାନେ ଅଛନ୍ତି। ମୁଁ କେବଳ...ଡାକିବା ହେତୁ, ସେମାନେ କେବଳ ବହୁତ ସଂଖ୍ୟାରେ ଅଟନ୍ତି। ସେମାନଙ୍କ ମଧ୍ୟରୁ କେତେକ ତ, ତଳେ ଦକ୍ଷିଣ କେଣ୍ଟକିରୁ ଅଛନ୍ତି। କେତେକେ, ଉପର ଚିକାଗୋର ଚାରିପାଖରୁ ଅଛନ୍ତି। ଆଉ କେତେକ ଜଣ ତ ଚିକାଗୋରୁ, ଏବଂ ଚିକାଗୋର ଉପରୁ, ଆଖପାଖରୁ ଅଛନ୍ତି।

11 ରବିବାର ଦିନ, ମୁଁ ବୁଝେ ଯେ ସେଠାରେ ଜଣେ ବ୍ୟକ୍ତି ଏଠାରେ ସୁଦୂର କାଲିଫର୍ଣ୍ଣିଆରୁ ଥିଲେ, ଏବଂ ତାଙ୍କ ପାଖରେ ରହିବା ହେତୁ କେବଳ ଅଳ୍ପ ସମୟ ଥିଲା; ମୋତେ ଦେଖା

କରିବାକୁ ଚାହୁଁଥିଲେ । ଅବଶ୍ୟ, ସଭା ପରେ, ମୋତେ କଢାଇ ନିଆ ଯାଇଥିଲା । ଏବଂ ସେହି ବ୍ୟକ୍ତିଟି, ମୋତେ ଦେଖା ନ କରି ଫେରିଗଲେ ।

ଆଉ ଜଣେ ବ୍ୟକ୍ତି ଇଲିନୋଇସ୍‌ଠାରୁ, ସେମିତି କୌଣସି ସ୍ଥାନରୁ ଆସିଥିଲେ । ଯଦି ସେହି ବ୍ୟକ୍ତି ଆଜି ସକାଳେ ଏଠାରେ ଅଛନ୍ତି, ତେବେ ତାହା ସବୁଠାରୁ ସୁନ୍ଦର ସ୍ୱାଦିଷ୍ଟ ସେଉ ଥିଲା ଯାହା ମୁଁ କଦାଚ ଖାଇଥିଲି । ଏବଂ ସେ ମୋତେ ଏକ ଟୋକେଇ ସେଉ ଆଣି ଦେଇଥିଲେ ।

ଏବଂ ତଳେ ଜର୍ଜିଆଠାରୁ ଭାଇମାନଙ୍କ ମଧ୍ୟରୁ ଜଣେ, ମୁଁ ବିଶ୍ୱାସ କରେ ଯେ ଏହା ତାହା ଥିଲା, କିମ୍ବା ଅନ୍ୟ କୌଣସି ସ୍ଥାନରୁ, ପ୍ରାୟଃ ସେତିକି ବଡ, କାଗଜ ଭଳି ନରମ ଖୋଳପା ଥିବା, ପେକାନ ଫଳର ଏକ ବଡ଼ ପ୍ୟାକେଜ୍ ଆଣି ଦେଇଥିଲେ । ଏବଂ, ଓଃ, ମୁଁ ପ୍ରକୃତରେ ସେଗୁଡ଼ିକୁ ଖାଇପାରେ!

12 ଠିକ ବର୍ତ୍ତମାନ, ମୁଁ, ଅବଶ୍ୟ, ମୁଁ ଏହି ଦିନରେ ସୁଖଦ ଖାଦ୍ୟ ଖାଉ ନାହିଁ, ମୋ ମାଆଙ୍କ ବିୟୋଗ ପରଠାରୁ ଖାଇ ନାହିଁ । ମୁଁ ଏକ—ଏକ ନୂତନ ଦର୍ଶନ ପାଇଁ ପ୍ରଭୁଙ୍କୁ ଅନ୍ୱେଷଣ କରୁଅଛି । କେବଳ ନରମ ଜିନିଷଗୁଡିକ ଖାଉଅଛି, ଏବଂ ଯେପରିକି ମୁଁ...ଯେତିକି ଅଳ୍ପରେ ମୋର ହୋଇ ଯାଇପାରେ; କୋଡ଼ିଏ ପାଉଣ୍ଡ ଓଜନ ହ୍ରାସ କରିଛି । ଯାହାକି ହେଉଛି... ତେବେ, ମୁଁ ଉପବାସ କରୁନାହିଁ । ମୁଁ ନୁହେଁ...ନା । ତାହା, କେବଳ ତାହା କରିବାକୁ, ତାହା ପ୍ରଭୁଙ୍କଠାରେ ସମର୍ପଣ କରିବା ନୁହେଁ । ଆପଣ ପ୍ରଭୁଙ୍କୁ ନିଜ ପାଖରେ ଥିବା ସବୁଠୁ ସର୍ବୋତ୍ତମ ବିଷୟ ଦେବାକୁ ଚାହିଁବେ । ସେଇଟା ନୁହେଁ...

13 ମୁଁ ଭାଇ ସମ୍ପରଙ୍କୁ ଏବଂ ସେମାନଙ୍କୁ ମଧ୍ୟ ସେଠାରେ ପଛରେ ରହିଥିବାର ଦେଖେ । ସେଠାରେ ବହୁତ ଅଧିକ ଜଣ ଅଛନ୍ତି । ମୁଁ...

ଯେପରିକି, ଗତ ରବିବାର, ମୁଁ ସେହି ଲୋକମାନଙ୍କ ବିଷୟରେ ଉଲ୍ଲେଖ କରୁଥିଲି ଯେଉଁମାନେକି—ଯେଉଁମାନେକି ମାଆ ସହିତ ବସା ଉଠା କରୁଥିଲେ, ଓ ପ୍ରଭୃତି ବିଷୟସବୁ । ଏବଂ ସେଠାରେ ଜଣେ ପ୍ରକୃତ ବିଶ୍ୱସ୍ତ ଭଉଣୀ ଥିଲେ । ମୁଁ ସେହି ସ୍ତ୍ରୀଲୋକଙ୍କ ନାମ କହିବାକୁ ଭୁଲିଗଲି । ତେବେ, ଯଦି ସେ ଆଜି ସକାଳେ ଏଠାରେ ଅଛନ୍ତି, ମୁଁ କ୍ଷମା ମାଗୁଛି । ସେମାନଙ୍କ ମଧ୍ୟରୁ ଜଣେ ଥିଲେ ଭଉଣୀ ବିଲର, ଏବଂ ଅନ୍ୟ ଜଣକ ହେଉଛନ୍ତି ଭଉଣୀ ଏବଂ ଭାଇ ଷ୍ଟେଫି । ଏବଂ ଏପରି ବହୁତ ଜଣ! ମୁଁ...

14 ଆପଣମାନେ ସମସ୍ତେ ମୋତେ ଯଥେଷ୍ଟ ଭଲ ଭାବରେ ଜାଣିଛନ୍ତି ଯେ ମୋର ତାହା ଅଭିପ୍ରାୟ ନ ଥିଲା, ଯେତେବେଳେ ମୁଁ କୌଣସି ନାମକୁ ଅଣଦେଖା କରେ କିମ୍ବା କୌଣସି ବ୍ୟକ୍ତିଙ୍କୁ ଅଣଦେଖା କରେ । ସେମାନେ ସମସ୍ତେ କେତେ ବିଶ୍ୱସ୍ତ ଥିଲେ! ଏବଂ ବେଳେବେଳେ କେବଳ ଏଠାରେ ବସି ରହିଥିବା ବେଳେ, ମୁଁ କାହାରି ଜଣକାକୁ ଉଲ୍ଲେଖ କରିବି ଯାହାଙ୍କୁ ମୋର ମନେ ପଡ଼େ । ମାତ୍ର ମୁଁ...ସେଥିପାଇଁ, ମୋର କହିବାର ଅର୍ଥ ସମଗ୍ର ଗୋଷ୍ଠୀ, ପ୍ରତ୍ୟେକ

ଜଣ, ଦେଖନ୍ତୁ, ଏହା ବହୁତ ସୁନ୍ଦର ଅଟେ। ଏବଂ ତାହାପରେ, ସମସ୍ତେ, ସୁନ୍ଦର, ଆମ ପ୍ରତି ଦୟାଳୁ ରହିଛନ୍ତି। ଏବଂ ଆମେ ନିଶ୍ଚିତରେ ତାହାକୁ ପ୍ରଶଂସା କରୁ।

15 ଏବଂ ବର୍ତ୍ତମାନ, ଆଜି ସକାଳେ, ଆମେମାନେ ପୁନର୍ବାର ପରମେଶ୍ୱରଙ୍କ ବାକ୍ୟ ନିକଟକୁ ଯିବା ପାଇଁ ଚେଷ୍ଟା କରିବାକୁ ଯାଉଅଛୁ। ତେବେ, ମୁଁ ଏହି ବିବୃତ୍ତି ଦେବାକୁ ଚାହେଁ, ଯେପରିକି ଏହା ପ୍ରକୃତରେ ସ୍ପଷ୍ଟ ହୋଇଯିବ, ଯେ ମୁଁ—ମୁଁ କେବଳ ଦେଖାଯିବା ନିମନ୍ତେ କୌଣସି ସଭାକୁ ଆସେ ନାହିଁ। ମୁଁ କେବଳ ତାହା କହିବା ପାଇଁ ସେଠାକୁ ଆସେ ନାହିଁ, "ତେବେ, ମୁଁ ହୁଏତ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିବାକୁ ଚାହେଁ ଯେ ସେ ମୋତେ ଏକ—ଏକ ବାର୍ତ୍ତା ଦିଅନ୍ତୁ ଯାହାକି ଲୋକମାନଙ୍କୁ କେବଳ ପ୍ରକୃତରେ ଭଲ ଅନୁଭବ କରାଇବ ଏବଂ ଚିତ୍କାର କରାଇବ।" ଆମ ପାଖରେ ତାହା ବହୁତ ଅଧିକ ରହିଥିଲା, ମାତ୍ର, ଏବଂ ଆମେ ତାହା ପ୍ରଶଂସା କରୁ। ତାହା ଠିକ ଅଟେ। ବୁଝିଲେ? ତାହା ଅଦ୍ଭୁତ ଅଟେ। ବୁଝିଲେ? ମାତ୍ର ମୁଁ ଯାହା ଜାଣିବାକୁ ଚାହେଁ, ତାହା ହେଉଛି, "ପ୍ରଭୁ, ତୁମେ ମୋର ଚିନ୍ତାଧାରାକୁ ଏପରି କିଛି ବିଷୟ ଅଦାକୁ ନିର୍ଦ୍ଦେଶିତ କର ଯାହାକି ଲୋକମାନଙ୍କ ପାଇଁ ଏକ ସାହାଯ୍ୟ ସ୍ୱରୂପ ହେବ, ଯାହାକି ସେମାନଙ୍କୁ ପରମେଶ୍ୱରଙ୍କର ଅଧିକ ନିକଟବର୍ତ୍ତୀରେ ସ୍ଥାପିତ କରାଇବ, ଯାହାକି—ଯାହାକି—ଯାହାକି ସେମାନଙ୍କ ପାଇଁ କିଛି ଗୋଟାଏ କରିବ, ଯାହାକି—ଯାହାକି, ଏପରି କିଛି ନୁହେଁ ଯାହାକି ସେମାନଙ୍କୁ ଆତ୍ମିକ ଭାବରେ ଗଢିବ, ମାତ୍ର ସେମାନଙ୍କୁ ପରମେଶ୍ୱରଙ୍କ ଜ୍ଞାନ ଏବଂ ଉପଦେଶରେ ଗଢି ତୋଳିବ, ଯେପରିକି ସେମାନେ ଏହା ଜାଣିବେ ଯେ ଶତ୍ରୁ ଯେତେବେଳେ ଆସେ ସେମାନଙ୍କୁ କିପରି ଭାବରେ ଛିଡା ହେବାକୁ ଅଛି।"

16 ମୁଁ ଜଣେ ଭଉଣୀ ସହିତ କଥାବାର୍ତ୍ତା କରୁଥିଲି ଯିଏକି ଏହି ସପ୍ତାହରେ ଏଠାରେ ପରିଦର୍ଶନ କରୁଛନ୍ତି, ଭଉଣୀ ପାମର। ସେ କହିଲେ, ଜାଣିବାକୁ ଚାହାଁନ୍ତି ଯେ ମୁଁ କିପରି ଏହି ଦେଶରେ ବାସ କରୁଅଛି। ଏହା ତ, ଆପଣ କେବଳ ଏଠାକୁ ଆସନ୍ତି, ଏବଂ, ହଁ, ପ୍ରତ୍ୟେକ ଥର ଯେତେବେଳେ ମୁଁ ଉପତ୍ୟକାକୁ ଆସିଥାଏ ମୁଁ ଆସିବା ମାତ୍ରକେ ଅସୁସ୍ଥ ହୋଇଯାଏ। ଏହା ଏଠାରେ ଉପତ୍ୟକାରେ ପ୍ରକୃତରେ କେବଳ ଅସ୍ୱାସ୍ଥ୍ୟକର ଅଟେ। ଆମେମାନେ ତାହା ଜାଣୁ। ମାତ୍ର ପରମେଶ୍ୱରଙ୍କର ଏଠାରେ ତଳେ ଅନେକ ସନ୍ତାନମାନେ ଅଛନ୍ତି। ଏବଂ ତେଣୁକରି ଏହିପରି ଗୋଟିଏ ଦିନ…

17 ତେବେ ମୁଁ ପ୍ରଭୁଙ୍କୁ ଅନ୍ୱେଷଣ କରୁଅଛି, ଯେପରିକି ମୁଁ ପରମେଶ୍ୱରଙ୍କଠାରୁ ଏକ ସୀଧାସଳଖ ବାର୍ତ୍ତା ପାଏ। ବୁଝିଲେ? ଏବଂ ମୁଁ, ପରମେଶ୍ୱରଙ୍କ ସାହାଯ୍ୟରେ, ସେ ଆସିବା ପର୍ଯ୍ୟନ୍ତ ମୁଁ କେବଳ ଧରି ରଖିବାକୁ ଲକ୍ଷ୍ୟ ରଖେ, ଯେପର୍ଯ୍ୟନ୍ତକି ସେ ମୋତେ କିଛି ବିବୃତ୍ତି ନ ଦିଅନ୍ତି। କାରଣ ମୁଁ ଅନୁଭବ କରେ ଯେ ସେଠାରେ ରହିବା ଉଚିତ୍…ସେଠାରେ ଏମିତି କିଛି ଅଛି ଯାହାକି ଏଠାରେ ଆଖପାଖରେ ଘଟିବାକୁ ଯାଉଅଛି, ଏବଂ ମୁଁ ଜାଣିବାକୁ ଚାହେଁ ଯେ ତାହା କଅଣ ଅଟେ। ମୁଁ ସିଧାସଳଖ ପରମେଶ୍ୱରଙ୍କଠାରୁ ଜାଣିବାକୁ ଚାହେଁ, ଯେପରିକି ମୁଁ ଏହା କହିପାରେ ଯେ ଏହା **ସଦାପ୍ରଭୁ ଏହି କଥା କୁହନ୍ତି** ଅଟେ। ବୁଝିଲେ? ଏବଂ ତାହାପରେ—ତାହାପରେ ଆପଣମାନେ ପାରନ୍ତି, ଆପଣ, ସେହି ଲୋକମାନେ, ତାହାପରେ ଜାଣିଯିବେ

ଯେ ଏହା—ଏହା ମୁଁ ନୁହେଁ । ତେଣୁକରି, ମୁଁ ଏହାକୁ ସେହିପରି ଭାବରେ କରିବା ନିମନ୍ତେ ଚେଷ୍ଟା କରିବାକୁ ଚାହେଁ, ଯାହାକି, ଅବା, ପ୍ରଥମେ ତାହାଙ୍କଠାରୁ ଶୁଣିବାକୁ ଚାହେଁ ।

18 କାରଣ, ଯଦି ସେ ତାହାଙ୍କର ବାକ୍ୟଗୁଡ଼ିକୁ ଜଣେ ବ୍ୟକ୍ତି ଭିତରେ—ରେ ରଖିବେ, ତେବେ, ତାହାହେଲେ ଏହା ଆଉ ଅଧିକ ସେହି ବ୍ୟକ୍ତି ନୁହଁନ୍ତି; ଏହା ତ ସେ ଅଟନ୍ତି । ତାହାପରେ ଯଦି ସେହି ବ୍ୟକ୍ତି, ନିଜେ ନିଜେ ତାହା କହୁଥାଆନ୍ତି, ତାହାହେଲେ ଏହା ଯେକୌଣସି ପ୍ରକାରେ ବି କିଛି ଲାଭର ବିଷୟ ହେବ ନାହିଁ । ମାତ୍ର ଯଦି ସେ, ପ୍ରଭୁଙ୍କର ସେହି ବାକ୍ୟ, ସେହି ମନୁଷ୍ୟ ଭିତରେ ଥାଏ, ତାହାହେଲେ ଏହା ବାହାରକୁ ଆସିବ, ଏବଂ ତାହାପରେ ଏହା ହେବ—ଏହା ଅବିକଳ ଠିକ୍ ହେବ । ତାହାହିଁ ଅଟେ ଯାହାକି ଆମକୁ ବାଇବଲରେ କାର୍ଯ୍ୟଭାର ଦିଆଯାଇଥିଲା, ଦ୍ୱିତୀୟ ବିବରଣର 20ତମ ପର୍ବରେ ପ୍ରାୟଃ, ମୁଁ ବିଶ୍ୱାସ କରେ ଯେ, ଏହା କୁହେ, ହଁ, "ଦେଖ, ଏବଂ ଯଦି କେହି ପ୍ରଭୁଙ୍କ ନାମରେ କଥା କୁହେ, ଆଉ ତାହା ସେହିପରି ଭାବରେ ଘଟେ ନାହିଁ, ତେବେ ସେହି ବ୍ୟକ୍ତି ପ୍ରତି କୌଣସି ଧ୍ୟାନ ଦିଅ ନାହିଁ ।" ବୁଝିଲେ? "ମାତ୍ର ଯଦି ସେମାନେ ଏହା କୁହନ୍ତି ଏବଂ ତାହା ସଂଘଟିତ ହୁଏ, ତାହାହେଲେ ଏହା ଉତ୍ତମ ହେବ ଯେ ତୁମେ ଏହାକୁ ଶୁଣ," ବୁଝିଲେ, "କାରଣ ଏହା ପରମେଶ୍ୱରଙ୍କଠାରୁ ଆଗତ ହେଉଅଛି ।"

19 ସେହିପରି ଭାବରେ ହିଁ ତାହା ପରମେଶ୍ୱରଙ୍କ ପାଖରେ ଅଛି । ସେ ତାହାଙ୍କର ନିୟମିତ କାର୍ଯ୍ୟକ୍ରମକୁ ଏଠାରେ ବାଇବଲରେ ଲେଖି ରଖିଛନ୍ତି । ଆମେମାନେ ଜାଣୁ ଯେ ଏହାକୁ କିପରି ଭାବରେ ପଢିବାକୁ ଅଛି । ମାତ୍ର ସେଠାରେ କେତେକ ବିଷୟମାନ ଅଛି, ଯାହାକି—ଯାହାକି ମଣ୍ଡଳୀ ପ୍ରତି ଏବଂ ସମୟ ପ୍ରତି ଓ ବିଷୟଗୁଡିକ ପ୍ରତି ଅଟେ, ଯାହା ସେ ଏଠାରେ ବାଇବଲରେ ଲେଖି ନାହାଁନ୍ତି, ତେଣୁକରି ସେ ଜଣେ ବ୍ୟକ୍ତିଙ୍କ ଭିତରେ ଆପଣା ରବକୁ ଦିଅନ୍ତି ଏବଂ ସେମାନେ ଏହାକୁ ଆଗକୁ କୁହନ୍ତି, ଦେଖନ୍ତୁ, ଏହାକୁ କହିଥାଆନ୍ତି । ତେଣୁକରି, ତେବେ, ସେହି ବ୍ୟକ୍ତିଙ୍କୁ ବିଚାର କରିବାର ଉପାୟ ଏହା ଯେ କଅଣ ତାହା ସେହିପରି ଘଟୁଅଛି କି ନାହିଁ ଯେପରି ଭାବରେ ତାହା କୁହାଯାଇଅଛି । ତେବେ, ଯଦି ଏହା ଏହିପରି ଭାବରେ ହୁଏ, ତାହାପରେ ସେହିପରି ଭାବରେ ଘଟୁଥିବାର ଜାରି ରଖେ, ତାହାହେଲେ, ତେବେ ଆମେମାନେ ଜାଣୁ ଯେ ଏହା ପ୍ରଭୁଙ୍କଠାରୁ ଆସିଅଛି । ତାହାପରେ ଆମର—ତାହାପରେ ଆମର ସେହି ଆସୁଥିବା ଆଗାମୀ ବିଷୟଗୁଡ଼ିକ ପାଇଁ, ତେବେ, ପ୍ରସ୍ତୁତ ହେବା ନିମନ୍ତେ ଆତ୍ମବିଶ୍ୱାସ ରହିଥାଏ ।

20 ଆଜି ସକାଳେ ମୁଁ ଶାସ୍ତ୍ରରେ ଦୁଇଟି କିମ୍ବା ତିନୋଟି ସ୍ଥାନରୁ ପାଠ କରିବାକୁ ଚାହେଁ । ଏବଂ ମୁଁ ପ୍ରଥମେ, ଯାତ୍ରାପୁସ୍ତକରୁ, ପାଠ କରିବାକୁ ଚାହେଁ, ଏବଂ ମୁଁ ଭାବୁଛି, ସେହି ଯାତ୍ରାପୁସ୍ତକର—ର ପ୍ରାୟଃ 4ର୍ଥ ପର୍ବରୁ ଆରମ୍ଭ କରିବା ।

21 ଏବଂ ବର୍ତ୍ତମାନ ମୁଁ ଘୋଷଣା କରିପାରେ ଯେତେବେଳେକି ଆପଣମାନେ ଏହି ଶାସ୍ତ୍ର ପାଠ କରିବା ନିମନ୍ତେ ପ୍ରସ୍ତୁତ ହେଉଛନ୍ତି, ମୁଁ ଏହା ଘୋଷଣା କରିପାରେ ଯାହା ମୁଁ

ଆପଣମାନଙ୍କୁ କହିବାକୁ ଚାହେଁ, ଯାହାକି ପ୍ରଭୁ ଆଜି ସକାଳେ, ମୋ ହୃଦୟରେ କହିବା ହେତୁ ରଖିଛନ୍ତି। ମୁଁ ଜାଣେ ନାହିଁ ସେ ଏହା ସହିତ, ଲୋକମାନଙ୍କ ପାଇଁ କଅଣ କରିବେ; ହୋଇପାରେ ଯେ ଏଠାରେ ଜଣେ ବ୍ୟକ୍ତିଙ୍କ ପ୍ରତି ନିର୍ଦ୍ଦେଶ କରନ୍ତି, ହୋଇପାରେ ଟେପ୍ ଶୁଣୁଥିବା ସ୍ଥାନରେ, କୌଣସିଠାରେ କାହାରି ପ୍ରତି ନିର୍ଦ୍ଦେଶ କରନ୍ତି। ମାତ୍ର ମୁଁ ଆଜି ସକାଳେ, ଏହା ଘୋଷଣା କରିବାକୁ ଚାହେଁ…

22 ମୁଁ ଭାବୁଛି, ଗତ ରବିବାର ସକାଳେ, ମୁଁ ସେହି ବିଷୟ ଉପରେ ପ୍ରଚାର କରିଥିଲି *ଜଣେ ସତ୍ୟ ସାକ୍ଷୀ*। ଏବଂ ଏହି ରବିବାର ସକାଳେ, ପ୍ରଭୁ ଇଚ୍ଛା କଲେ, ମୁଁ ଏହି ବିଷୟ ଉପରେ ପ୍ରଚାର କରିବାକୁ ଚାହେଁ *ଏକ ସତ୍ୟ ଚିହ୍ନ ଯାହା ଅଣଦେଖା କରାଯାଇଛି।*

23 ମୁଁ…ଭାଇ ପାମର ମୋତେ ଗତ ରାତିରେ, କହୁଥିଲେ, ଯେ ଗତ ରବିବାର ସକାଳେ ମୁଁ ଯେଉଁ ବିଷୟରେ କହିଥିଲି…ଅବା ଏହା କହୁଥିଲେ ଯେ ଏହି ରବିବାର ଦିନ, ମୁଁ ତାହା ଉପରେ, କହିବାକୁ ଯାଉଅଛି "ମଣ୍ଡଳୀର ଚାରି ଛକ।" ଏବଂ ଯେତେବେଳେ ମୁଁ ଗତ ରାତିରେ ଗଲି…ମୁଁ ସାଧାରଣତଃ ଏହାକୁ ଲେଖି ରଖେ। କଅଣ…ମୁଁ ଜାଣେ ନାହିଁ ଯେ ଆପଣଙ୍କୁ ତାହା କରିବାକୁ ପଡେ କି ନାହିଁ। ମାତ୍ର ମୋ ପାଖରେ ବହୁତ କିଛି ଜିନିଷଗୁଡିକ ଅଛି, ଯାହା ବିଷୟରେ ଚିନ୍ତା କରିବାକୁ ଚେଷ୍ଟା କରିଥାଏ। ମୁଁ କିଛି ବିଷୟ ପାଇଥାଏ, ମୋତେ ଏହାକୁ ଖଣ୍ଡେ କାଗଜରେ ଲେଖି ରଖିବାକୁ ପଡିଥାଏ। ବୁଝିଲେ? ଏବଂ ମୁଁ ଏହାକୁ ଦେଖିବାକୁ ଗଲି, ଏବଂ ଯାହା ମୋର ତାହା ବିଷୟରେ ଅଭିପ୍ରାୟ ଥିଲା ତାହା ଅବିକଳ ସେହି ଚାରିଛକ ନ ଥିଲା। ପ୍ରକୃତରେ, ମୁଁ ତାହା ସେହିପରି କହିଥିଲି। ମାତ୍ର ମୁଁ ଯାହା କହିବାକୁ ଚାହୁଁଥିଲି, ତାହା ଥିଲା, "ମଣ୍ଡଳୀର ଶାସନାର୍ଥେ ଚାରୋଟି ପ୍ରାରୂପ।" ଏବଂ ତାହା କରିବାକୁ ହେଲେ, ମୋତେ ଅନେକ ଇତିହାସକୁ ଏକାଠି କରିବାକୁ ପଡିବ। ଏବଂ ବୋଧହୁଏ ପରବର୍ତ୍ତୀ ସମୟରେ ମୁଁ ତାହାକୁ ନେବି। ମାତ୍ର ତାକୁ ଅଧ୍ୟୟନ କରି, ସଂଗ୍ରହ କରିବା ପାଇଁ, ଏହା ତାହାଠାରୁ ଟିକେ ଅଧିକ ସମୟ ଆବଶ୍ୟକ କରେ ଯେତିକି ମୋ ପାଖରେ ଥିଲା, କାରଣ ଆପଣଙ୍କୁ ପଛକୁ ଯାଇ ଦିନାଙ୍କଗୁଡିକୁ ନେବାକୁ ପଡିବ, ଏବଂ ଇତ୍ୟାଦି ସବୁ କରିବାକୁ ପଡିବ।

କାରଣ, ଆପଣ ସମସ୍ତେ, ସମସ୍ତେ ଏହା ବୁଝନ୍ତି ଯେ ଏହା ତ ସବୁଆଡ଼େ ଅଛି। କାହିଁକି, ଆମେମାନେ ତ ଏହି ସବୁ ବିଷୟ କହିବା ପୂର୍ବରୁ ତାହା ସମ୍ବନ୍ଧରେ ନିଶ୍ଚିତ ସକାରାତ୍ମକ ହେବାକୁ ଚାହୁଁ। ସେଗୁଡିକ ଠିକ୍ ହେବାକୁ ଅଛି। କାରଣ, ଆମେମାନେ ଏଠାରେ ଜଗତରେ ଥିବା ସବୁଠୁ ସର୍ବୋଚ୍ଚ କାର୍ଯ୍ୟାଳୟକୁ ଧରି, ଛିଡା ରହିଛୁ: ଜଣେ ସେବକର। ଜଣେ ସେବକ, ଏବଂ ସବୁଠାରୁ ସତ୍ୟବାଦୀ ଏବଂ ସଠିକ୍, ନିଖୁନ୍ତ ଭାବେ, ଆମକୁ ସେହିପରି ହେବା ଉଚିତ୍। ଏହା କରିବା ପାଇଁ ଆମକୁ ପରମେଶ୍ୱରଙ୍କ ଉପରେ ନିର୍ଭର କରିବା ଉଚିତ୍।

ତେବେ, ଯାତ୍ରାପୁସ୍ତକ, ତାର 4ର୍ଥ ପର୍ବରେ:

> *ଏଥିରେ ମୋଶା ଉତ୍ତର କଲେ,…ଦେଖନ୍ତୁ, ସେମାନେ ମୋତେ ପ୍ରତ୍ୟୟ କରିବେ ନାହିଁ, ଓ ମୋ ରାବରେ ମନୋଯୋଗ କରିବେ ନାହିଁ: ମାତ୍ର ସେମାନେ*

*କହିବେ, **ସଦାପ୍ରଭୁ** ତୁମ୍ଭକୁ ଦର୍ଶନ ଦେଇ ନାହାଁନ୍ତି ।*

*ତେବେ **ସଦାପ୍ରଭୁ** ତାଙ୍କୁ କହିଲେ, ତୁମ୍ଭ ହସ୍ତରେ ସେଇଟା କଅଣ? ସେ କହିଲେ, ଯଷ୍ଟି ।*

*ତହୁଁ ସେ କହିଲେ, ତାକୁ ଭୂମିରେ ପକାଅ । ତେଣୁ ସେ ତାକୁ ଭୂମିରେ ପକାନ୍ତେ, ତାହା ସର୍ପ ହେଲା; ତହିଁରେ ମୋଶା ତାହା ଆଗରୁ ପଳାଇଗଲେ ।*

*ସେତେବେଳେ **ସଦାପ୍ରଭୁ** ମୋଶାଙ୍କୁ କହିଲେ, ତୁମ୍ଭେ ଆପଣା ହସ୍ତ ବଢାଇ, ତାହାର ଲାଞ୍ଜ ଧର । ତହିଁରେ ସେ ହସ୍ତ ବଢାଇ, ତାକୁ ଧରନ୍ତେ, ତାଙ୍କ ହସ୍ତରେ ସେ ଯଷ୍ଟି ହେଲା:*

*ଏହା ଯେପରି ସେମାନେ ବିଶ୍ୱାସ କରିବେ ଯେ ସେମାନଙ୍କ ପୂର୍ବପୁରୁଷଗଣର **ସଦାପ୍ରଭୁ** ପରମେଶ୍ୱର, ଅର୍ଥାତ, ଅବ୍ରହାମର ପରମେଶ୍ୱର, ଓ ଇସ୍ହାକର ପରମେଶ୍ୱର, ଓ ଯାକୁବର ପରମେଶ୍ୱର ତୁମ୍ଭକୁ ଦର୍ଶନ ଦେଇଅଛନ୍ତି ।*

*ଅନନ୍ତର **ସଦାପ୍ରଭୁ** ତାଙ୍କୁ ଆହୁରି କହିଲେ, ତୁମ୍ଭେ ଆପଣା ହସ୍ତ ବକ୍ଷସ୍ଥଳରେ ଦିଅ । ତହିଁରେ ସେ ଆପଣା ହସ୍ତ ବକ୍ଷସ୍ଥଳରେ ଦେଇ: ପୁନର୍ବାର ହସ୍ତ ବାହାର କଲେ, ଦେଖ, ତାଙ୍କର ହସ୍ତ ହିମବର୍ଣ୍ଣ ତୁଲ୍ୟ କୁଷ୍ଠଯୁକ୍ତ ହେଲା ।*

*ଏଥିରେ ସେ କହିଲେ, ତୁମ୍ଭେ ପୁନର୍ବାର ଆପଣା ହସ୍ତ ବକ୍ଷସ୍ଥଳରେ ଦିଅ । ପୁଣି ସେ ପୁନର୍ବାର ଆପଣା ହସ୍ତ ବକ୍ଷସ୍ଥଳରେ ଦେଇ; ବାହାର କଲେ, ଏବଂ, ଦେଖ, ତାହା ପ୍ରକୃତ ମାଂସ ହେଲା ।*

*ସେମାନେ ଯେବେ ତୁମ୍ଭକୁ ପ୍ରତ୍ୟୟ ନ କରିବେ, ଓ ତୁମ୍ଭର ସେହି ପ୍ରଥମ ଚିହ୍ନରେ, ମନୋଯୋଗ ନ କରିବେ, ତେବେ ସେ ଦ୍ୱିତୀୟ ଚିହ୍ନରେ ପ୍ରତ୍ୟୟ କରିବେ ।*

ଆପଣ ସେହି ଦୁଇଟି ଚିହ୍ନକୁ ଲକ୍ଷ୍ୟ କରନ୍ତୁ, ଏବଂ ସେହି…ପ୍ରତ୍ୟେକ ଚିହ୍ନର ଏକ ରବ ଥିଲା । ମୋତେ ପୁଣିଥରେ ସେହି ୪ମ ପଦ ପାଠ କରିବାକୁ ଦିଅନ୍ତୁ:

*ସେମାନେ ଯେବେ ତୁମ୍ଭକୁ ପ୍ରତ୍ୟୟ ନ କରିବେ, ଓ ତୁମ୍ଭର ସେହି ପ୍ରଥମ ଚିହ୍ନରେ, ମନୋଯୋଗ ନ କରିବେ, ତେବେ ସେ ଦ୍ୱିତୀୟ ଚିହ୍ନରେ ପ୍ରତ୍ୟୟ କରିବେ ।*

*ଏହି ଦୁଇ ଚିହ୍ନରେ, ଯେବେ ସେମାନେ ପ୍ରତ୍ୟୟ ନ କରିବେ, ଓ ତୁମ୍ଭ ରବରେ ମନୋଯୋଗ ନ କରିବେ, ତେବେ ତୁମ୍ଭେ ନଦୀକୂଳରୁ କିଛି ନେଇ, ଶୁଷ୍କଭୂମିରେ…ଢାଳ: ତହିଁରେ ତୁମ୍ଭେ ନଦୀରୁ ଯେଉଁ ଜଳ ଆଣିବ ତାହା ଶୁଷ୍କଭୂମିରେ ରକ୍ତ ହେବ ।*

24 ଏବଂ ବର୍ତ୍ତମାନ ସାଧୁ ଯୋହନ, ତାର ୧ମ ପର୍ବ ଏବଂ ୬ଷ୍ଠ ପଦରେ, ଆମେ ଏହି ପଦଗୁଡିକୁ, କିମ୍ବା ଏହି ପଦକୁ ପାଠ କରିବା । ସାଧୁ ଯୋହନ, ତାର ୧ମ ପର୍ବ ଏବଂ ୬ଷ୍ଠ ପଦ । ଏବଂ…

*ପରମେଶ୍ୱରଙ୍କ ନିକଟରୁ ପ୍ରେରିତ ଜଣେ ବ୍ୟକ୍ତି ଉପସ୍ଥିତ ହେଲେ, ତାହାଙ୍କ ନାମ ଯୋହନ।*

*...ପରମେଶ୍ୱରଙ୍କ ନିକଟରୁ ପ୍ରେରିତ ଜଣେ ବ୍ୟକ୍ତି, ତାହାଙ୍କ ନାମ ଯୋହନ।*

25 ଏବଂ ଯିହିଜିକଲ 24:24 ରେ, ମୁଁ ଏହି ଶାସ୍ତ୍ରକୁ ସେଠାରେ ସ୍ଥାପିତ କରିବାକୁ ଚାହେଁ, ପୁରାତନ ନିୟମରୁ ନେଇ, ଭବିଷ୍ୟଦ୍‌ବକ୍ତାମାନଙ୍କୁ, ପୁଣି ନୂତନ ନିୟମକୁ ବାନ୍ଧିଥାଏ; ଯେପରିକି ଆପଣ ଏହା ବୁଝିବେ ଯେ ଏହା ସମଗ୍ର, ଯାତ୍ରାପୁସ୍ତକଠାରୁ ନେଇ, ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଅଟେ।

*ଏହିରୂପେ ଯିହିଜିକଲ ତୁମ୍ଭମାନଙ୍କ ପ୍ରତି ଚିହ୍ନ ସ୍ୱରୂପ ହେବେ: ଯେପରି ସେ କରିଅଛନ୍ତି ତୁମ୍ଭେମାନେ ସର୍ବପ୍ରକାରେ ସେହିପରି କରିବ: ଏହା ଯେତେବେଳେ ଘଟିବ, ସେତେବେଳେ ଆମ୍ଭେ ଯେ ପ୍ରଭୁ* ***ସଦାପ୍ରଭୁ*** *ଅଟୁ ଏହା ତୁମ୍ଭେମାନେ ଜାଣିବ।*

ତେବେ ଆସନ୍ତୁ ଆମେମାନେ ଅଳ୍ପ କ୍ଷଣ ପାଇଁ ମସ୍ତକ ନତ କରିବା ଯେତେବେଳେକି ଆମେମାନେ ବର୍ତ୍ତମାନ ପ୍ରାର୍ଥନାର ଉପାୟରେ ଆଦର ସହକାରେ ତାହାଙ୍କ ନିକଟକୁ ଆସୁଅଛୁ।

26 ପିତା ପରମେଶ୍ୱର, ଆମେ ଅବ୍ରହାମ, ଇସ୍‌ହାକ ଏବଂ ଯାକୁବଙ୍କ ପରମେଶ୍ୱର: ସେହି ଧାର୍ମିକ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଆସୁଅଛୁ। ଆମେମାନେ ଆସୁଅଛୁ, ଏହା ଜାଣି ଯେ ସେ ଆମ କଥା ଶୁଣିବେ, କାରଣ ଆମେମାନେ ଏପରି କେହି ଜଣକା ଭାବରେ ଆସୁ ନାହୁଁ ଯିଏକି ବର୍ତ୍ତମାନ ହିଁ ଏହି ଭବନକୁ ଆସିଅଛି, ମାତ୍ର ଆମେମାନେ ତ ବିଶ୍ୱାସ ସହକାରେ ସାହସର ସହିତ ଆସୁଅଛୁ, ଏହା ବିଶ୍ୱାସ କରି ଯେ ସେ ଯାହା ପ୍ରତିଜ୍ଞା କରିଛନ୍ତି, ସେ ତାହା କରିବେ। ତେଣୁକରି ପ୍ରଭୁ, ଆମେ ଆଜି, ଏହା ମାଗୁଅଛୁ ଯେ ତୁମେ ଉପସ୍ଥିତ ଥିବା ଆମ ପ୍ରତ୍ୟେକ ଜଣଙ୍କୁ ନେବ, ପ୍ରଚାର ମଞ୍ଚଠାରୁ ନେଇ ଭବନର ପଛପଟ ପର୍ଯ୍ୟନ୍ତ ସମସ୍ତଙ୍କୁ, ସମଗ୍ର ଅଞ୍ଚଳରେ, ଏବଂ ପ୍ରତ୍ୟେକ ହୃଦୟକୁ ଖୋଲି ଦେବ ଏବଂ ଆମର ଶ୍ରବଣକୁ ସୁନ୍ନତ କରିବ, ଯେପରିକି ଆଜି ସକାଳେ, ଜୀବନ୍ତ ପରମେଶ୍ୱରଙ୍କର ସେହି ବାକ୍ୟ ସ୍ୱର୍ଗରୁ ଆଗତ ହୋଇପାରେ, ଏବଂ ଆମ ହୃଦୟଗୁଡିକରେ ଢଳା ଯାଇପାରେ, ଯେ ଆମେମାନେ ଏହା ବିଶ୍ୱାସ କରିପାରୁ, ଯେତେବେଳେକି ଆମେମାନେ ପ୍ରଭୁଙ୍କ ବାକ୍ୟ ଶୁଣିଥାଉ ଏବଂ ଆଜି ସକାଳେ ତାହା ଆମ କାନରେ ପାଠ କରା ଯାଇଥାଏ। ଏବଂ ଆମେ ତୁମର ବାକ୍ୟ ପାଇଁ ତୁମକୁ ଧନ୍ୟବାଦ ଦେଉଅଛୁ। ତୁମ ବାକ୍ୟ ସତ୍ୟ ଅଟେ।

27 ଏବଂ ବର୍ତ୍ତମାନ, ଯେତେବେଳେ ଆମେମାନେ ମନ୍ଦ ସମୟକୁ ପାଖେଇ ଆସୁଥିବାର ଦେଖୁଅଛୁ, ପରମେଶ୍ୱରଙ୍କ ସମସ୍ତ କ୍ରୋଧ ଆକାଶରେ ଗଢି ଉଠୁଅଛି। ଏବଂ ଏହା ଯେକୌଣସି ସମୟରେ ବି ହୋଇପାରେ ଯେ ଏହି ରାଷ୍ଟ୍ର ସହିତ କିଛି ଗୋଟାଏ ଘଟଣା ହୋଇପାରେ ଯିଏକି ତୁମମାନଙ୍କୁ ପରିତ୍ୟାଗ କରିଅଛି, ଯେ ସେଠାରେ ଗୋଟିଏ ବଡ଼

ବିସ୍ଫୋରଣ ହେବ ଯାହାକି ଏହି ଦେଶକୁ ପୃଥିବୀର ମାନଚିତ୍ରରୁ ସମ୍ପୂର୍ଣ୍ଣ ରୂପେ ବିଲୁପ୍ତ କରି ଦେବ, ପୁଣି ଏହା ପଛରେ ଏକ ଅଧାର୍ମିକ ଦେଶର ସେହି ଧମକଗୁଡିକ ସହିତରେ, ଯିଏକି ତାହା କରିବାକୁ ବ୍ୟଗ୍ର ଅଟେ। ଏବଂ ତାହା ଜାଣି, ପରମେଶ୍ୱରଙ୍କ ନିକଟତର ହେବା ପରିବର୍ତ୍ତେ, ସେମାନେ ଅଧିକ ଦୂରେଇ ଯାଉଥିବା ପରି ମନେ ହୁଅନ୍ତି। ଏହା ଜାଣି ଯେ ପ୍ରକାଶିତ ବାକ୍ୟ ପୁସ୍ତକ ଏବଂ ସମସ୍ତ ଶାସ୍ତ୍ରରେ ଏହି ଦିନ ବିଷୟରେ ପୂର୍ବାନୁମାନ କରାଯାଇଛି, ତାହାହେଲେ ଆସୁ ଆମେମାନେ ସମସ୍ତେ ସତର୍କବାଣୀକୁ ଗ୍ରହଣ କରୁ, ହେ ପ୍ରଭୁ, ଅଳସୁଆ ନ ହେଉ ଏବଂ ସେହିପରି ଶୋଇ ନ ରହୁ, ଯେପରିକି ଆମେମାନେ ରହିଥିଲୁ। ଏପରି ହେଉ ଯେ ଆମେମାନେ ଉଠୁ ଓ ନିଜକୁ ଝାଡି ହେଉ।

28 ଆମମାନଙ୍କର ଆଜି, ଏହିପରି ଭାବରେ ବୁଝାମଣା ହେଉ, ଯେପରିକି ଆମର ତାହା ପୂର୍ବରୁ କେବେ ହେଲେ ନ ଥିଲା। ଏହା ହେଉ ଯେ ଏହି ଦିନ ଉତ୍ତାରେ, ଆମର ହୃଦୟଗୁଡିକ ଏପରି ଦଗ୍ଧ ହେଉ, ଯେପରିକି ତାହା ଆମ ପ୍ରାଣରେ ଏକ ଅଗ୍ନିକୁ ଜ୍ୱଳନ୍ତ କରି ଦେଉ ଯାହାକି ଏହି ଦେଶ ସାରା ଖେଳାଇ ଯିବ, ହେ ପ୍ରଭୁ, ଏବଂ ଆମେମାନେ ଯେଉଁଠାରେ ବି ରହୁ ସେଠାରେ ଏକ ଜୀବନ୍ତ ସାକ୍ଷ୍ୟ ହେଉ।

29 ଅସୁସ୍ଥ ଏବଂ ଦୁଃଖୀ ଲୋକମାନଙ୍କୁ ଆଶୀର୍ବାଦ କର, ଯେଉଁମାନେକି ଅଭାବୀ ଅଛନ୍ତି, ଉଭୟ ଆମ ମଧ୍ୟରେ ଏବଂ ଆମ ବାହାରେ, ତୁମର ଲୋକମାନେ, ସର୍ବତ୍ର ଯେଉଁଠାରେ ବି ଅଛନ୍ତି।

30 ହେ ପ୍ରଭୁ, ତୁମର ବାକ୍ୟକୁ ଆଶୀର୍ବାଦ କର। ତୁମର ସେବକକୁ, ଏବଂ ତୁମର ସେବକଗଣଙ୍କୁ ଯେଉଁମାନେକି ଶୁଣୁଛନ୍ତି ପବିତ୍ରୀକୃତ କର, ଯେପରିକି, ଆମେମାନେ ଏକାଠି, ତାହାଙ୍କର ଆଗମନ ବିଷୟକୁ ଅଧିକ ନିକଟତର ଭାବେ ହୃଦୟଙ୍ଗମ କରିପାରୁ, ଯାହାକି ଏହା ପୂର୍ବରୁ କେବେ ଜୀବନରେ ରହିଥିଲା। ମୁଁ କେବଳ ସେମାନଙ୍କ ପାଇଁ ପ୍ରାର୍ଥନା କରେ ନାହିଁ ଯେଉଁମାନେକି ଉପସ୍ଥିତ ଅଛନ୍ତି, ବରଂ ସେମାନଙ୍କ ପାଇଁ ମଧ୍ୟ କରେ ଯେଉଁମାନେକି ସମଗ୍ର ବିଶ୍ୱରେ ଟେପ୍‌କୁ ଶୁଣିବେ, ଯେପରିକି ସେମାନେ ଜୀବନ୍ତ ପରମେଶ୍ୱରଙ୍କ ମଣ୍ଡଳୀକୁ ଅଣା ଯାଇପାରନ୍ତି। କାରଣ ଆମେମାନେ ଏହାଅ ଅନୁଭବ କରୁଅଛୁ ଯେ ସେଠାରେ କେବଳ ଗୋଟିଏ ହିଁ ଉପାୟ ଅଛି ଯାହା ଦ୍ୱାରା ଆମେମାନେ ଏହି ମଣ୍ଡଳୀର ସଦସ୍ୟ ହୋଇପାରୁ, ତାହା ହେଉଛି ଆତ୍ମାଙ୍କର ଏକ ଜନ୍ମ ଦ୍ୱାରା, ତାହାପରେ ଯାଇ ଆମେମାନେ ଏକ ଆତ୍ମା ଦ୍ୱାରା ଗୋଟିଏ ଶରୀରରେ ବାପ୍ତିଜିତ ହୋଇଥାଉ। ହେ ପରମେଶ୍ୱର, ମୁଁ ବିଶ୍ୱର ଚାରିଆଡ଼େ ଥିବା ପ୍ରତ୍ୟେକ ଜଣଙ୍କ ପାଇଁ ପ୍ରାର୍ଥନା କରୁଛି ଯେ, ତୁମେ ନିଜ ପ୍ରତି ତୁମର ମହିମାକୁ ପାଇବ। ଏବଂ ଏହା ହେଉ ଯେ ଆମେ ଆମର ପ୍ରାଣଗୁଡିକୁ ଏପରି ଭାବରେ ପ୍ରସ୍ତୁତ କରୁ, ଯେ ସମଗ୍ର ବିଶ୍ୱରେ ଗୋଟିଏ କ୍ରନ୍ଦନ ଦ୍ୱାରା, ଆମେମାନେ ଚିତ୍କାର କରିପାରିବା, "ହଁ, ପ୍ରଭୁ ଯୀଶୁ, ତୁମେ ଆସ।" ଆମେ ଏହାକୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ପ୍ରାର୍ଥନା କରୁଅଛୁ। ଆମେନ୍।

31 *ଏକ ସତ୍ୟ ଚିହ୍ନ ଯାହା ଅଣଦେଖା କରାଯାଇଛି।* ମନୁଷ୍ୟ ସବୁ ସମୟରେ ଚିହ୍ନଗୁଡିକର

ଅନ୍ୱେଷଣ କରିଅଛି, ଫାରୋଙ୍କ ସମୟଠାରୁ ନେଇ ଆଜି ପର୍ଯ୍ୟନ୍ତ।

ଏବଂ ଯୀଶୁ ଆମକୁ ଏପରି ଏକ—ଏକ ସମୟ ବିଷୟରେ କହିଥିଲେ ଯେତେବେଳେକି ଚିହ୍ନର ଅନ୍ୱେଷଣକାରୀମାନେ ରହିବେ, ଏବଂ କହିଥିଲେ, ଯେ, "ଏକ ଦୁଷ୍ଟ, ବ୍ୟଭିଚାରୀ ବଂଶ ଚିହ୍ନ ଅନ୍ୱେଷଣ କରିବ। କିନ୍ତୁ, ତଥାପି, ସେମାନେ ଏକ ଚିହ୍ନ ପାଇବେ।" ଏବଂ ସେହି ବଂଶ ପୁନରୁତ୍ଥାନର ଏକ ଚିହ୍ନକୁ ପାଇବାକୁ ଥିଲା; ଯାହାକି ଏକ ଦୁର୍ବଳ, ଦୁଷ୍ଟ, ଏବଂ ବ୍ୟଭିଚାରୀ ବଂଶକୁ ଏକ ପୁନରୁତ୍ଥାନର ଚିହ୍ନ ଦିଆଯିବ।

32 ମାତ୍ର ଯେପରିକି ଏହି ଶାସ୍ତ୍ର ଯାହାକି ଆମ ସମ୍ମୁଖରେ, ଯିହିଜିକଲ ତାର 24ତମ ପର୍ବ ଏବଂ 24ତମ ପଦରେ ରହିଛି, ଏହି ଭବିଷ୍ୟଦ୍‌ବକ୍ତା ଏକ ଚିହ୍ନସ୍ୱରୂପ କରା ଯାଇଥିଲେ। ଏବଂ ସେହି ଚିହ୍ନ ବିଷୟରେ ହିଁ ମୁଁ କହିବାକୁ ଚାହେଁ।

33 ଏହି ବ୍ୟକ୍ତି ଇସ୍ରାଏଲ ପାଇଁ ଏକ ଚିହ୍ନ କରାଯାଇଥିଲେ। ଏବଂ ସମଗ୍ର ଶାସ୍ତ୍ରରେ, ପରମେଶ୍ୱର ଆପଣା ଭବିଷ୍ୟଦ୍‌ବକ୍ତାମାନଙ୍କୁ ଚିହ୍ନ ସ୍ୱରୂପେ ବ୍ୟବହାର କରିଛନ୍ତି। ଏବଂ ସେମାନଙ୍କୁ ସର୍ବଦା ଅଣଦେଖା କରାଯାଇଛି। ଲୋକମାନେ କଦାପି ସେହି ଚିହ୍ନକୁ ଧରିବା ଭଳି ମନେ ହୁଅନ୍ତି ନାହିଁ। ସେମାନେ ସର୍ବଦା ଏକ ଭାବପ୍ରବଣତାର ଚିହ୍ନ ଖୋଜୁଥାଆନ୍ତି।

ଏପରିକି ଯୀଶୁଙ୍କ ଦିନର ଫାରୂଶୀମାନେ ମଧ୍ୟ, କହିଥିଲେ, "ଆମକୁ ସ୍ୱର୍ଗରୁ ଏକ ଚିହ୍ନ ଦେଖାଅ।"

34 ମାତ୍ର ଯୀଶୁ ସେମାନଙ୍କୁ ଇଙ୍ଗିତ କରିଥିଲେ ଯେ ସେମାନେ ଏକ ଛିହ୍ନ ପାଇବେ। "ତୁମେ ତ ଆଗରୁ ଏକ ଚିହ୍ନ ପାଇଅଛ।" କହିଲେ, "ତୁମେ ଆକାଶର ଲକ୍ଷଣ ଜାଣିପାର। ତୁମେ ସେହି ଚିହ୍ନକୁ ଦେଖିପାର। ତୁମେ କୁହ, 'ଯଦି ଏହା ଲାଲ୍, ଅସ୍ପଷ୍ଟ ଥାଏ, ତେବେ ଆସନ୍ତାକାଲି ଖରାପ ପାଗ ହେବ।'"

35 ଯଦି ସେମାନେ ଏକ ଚିହ୍ନକୁ ଦେଖୁଥାନ୍ତେ, ତେବେ ସେମାନେ ତାହାଙ୍କୁ ଦେଖୁଥାନ୍ତେ, ଏବଂ ଜାଣିଥାନ୍ତେ ଯେ ସେ ସେମାନଙ୍କ ପାଇଁ ପରମେଶ୍ୱରଙ୍କ ଚିହ୍ନ ଥିଲେ; କାରଣ ତାହାଙ୍କ ବିଷୟରେ ସେମାନଙ୍କର ଭବିଷ୍ୟଦ୍‌ବାଣୀଗୁଡ଼ିକ ସେମାନଙ୍କ ଚକ୍ଷୁ ସମ୍ମୁଖରେ ପୂରଣ ହେଉଥିଲା। ମାତ୍ର ତଥାପି ସେମାନେ ଏକ ଚିହ୍ନକୁ ଅନ୍ୱେଷଣ କରୁଥିଲେ।

36 ଏହା କେତେ ବିଚିତ୍ର ଯେ ମନୁଷ୍ୟମାନେ ତାହା କରିବେ, ଯେ ସେମାନେ ଏକ ଚିହ୍ନକୁ ଅନ୍ୱେଷଣ କରିବେ ଯେତେବେଳେକି ଏକ ଚିହ୍ନ ଠିକ ସେମାନଙ୍କ ସହିତରେ ରହିଥାଏ, ଠିକ ସେମାନଙ୍କ ମଧ୍ୟରେ ରହିଥାଏ। ତେବେ ଇସ୍ରାଏଲ ଏହି ଅବସ୍ଥାକୁ ଆସିଯାଇଥିଲା।

37 ଏବଂ ବେଳେବେଳେ ସେହି ନିର୍ଯାତନା ଯାହାକି ସେହି ଚିହ୍ନକୁ ଗତି କରିବାକୁ ଥାଏ ତାହା ଆଶ୍ଚର୍ଯ୍ୟଜନକ ଅଟେ; ସେହି ନିର୍ଯାତନା ଯାହା ଦେଇ ଯୀଶୁ ଗତି କଲେ, ଯେ ପରମେଶ୍ୱରଙ୍କ ସେହି ଚିହ୍ନକୁ ପ୍ରମାଣ କରନ୍ତି, ଯେ ସେ ହିଁ ମଶୀହ ଥିଲେ।

38 ଆମେମାନେ ଏଠାରେ ପାଉ, ଯେ ଯିହିଜିକଲ ନାମକ ଏହି ଯୁବା ଭବିଷ୍ୟଦ୍‌ବକ୍ତା ଜଣକ ସବୁ ସମୟରେ, ନିରନ୍ତର ଏକ ଚିହ୍ନ ହୋଇଥିଲେ । ସେ ନିଜକୁ କିପରି ନିର୍ଯାତନା ଦେଇଥିଲେ! ଏଠାରେ ଗୋଟିଏ ସ୍ଥାନରେ ଆମେମାନେ ପାଉ ଯେଉଁଠାରେକି ସେ ତିନି ଶହ ନବେ ଦିନ ପାଇଁ ତାଙ୍କ ବାମ ପାର୍ଶ୍ୱରେ ଶୋଇ ରହିଥିଲେ । ପରମେଶ୍ୱର ତାଙ୍କୁ କିଛି ଶିମ ଓ କିଛି ଯବ ଏବଂ ମସୁର ଆଣିବାକୁ କହିଲେ, ଓ ସେଗୁଡିକୁ ଏକାଠି ଗୋଟିଏ ପାତ୍ରରେ ରଖି, ତାହା ରାନ୍ଧିବାକୁ କହିଲେ, ଏବଂ ତାହା ପାର୍ଶ୍ୱରେ ଶୋଇବା ପାଇଁ କହିଲେ, ଏବଂ ଯାଇ ଖଣ୍ଡେ ଇଟା ଉପରେ, ପୁଣି ନ ଲେଉଟି, ଏକାକୀ, ଆପଣା ବାମ ପାର୍ଶ୍ୱରେ, ତିନି ଶହ ନବେ ଦିନ ପର୍ଯ୍ୟନ୍ତ ଶୟନ କରିବାକୁ କହିଥିଲେ । ଏହା ବିଷୟରେ ଚିନ୍ତା କରନ୍ତୁ । ଏବଂ ତାହାପରେ କହିଲେ, "ଡାହାଣ ପାର୍ଶ୍ୱକୁ ଲେଉଟି ସେଠାରେ ପୁନର୍ବାର ଚାଳିଶ ଦିନ ଶୟନ କର ।"

39 ଏବଂ ସେ ଏଠାରେ କହିଲେ, "ଯିହିଜିକଲ, ତୁମେ ଯାହା ଦେଖୁଛ," କହିଲେ, "ଯେହେତୁ ତୁମ୍ଭେ ଲୋକମାନଙ୍କର ଅଧର୍ମ ବହନ କରୁଛ, ପ୍ରତ୍ୟେକ ଦିନକୁ ମୁଁ ସେମାନଙ୍କ ପାଇଁ ଏକ ଏକ ବର୍ଷ ଗଣନା କରିବି ।" ତାହା, ହୋଇଥିବା ହେତୁରୁ, ପ୍ରତ୍ୟେକ ଦିନ ଯାହା ସେ ସେଠାରେ ଶୋଇ ରହିଲେ, ତାହାର ଅର୍ଥ ଏକ ଏକ ବର୍ଷ ସେମାନେ ବନ୍ଦୀ ହୋଇ ରହିବେ, ଏବଂ ସେମାନଙ୍କର ଅଧର୍ମଗୁଡିକ ପରମେଶ୍ୱରଙ୍କ ନିକଟରେ ସ୍ମରଣ କରାହେବ, ଏବଂ ପରମେଶ୍ୱର ସେମାନଙ୍କର ପ୍ରାର୍ଥନା ଆଉ ଅଧିକ ଶୁଣିବେ ନାହିଁ ।

40 ମାତ୍ର ସେହି ନିର୍ଯାତନାକୁ ଯାହା ଦେଇ ସେହି ବ୍ୟକ୍ତିଙ୍କୁ ଯିବାକୁ ପଡିଥିଲା, ତାହା କାହିଁକି ଆବଶ୍ୟକ ହୋଇଥିଲା? ଅନେକେ ଏଥିରେ ଆଶ୍ଚର୍ଯ୍ୟାନ୍ୱିତ ହୋଇଛନ୍ତି, ଯେ ଜଣେ ବ୍ୟକ୍ତିଙ୍କ ପାଇଁ ଏପରି ଏକ ଜିନିଷ କରିବା କାହିଁକି ଆବଶ୍ୟକ ହେଲା? ଏହାର କାରଣ ହେଉଛି ଯେ ଲୋକମାନେ ବାକ୍ୟ ପାଠ କରନ୍ତି ନାହିଁ, ଏବଂ ସେମାନେ ପ୍ରାର୍ଥନା କରନ୍ତି ନାହିଁ । ଅତଏବ, ପରମେଶ୍ୱର ସାର୍ବଭୌମ ଅଟନ୍ତି, ଏବଂ ସେ ନିଜର ଭବିଷ୍ୟଦ୍‌ବକ୍ତାଙ୍କୁ ଏକ ଚିହ୍ନ ହେବା ନିମନ୍ତେ ପଠାନ୍ତି । ଲୋକମାନେ ପାଠ କରନ୍ତି ନାହିଁ । ସେମାନେ ପାଠ କରିବା ପ୍ରତି ଧ୍ୟାନ ଦିଅନ୍ତି ନାହିଁ । ଏବଂ ସେମାନେ ପ୍ରାର୍ଥନା କରନ୍ତି ନାହିଁ, କାରଣ ସେମାନେ ଅତ୍ୟନ୍ତ…ତାଙ୍କ ପାଖରେ କରିବା ପାଇଁ ଅନ୍ୟାନ୍ୟ କାର୍ଯ୍ୟ ରହିଥାଏ । ସେମାନେ ପ୍ରାର୍ଥନା କରିବାକୁ ସମୟ ବାହାର କରିପାରନ୍ତି ନାହିଁ । ଏବଂ ବାଇବଲ ସେମାନଙ୍କୁ ଆଗ୍ରହକାରୀ ଲାଗେ ନାହିଁ । ଏହି ଆଧୁନିକ ଦିନଗୁଡିକ ପାଇଁ, କିମ୍ବା ଅନ୍ୟ କୌଣସି ଦିନ ପାଇଁ ଏହା ପାଖରେ ଯଥେଷ୍ଟ ରୋମାଞ୍ଚକାରୀ କାର୍ଯ୍ୟକଳାପ ନାହିଁ ।

41 ଆପଣମାନେ ଜାଣନ୍ତି, ମୁଁ ବିଶ୍ୱାସ କରେ ଯେ ଏହା ପାଉଲ କହିଥିଲେ, "ତୁମେମାନେ ପରମେଶ୍ୱରଙ୍କ ପତ୍ରୀ ଅଟ, ସମସ୍ତ ଲୋକମାନଙ୍କ ଦ୍ୱାରା ପାଠ କରା ଯାଇଥାଅ ।" ପରମେଶ୍ୱର ତାହାଙ୍କର ଚିହ୍ନକୁ ଦେଖାଇବା ପାଇଁ, ଲୋକମାନଙ୍କୁ ଚିହ୍ନସ୍ୱରୂପେ ବ୍ୟବହାର କରନ୍ତି । ଏବଂ ଅନେକ ଥର ସେହି ଚିହ୍ନ, ଏବଂ ପ୍ରତ୍ୟେକ ଥର, ପ୍ରାୟତଃ, ଯଦି ଏହା ସେହି ମନୋନୀତ ଲୋକମାନେ ନ ହୋଇଥାନ୍ତି, ତେବେ ସେହି ଚିହ୍ନକୁ ଅଣଦେଖା କରା ଯାଇଥାଏ ଏବଂ ସମାଲୋଚନା କରାଯାଇଥାଏ, ପରିହାସ କରା ଯାଇଥାଏ, ବହିଷ୍କୃତ କରାଯାଇଥାଏ ।

42 ଏବଂ ଏପରିକି ପୁରାତନ ନିୟମରେ, ଭବିଷ୍ୟଦ୍‌ବକ୍ତାମାନଙ୍କ ସମୟରେ ସୁଦ୍ଧା ଏହା ବିବେଚନା କରାଯାଇଥିଲା, ଯେ ସେମାନେ ମାନସିକ ବିକୃତ ଲୋକ ଭାବରେ ବିବେଚନା କରା ଯାଇଥିଲେ। ଲୋକମାନେ ଭାବିଥିଲେ ଯେ ସେହି ଭବିଷ୍ୟଦ୍‌ବକ୍ତାମାନେ ମାନସିକ ସ୍ନାୟୁ ବିକୃତିପ୍ରାପ୍ତ ଲୋକ ଅଟନ୍ତି, ଏହା ଯେ ସେମାନଙ୍କର ମସ୍ତିଷ୍କରେ କିଛି ଗୋଟାଏ ବିକୃତି ରହିଅଛି। ଏବଂ ସେମାନେ ଦେଖନ୍ତି ଯେ ସେହି ଭବିଷ୍ୟଦ୍‌ବକ୍ତାମାନେ ପ୍ରାନ୍ତରରୁ ଆସନ୍ତି ଏବଂ—ଏବଂ ଚିହ୍ନଗୁଡିକ ସାଧନ କରନ୍ତି, ଏବଂ ପୁନର୍ବାର ପ୍ରାନ୍ତର ମଧ୍ୟକୁ ଫେରିଯାଆନ୍ତି। ଏବଂ ସେମାନେ ସେହି ଭବିଷ୍ୟଦ୍‌ବକ୍ତାମାନଙ୍କର ପରିହାସ କରନ୍ତି, କାରଣ ସେମାନେ ଶାସ୍ତ୍ର ଜାଣନ୍ତି ନାହିଁ।

43 ଯୀଶୁ ଥରେ, ପୁନରୁତ୍‌ଥାନ ବିଷୟରେ, ଫାରୂଶୀମାନଙ୍କୁ କହିଥିଲେ। ସେମାନେ କହିଲେ, "ଆମର ଜଣେ ଥିଲା...ବ୍ୟବସ୍ଥା କୁହେ ଯଦି ଜଣେ ଭାଇ ମରିଯାଏ ଏବଂ ପତ୍ନୀଙ୍କୁ ଛାଡ଼ିଯାଏ ଯାହାଙ୍କ—ଯାହାଙ୍କ ଦ୍ୱାରା ତାଙ୍କର କୌଣସି ସନ୍ତାନ ନାହିଁ, ତାହାହେଲେ ତାଙ୍କ ଭାଇଙ୍କୁ ସେହି ପତ୍ନୀଙ୍କୁ ଗ୍ରହଣ କରିବାକୁ ଅଛି ଏବଂ ସେହି ମୃତକଙ୍କ ପାଇଁ, ସନ୍ତାନମାନଙ୍କୁ ପ୍ରତିପାଳନ କରିବାକୁ ଅଛି।" ଏବଂ କହିଲେ, "ଆମର ଜଣେ ଥିଲା ଯାହାର ସାତ ଭାଇ ଥିଲେ। ଏବଂ ପ୍ରଥମ ଜଣକ ଗୋଟିଏ ପତ୍ନୀ ଗ୍ରହଣ କଲେ, ଏବଂ ସେ କୌଣସି ବଂଶ ବିନା, ହିଁ ମରିଗଲେ। ଏବଂ ତାହାପରେ ତାଙ୍କ ଭାଇ ସେହି ସ୍ତ୍ରୀକୁ ଗ୍ରହଣ କଲେ, ଏବଂ ପରେ ସେ ମରିଗଲେ; ଏବଂ ସେହିପରି ଭାବରେ ସପ୍ତମ ଜଣ ପର୍ଯ୍ୟନ୍ତ। ଏବଂ ଶେଷରେ ସେହି ସ୍ତ୍ରୀ ମଧ୍ୟ ମୃତ୍ୟୁବରଣ କଲେ।" କହିଲେ, "ତେବେ, ସେହି ପୁନରୁତ୍ଥାନରେ," କହିଲେ, "ବର୍ତ୍ତମାନ, ସେ ସେହି ସାତଜଣଙ୍କ ମଧ୍ୟରୁ, କାହାର ପତ୍ନୀ ହେବେ?"

44 ଓଃ, ମୁଁ ସେହି ବାକ୍ୟକୁ ଭଲ ପାଏ! ଯୀଶୁ କହିଲେ, "ତୁମେ ଶାସ୍ତ୍ରଗୁଡିକୁ ନ ଜାଣି କିଅବା ପରମେଶ୍ୱରଙ୍କ ସାମର୍ଥ୍ୟକୁ ନ ଜାଣି, ସବୁବେଳେ ତ୍ରୁଟି କରିଥାଅ।" ଓଃ, ଯଦି ସେ ଆଜି ଏଠାରେ ଛିଡା ହୋଇଥାଆନ୍ତେ ତେବେ ସେ କିପରି ଭର୍ତ୍ସନା କରିଥାଆନ୍ତେ! "ତୁମେ ଶାସ୍ତ୍ରଗୁଡିକୁ ନ ଜାଣି କିଅବା ପରମେଶ୍ୱରଙ୍କ ସାମର୍ଥ୍ୟକୁ ନ ଜାଣି, ସବୁବେଳେ ତ୍ରୁଟି କରିଥାଅ।" ପରମେଶ୍ୱରଙ୍କ ସାମର୍ଥ୍ୟ ଶାସ୍ତ୍ର ସହିତ ଜଡିତ ଅଟେ। "ତୁମେ ବହୁତ ଅଧିକ ତ୍ରୁଟି କରିଥାଅ।"

ତାହାପରେ ସେ କହିବାକୁ ଗଲେ, "ପୁନରୁତ୍ଥାନରେ ସେମାନେ ବିବାହ କରନ୍ତି ନାହିଁ କିମ୍ବା ବିବାହରେ ଦିଆ ନିଆ କରନ୍ତି ନାହିଁ, ମାତ୍ର ସେମାନେ ସ୍ୱର୍ଗଦୂତ ପରି ଅଟନ୍ତି।" ସେ ଏହା କହିଲେ ନାହିଁ ଯେ ସେମାନେ, ବର୍ତ୍ତମାନ ସ୍ୱର୍ଗଦୂତ ହେବେ, ମାତ୍ର ସେମାନେ ସ୍ୱର୍ଗଦୂତଙ୍କ ପରି ହେବେ, ସେମାନଙ୍କ ମଧ୍ୟରୁ ଯୌନ ଗ୍ରନ୍ଥିଗୁଡିକୁ ନ ଥିବ। ସେମାନେ ବିବାହ କରନ୍ତି ନାହିଁ କିମ୍ବା ବିବାହରେ ଦିଆ ନିଆ କରନ୍ତି ନାହିଁ।

45 ଆମେମାନେ ତ ନୈତିକତାର ଦିନରେ, କିମ୍ବା, ମର୍ତ୍ତ୍ୟ, ମର୍ତ୍ତ୍ୟ ରାଜ୍ୟର ଦିନଗୁଡିକରେ ବସବାସ କରୁଅଛୁ। ମାତ୍ର ଏପରି ଏକ ଦିନ ଆସୁଛି ଯେତେବେଳେକି ସେଠାରେ ଏକ ଅମର ରାଜ୍ୟ ଆସୁଅଛି, ଏବଂ ସେହି ଅମର ରାଜ୍ୟ ହିଁ ଅଟେ ଯେଉଁଠାରେକି ସେହି ମୁକ୍ତିପ୍ରାପ୍ତ

ଲୋକମାନେ ବାସ କରିବେ । ସେମାନେ ଯେଉଁମାନେକି ମୁକ୍ତିପ୍ରାପ୍ତ ହୋଇଅଛନ୍ତି, ଏବଂ କରିଛନ୍ତି…ସେହି ଜୀବନ ଯାହାକି ତାହାର ଦାତା ପରମେଶ୍ୱରଙ୍କ ନିକଟକୁ ଫେରିଯିବା ପାଇଁ, ଏହି ଶରୀରକୁ ଛାଡି ଚାଲିଯାଏ, କୌଣସି ଦିନ, ପୁନର୍ବାର ସେହି ଜୀବନ ବୃକ୍ଷରୁ ଫେରି ଆସିବ, ଯେପରିକି ସବୁଦିନ ପାଇଁ ରାଜତ୍ୱ କରେ ।

46 କିପରି ଏହି ଯୁବା ବ୍ୟକ୍ତି ଜଣକ, ଯୁବା ଭବିଷ୍ୟଦ୍‌ବକ୍ତା ଜଣକ, ତାଙ୍କ ଲୋକମାନଙ୍କ ପାଇଁ ଏକ ଚିହ୍ନ ହେବା ନିମନ୍ତେ, ନିଜର ସମଗ୍ର ଜୀବନକୁ ବଳିଦାନ କରିଦେଲେ ଏବଂ ଦେଇ ଦେଲେ, ସେହି ଦଣ୍ଡ ସ୍ୱରୂପରେ ଯାହାକି ସେମାନେ ପାଇବାକୁ ଯାଉଥିଲେ, କାରଣ ସେମାନେ ତାହା ଥିଲେ ଯାହାକୁ ଆମେ "ଉଦାସୀନ" ବୋଲି କହିଥାଉ । ସେମାନେ ପରମେଶ୍ୱରଙ୍କ ସହିତ କିଛି ହେଲେ କରିବାକୁ ଚାହିଁ ନ ଥିଲେ । ସେମାନେ ସେହି ଭବିଷ୍ୟଦ୍‌ବକ୍ତାମାନଙ୍କୁ ବିଶ୍ୱାସ କରି ନ ଥିଲେ, ଏବଂ ସେମାନେ କେବଳ ସେମାନଙ୍କର ପରିହାସ କରିଥିଲେ । ଏବଂ, ବରଂ, ଏହା ବ୍ୟତୀତ, ଏବଂ ଏଥିରେ କିଛି ଯାଏ ଆସେ ନାହିଁ ଯେ ସେମାନେ ଏହାକୁ କେତେ ଅଧିକ ବିଶ୍ୱାସ କରିବାକୁ ଚାହିଁ ନ ଥିଲେ, ପରମେଶ୍ୱର ତାହା ପ୍ରତି ଧ୍ୟାନ ଦେଲେ ଯେ ସେମାନେ, ଯେକୌଣସି ଉପାୟରେ ବି ଏହାକୁ ପ୍ରାପ୍ତ କରନ୍ତୁ ।

47 ଈଷେବଲ ଏହା ସ୍ୱୀକାର କରିବାକୁ ଚାହୁଁ ନ ଥିଲେ ଯେ ଆହାବ ତାଙ୍କର ପାଳକ ଥିଲେ, ମାତ୍ର ସେ ଥିଲେ । ପରମେଶ୍ୱର ତାହା ପ୍ରତି ଧ୍ୟାନ ଦେଲେ ଯେ ସେ, ଯେକୌଣସି ପ୍ରକାରେ ବି ସେହି ଚିହ୍ନକୁ ପ୍ରାପ୍ତ କରନ୍ତୁ ।

ଠିକ ସେହି ପ୍ରକାରେ ଆଜି ଏହି ରାଷ୍ଟ୍ର ଅଟେ । ସେହି ଧାର୍ମିକ ଏବଂ ସଚ୍ଚୋଟ ପରମେଶ୍ୱର, ଆପଣା ବାକ୍ୟ ଦ୍ୱାରା, ଏପରି କୌଣସି ବି ବିଷୟକୁ ହେବା ନିମନ୍ତେ ଅନୁମତି ଦେଇପାରିବେ ନାହିଁ, ଯାହାକି ଆମେ ଘଟୁଥିବାର ଦେଖିବାକୁ ଯାଉଅଛୁ, ପୁଣି ଯାହାର କୌଣସିଠାରେ ଏକ ଚିହ୍ନ ନାହିଁ । ତାହାଙ୍କର ଏହା ସର୍ବଦା ରହିଥିଲା । ତେବେ, ଆମକୁ ଏହାକୁ ଖୋଜିବାକୁ ଅଛି । ଏବଂ ମୁଁ ନିଶ୍ଚିତ ଯେ ଯେଉଁ ଲୋକମାନଙ୍କର ଶାସ୍ତ୍ର ବିଷୟରେ ଭଲ ବୁଝାମଣା ରହିଛି ସେମାନେ ଏହା ଜାଣନ୍ତି ଯେ ତାହା କିପରି ଦେଖିବାକୁ ଅଛି ।

48 ନୋହ ତାଙ୍କ ସମୟରେ, ସେହି ଲୋକମାନଙ୍କ ପାଇଁ, ଆସୁଥିବା ବିଚାରର ଏକ ଚିହ୍ନ ଥିଲେ । ନୋହକୁ ତାଙ୍କ ସମୟରେ ଜଣେ ପାଗଳ ବୋଲି ବିବେଚନା କରାଯାଇଥିଲା । ସେ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ । ତାଙ୍କୁ ଏପରି ଜଣେ ଲୋକ ଭାବରେ ବିବେଚନା କରାଯାଇଥିଲା ଯାହାଙ୍କରକି ମସ୍ତିଷ୍କ ଠିକ ନାହିଁ । ଏବଂ ସେହି ବ୍ୟକ୍ତି ଜଣକ, ବର୍ଷ ପରେ ବର୍ଷ, ଏକ ଜାହାଜ ନିର୍ମାଣ କରି ଚାଲିଲେ, ଯେତେବେଳେକି ସେଠାରେ ଧରାପୃଷ୍ଠରେ ଏପରିକି ଝରଣା ବ୍ୟତୀତ ଅନ୍ୟ କୌଣସିଠାରେ କିଛି ଜଳ ହିଁ ନ ଥିଲା । ଏବଂ ସେ ଏପରି କିଛି ବିଷୟ ଭବିଷ୍ୟତ୍‌ବାଣୀ କରିଥିଲେ, ଯାହାକି ସେହି ସାଂସାରିକ ମନ ପାଇଁ ହାସ୍ୟାସ୍ପଦ ଥିଲା । ସେ କହିଲେ, "ଉପର ଆକାଶରୁ ଜଳ ଆସୁଅଛି ।"

49 ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଅନେକେ ତାଙ୍କୁ କହିଥିବେ, "ତାହା କେଉଁଠାରେ

ଅଛି ମୋତେ ଦେଖାଅ।" ବିଜ୍ଞାନ କହିଥିବ, "ମୁଁ ପ୍ରମାଣ କରିପାରେ ଯେ ସେଠାରେ ଉପରେ କୌଣସି ଜଳ ନାହିଁ।"

କିନ୍ତୁ, ତଥାପି, ଯଦି ପରମେଶ୍ୱର ତାଙ୍କୁ କହିଥିଲେ ଯେ ଏହା ଆକାଶରୁ ଆସୁଅଛି, ତାହାହେଲେ ପରମେଶ୍ୱର ତାହାର ଯତ୍ନ ନେବେ ଯେ ତାହାଙ୍କର ବାକ୍ୟ ପୂର୍ଣ୍ଣ ହେଉ।

50 ଏବଂ ଯେଉଁ ସମୟରେକି ସେଠାରେ ସେପର୍ଯ୍ୟନ୍ତ କୌଣସି ଜଳ ଦୃଷ୍ଟିଗୋଚରରେ ନ ଥିଲା, ଯେତେବେଳେକି ସେଠାରେ ଆକାଶରେ କେବେବି ମେଘ ହୋଇ ନ ଥିଲା, ସେପର୍ଯ୍ୟନ୍ତ କଦାପି ଟୋପାଏ ବର୍ଷା ହୋଇ ନ ଥିଲା, ସେଠାରେ ବର୍ଷା ଭଳି ଏକ ଜିନିଷ କେବେବି ନ ଥିଲା, ତଥାପି, ସବୁ ସମୟରେ, ନୋହ ବର୍ଷା ପାଇଁ ଏକ ଜାହାଜ ପ୍ରସ୍ତୁତ କରୁଥିଲେ। ଏହା ଏକ ଜୀବନ୍ତ ପ୍ରମାଣ ଥିଲା ଯେ ଏହି ଭବିଷ୍ୟଦ୍‌ବକ୍ତା ଜଣକ ତାହା ବିଶ୍ୱାସ କରୁଥିଲେ ଯାହା ବିଷୟରେ ସେ କହୁଥିଲେ, କାରଣ ସେ ଏହା ପାଇଁ ପ୍ରସ୍ତୁତି କରୁଥିଲେ।

51 ଏବଂ ଯେକୌଣସି ବ୍ୟକ୍ତି ଯିଏକି ପ୍ରକୃତରେ ତାହା ବିଶ୍ୱାସ କରନ୍ତି ଯେଉଁ ବିଷୟରେ ଆପଣ କଥାବାର୍ତ୍ତା କରୁଅଛନ୍ତି, ଆପଣ ତ ଏହା ପାଇଁ ପ୍ରସ୍ତୁତି କରିବେ।

52 ମୁଁ ଏଠାରେ ଗୋଟିଏ ମିନିଟ୍ ପାଇଁ, ଅଟକି ଯାଇପାରେ। "ନୋହଙ୍କ ଦିନରେ," ଯେପରି ଯୀଶୁ କହିଥିଲେ, "ଠିକ ସେହିପରି ମନୁଷ୍ୟପୁତ୍ରଙ୍କ ଆଗମନରେ ତାହା ଘଟିବ।" ଯଦି ମଣ୍ଡଳୀଗୁଡ଼ିକ, ଆଜି, ତାହା ବିଶ୍ୱାସ କରନ୍ତି ଯେଉଁ ବିଷୟରେ ସେମାନେ କଥାବାର୍ତ୍ତା କରୁଅଛନ୍ତି, ତାହାହେଲେ ସେମାନେ ତାହା ଆଚରଣ କରିବେ ଯାହା ସେମାନେ କୁହନ୍ତି।

53 ଆମେମାନେ କିପରି ଭାବରେ ଏତେ ବଡ଼ ବଡ଼ ଭବନମାନ, ଏବଂ କୋଟି କୋଟି ଟଙ୍କାର କୋଠା ନିର୍ମାଣ କରିପାରିବା, ଏବଂ ସଂଗଠନଗୁଡିକର ଓ ସେହିପରି ବିଷୟଗୁଡିକର ବିସ୍ତାର କରିପାରିବା, ଏବଂ ଏହା ପ୍ରଚାର କରୁ ଥାଇପାରିବା ଯେ ଖ୍ରୀଷ୍ଟ ଯେକୌଣସି ବି ସମୟରେ ଆସୁଛନ୍ତି? ଆମେମାନେ କିପରି ଭାବରେ ଆଗକୁ ଅଗ୍ରସର ହୋଇପାରିବା, ଏହା ଦେଖି ଯେ ଆମର ମଣ୍ଡଳୀଗୁଡ଼ିକ ଏବଂ ସେମାନେ ପରମେଶ୍ୱରଙ୍କ ଶକ୍ତିଠାରୁ ଅଲଗା ହେଉଛନ୍ତି ଏବଂ ସାଂସାରିକତା ମଧ୍ୟକୁ ଚାଲି ଯାଉଛନ୍ତି, ଏବଂ ଏହାକୁ ମଣ୍ଡଳୀ ଭିତରକୁ ଆଣି ତାହାକୁ ଏକାଠି ମିଶାଇ ଦେଉଛନ୍ତି, ଏବଂ ଆମେ ଏହାକୁ ଅନୁମତି ଦେଇଥାଉ? ଲୋକପ୍ରିୟତା ହେତୁ, ଏବଂ ଲୋକପ୍ରିୟ ମତ ଓ ନାମଧାରୀ ସଂସ୍ଥାଗତ ପାର୍ଥକ୍ୟ ହେତୁ, ପରବର୍ତ୍ତୀ ସଂଗଠନଠାରୁ ଅଧିକ ବଡ଼ ହେବାକୁ ଚେଷ୍ଟା କରିଥାଉ, ଆମେମାନେ କିପରି ଭାବରେ ତାହା ଆଚରଣ କରିପାରିବା ଯାହା ଆମେମାନେ ପ୍ରଚାର କରିଥାଉ? ଏବଂ ଜଗତ ତାହା ଦେଖିଥାଏ, ସେମାନେ ତାହା ଜାଣନ୍ତି, ଏପରିକି ଧର୍ମ କେବଳ ଏପରି କିଛି ଗୋଟାଏ ବିଷୟ ହୋଇଯାଇଛି ଯେପରିକି କୌଣସି କ୍ରମରେ କେବଳ ସମ୍ପୃକ୍ତ ହେବା ଅଟେ, କିମ୍ବା କୌଣସି କିଛି ବିଷୟର ଏକ ସମାଜର ସହିତ ସମ୍ପୃକ୍ତ ହେବା ଅଟେ। ଧର୍ମ…

54 ଖ୍ରୀଷ୍ଟଙ୍କ ପରିତ୍ରାଣ ଏକ ସମାଜ ନୁହେଁ। ଏହା କିଛି ବିଷୟରେ ଯୋଗ ଦେବା ନୁହେଁ। ଏହା ତ ଏକ ଜୀବନ୍ତ ଅନୁଭୂତି ଅଟେ।

55 ତେବେ, ନୋହ ଯାହା ବିଷୟରେ କହୁଥିଲେ ତାହା ସେ ଉତ୍ପାଦନ ମଧ୍ୟ କରୁଥିଲେ। ସେ କହିଥିଲେ, "ଏହି ଅଧାର୍ମିକ ପୀଢୀ ଉପରେ ବିଚାରର ଏକ ଜଳପ୍ଲାବନ ଆସୁଅଛି। ଏବଂ ପରମେଶ୍ୱର ଆକାଶରୁ, ବର୍ଷାକୁ ଢାଳିବେ, ଏବଂ ସେ ସମଗ୍ର ପୃଥିବୀ ଉପରେ ବନ୍ୟା କରିବେ।" ଏବଂ ସେ କେବଳ ତାହା କରୁ ନ ଥିଲେ, ବରଂ ସେ ରକ୍ଷା ପାଇବାର ଏକ ଉପାୟ ପ୍ରସ୍ତୁତ କରୁଥିଲେ ଏବଂ ଲୋକମାନଙ୍କୁ ସେଥି ମଧ୍ୟକୁ ଆସିବା ପାଇଁ ବଳାଉଥିଲେ। ମାତ୍ର ସେମାନେ ତାଙ୍କ କଥା ଶୁଣିଲେ ନାହିଁ।

56 କିନ୍ତୁ, ନୋହ, ଜଣେ ଭବିଷ୍ୟଦ୍‌ବକ୍ତା ଭାବରେ, ସେହି ପୀଢୀ ନିମନ୍ତେ ଏକ ଚିହ୍ନ ଥିଲେ, ଏପରି ଏକ ଚିହ୍ନ ଯାହା ବିଷୟରେ ମନ୍ଦ କଥା କୁହାଯାଇଥିଲା, ଏପରି ଜଣେ ବ୍ୟକ୍ତି ଯାହାଙ୍କୁ ଏକ ପାଗଳ ବୋଲି ବୁଝା ଯାଇଥିଲା; ଏପରି କିଛି ପ୍ରସ୍ତୁତ କରୁଥିଲେ, ଯାହାରକି ସେଠାରେ—ସେଠାରେ କୌଣସି ସ୍ଥାନରେ କିଛି ହେଲେ ପ୍ରମାଣ ନ ଥିଲା, କିମ୍ବା ଯାହା କେବେ ହୋଇ ନ ଥିଲା, ଏହା ଯେ ତାହାର କେବେବି କୌଣସି ବ୍ୟବହାର ହେବ ନାହିଁ।

ମାତ୍ର ସେହିଭଳି ଭାବରେ ତ ଆଜି ଲୋକମାନେ ଭାବୁଥିବା ପରି ମନେହୁଏ। ସେମାନେ ସଙ୍କଟ ସମୟର ଏକ ଆଶ୍ରୟ ବିଷୟରେ ଚିନ୍ତା କରିପାରନ୍ତି। ତେବେ ସଙ୍କଟ ସମୟର ଏକ ଆଶ୍ରୟର କି ଲାଭ ହେବ ଯେତେବେଳେକି ସେଠାରେ ପୃଥିବୀରେ କୌଣସି ଗଛ କିମ୍ବା ପଥର ସୁଦ୍ଧା ରହିବ ନାହିଁ?

57 ଆମ ପାଖରେ ଏକ ସଙ୍କଟ ସମୟର ଆଶ୍ରୟ ଅଛି, ଖ୍ରୀଷ୍ଟିଆନ ପାଖରେ ଅଛି। ଯେପରିକି ମୁଁ କହିଥିଲି, କିଛି ରବିବାର ପୂର୍ବେ, କିମ୍ବା ରାସ୍ତାରେ କୌଣସି ସ୍ଥାନରେ କହିଥିଲି ବୋଲି ଭାବେ, "ଏହା ଏକ ସଙ୍କଟ ସମୟର *ବାହାରି ଯିବା ହେତୁ* ଆଶ୍ରୟ ନୁହେଁ, ଏହା ଏକ ସଙ୍କଟ ସମୟର *ଭିତରକୁ ଆସିବା ହେତୁ* ଆଶ୍ରୟ ଅଟେ, ଯେଉଁଠାରେକି ଆମେମାନେ ସାଷ୍ଟାଙ୍ଗ ଭାବେ, ଦଣ୍ଡବତ କରି, ଆମର ସମସ୍ତ ହୃଦୟ, ଏବଂ ଆମର ସମସ୍ତ ପ୍ରାଣ, ଏବଂ ଆମର ସମସ୍ତ ମନ ସହିତରେ, ଖ୍ରୀଷ୍ଟଙ୍କ ଭିତରକୁ, ପରମେଶ୍ୱରଙ୍କ ସୁରକ୍ଷା ଜାହାଜ ଭିତରକୁ ପଶି ଯାଇଥାଉ।"

58 ମାତ୍ର, ନୋହ, ପ୍ରଚାରର ମୂର୍ଖତା ଦ୍ୱାରା, ସେହି ଦିନରେ ଜଣେ ମାନସିକ ବିକୃତି ବୋଲି, ବିବେଚନା କରାଯାଇଥିଲେ, ଏବଂ ଲୋକମାନଙ୍କ ଆଗରେ ଏକ ଚିହ୍ନ ସାଧନ କରି, ସେମାନଙ୍କୁ ଚେତାବନୀ ଦେଇ, ଜଗତକୁ ନିନ୍ଦା କରିଥିଲେ। "ଏକ ଜାହାଜ ନିର୍ମାଣ କରିବା ଦ୍ୱାରା, ଜଗତକୁ ନିନ୍ଦା କରିଥିଲେ," ଯେତେବେଳେକି ଏହାର ଭାସିବା ନିମନ୍ତେ ସେଠାରେ କୌଣସି ଜଳ ହିଁ ନ ଥିଲା। "ସେ ଜଗତକୁ ନିନ୍ଦା କରିଥିଲେ," ବାଇବଲ କୁହେ, ଏବ୍ରୀ, 11ଶ ପର୍ବ। "ସେ ପ୍ରସ୍ତୁତି କରିବା ଦ୍ୱାରା, ଜଗତକୁ ନିନ୍ଦା କରିଥିଲେ ଏବଂ ନିଜ ଗୃହକୁ ରକ୍ଷା କରିଥିଲେ," ଏବଂ ସେହି ଦିନର ଆସୁଥିବା ବିଚାରଗୁଡ଼ିକ ପାଇଁର, ପରମେଶ୍ୱରଙ୍କର ଏକ ଚିହ୍ନସ୍ୱରୂପ ହୋଇଥିଲେ। କି ଏକ ଗୌରବମୟ ବିଷୟ!

59 ପରବର୍ତ୍ତୀ କେତେକ ବର୍ଷ ପରେ, ଆଉ ଏକ ଚିହ୍ନ ଆସିଲା। ତାହା ଥିଲେ ମୋଶା, ଜଣେ

ଭବିଷ୍ୟଦ୍‌ବକ୍ତା । ତାହା ଇସ୍ରାଏଲ ପାଇଁ ପରମେଶ୍ୱରଙ୍କ ଚିହ୍ନ ଥିଲା । ସେମାନେ ଚାରି ଶହ ବର୍ଷ ଦାସତ୍ୱରେ ରହିଥିଲେ । ଏବଂ ଠିକ ଉଦ୍ଧାର ପୂର୍ବରୁ, ପରମେଶ୍ୱର ସେମାନଙ୍କ ପାଇଁ ଏକ ଚିହ୍ନ ପ୍ରସ୍ତୁତ କରିଥିଲେ । ଏବଂ ସେ ଇସ୍ରାଏଲ ପ୍ରତି ମୁକ୍ତିର ଏକ ଚିହ୍ନ, ଏବଂ ମିସର ପାଇଁ ବିଚାରର ଏକ ଚିହ୍ନ ଥିଲେ ।

60 ନୋହ ନିଜ ଲୋକମାନଙ୍କ ପାଇଁ ଉଦ୍ଧାରର ଏକ ଚିହ୍ନ ଥିଲେ, ଏବଂ ନଷ୍ଟକଳ୍ପ ଜଗତ, ସେହି ଅବିଶ୍ୱାସୀ ପାଇଁ ବିଚାରର ଏକ ଚିହ୍ନ ଥିଲେ । ସେହି ଜଳ ଯାହା ଜଗତକୁ ଚାପି ଦେଇ ପୃଥିବୀକୁ ବୁଡ଼ାଇ ଦେଇଥିଲା ତାହାହିଁ ନୋହକୁ ବଞ୍ଚାଇବାର ଏକମାତ୍ର ମାଧ୍ୟମ ଥିଲା । ତାଙ୍କୁ ରକ୍ଷା କରି ପାରିବାର ଯେଉଁ ଏକମାତ୍ର ବିଷୟ ଥିଲା ତାହା ହେଉଛି ବିଚାର ।

ଆଜି ମଣ୍ଡଳୀକୁ ଯାହା ରକ୍ଷା କରିବ ସେହି ଏକମାତ୍ର ବିଷୟ ହେଉଛି ବିଚାର, ପରମେଶ୍ୱର ଚୂଡ଼ା ପର୍ଯ୍ୟନ୍ତ ବିଚାରକୁ ରଖିଅଛନ୍ତି ।

ମାତ୍ର ନୋହ ଠିକ ସେହି ସମାନ ଭାବରେ ପ୍ରଚାର କଲେ । ସେ ଏକ ଚିହ୍ନ ହୋଇଗଲେ ।

61 ଏବଂ ବର୍ତ୍ତମାନ ଇସ୍ରାଏଲ୍, ଚାରି ଶହ ବର୍ଷ ପରେ, ସେମାନେ ଉଦ୍ଧାର ପାଇଁ ଚିତ୍କାର କରିବାକୁ ଲାଗିଲେ । ଏବଂ ପରମେଶ୍ୱର ଆପଣାକୁ ସେପର୍ଯ୍ୟନ୍ତ କଦାପି ପ୍ରକାଶ କରନ୍ତି ନାହିଁ ଓ ନିଜକୁ ପ୍ରଦର୍ଶିତ କରାନ୍ତି ନାହିଁ ଯେପର୍ଯ୍ୟନ୍ତ କି ତାହାଙ୍କର ଲୋକମାନେ ତାହା ଗ୍ରହଣ କରିବାକୁ ପ୍ରସ୍ତୁତ ନ ହୁଅନ୍ତି ଯାହା ସେ ଦେଖାନ୍ତି ।

62 ତେବେ, ଓଃ, ସେଠାରେ କଅଣ ବା କୁହାଯାଇପାରିବ, ଯଦି ଏହା ହୋଇଥାନ୍ତା, ଯେ ପରମେଶ୍ୱର କିପରି ଏହି ରାଷ୍ଟ୍ରକୁ ଉଲଗ୍ନ କରି ଛାଡ଼ିଦେଇଛନ୍ତି! ସେମାନେ ଅଧିକ ଉତ୍ତମ ଜାଣନ୍ତି । ଖବରକାଗଜ ଏହାକୁ ଚାରିଆଡେ ଏବଂ ସର୍ବତ୍ର ଏବଂ ସର୍ବତ୍ର ପ୍ରକାଶ କରିଛି । ତାହାଙ୍କ ଆଗମନର ଚିହ୍ନମାନ ପ୍ରସ୍ତୁତ ଉତ୍ପନ୍ନ ହୋଇଅଛି । ଏବଂ ସେମାନେ ନିରନ୍ତର ଠିକ୍ ସେହିପରି ଭାବରେ ଗତି କରିଥାନ୍ତି ଯେପରିକି ସେମାନେ ଏହାକୁ ଅଣଦେଖା କରନ୍ତି । ସେମାନଙ୍କ ପାଖରେ କୌଣସି ବାହାନା ନାହିଁ । ଆମେମାନେ ଶେଷରେ ଅଛୁ ।

63 ପରମେଶ୍ୱର ଆପଣା ଭବିଷ୍ୟଦ୍‌ବକ୍ତାମାନଙ୍କୁ କେବଳ ସେତେବେଳେ ପଠାନ୍ତି ଯେତେବେଳେ ଲୋକମାନେ ଏକ ଭବିଷ୍ୟଦ୍‌ବକ୍ତା ଚାହାଁନ୍ତି । ପରମେଶ୍ୱର ନିଜର ଚିହ୍ନକୁ ସେତେବେଳେ ପଠାନ୍ତି ଯେତେବେଳେ ଲୋକମାନେ ଏକ ଚିହ୍ନ ପାଇଁ ପ୍ରସ୍ତୁତ ହୋଇଥାନ୍ତି । ମାତ୍ର, ଏହାର ମୂଖ୍ୟ ବିଷୟଟି ହେଉଛି, ଲୋକମାନେ କ୍ୱଚିତ୍ ହିଁ...ସେମାନେ ଏପରି ଏକ ସ୍ଥାନକୁ ଆସନ୍ତି ଯେଉଁଠାରେ ସେମାନେ ଭାବାବେଗ ଚାହାଁନ୍ତି, କିମ୍ବା ସେମାନେ ଏପରି କିଛି ଚାହାନ୍ତି, "ଆମକୁ ସ୍ୱର୍ଗରୁ ଏକ ଚିହ୍ନକୁ ଦେଖାଅ ।" ମାତ୍ର ଯେତେବେଳେ ପରମେଶ୍ୱର ଏକ ଚିହ୍ନକୁ ପଠାନ୍ତି, ସେମାନେ ଏହାକୁ ଦେଖିବାକୁ ଇଚ୍ଛା କରନ୍ତି ନାହିଁ । "ଅତଏବ ଏହା ଜ୍ଞାନୀ ଏବଂ ପ୍ରଖରବୁଦ୍ଧି ବ୍ୟକ୍ତିମାନଙ୍କ ଆଖିଠାରୁ ଲୁଚି ରହିଛି, ଯେପରିକି ଶିଖିବାକୁ ଇଚ୍ଛୁକ ଥିବା ଶିଶୁମାନଙ୍କ ନିକଟରେ ପ୍ରକାଶ କରାଯାଏ ।" ସେମାନେ ଏହାକୁ, ସେହି ଚିହ୍ନକୁ ଅଣଦେଖା କରନ୍ତି ।

64 ଇସ୍ରାଏଲକୁ କିପରି ଜାଣିବାର ଉଚିତ୍ ଥିଲା, ଯେତେବେଳେ ସେହି ଉପଯୁକ୍ତ ସନ୍ତାନ ଜନ୍ମ ହୋଇଥିଲା, ଯେତେବେଳେ ସେମାନେ ସେଠାରେ ଉପରକୁ ଅନାଇଲେ ଏବଂ ସେହି— ସେହି ସମୟ କାଳକୁ ଦେଖିଲେ ଯେଉଁଥିରେ ସେମାନେ ବସବାସ କରୁଥିଲେ, "ତୁମର ଲୋକମାନେ ଚାରି ଶହ ବର୍ଷ ପର୍ଯ୍ୟନ୍ତ ଏକ ଅଜଣା ଦେଶରେ, ଏକ ପରଦେଶୀ ହୋଇ ରହିବେ, ମାତ୍ର ତାହାପରେ ମୁଁ ସେମାନଙ୍କୁ ବାହାର କରି ଆଣିବି ।" ସେମାନଙ୍କୁ ଏହା ଜାଣିବାର ଉଚିତ୍ ଥିଲା ଯେ ସେହି ସମୟଟି ପାଖେଇ ଆସିଛି, ଏବଂ ଯେତେବେଳେ ସେମାନେ ସେହି ଉପଯୁକ୍ତ ସନ୍ତାନକୁ ଜନ୍ମ ହୋଇଥିବାର ଦେଖିଲେ । ଯେ, ଏପରିକି ତାଙ୍କର ମାତା ଏବଂ ପିତା, ଅମ୍ରାମ ଏବଂ ଜେକୋବେଦ୍ ମଧ୍ୟ, ସେହି ରାଜାଜ୍ଞାକୁ ଭୟ କରି ନ ଥିଲେ, ଏବଂ ସେମାନେ ତାଙ୍କୁ ବାହାରେ ସେହି ନଦୀରେ ଭସାଇ ଦେଇଥିଲେ ଯେଉଁଠାରେ ସେହି କୁମ୍ଭୀରମାନେ ଥିଲେ; ପୁଣି ସେମାନଙ୍କ ମଧ୍ୟରୁ ଗୋଟିଏ ହେଲେ ତାଙ୍କୁ ଆଘାତ କରିପାରି ନ ଥିଲା । ସେମାନେ ଦେଖିଲେ ଯେ ସେଠାରେ ଏକ ଚିହ୍ନ ଅଛି, ମାତ୍ର ସେମାନେ ଏହାକୁ ଅଣଦେଖା କରିଥିଲେ । ସେମାନେ ଏହା ପାଇଁ ପ୍ରସ୍ତୁତ ନ ଥିଲେ ।

ପରମେଶ୍ୱର ତ ଠିକ ତାଙ୍କୁ ଭିତରକୁ ଆଣିଥିଲେ ଓ ଠିକ ଫାରୋଙ୍କ ରାଜପ୍ରାସାଦରେ ରଖିଥିଲେ, ଏବଂ ଫାରୋଙ୍କୁ ତାଙ୍କର ପ୍ରତିପାଳନ କରିବାକୁ ଦେଇଥିଲେ ଏବଂ ତାଙ୍କୁ ସମସ୍ତ ଶିକ୍ଷା ପ୍ରଦାନ କରିବାକୁ ଦେଇଥିଲେ ଯାହା ସେ ପାଇପାରନ୍ତି, ଏହା ଦେଖାଇବା ପାଇଁ ଯେ ସେ (ପରମେଶ୍ୱର) କାର୍ଯ୍ୟଗୁଡିକୁ କିପରି ସାଧନ କରନ୍ତି, ଏବଂ ତାହାପରେ ତାଙ୍କୁ ମରୁଭୂମି ପଛପଟକୁ ନେଇଯାଇଥିଲେ, ଓ ତାଙ୍କୁ ଏହା ବିଷୟରେ ସବୁ କିଛି ଭୁଲିଯିବାକୁ ଦେଇଥିଲେ ।

65 ଫାରୋ ସେତେବେଳେ ତାଙ୍କୁ ତାଲିମ ଦେଇଥିଲେ । ପରମେଶ୍ୱର ତାଙ୍କୁ ତାଲିମ ଦେଉଥିଲେ । ଫାରୋଙ୍କ ପାଖରେ ତାଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଚାଳିଶ ବର୍ଷ ଥିଲା, ତାହାପରେ ପରମେଶ୍ୱର ତାଙ୍କୁ ତାଲିମ ଦେବା ପାଇଁ ଚାଳିଶ ବର୍ଷ ନେଇଥିଲେ, ତାଙ୍କୁ ସେସବୁ ବିଷୟରେ ଭୁଲିଯିବାକୁ ଦେଇଥିଲେ । ମନୁଷ୍ୟର ତାଲିମ; ଏବଂ ପରମେଶ୍ୱରଙ୍କ ତାଲିମ ।

ଫାରୋ ଏକ ପୁତ୍ରଙ୍କୁ ଜଣେ ନେତା, ଜଣେ କୂଟନୀତିଜ୍ଞ, ଜଣେ ଯୋଦ୍ଧା, ଜଣେ ବୀର ହେବା ପାଇଁ, ଆଉ ଜଣେ ଆଗାମୀ ଫାରୋ ହେବା ପାଇଁ ତାଲିମ ଦେଉଥିଲେ ଯିଏକି ମିସରକୁ ତାର ଉଚ୍ଚସ୍ଥାନରେ ପହଞ୍ଚାଇବେ, ଅନ୍ୟ ସମସ୍ତ ଦେଶକୁ ପରାସ୍ତ କରି ସେମାନଙ୍କୁ ଫାରୋଙ୍କ ନିକଟରେ କର ଦେବାକୁ ବାଧ୍ୟ କରିବେ । ମାତ୍ର ପରମେଶ୍ୱର ତାଙ୍କୁ ମରୁଭୂମିର ପଛପଟକୁ ନେଇଗଲେ, ତାଙ୍କଠାରୁ ସେସମସ୍ତ ବିଷୟକୁ କାଢି ପକାଇଲେ । ଏବଂ ତାଙ୍କୁ ପାଞ୍ଚ ମିନିଟ୍ ମଧ୍ୟରେ, ଏକ ଜଳୁଥିବା ବୁଦା ଦ୍ୱାରା, ଏହା ଦେଖାଇଲେ, ଯେ ସେ ଜୀବନ୍ତ ପରମେଶ୍ୱର ଅଟନ୍ତି । ଏବଂ ତାଙ୍କ ଭିତରୁ ସମସ୍ତ ଭୟକୁ ବାହାର କରି ନେଲେ; ତାଙ୍କୁ ପ୍ରସ୍ତୁତ କଲେ । ସେ ଏକ ଚିହ୍ନ ଥିଲେ ।

66 ପରମେଶ୍ୱର ଚାହାଁନ୍ତି ଯେ ତାହାଙ୍କ ଲୋକମାନେ ପ୍ରାର୍ଥନା କରନ୍ତୁ । ଏବଂ ଯେତେବେଳେ

ଇସ୍ରାଏଲ୍ କର ଦେୟରେ ଏତେ ଅଧିକ ଭାରଗ୍ରସ୍ତ ହୋଇଗଲା, ଓ ଏପରି ଅବସ୍ଥାକୁ ଆସିଗଲା, ଯେ ସେମାନେ ଆଉ ଆଗକୁ ବଢିପାରିଲେ ନାହିଁ, ସେମାନଙ୍କର ସମୟ ପୂର୍ଣ୍ଣ ହୋଇ ଯାଇଥିଲା, ଏବଂ ସେମାନଙ୍କର ଭାରଗୁଡିକ ଯାହା ସେମାନେ ଭାବିଥିଲେ ତାହାଠାରୁ ଅଧିକ ହୋଇଯାଇଥିଲା, ସେତେବେଳେ ସେମାନେ ପ୍ରାର୍ଥନା କରିବାକୁ ଆରମ୍ଭ କଲେ। ଏବଂ ଯେତେବେଳେ ଲୋକମାନେ ପ୍ରାର୍ଥନା କରିବାକୁ ଆରମ୍ଭ କଲେ, ସେତେବେଳେ ପରମେଶ୍ୱର ଶୁଣିବାକୁ ଆରମ୍ଭ କଲେ। ଏହା ପରମେଶ୍ୱରଙ୍କ ବାକ୍ୟ ସଫଳ କରିବାର ସମୟ ଆସି ଯାଇଥିଲା।

67 ଅତଏବ ତେବେ, ଯେତେବେଳେ ଅମ୍ରାମ ଏବଂ ଜେକୋବେଦ ଦେଖିଲେ ଯେ ଏହା ବାକ୍ୟ ସଫଳ ହେବାର ସମୟ ଆସିଯାଇଛି, ସେମାନେ ପ୍ରାର୍ଥନା କରିବା ନିମନ୍ତେ, ପରମେଶ୍ୱରଙ୍କ ନିକଟକୁ ଗଲେ। ଏବଂ ପ୍ରାୟତଃ ଏହା ସେହି ଲୋକମାନେ ହିଁ ପ୍ରାର୍ଥନା କରନ୍ତି ଯେଉଁମାନେକି ଭାରଗ୍ରସ୍ତ ଥାଆନ୍ତି, ସେହି ଜଣକା ଯିଏକି କିଛି ଗୋଟାଏ ପାଆନ୍ତି। ଏହା ତ ସେହି ଲୋକମାନେ ହିଁ ପ୍ରାର୍ଥନା କରନ୍ତି, ଯେଉଁମାନେକି ତାହା କରିବା ହେତୁ ପରମେଶ୍ୱରଙ୍କ ଦ୍ୱାରା ନିଯୁକ୍ତିପ୍ରାପ୍ତ ହୋଇଥାଆନ୍ତି।

68 ଆମେମାନେ ଆଜି ସକାଳେ ଜଳପାନ ମେଜରେ କଥା ହେଉଥିଲୁ ଯେତେବେଳେକି ଆମେମାନେ ମଣ୍ଡଳୀକୁ ଯିବା ପାଇଁ, କିଛି ଟୋଷ୍ଟ ଏବଂ ପ୍ରଭୃତି ବିଷୟସବୁକୁ ଅତି ଶୀଘ୍ର ଭାବେ ଖାଉଥିଲୁ। ସେଠାରେ ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ବିଷୟରେ ଏପରି କିଛି କୁହାଯାଇଥିଲା ଯାହାକି ତାଙ୍କର ଥିଲା, ଏଠାରୁ ଦୂରଇ ଯାଇଥିଲା, ସେ କର୍କଟ ରୋଗରୁ ସୁସ୍ଥ ହେବା ପରେ ସିଗାରେଟ ଟାଣିବାର ଅଭ୍ୟାସକୁ ଫେରି ଯାଇଥିଲେ। ମୁଁ କହିଲି, "କେତେ ଦୟନୀୟ ବିଷୟ!"

69 ଅତଏବ ସେତେବେଳେ ଜଣେ କହି ଉଠିଲେ ଏବଂ କହିଲେ, "ତାହାହିଁ ସବୁଠାରୁ ଭୟଙ୍କର ବିଷୟ ଦୂରେଇ ଯିବା ହେତୁ ଅଟେ, ତାହା ହେଉଛି, ସିଗାରେଟ୍ ଟାଣିବା।"

70 ମୁଁ କହିଲି, "ମୁଁ ଏହା ଜାଣେ। କାରଣ, ଏହା ଏକ ଶୟତାନ ଅଟେ।" ଏବଂ ମୁଁ କହିଲି, "ଏହା—ଏହା ଏକ ଶୟତାନ ଅଟେ।" ଏବଂ ମୁଁ କହିଲି, "ଏବଂ ଆପଣ ଏହାକୁ ସେପର୍ଯ୍ୟନ୍ତ ବନ୍ଦ କରିପାରନ୍ତି ନାହିଁ ଯେପର୍ଯ୍ୟନ୍ତକି ପରମେଶ୍ୱରଙ୍କ ଶକ୍ତି ଆପଣଙ୍କ ଉପରେ ନ ଥାଏ।"

ମୁଁ ମୋର ପ୍ରାରମ୍ଭିକ ଜୀବନରେ ଏପରି ଦୁଇଜଣ ବ୍ୟକ୍ତିଙ୍କ ବିଷୟରେ ଜାଣେ, ଦୁହେଁ ପରମେଶ୍ୱରଙ୍କ ଲୋକ ହେବାକୁ ଚାହୁଁଥିଲେ।

ସେମାନଙ୍କ ମଧ୍ୟରୁ ଜଣେ, ମୁଁ ତାଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ କଢାଇ ନେବା ମାତ୍ରେ, ସେ ଏକ ସିଗାରେଟ୍ ଜଳାଇବାକୁ ଲାଗିଲେ। ସେ ଦିନକୁ ପାଞ୍ଚ କିମ୍ବା ଛଅ ପ୍ୟାକେଟ ଧୂମପାନ କରୁଥିଲେ, ସମଗ୍ର ଦିନସାରା, କେବଳ ବସି ରହି ଗୋଟିଏ ପରେ ଗୋଟିଏ ସିଗାରେଟ ଜାଳିଥିଲେ। ଏବଂ ସେ ଆଉ ଗୋଟିଏ ସିଗାରେଟ୍ ଜାଳିବାକୁ ଚେଷ୍ଟା କଲେ, ଏବଂ କିଛି ଗୋଟାଏ ତାଙ୍କୁ ତାହା କରିବାକୁ ଦେଇ ନ ଥିଲା। ସେ ଚୁଲି ଆଡକୁ ଗଲେ, ଏହା ନ ଜାଣି ନ ଯେ

ଶାସ୍ତ୍ର ସେହି ବିଷୟଗୁଡିକ ନିନ୍ଦା କରେ, ଏବଂ ଚୁଲି ଜାଳି ସେଥିରେ ସେହି ପ୍ୟାକେଟକୁ ପକାଇ ଦେଲେ । ଏବଂ ତାହା ଏହି ବିଷୟକୁ ସମାଧାନ କଲା ।

71 ଯେଉଁଠାରେକି, ଅନ୍ୟ ଜଣେ ବ୍ୟକ୍ତି ଯିଏକି ଖ୍ରୀଷ୍ଟିଆନ ହେବାକୁ ଚାହୁଁଥିଲେ, ଏବଂ ସେ ତାର ଯଥାସମ୍ଭବ ଚେଷ୍ଟା କରିଥିଲେ । ସେ ପ୍ରଭୁଙ୍କ ନିକଟରେ କାନ୍ଦିଥିଲେ । ସେ ଦୁଇ କିମ୍ବା ତିନି ସପ୍ତାହ ପାଇଁ, ସେଗୁଡିକୁ ଛାଡି ଦେଇଥିଲେ । ଏବଂ ଯେତେବେଳେ ସେ ସେହି ଅବସ୍ଥାରେ, ନିଜ ଚେତାକୁ ଫେରି ଆସିଲେ, ସେ ନିଜ ମାନସିକ ଅବସ୍ଥାକୁ ହରାଇଥିଲେ । ଏବଂ ସେ ନିଜ ଚେତାକୁ ଫେରି ଆସନ୍ତି, ଓ ନିଜକୁ ବାହାରେ ପଛପଟ ଅଗଣାରେ ପାଆନ୍ତି, ଯେଉଁଠାରେକି ସେ ତାଙ୍କ ମୁଣ୍ଡରେ, ଖଣ୍ଡେ ଟିଣକୁ ପିଟୁଥିଲେ । ଘରକୁ ଅତି ଶୀଘ୍ର ଭାବରେ, ଦୌଡିଗଲେ, ଏବଂ ନିଜର ସିଗାରେଟଗୁଡିକୁ ନେଲେ, ଓ ସନ୍ଧ୍ୟାରେ ସେ ଘରୁ ବାହାରିବା ପୂର୍ବରୁ ଗୋଟିଏ ପ୍ୟାକେଟ ସିଗାରେଟ, ଠିକ ଗୋଟିଏ ପରେ ଗୋଟିଏ ଧୂମପାନ କରିଥିଲେ । ବୁଝିଲେ?

72 ଜଣଙ୍କୁ ଡକା ଯାଇଥିଲା । "କେହି ମୋ ପାଖକୁ ଆସିପାରନ୍ତି ନାହିଁ ଯେପର୍ଯ୍ୟନ୍ତକି ମୋ ପିତା ତାକୁ ଆକର୍ଷିତ ନ କରନ୍ତି, ଏବଂ ଯେସମସ୍ତଙ୍କୁ ପିତା ମୋତେ ଦେଇଅଛନ୍ତି ସେମାନେ ମୋ ନିକଟକୁ ଆସିବେ ।" ସେହି ଚେତାବନୀର ଅର୍ଥ କଅଣ ଥିଲା? ଜଣକା ନିମନ୍ତେ, ଏହା ଜୀବନ ଥିଲା । ସେ ଏହାକୁ ଦେଖିଥିଲେ । ଆପଣ ଏହାକୁ ସେପର୍ଯ୍ୟନ୍ତ ଦେଖିପାରନ୍ତି ନାହିଁ ଯେପର୍ଯ୍ୟନ୍ତକି ପରମେଶ୍ୱର ଏହାକୁ ପ୍ରକାଶ ନ କରନ୍ତି । "ଏହା ତ ଜ୍ଞାନୀ ଏବଂ ପ୍ରଖରବୁଦ୍ଧିଙ୍କ, ଆଖିରୁ ଲୁଚି ରହିଥାଏ, ଏବଂ ଶିଖିବାକୁ ଇଚ୍ଛୁକ ଥିବା ଶିଶୁମାନଙ୍କ ନିକଟରେ ପ୍ରକାଶିତ ହେବ ।" ତାହା ଠିକ୍ ଅଟେ ।

73 ଅବ୍ରାମ ଏବଂ ଜେକୋବେଦ ଜାଣିଥିଲେ ଯେ ଏହା ସମୟ ହେଲାଣି । ସେହି ସମୟଟି ସନ୍ନିକଟ ଥିଲା ।

74 ଏବଂ ମୁଁ ଏହା କହିବାକୁ ଚାହେଁ ଯେତେବେଳେ ମୁଁ ଏହା ବିଷୟରେ କହୁଅଛି । "ଯିଏ ଇଚ୍ଛା କରେ, କିମ୍ବା ଯିଏ ପରିଶ୍ରମ କରେ ସେ ନୁହେଁ; ଏହା ତ ପରମେଶ୍ୱର ଯିଏକି ଅନୁଗ୍ରହ କରନ୍ତି ।" ତାହା ଠିକ୍ । ଏହା ତ ପରମେଶ୍ୱର ଅଟନ୍ତି ।

75 ତେଣୁକରି, ଆଜି...ଓଃ, ଏହାକୁ ଗଭୀର ଭାବରେ ନିମଜ୍ଜିତ ହେବାକୁ ଦିଅନ୍ତୁ! ଯଦି, ଆଜି, ପରମେଶ୍ୱର ଆପଣଙ୍କୁ ଡାକିଛନ୍ତି, ଏବଂ ଆପଣ ନିଜକୁ ଜଗତର ବିଷୟ ବସ୍ତୁଠାରୁ ପୃଥକ କରିଛନ୍ତି, ଏବଂ ପରମେଶ୍ୱରଙ୍କ ଗୌରବମୟ ଶକ୍ତି ଆପଣଙ୍କୁ ସେହି ବିଷୟଗୁଡିକଠାରୁ ପବିତ୍ର କରିଅଛି, ତେବେ ଆପଣଙ୍କୁ ତ ଜଗତର ସବୁଠାରୁ ଖୁସି ବ୍ୟକ୍ତି ହେବା ଉଚିତ୍ । ସେଠାରେ ଲକ୍ଷ ଲକ୍ଷ ଲୋକମାନେ ଥିଲେ ଯେଉଁମାନେକି ତାହା କରିଥାନ୍ତେ ଯଦି ସେମାନେ ତାହା ପାରିଥାନ୍ତେ, ମାତ୍ର ସେମାନେ ପାରନ୍ତି ନାହିଁ । ଏହା ତ ସେମାନଙ୍କ ପାଇଁ ତାହା କରିବା ହେତୁ ନ ଥିଲା । ଏହା ସେହି ଦିନ ଅଟେ ଯେତେବେଳେକି ମଣ୍ଡଳୀକୁ ଆହ୍ୱାନ କରାଯାଇଛି, ପୃଥକ କରାଯାଇଛି । ଏହା ତାହାଠାରୁ ଭିନ୍ନ ଅଟେ, ଯାହା ଏହା ପୂର୍ବରୁ ଥିଲା । ହଁ ।

76 ଯେତେବେଳେ ଲୋକମାନେ ପ୍ରାର୍ଥନା କରିବାକୁ ଆରମ୍ଭ କଲେ, ଯେତେବେଳେ

ଇସ୍ରାଏଲ୍ ଜଣେ ଭବିଷ୍ୟଦ୍‌ବକ୍ତାଙ୍କ ପାଇଁ ପ୍ରାର୍ଥନା କରିବାକୁ ଆରମ୍ଭ କଲା, ପରମେଶ୍ୱରଙ୍କ ପାଖରେ ସେହି ଭବିଷ୍ୟଦ୍‌ବକ୍ତା ରହିଥିଲା। ପରମେଶ୍ୱରଙ୍କ ପାଖରେ ତ, ସେହି ଭବିଷ୍ୟଦ୍‌ବକ୍ତା ସବୁ ସମୟରେ ରହିଥିଲା, କାରଣ ପରମେଶ୍ୱର ସର୍ବଦା ସେମାନଙ୍କଠାରୁ ଗୋଟିଏ ପାଦ ଆଗେ ହିଁ ଅଟନ୍ତି। ତାଙ୍କ ପାଖରେ ସେହି ବ୍ୟକ୍ତି ପ୍ରସ୍ତୁତ ରହିଥିଲା, ମାତ୍ର ସେ ଅପେକ୍ଷା କରୁଥିଲେ ଯେ ଲୋକମାନେ ପ୍ରାର୍ଥନା କରିବାକୁ ଯାଆନ୍ତୁ, ଲୋକମାନେ ଏହାକୁ ଚାହାଁନ୍ତୁ।

77 ତାହା କେତେ ଅଧିକ ଆଜିର ସମୟ ପରି ମୁଁ କହିପାରେ! ଆଜି ଯାହା ଆମକୁ ଦରକାର ତାହା ଜଣେ ଉଦ୍ଦୀପନାକାରୀ ନୁହେଁ, ଏପରି କୌଣସି ମହାନ ସଂଗଠନର ଜଣେ ବ୍ୟକ୍ତି ନୁହେଁ, ଯିଏକି ସମସ୍ତ ଗୋଷ୍ଠୀକୁ ଏକତ୍ର ସଂଗଠିତ କରିବା ହେତୁ ନିଅନ୍ତି। ଆଜି ଆମକୁ ଯାହା ଦରକାର ତାହା ହେଉଛି ପରମେଶ୍ୱରଙ୍କଠାରୁ ପ୍ରେରିତ ଜଣେ ଭବିଷ୍ୟଦ୍‌ବକ୍ତା, ଯିଏକି ଏକ ବାର୍ତ୍ତା ସହିତ ଜଗତକୁ ନିନ୍ଦା କରିବେ। ଯଦି ଲୋକମାନେ ଏହା ପାଇଁ ପ୍ରସ୍ତୁତ ଅଟନ୍ତି, ତେବେ ପରମେଶ୍ୱର ସେହି ବ୍ୟକ୍ତିଙ୍କୁ ନିଅନ୍ତୁ। ଆପଣ ଜାଣନ୍ତି ଯେ ମୁଁ କଅଣ କହୁଅଛି। ସେ ବୋଧହୁଏ, ତାଙ୍କୁ, ଜଗତର କୌଣସି ସ୍ଥାନରେ ରଖିଛନ୍ତି, ମାତ୍ର ଲୋକମାନଙ୍କୁ ଏହାକୁ ଚାହିଁବାର ଅଛି। ପରମେଶ୍ୱର ଏହାକୁ ଆପଣଙ୍କ ଗଳାରେ ଠିକ ବାଧ୍ୟତାମୂଳକ ପୂରାଇ ଦିଅନ୍ତି ନାହିଁ। ଆପଣଙ୍କୁ ଏହାକୁ ଚାହିଁବାକୁ ଅଛି। "ସେମାନେ ଧନ୍ୟ ଯେଉଁମାନେ ଧାର୍ମିକତା ନିମନ୍ତେ କ୍ଷୁଧିତ ଓ ତୃଷାର୍ତ୍ତ, କାରଣ ସେମାନେ ପୂର୍ଣ୍ଣ କରାଯିବେ।" ତାହା ଠିକ୍ ଅଟେ।

78 ମୋଶାଙ୍କୁ ଚିହ୍ନାଯିବା ପରେ...ଲୋକମାନେ, ବରଂ, ଏହା ଜାଣିବା ପରେ, ଯେ ସେମାନଙ୍କୁ ଜଣେ ନେତାର ଆବଶ୍ୟକ ଅଛି, ସେମାନେ ପ୍ରାର୍ଥନା କରିବାକୁ ଆରମ୍ଭ କଲେ। ସେମାନେ ପରମେଶ୍ୱରଙ୍କଠାରେ ଜଣେ ନେତାଙ୍କୁ ପଠାଇବା ପାଇଁ କିମ୍ବା ସେମାନଙ୍କୁ ବାହାର କରି ଆଣିବା ପାଇଁ କାହାରିକୁ ପଠାଇବା ନିମନ୍ତେ ପ୍ରାର୍ଥନା କରିବାକୁ ଆରମ୍ଭ କଲେ। ଏବଂ ସେ ସେମାନଙ୍କ ନିକଟକୁ ଜଣେ ବ୍ୟକ୍ତି, ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ ପଠାଇଲେ। ତାହା ତାହାଙ୍କର ଚିହ୍ନ ଥିଲା। ତେବେ, ଯଦି ଏହି ବ୍ୟକ୍ତି ଜଣେ ଭବିଷ୍ୟଦ୍‌ବକ୍ତା ନ ହୋଇଥାନ୍ତେ, ଯଦି ସେ ଉଠନ୍ତେ, ଓ କୁହନ୍ତେ, "ମୁଁ ଜଣେ ସାମରିକ ପ୍ରତିଭାବାନ ବ୍ୟକ୍ତି ଅଟେ," ତାହାହେଲେ ଇସ୍ରାଏଲ ପାଖରେ ସେହି ବ୍ୟକ୍ତିକୁ ଅବିଶ୍ୱାସ କରିବାର ଏକ ଅଧିକାର ରହିଥାନ୍ତା। କାରଣ, ପରମେଶ୍ୱର, ପ୍ରତ୍ୟେକ ସମୟରେ, ବିନା କୌଣସି ବିଫଳତାରେ, ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ ପଠାନ୍ତି। ବାଇବଲରେ କେବେ ଥରେ ହେଲେ କେଉଁଠି ସେହିପରି ହୋଇଥିଲା ତାହା ଉଲ୍ଲେଖ କରନ୍ତୁ। ଏହା ତ ସର୍ବଦା ଜଣେ ଭବିଷ୍ୟଦ୍‌ବକ୍ତା ହିଁ ଅଟନ୍ତି ଯାହାଙ୍କୁ ସେ **ସଦାପ୍ରଭୁ ଏହି କଥା କୁହନ୍ତି** ସହିତ ପଠାନ୍ତି।

79 ଏପରିକି ଦାଉଦ, ନିଜେ, ମଧ୍ୟ ଯାହାକି ଇସ୍ରାଏଲର କଦାଚ ରହିଥିବା ସେହି ସର୍ବଶ୍ରେଷ୍ଠ ସାମରିକ ପ୍ରତିଭା, ଏବଂ, ତଥାପି, ଦାଉଦ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ। ନିଶ୍ଚିତ ଭାବରେ, ସେ ଥିଲେ। ସେ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ, ଦାଉଦ।

80 ସେ ଲୋକମାନଙ୍କ ନିମନ୍ତେ ଅପେକ୍ଷା କରୁଥିଲେ ଯେ ସେମାନଙ୍କ ହୃଦୟରେ ଏହି ଭବିଷ୍ୟଦ୍‌ବକ୍ତାଙ୍କ କଥା ଶୁଣିବା ପାଇଁ ଏକ ଇଚ୍ଛା ଜାଗ୍ରତ ହେଉ ଯାହାକୁ ସେ ପଠାଇବାକୁ ଯାଉଛନ୍ତି।

ଅବଶ୍ୟ, ସେଠାରେ ଏକ ଗୋଷ୍ଠୀ ଥିଲା ଯେଉଁମାନେକି କହୁଥିଲେ ଯେ ସେମାନେ କରୁଛନ୍ତି, ମାତ୍ର ତାହା ନ ଥିଲା। ଏହା ପରେ ପ୍ରମାଣିତ ହେଲା ଯେ ସେମାନେ ଠିକ୍ ନ ଥିଲେ। ସେମାନେ ସମସ୍ତେ ତ କେବଳ ଭାବପ୍ରବଣ ହୋଇ କାର୍ଯ୍ୟ କରିଥିଲେ। ଏବଂ ବାଇବଲ କୁହେ, "ଏକ ମିଶ୍ରିତ ଜନତା ସେମାନଙ୍କ ସହିତରେ ଗଲେ।" ଏହା କଅଣ କଲା? ପ୍ରାନ୍ତରରେ ଅସୁବିଧା ଉପୁଯାଇଲା। ଏବଂ ପ୍ରତ୍ୟେକ ଥର, ଯେତେବେଳେ ସେହି ଘଟଣାଟି ଘଟୁଥିଲା। ଓଃ, ମୁଁ ଇଚ୍ଛା କରେ ଯେ ମୁଁ ଏହାକୁ ଯେପରି ଭଲ ଭାବରେ, ନିମଜ୍ଜିତ କରାଇପାରେ। ପ୍ରତ୍ୟେକ ଥର ଯେତେବେଳେ ପରମେଶ୍ୱର କିଛି ପ୍ରେରଣ କରନ୍ତି, ସେଠାରେ ଏହାର କିଛି ଗୋଟାଏ ଅଭଦ୍ର, ସାଂସାରିକ ନକଲ ରହିଥାଏ, ଯାହାକି ଏହା ସହିତରେ ଯାଇଥାଏ। ପ୍ରତ୍ୟେକ ଥର, ସର୍ବଦା କିଛି ଗୋଟାଏ ବିଷୟ, ଏହାର କୃତ୍ରିମ-ବିଶ୍ୱାସ କରିବା; ଯାହାକି ଲୋକମାନଙ୍କ ସହିତରେ ଠିକ ଭଲ ଭାବରେ ମିଶିଯାଏ।

ମାତ୍ର ପରମେଶ୍ୱରଙ୍କ ଜଣେ ପ୍ରକୃତ ଭବିଷ୍ୟଦ୍‌ବକ୍ତା **ସଦାପ୍ରଭୁ ଏହି କଥା କୁହନ୍ତି** ସହିତ ରହିଥାନ୍ତି। ସେ କେବେବି ସେହି ଶାସ୍ତ୍ରରୁ ଦୂରେଇ ଯିବେ ନାହିଁ ଯଦି ସେ ପରମେଶ୍ୱରଙ୍କଠାରୁ ପ୍ରେରିତ ହୋଇଥାନ୍ତି।

81 ମୋଶା ଅବିକଳ ଭାବେ ଶାସ୍ତ୍ର ଉପରେ ରହିଥିଲେ। ପରମେଶ୍ୱର କହିଲେ, "ମୁଁ ସେମାନଙ୍କୁ ବାହାର କରି ଆଣିବି।" ସେ ମୋଶାଙ୍କୁ କହିଲେ, "ମୁଁ ତୁମକୁ ସେହି କାମ କରିବାକୁ ପଠାଇଅଛି।" ଏବଂ ମୋଶାଙ୍କର ଏକ ଅନୁଭୂତି ରହିଥିଲା। ସେ ପରମେଶ୍ୱରଙ୍କୁ ଭେଟିଥିଲେ। ତାଙ୍କ ପାଖରେ ପ୍ରଭୁଙ୍କର ବାକ୍ୟ ରହିଥିଲା।

82 ସେହି କାରଣ ଯେ ପରମେଶ୍ୱର ଭବିଷ୍ୟଦ୍‌ବକ୍ତାମାନଙ୍କୁ ପଠାନ୍ତି ତାହା ହେଉଛି ସେମାନଙ୍କ ପାଖରେ ପ୍ରଭୁଙ୍କ ବାକ୍ୟ ରହିଥାଏ। ପ୍ରଭୁଙ୍କର ବାକ୍ୟ ଭବିଷ୍ୟଦ୍‌ବକ୍ତାମାନଙ୍କ ପାଖକୁ ଆସିଥାଏ। ଏବଂ ଯଦି ତାଙ୍କ ପାଖରେ ପ୍ରଭୁଙ୍କର ବାକ୍ୟ ନ ଥାଏ, ତେବେ ସେ ଜଣେ ଭବିଷ୍ୟଦ୍‌ବକ୍ତା ନୁହଁନ୍ତି।

83 ଯୁଗ ଯୁଗ ଧରି, ସେଠାରେ ଅନେକ ଶାରୀରିକ ନକଲକାରୀମାନେ ନିଜକୁ ଭବିଷ୍ୟଦ୍‌ବକ୍ତା ବୋଲି କୁହାଇବାକୁ ଚେଷ୍ଟା କରିଛନ୍ତି, ମାତ୍ର ସେମାନେ ସର୍ବଦା ପ୍ରଭୁଙ୍କ ବାକ୍ୟଠାରୁ ଦୂରେଇ ଯାଆନ୍ତି। ମାତ୍ର ଜଣେ ପ୍ରକୃତ ଭବିଷ୍ୟଦ୍‌ବକ୍ତା ଅବିକଳ ସେହି ବାକ୍ୟ ଉପରେ ରହିଥାନ୍ତି। ତେବେ, ସେହି ଉଦ୍ଧୃତିକୁ ଭୁଲନ୍ତୁ ନାହିଁ। ଜଣେ ପ୍ରକୃତ ଭବିଷ୍ୟଦ୍‌ବକ୍ତା **ସଦାପ୍ରଭୁ ଏହି କଥା କୁହନ୍ତି** ସହିତରେ ରହିଥାନ୍ତି।

84 ଯୀଶୁ ଆମକୁ ଚେତାବନୀ ଦେଇଛନ୍ତି ଯେ ଶେଷ ଦିନରେ କଅଣ ହେବ। ମାତ୍ର ଜଣେ— ଜଣେ ପ୍ରକୃତ ସେବକ, ସେହି ପ୍ରକୃତ ଭବିଷ୍ୟଦ୍‌ବକ୍ତା, କେବେବି ଠିକ ସେହି **ସଦାପ୍ରଭୁ ଏହି**

**କଥା କୁହନ୍ତି** ସହିତ ରହିବାକୁ ବିଫଳ ହେବେ ନାହିଁ।

85 ମୋଶା ପ୍ରଭୁଙ୍କ ସହିତ ରହିଥିଲେ। ସେ ଏକ ଚିହ୍ନ ଥିଲେ। ସେ ଇସ୍ରାଏଲ ପାଇଁ ଏକ ଚିହ୍ନ ଥିଲେ ଯେ ସେମାନଙ୍କର ମୁକ୍ତିର ଦିନ ପାଖେଇ ଆସୁଅଛି, ଏବଂ ସେ ମିସର ପାଇଁ ଏକ ଚିହ୍ନ ଥିଲେ, ଯେ ସେମାନଙ୍କର ଶେଷ ଦିନ ପାଖେଇ ଆସୁଛି। କାରଣ, ସେଠାରେ ପରେ, ଫାରୋଙ୍କର ସମସ୍ତ ସୈନ୍ୟବାହିନୀ, ସେମାନେ ମୃତ ସାଗରରେ ବୁଡ଼ି ଯାଇଥିଲେ। ସେମାନେ ସେମାନଙ୍କର ସାମରିକ ଶକ୍ତିର ଅବସାନରେ ଥିଲେ, ଏବଂ ଜଣେ ଭବିଷ୍ୟଦ୍‌ବକ୍ତା ଏକ ଜାତୀୟ ଅବସାନର ଏକ ଚିହ୍ନ ଥିଲେ।

86 ଏହା ବିଷୟରେ ଚିନ୍ତା କରନ୍ତୁ, ପରମେଶ୍ୱର କେତେ ମହାନ ଅଟନ୍ତି, ଏବଂ ସେ କେତେ ସରଳତାରେ କାର୍ଯ୍ୟ କରନ୍ତି। ନିଶ୍ଚିତରେ, ଯଦି ଅଶିକ୍ଷିତମାନେ ଏହାକୁ ବୁଝିପାରନ୍ତି, ତେବେ ଶିକ୍ଷିତମାନେ ଏହାକୁ ବୁଝିବା ଉଚିତ୍। ଆମେନ୍। ଯଦି ମିସରର ସେହି ଚୂନ କାଦୁଅର ଗର୍ତ୍ତରେ ଥିବା ଦାସମାନେ ଏହା ବୁଝିପାରିଥିଲେ ଯେ ତାହା ପରମେଶ୍ୱରଙ୍କଠାରୁ ଆଗତ ଜଣେ ଭବିଷ୍ୟଦ୍‌ବକ୍ତା ଅଟନ୍ତି, ଏବଂ ସମୟ ସନ୍ନିକଟ ଅଟେ, ତାହାହେଲେ ଫାରୋଙ୍କ ପ୍ରାସାଦକୁ ଏହା ବିଷୟରେ କେତେ ଅଧିକ ଜାଣିବାର ଉଚିତ୍ ଥିଲା? ମାତ୍ର ସେହି ପ୍ରକାର ଲୋକମାନେ ହିଁ ଏହାକୁ ଜାଣନ୍ତି ନାହିଁ, ସେହି ପ୍ରକାର ଲୋକମାନେ ହିଁ ସର୍ବଦା, ଏହାକୁ ବୁଝିବାରେ ବିଫଳ ହୁଅନ୍ତି।

87 ଯେତେବେଳେ ମୋଶା ସେଠାରେ ଛିଡା ହୋଇ, ସେହି ଝରକା ଦେଇ, ଇସ୍ରାଏଲ ସନ୍ତାନଗଣଙ୍କୁ ସେଠାରେ ଯାଉଥିବାର ଦେଖିଥିଲେ, ଇସ୍ରାଏଲ ପାଇଁ...ଫାରୋଙ୍କ ପାଇଁ, ତ ସେମାନେ କ୍ରୀତଦାସ ଓ କୁକୁର ଥିଲେ, ମାତ୍ର ମୋଶାଙ୍କ ପାଇଁ, ସେମାନେ ପରମେଶ୍ୱରଙ୍କ ମନୋନୀତ ଲୋକ ଥିଲେ। ବାଇବଲ କୁହେ, ଯେ, "ମୋଶା ପସନ୍ଦ କଲେ," ତାଙ୍କର ନିଜର ଚୟନ କଲେ, "ଖ୍ରୀଷ୍ଟଙ୍କ ନିନ୍ଦାର ସହଭାଗୀ ହେବାକୁ, ପାପର ସୁଖଭୋଗ କରିବା ଅପେକ୍ଷା ଅଧିକ ଶ୍ରେଷ୍ଠତର ଧନ ବୋଲି ମନେ କଲେ, କାରଣ ସେ ପୁରସ୍କାର ଦାନର ସମୟ ପ୍ରତି ଦୃଷ୍ଟିପାତ କଲେ।" ମୋଶା ଜାଣିଥିଲେ ଯେ ସେମାନେ ମାଟି କାଦୁଅ ଚକଟୁଥିବା ଶ୍ରମିକ ନୁହଁନ୍ତି; ସେମାନେ ତ ଏକ ପ୍ରତିଜ୍ଞାବଦ୍ଧ ଲୋକମାନେ ଅଟନ୍ତି।

88 ସେ ନିଜେ, ସେ ଜାଣିଥିଲେ ଯେ ସେ କିଏ ଅଟନ୍ତି। ସେ ସେମାନଙ୍କୁ କହିପାରି ନ ଥିଲେ। ସେମାନଙ୍କୁ ତ ନିଜେ, ଏହାକୁ ଚିହ୍ନିବାକୁ ଥିଲା। ସେ ନିଜେ, ତାହା ଜାଣିଥିଲେ, ଯେ ତାଙ୍କର କେଉଁ—କେଉଁ କାମ, କରିବାକୁ ଥିଲା। ସେ ଜାଣିଥିଲେ ଯେ ପରମେଶ୍ୱର ତାଙ୍କୁ ଏହି ଉଦ୍ଦେଶ୍ୟ ପାଇଁ ଉଠାଇଛନ୍ତି, ମାତ୍ର ସେ ସେମାନଙ୍କୁ କହିପାରି ନ ଥିଲେ। ଏବଂ ଯେପର୍ଯ୍ୟନ୍ତ ସେମାନେ ଏହା ପ୍ରତି ଅନ୍ଧ ଥିଲେ, ସେପର୍ଯ୍ୟନ୍ତ ସେ ନିଜକୁ କେବେବି ଖୋଲାଖୋଲି ଭାବରେ ପ୍ରକାଶ କଲେ ନାହିଁ, ଯେପର୍ଯ୍ୟନ୍ତ କି ସେମାନେ ଏହାକୁ ଚିହ୍ନି ନ ନେଲେ। ତାହାପରେ, ସେମାନେ ସେହି ଚିହ୍ନକୁ ଦେଖିଲେ, ଏବଂ ସେମାନେ ଏହା ଜାଣିଲେ।

89 ସେ କହିଲେ, "ମୁଁ ଇସ୍ରାଏଲକୁ ଏକ ଚିହ୍ନ ଦେବି। ଏହି ବାଡ଼ିକୁ ନିଅ; ଏହାକୁ ଏକ ସାପରେ

ପରିଣତ କର । ସେମାନେ ଯଦି ତାହା ନ ଶୁଣନ୍ତି, ତେବେ ନିଜର ହାତକୁ ଆପଣା ବକ୍ଷସ୍ଥଳରେ ରଖିବ, ଓ ଏହାକୁ ବାହାର କରିବ, ନିଜକୁ କୁଷ୍ଠରୋଗରୁ ସୁସ୍ଥ କରିବ, ତାହାପରେ ସେମାନେ ଏହାକୁ ବିଶ୍ୱାସ କରିବେ । ଏବଂ ତାହାପରେ, ଯଦି ସେମାନେ ଏହାକୁ ନ ଶୁଣନ୍ତି, ତେବେ ସେଠାରେ ନୀଳନଦୀରୁ ଜଳ ନେବ, ଏହାକୁ ଶୁଷ୍କ ଭୂମିରେ ଢାଳି ଦେବ, ଏବଂ ସମସ୍ତ ଜଳ ରକ୍ତରେ ପରିଣତ ହେବ ।” ତାହା ଏକ ଜାତୀୟ ଚିହ୍ନ ଥିଲା । ଲୋକମାନେ ଏହାକୁ ବିଶ୍ୱାସ କରିବେ । ଯେତେବେଳେ, ସେହି ଲୋକମାନେ ଯେଉଁମାନେକି ଏହାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ଅଟନ୍ତି ସେମାନେ ଯେତେବେଳେ ପରମେଶ୍ୱରଙ୍କ ଚିହ୍ନକୁ ଗତାୟତ କରୁଥିବାର ଦେଖନ୍ତି ସେମାନେ ଏହାକୁ ବିଶ୍ୱାସ କରିବେ, ମାତ୍ର ସେହି ରାଷ୍ଟ୍ରକୁ ତ ଏହାଠାରୁ କିଛି ଭିନ୍ନ ପାଇବା ଆବଶ୍ୟକ । ତେଣୁକରି, ସେ ଏହାସବୁକୁ ଏକ ଚିହ୍ନ ଭାବରେ ଦିଅନ୍ତି ।

90 ପରମେଶ୍ୱର ଜଣେ ମନୁଷ୍ୟକୁ, ଜଣେ ନମ୍ର ବ୍ୟକ୍ତିଙ୍କୁ, ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ, ସେଠାରେ ଥିବା ସେହି ଜାତୀୟ ପରିସ୍ଥିତିର ସମାପ୍ତିର ଏକ ଚିହ୍ନ ସ୍ୱରୂପେ ହେବା ପାଇଁ ବ୍ୟବହାର କରିଥିଲେ । ପରମେଶ୍ୱର, ଆମ ପାଇଁ ଆଉ ଗୋଟିଏକୁ ପଠାଅ । ଆମ ପାଇଁ ଆଉ ଗୋଟିଏକୁ ଉଠାଅ । ଯଦି ପରମେଶ୍ୱରଙ୍କ ଲୋକମାନେ ଏହିପରି ଭାବରେ ପ୍ରାର୍ଥନା କରିବାକୁ ଯାଆନ୍ତି, ତାହାହେଲେ ସେ ତାଙ୍କୁ ଉଠାଇବେ । ଏହା ତ, ସେହି ଲୋକମାନେ ଅଟନ୍ତି ଯେଉଁମାନଙ୍କରକି ସେହି ବୋଝ ରହିବାକୁ ଅଛି । ସେମାନଙ୍କୁ ଜାଗ୍ରତ ହେବାକୁ ଅଛି । ସେମାନଙ୍କୁ ହୃଦୟଙ୍ଗମ କରିବାକୁ ଅଛି । ସେମାନେ ଏହା ଜାଣିବାକୁ ଅଛି ଯେ ଆମେ କେଉଁ ଦିନରେ ବସବାସ କରୁଅଛୁ, ଏବଂ ଆମ ଚାରିପାଖରେ ପରିସ୍ଥିତି କଅଣ ଅଛି, ଏହା ପୂର୍ବେକି ସେମାନେ କଦାଚ ଜାଗ୍ରତ ହୁଅନ୍ତି ।

ଆପଣ ତ ଠିକ ସେହିପରି ଭାବରେ ଜୀବନଯାପନ କରୁଥାନ୍ତି ଠିକ୍ ଯେପରିକି ଆପଣ ସର୍ବଦା କରିଥିଲେ । “ଏହି ବର୍ଷ ଏକ ନୂତନ ଘର ନିର୍ମାଣ କରିବାକୁ ଅଛି । ମୋତେ ଜୋନ୍ସ ଅପେକ୍ଷା ଏକ ଅଧିକ ଭଲ କାର କିଣିବାକୁ ଅଛି । ମୋତେ *ଏହା* କରିବାକୁ ଅଛି ।” ଓଃ, *ଏହା* ଉପରେ ବହୁତ କିଛି! ଯେତେବେଳେ ଆପଣ ହୃଦୟଙ୍ଗମ କରନ୍ତି, ଯାଏ ଆସେ ନାହିଁ ଯେ... ତାହା ଠିକ ଅଟେ । ମାତ୍ର ଆପଣଙ୍କୁ ନିଶ୍ଚୟ ହୃଦୟଙ୍ଗମ କରିବା ଉଚିତ୍, ଭାଇ, ଯେ ଏହି ସମସ୍ତ ଜିନିଷ ନଷ୍ଟ ହୋଇଯିବ ।

ଯୀଶୁ କହିଲେ, “ଯିଏ ଶରୀରକୁ ଘାତ କରେ ତାକୁ ଭୟ କର ନାହିଁ,” ରୁଷର ପରମାଣୁ ବୋମା । ତାକୁ ଭୟ କର ନାହିଁ ଯିଏକି ଏହି ଶରୀରକୁ ଅଳ୍ପ କିଛି ମିନିଟ୍ ମଧ୍ୟରେ, ଆଗ୍ନେୟଗିରି ଧୂଳିରେ ପରିଣତ କରିପାରେ, “ମାତ୍ର ତାହାଙ୍କୁ ଭଯ କର ଯିଏକି ସେହି ଶରୀରକୁ ସେହିପରି ଭାବରେ ପରିଣତ କରି ସେହି ପ୍ରାଣକୁ ନରକରେ ନିକ୍ଷେପ କରିପାରନ୍ତି ।” ତାହାହିଁ ହେଉଛି ଏହା ।

91 ଯେପରିକି ମୁଁ ଜଣେ ଡାକ୍ତରଙ୍କ ସହ ସେଠାରେ ଡାକ୍ତରଖାନାରେ କଥାବାର୍ତ୍ତା କରୁଥିଲି, ଯେତେବେଳେ ମୋ ମାଆ ସେଠାରେ ଥିଲେ, ସେ ତାହା ବିଷୟରେ କହୁଥିଲେ ଯେ ବିଜ୍ଞାନ

କେତେ ମହତ୍ ଯେ ଶରୀରର ବିଭିନ୍ନ ବିଷୟ ଉପରେ କାର୍ଯ୍ୟ କରିପାରେ ଏବଂ ସେଥିରେ ଔଷଧ ଦେଇପାରେ, ପୁଣି ଏହା ଦେଖିପାରେ ଯେ ଏହା କାହିଁକି ଏକ ନିର୍ଦ୍ଦିଷ୍ଟ ଜୀବାଣୁକୁ ମାରି ଦେବ, ଏବଂ ଜୀବନର ଜୀବାଣୁକୁ ବଞ୍ଚାଇ ଦେବ । ମୁଁ କହିଲି, "ତାହା ଅଦ୍ଭୁତ ଅଟେ । ତାହା ତ କେବଳ ଉତ୍ତମ ଅଟେ ।" ମୁଁ କିଛି ସମୟ ତାଙ୍କ କଥା ଶୁଣିଲି । ମାତ୍ର ମୁଁ କହିଲି, "ଡାକ୍ତର, ତାହା ଭଲ ଅଟେ । ମୁଁ ତାହା ପ୍ରଶଂସା କରେ । ତାହା ଅତି ଉତ୍ତମ ଅଟେ । ମୁଁ—ମୁଁ ନିଶ୍ଚିତ ଭାବରେ ଏଥିପାଇଁ ପରମେଶ୍ୱରଙ୍କଠାରେ ଧନ୍ୟବାଦୀ ଅଟେ । ମାତ୍ର, ଦେଖନ୍ତୁ, ଆପଣ ନିଜର ସମସ୍ତ ଜୀବନକୁ ଗୋଟିଏ ସୃଷ୍ଟି ଉପରେ କିଛି ଗୋଟାଏ ବିଷୟ ଖୋଜିବାକୁ ଚେଷ୍ଟା କରିବାରେ ବ୍ୟୟ କରିଥାନ୍ତି । ମାତ୍ର କିଏ ଏହାକୁ ସୃଷ୍ଟି କଲା, କିଏ ଏହାକୁ ତିଆରି କଲା, କିଏ ଏହାର ନିର୍ମାଣକାରୀ ତାହା ବିଷୟରେ କାହିଁକି କିଛି ସମୟ ଚିନ୍ତା କରୁ ନାହାଁନ୍ତି? ପରମେଶ୍ୱର ଏହାର ନିର୍ମାଣକାରୀ ଅଟନ୍ତି ।"

ସେହି ସୃଷ୍ଟିକର୍ତ୍ତା ତାଙ୍କର କୃତ ସୃଷ୍ଟିଠାରୁ କେତେ ଅଧିକ ମହାନ୍ ଅଟନ୍ତି! ଆମେମାନେ କାହିଁକି ସେହି ସୃଷ୍ଟି ଉପରେ ଏତେ ଅଧିକ ଗୁରୁତ୍ୱ ଦେଇଥାଉ, ଯେତେବେଳେକି ଆମେମାନେ ସେହି ସୃଷ୍ଟିକର୍ତ୍ତା ବିଷୟରେ ଚିନ୍ତା କରି ନ ଥାଉ ଯିଏକି ସ୍ୱର୍ଗ ଓ ପୃଥିବୀକୁ ସୃଷ୍ଟି କଲେ, ଏବଂ ଶରୀର ଓ ଜୀବନକୁ ସୃଷ୍ଟି କଲେ? ସେ ଏହାକୁ ନିଜ ଇଚ୍ଛାରେ ଯେକୌଣସି ସମୟରେ ବି ବିନାଶ କରି ଦେଇପାରନ୍ତି, କାରଣ ଏହା ତାହାଙ୍କର ଅଟେ ।

92 ମାନବ ଶରୀର ଉପରେ କାମ କରିବା, ଏହା ଏକ ଅଦ୍ଭୁତ ବିଷୟ ହୋଇଯାଏ । ଆମେ ତାହା ପ୍ରଶଂସା କରୁ । ସେମାନେ ଗୋଟିଏ ମନୁଷ୍ୟରୁ ଅନ୍ୟ ଜଣକାକୁ, ଏକ ଆଖି ସ୍ଥାନାନ୍ତରିତ କରିପାରନ୍ତି; ସେହି ଛୋଟ ଛୋଟ ଛୋଟ ଶିରା ଦଉଡିଗୁଡିକୁ ନେଇପାରନ୍ତି, ଏବଂ ଜଣେ ବ୍ୟକ୍ତିଙ୍କ ଚକ୍ଷୁସ୍ଥଳୀରୁ ଗୋଟିଏ ଆଖି ବାହାର କରି ତାହାକୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ଚକ୍ଷୁସ୍ଥଳୀରେ ରଖିପାରନ୍ତି, ଏବଂ ସେହି ବ୍ୟକ୍ତି ସେହି ଆଖିରୁ ଦେଖିପାରେ । ତାହା ଏକ ଅଦ୍ଭୁତ ବିଷୟ ଅଟେ ।

93 ଏହା ହେଉଥିଲା, ଯେ ଯଦି ଜଣେ ମାତା, ଯେତେବେଳେ ସେ ଏକ ଶିଶୁକୁ ଜନ୍ମ ଦେବାକୁ ଯାଉଥିଲେ, ଏବଂ ସେହି—ସେହି ଶିଶୁଟି ଜନ୍ମ ହୋଇପାରୁ ନ ଥିଲା, ସେ ଏହିପରି—ସେ ଏହିପରି ଭାବରେ ସୃଷ୍ଟି କରାଯାଇଥିଲେ, ଯେ ସେହି ଶିଶୁଟି ଜନ୍ମ ହୋଇପାରୁ ନ ଥିଲା: ସେହି ମାଆ ଏବଂ ଶିଶୁ, ଉଭୟ, ମରି ଯାଉଥିଲେ । ତାହା ଠିକ୍ ଥିଲା । ମାତ୍ର ଆପଣ କ୍ୱଚିତ୍ ହିଁ ଏହା ବିଷୟରେ ଶୁଣନ୍ତି, ଏହା ଅଲଗା ଥିଲା, ବୋଧହୁଏ କେବେବି ନୁହେଁ । ମାତ୍ର ଆଜି ସେମାନେ ସେହି ମାଆକୁ ନେଇପାରନ୍ତି ଯେତେବେଳେକି ସେ ସେହି ଶିଶୁକୁ ଜନ୍ମ ଦେବାର ସେହି ଅବସ୍ଥାରେ ଆସିଯାଇଥାଏ, ଏବଂ ଯଦି ସେହି...ଯେତେବେଳେକି ସେହି ମାଆ ଏପରିକି ପ୍ରସବ କରିବାର ସମୟରେ—ରେ ସୁଦ୍ଧା ନିକଟବର୍ତ୍ତୀ ହୋଇଥାଏ, ସେ...ସେମାନେ ସେହି ମାଆକୁ ଗୋଟିଏ କକ୍ଷକୁ ନେଇ ତାଙ୍କୁ ଅଳ୍ପ ଟିକିଏ ନିଶା ଔଷଧ ଦେଇପାରନ୍ତି, ଏବଂ ସେହି ଶିଶୁକୁ ଏକ ସାଧାରଣ ଜନ୍ମ ଦ୍ୱାରା, ପ୍ରସବ କରାଇପାରନ୍ତି, ସେହି ଶିଶୁକୁ ବାହାର କରିପାରନ୍ତି । ଆମେ ତାହା ପ୍ରଶଂସା କରୁ ।

94 ମୋତେ ଗୋଟିଏ ବି ବ୍ୟବସ୍ଥା ବିଷୟରେ କୁହନ୍ତୁ । ଆପଣ ସହରର ଏହି ଜଳ ପ୍ରଣାଳୀରେ, କୌଣସିଠାରେ ଏଠାରେ ଏକ ଭାଲ୍‌ଭ ଚାବିକୁ ବନ୍ଦ କରି ଦିଅନ୍ତୁ, ଏବଂ ଦେଖନ୍ତୁ ଯେ ମୁଖ୍ୟ ଭାଲ୍‌ଭରେ କଅଣ ଘଟିଥାଏ । ଆପଣ ଏହାକୁ ବିସ୍ଫୋରଣ କରି ଦେବେ ।

ମାତ୍ର, ତଥାପି, ଆମେମାନେ ଗୋଟିଏ ଗୋଡକୁ କାଟିପାରୁ, ଗୋଟିଏ ବାହୁକୁ କାଟିପାରୁ ଏବଂ, ପରମେଶ୍ୱରଙ୍କ ଚମତ୍କାର ଦ୍ୱାରା, ସେ ସେହି ରକ୍ତକୁ ଗୋଟିଏ ସେକେଣ୍ଡର ମଧ୍ୟରେ, ଅନ୍ୟ କୌଣସି ଉପାୟରେ ଉଇହ୍ୟ କରି ଦେବେ, ଏବଂ ସେହି ବ୍ୟକ୍ତିର ଜୀବନ ବଞ୍ଚାଇବା ପାଇଁ, ଏହାକୁ ଅନ୍ୟ କୌଣସି ମାର୍ଗ ଦେଇ ପ୍ରବାହିତ କରି ଦେବେ । କିଏ ତାହା କରିପାରେ? ମୋତେ କୁହନ୍ତୁ ।

95 ସେହି ଜଳ ପ୍ରଣାଳୀରେ କୌଣସିଠାରେ ସେହି ଧମନୀକୁ ବିଚ୍ଛେଦ କରି ଦିଅନ୍ତୁ, ସେହି ମୂଖ୍ୟ ପ୍ରବାହକୁ କାଟି ଦିଅନ୍ତୁ, ଯେତେବେଳେକି ତାହା ଏକ ଭାଲ୍‌ଭରୁ ପ୍ରବାହିତ ହେଉଥାଏ । ଏହା କଅଣ କରିବ? ଏହାକୁ ଥରେ ଚେଷ୍ଟା କରନ୍ତୁ ଏବଂ ଦେଖନ୍ତୁ ଯେ କଅଣ ଘଟିଥାଏ । ଏହାକୁ ଉଇହ୍ୟ କରି ଅନ୍ୟ ମାର୍ଗରୁ ନେଇଯିବାର କୌଣସି ଉପାୟ ନାହିଁ । ଏହାକୁ ତ ସେହି ଭାଲ୍‌ଭକୁ ଫେରି ଆସିବାକୁ ହିଁ ପଡିବ ।

ଯଦି ପରମେଶ୍ୱର ଏହି ରକ୍ତକୁ ସ୍ୱତଃ ଭାବରେ ଅନ୍ୟ କୌଣସି ମାର୍ଗରୁ ତୁରନ୍ତ ହିଁ, ନେଇଯିବା ପାଇଁ ଏକ ଉପାୟ ନ କରନ୍ତି, ତେବେ ହୃଦୟକୁ ଗୋଟିଏ ବି ଫେରିଯିବାର ସ୍ପନ୍ଦନ ଏବଂ ଆପଣ ମରି ଯାଆନ୍ତି । ପ୍ରତ୍ୟେକ ଥର ଯେତେବେଳେ ଆପଣ ନିଜର ଆଙ୍ଗୁଠି ପୁରାନ୍ତି, ଏହା ସଙ୍ଗେ ସଙ୍ଗେ, ମୃତ୍ୟୁ ଘଟାଇଥାଏ । ପ୍ରତ୍ୟେକ ଥର ଯେତେବେଳେ ଆପଣ କୌଣସି ସ୍ଥାନରେ କାଟି ଥାଆନ୍ତି, ଯାହାକି ଏକ ଧମନୀ କିମ୍ବା କିଛି ଗୋଟାଏ ଶିରାକୁ ମେଲା କରି ଦେଇଥାଏ, ତାହା ତୁରନ୍ତ ହିଁ, ମୃତ୍ୟୁ ଘଟାଇବ । ନିଜର ଆଙ୍ଗୁଠିକୁ କାଟି ଦିଅନ୍ତୁ, ଆପଣ ମରି ଯିବେ । ତାହାହିଁ ସେତିକି । ଏହା ପୁନର୍ବାର ଆପଣଙ୍କ ହୃଦୟ ମଧ୍ୟକୁ ପ୍ରବାହିତ କରାଇବ । ଏହା ଆପଣଙ୍କୁ ମାରି ଦେବ । ମାତ୍ର ପରମେଶ୍ୱର...

96 ତେବେ, ଆମେମାନେ ଭାବୁ ଯେ ଏହା ଆଶ୍ଚର୍ଯ୍ୟଜନକ ଅଟେ । ଆମେମାନେ ଭାବୁ ଯେ ଏହା ଚମତ୍କାର ଅଟେ । ଏବଂ ଆମେମାନେ ପ୍ରଶଂସା କରୁଛୁ ଯେ କିପରି ବିଜ୍ଞାନ, ସେମାନେ ସେହି ଧମନୀକୁ ବାନ୍ଧି ରକ୍ତସ୍ରାବ ହେବାରୁ ରୋକି ଦେଇପାରନ୍ତି । ତାହା ସବୁ ଉତ୍ତମ ଅଟେ । ମାତ୍ର ସେହି ଜଣକ କିଏ ଯିଏକି ତାହା ପରିକଳ୍ପନା କରିଥିଲେ? ବୁଝିଲେ? ଆମେମାନେ ସମସ୍ତ ସୃଷ୍ଟିକୁ ଦେଖିଥାଉ ଏବଂ ଏହାର ସୃଷ୍ଟିକର୍ତ୍ତାଙ୍କୁ ଭୁଲି ଯାଇଥାଉ । ବୁଝିଲେ? ଆମେମାନେ ପ୍ରାକୃତିକ ବିଷୟଗୁଡିକୁ ଆନାଇଥାଉ, ଏବଂ ସେହି—ସେହି ଆତ୍ମିକ ବିଷୟ ସବୁକୁ ଭୁଲି ଯାଇଥାଉ । ତାହାହିଁ ଅଟେ ଯାହାକି ଆମେମାନେ କରୁଅଛୁ ।

97 ତେବେ, ପରମେଶ୍ୱରଙ୍କ ଭବିଷ୍ୟଦ୍‌ବକ୍ତାମାନେ, ସେମାନେ...ସେମାନଙ୍କଠାରେ ତାହାଙ୍କର ବାକ୍ୟ ରହିଥାଏ । ସେହି କାରଣରୁ ହିଁ ଲୋକମାନେ ସେମାନଙ୍କୁ ବିଶ୍ୱାସ କରନ୍ତି ।

ସେଇଥି ପାଇଁ ପରମେଶ୍ୱର ମୋଶାଙ୍କୁ କହିଲେ, ସେ ସେଠାରେ ପଶ୍ଚାତ୍ ସମୟରେ

ଆଦିପୁସ୍ତକରେ, ଅନେକ ଥର କହିଥିଲେ, ପୁଣି ଯାତ୍ରାପୁସ୍ତକ, ସମଗ୍ର ପୁସ୍ତକରେ, "ଯଦି ତୁମମାନଙ୍କ ମଧ୍ୟରେ ଏପରି କେହି ଜଣେ ଆସେ, ଯିଏକି ଆତ୍ମିକ ଅଟେ, କିମ୍ବା ଭବିଷ୍ୟଦ୍‌ବକ୍ତା ହୋଇଥାଏ..." "ତେବେ ଆମେମାନେ ଏହି ବିଷୟଗୁଡିକୁ କିପରି ଜାଣିବାକୁ ଯାଉଅଛୁ?" ସେ କହିଲେ, "ଯେତେବେଳେ ସେ କିଛି କୁହନ୍ତି ଏବଂ ତାହା ସେହିପରି ଘଟେ, ଅନ୍ୟ କିଛି କୁହନ୍ତି, ଏହା ଘଟିଥାଏ, ତାହାହେଲେ ଏହାକୁ ବିଶ୍ୱାସ କର।" ବୁଝିଲେ? ତାହା ଏକ ଚିହ୍ନ ଅଟେ।

98 ତେଣୁକରି ସେ ତାହାଙ୍କର ବାକ୍ୟ, ନେତାମାନଙ୍କୁ ନୁହେଁ, ଏକଛତ୍ରବାଦୀ ଶାସକମାନଙ୍କୁ ନୁହେଁ, ବରଂ ଭବିଷ୍ୟଦ୍‌ବକ୍ତାମାନଙ୍କୁ ପ୍ରଦାନ କରନ୍ତି। କ୍ରୁଶ୍ଚେଭ୍ ବିଶ୍ୱ ପାଇଁ ଏକ ଚିହ୍ନ ନୁହଁନ୍ତି। ନା, ମହାଶୟ। ହିଟଲର ଜଗତ ନିମନ୍ତେ ଏକ ଚିହ୍ନ ନ ଥିଲେ। ମାତ୍ର କୌଣସିଠାରେ, କୌଣସି ସ୍ଥାନରେ, ପରମେଶ୍ୱର ଜଣେ ନମ୍ର ଭବିଷ୍ୟଦ୍‌ବକ୍ତାଙ୍କୁ ସେହି ସମୟକୁ ଅପେକ୍ଷା କରୁଥିବାର ରଖିଅଛନ୍ତି। ସେ ହେଉଛନ୍ତି ସେହି ଚିହ୍ନ। ସେ ହେଉଛନ୍ତି ସେହି ଚିହ୍ନ ଯିଏକି ଜଗତକୁ ନିନ୍ଦା କରିବେ ଏବଂ ସେହି ମଣ୍ଡଳୀକୁ ରକ୍ଷା କରିବେ। ସେହି ଭବିଷ୍ୟଦ୍‌ବକ୍ତା!

99 ଏଲିୟ ତାଙ୍କ ସମୟରେ ଏକ ଚିହ୍ନ ଥିଲେ, ଏଲିୟ ଭବିଷ୍ୟଦ୍‌ବକ୍ତା। ତାଙ୍କ ପ୍ରତି...

ସେ ଜଣେ ଭବିଷ୍ୟ-...ସେ ପରମେଶ୍ୱରଙ୍କ ବାକ୍ୟର ଏକ ଚିହ୍ନ ଥିଲେ, ମିସର ପାଇଁ ବିଚାର ଏବଂ ଇସ୍ରାଏଲ ପାଇଁ ଏକ ମୁକ୍ତିର ଚିହ୍ନ ଥିଲେ, ଯଦି ସେମାନେ ତାଙ୍କୁ ବିଶ୍ୱାସ କରିବାକୁ ଚାହୁଁଥିଲେ।

100 ଏଲିୟଙ୍କର ସେହି ପାପପୂର୍ଣ୍ଣ ଦିନ, ଯେତେବେଳେ ସମସ୍ତ ଇସ୍ରାଏଲ ପରମେଶ୍ୱରଙ୍କ ନିକଟରୁ ପଶ୍ଚାଦଗମନ କରିଥିଲେ, ସେମାନେ ପୁନର୍ବାର ପାପ ମଧ୍ୟକୁ ଫେରି ଯାଇଥିଲେ। ସେମାନେ ସେହି ଆଦେଶକୁ ଭୁଲି ଯାଇଥିଲେ। ସେମାନେ ପରମେଶ୍ୱରଙ୍କ ଦ୍ୱାରା ପରିଚାଳିତ ହେବା, ଏବଂ ସୂଫ ସାଗର ଖୋଲିଥିବା ସେହି ମହାନ ଯିହୋବା, ଏବଂ ସେମାନଙ୍କୁ ମିସରରୁ ବାହାର କରି ଆଣିଥିବା, ଏବଂ ସେମାନଙ୍କ ମଧ୍ୟରେ ଥିବା ମୋଶାଙ୍କ ପରି ଜଣେ ମହାନ ଭବିଷ୍ୟଦ୍‌ବକ୍ତା ବିଷୟରେ ଭୁଲି ଯାଇଥିଲେ। ସେମାନେ ଏହା ଭୁଲି ଯାଇଥିଲେ।

ଆମେମାନେ ଏହାକୁ ଭୁଲି ଯାଇଅଛୁ। ଆପଣ ମେଥୋଡିଷ୍ଟମାନେ ଜନ୍ ୱେସଲିଙ୍କୁ ଭୁଲି ଯାଇଛନ୍ତି। ଆପଣ ଲୁଥରାନ୍ ମାର୍ଟିନ୍ ଲୁଥରଙ୍କୁ ଭୁଲି ଯାଇଛନ୍ତି। ଆପଣ ବାପ୍‌ଟିଷ୍ଟମାନେ ଜନ୍ ସ୍ମିଥଙ୍କୁ ଭୁଲି ଯାଇଛନ୍ତି। ଆମମାନଙ୍କ ମଧ୍ୟରୁ ଅନେକେ ଚାର୍ଲ୍ସ ଫିନ୍ନିଙ୍କୁ ଭୁଲି ଯାଇଅଛୁ, ସେମାନଙ୍କ ମଧ୍ୟରୁ ସର୍ବଶ୍ରେଷ୍ଠ ଜଣ।

101 ଏହା କୁହାଯାଏ ଯେ ଫିନ୍ନିଙ୍କ ଦ୍ୱାରା ପରିବର୍ତ୍ତିତ ଲୋକମାନଙ୍କ ମଧ୍ୟରୁ ସତା-ନବେ ପ୍ରତିଶତ ବିଦ୍ୟମାନ ରହିଥିଲେ। ମୁଡିଙ୍କ ଗୋଟିଏ ବର୍ଷରେ ପଞ୍ଚ-ସ୍ତୁରି ପ୍ରତିଶତ ପରିବର୍ତ୍ତିତ ଲୋକମାନେ ପଶ୍ଚାଦଗମନ କରିଥିଲେ। ଏବଂ ୱେସଲିଙ୍କ, ସେହି ପବିତ୍ର ଗୋଷ୍ଠୀ, ତାହା ତ ନିରନ୍ତର ଭାବରେ ପଶ୍ଚାଦଗମନ କରୁଥିଲେ। ମାତ୍ର ଫିନ୍ନିଙ୍କର ସତା-ନବେ ପ୍ରତିଶତ ଲୋକ ରହିଥିଲେ। ଛୋଟ, ଆକାର ବିଶିଷ୍ଟ, ପତଳା, ଚନ୍ଦାମୁଣ୍ଡିଆ ଲୋକ ପ୍ରଚାର ମଞ୍ଚକୁ

ଯାଇ ସେହି ଶ୍ରୋତାବୃନ୍ଦଙ୍କ ଉପରେ, *ସେପରି* ଭାବରେ ଦୃଷ୍ଟି କରନ୍ତି, ଏବଂ ଲୋକମାନେ ମୂର୍ଚ୍ଛିତ ହୋଇଯାନ୍ତି, କାରଣ ସେ ଦିନେ ସେହି ବୁଦାରେ ରହିଥିଲେ ଯେପର୍ଯ୍ୟନ୍ତକି ପବିତ୍ରଆତ୍ମା ତାଙ୍କୁ ଧରି ନ ପକାଇଲେ । ସେ ତାହା କଲେ । ପ୍ରାୟଃ ଦୁଇଶହ ବର୍ଷ ପୂର୍ବେ, ସେ ସେହି ବିଷୟଗୁଡିକର ସମାପ୍ତିର ଏକ ଚିହ୍ନ ଥିଲେ, ସେହି ମହାନ ଉଦ୍ଦୀପନା ଯାହା ୱେସଲି ଏବଂ ସେମାନଙ୍କର ରହିଥିଲା, ଏବଂ ବିଚାର ଯାହାକି ଆସୁଥିଲା ।

102 ସେ ସେହି ପାପୀ ପୀଢୀ ନିମନ୍ତେ, ଏକ ଚିହ୍ନ ଥିଲେ । ଏବଂ ଏଲିୟ କିପରି ସେଠାରେ, ନିର୍ଭୀକ ଏବଂ କଠୋର ଭାବରେ, ନିଜେ ଛିଡା ହୋଇପାରିଥିଲେ, ତାଙ୍କ ସହିତ କେହି ନ ଥିଲେ, ମାତ୍ର ସେ ପରମେଶ୍ୱରଙ୍କ ଚିହ୍ନ ଥିଲେ ।

ଅବଶିଷ୍ଟ ଧର୍ମଯାଜକମାନେ ସମସ୍ତେ ଆଧୁନିକତାର ମାର୍ଗରେ, ଆହାବଙ୍କ ସହିତ ଚାଲି ଯାଇଥିଲେ । ସେମାନେ ସେହି ପୀଢୀରେ ଆଧୁନିକ ହୋଇ ଯାଇଥିଲେ । ମାତ୍ର କିପରି ପୁରୁଣା ଆହାବ, କିମ୍ବା, ବୃଦ୍ଧ ଆହାବ, ଏବଂ ତାଙ୍କର ସମସ୍ତ ବଡ଼ ଲାଭ, ଏବଂ ଏହା ସମସ୍ତ ମଣ୍ଡଳୀକୁ କ୍ୟାଥୋଲି-..., ଭିତରକୁ ଆଣିଥିଲା କିମ୍ବା, କ୍ୟାଥୋଲିକବାଦ ଭିତରକୁ ନୁହେଁ, ମାତ୍ର ସେହି ସମାନ କଥା ବିଷୟରେ, ମୂର୍ତ୍ତିପୂଜା ଭିତରକୁ ଆଣିଥିଲା । ସେମାନଙ୍କୁ ଏପରି ଏକ ସ୍ଥାନକୁ ଆଣିଥିଲେ ଯେଉଁଠାରେକି ସେମାନେ ଇତସ୍ତତଃ-ସ୍ୱେଚ୍ଛାଚାରୀ ହୋଇଥିଲେ । କେତେକ *ଏହିପରି* ଉପାସନା କରି ପାରୁଥିଲେ, ଏବଂ କେବଳ ସ୍ୱାଧୀନତା ରହିଥିଲା, "ଆପଣ ଯାହା ଚାହାଁନ୍ତି ତାହା କରିପାରନ୍ତି ।" ଏବଂ ସେହି ପ୍ରକାର ଏକ ଅବସ୍ଥାରେ ଆସି ଯାଇଥିଲେ ।

103 ଏବଂ କିପରି ଏଲିୟ ସେଠାରେ, **ସଦାପ୍ରଭୁ ଏହି କଥା କୁହନ୍ତି** ବାକ୍ୟ ସହିତ, ସାହସରେ ଛିଡା ହୋଇଥିଲେ । ହେ ପରମେଶ୍ୱର, ଆମକୁ ସେହିଭଳି ପୁରୁଷ ଦିଅ । ସେ ଈଷେବଲଙ୍କୁ ତାଙ୍କ ଅବସ୍ଥା ବିଷୟରେ କହିବାକୁ ଭୟ କରି ନ ଥିଲେ । ସେ ଆହାବଙ୍କୁ ଭୟ କରି ନ ଥିଲେ । ସେ ଭୁଲ୍ ଅଟନ୍ତି ବୋଲି ଭୟ କରି ନ ଥିଲେ । ସେ ସାହସର ସହିତ ଛିଡା ହୋଇ, ଆହାବଙ୍କ ନିକଟକୁ ଗଲେ, ଏବଂ କହିଲେ, "ମୁଁ ଏହାକୁ ନ ଡାକିବା ପର୍ଯ୍ୟନ୍ତ କାକର ମଧ୍ୟ ପଡ଼ିବ ନାହିଁ ।" ଆମେନ୍ ।

104 ସେ କଅଣ ଥିଲେ? ସେହି ପାପମୟ ପୀଢୀ ପାଇଁ ଏକ ଚିହ୍ନ ଥିଲେ । କଅଣ ଇସ୍ରାଏଲ ଏହା ଦେଖିଲା କି? ନା । ସେମାନେ ତାଙ୍କୁ ପରିହାସ କରିଥିଲେ, ତାଙ୍କର ଉପହାସ କରିଥିଲେ ।

ସେ ଭବିଷ୍ୟଦ୍‌ବାଣୀ କରିଥିଲେ ଯେ ସେଠାରେ ଏକ ମରୁଡ଼ି ହେବ, ଯେ ସେଠାରେ—ସେଠାରେ ସଙ୍କଟ, ଭୋକ, ଅନାହାର ହେବ । ଏବଂ ସେ ସ୍ୱୟଂ ନିଜେ, **ସଦାପ୍ରଭୁ ଏହି କଥା କୁହନ୍ତି** ସହିତ ଛିଡା ହୋଇ, ସାହସର ସହିତ ଭବିଷ୍ୟଦ୍‌ବାଣୀ କରିଥିଲେ । କହିଲେ, "ପ୍ରଭୁ, ସେମାନେ ସମସ୍ତ ସତ୍ୟ ଲୋକମାନଙ୍କୁ ହତ୍ୟା କରି ସାରିଛନ୍ତି । ସେମାନେ ସମସ୍ତଙ୍କୁ ହତ୍ୟା କରି ସାରିଛନ୍ତି । ମୁଁ ହିଁ କେବଳ ଜଣେ ବାକି ଅଛି, ଯିଏକି ତୁମର ବାକ୍ୟ ସହିତ ଛିଡା ହୋଇଛି ।" ତାହା ବିଷୟରେ ଅସୁବିଧା କଅଣ ଥିଲା? ପରମେଶ୍ୱରଙ୍କ ବାକ୍ୟ । ଏଲିୟ ସେହି ବାକ୍ୟ ସହିତ ରହିବାକୁ ଚାହୁଁଥିଲେ । ସେ ଜଣେ ପ୍ରକୃତ ଭବିଷ୍ୟଦ୍‌ବକ୍ତା ଥିଲେ ।

105 ଅନ୍ୟ ଭବିଷ୍ୟଦ୍‌ବକ୍ତାମାନେ କହିଥିଲେ, "ଓଃ, ତେବେ, ଏହା ଅଧିକ କିଛି ପାର୍ଥକ୍ୟ ଆଣେ ନାହିଁ । ଆପଣ ଜାଣନ୍ତି, ଯିହୋବାଙ୍କର କିଛି ଫରକ୍ ପଡେ ନାହିଁ ।"

ଯିହୋବାଙ୍କର ଫରକ୍ ପଡେ । ଏହାକୁ ତ ତାହାଙ୍କର ବାକ୍ୟ ହେବାକୁ ଅଛି । ଏବଂ ଏଲିୟ **ସଦାପ୍ରଭୁ ଏହି କଥା କୁହନ୍ତି** ସହିତ, ସେହି ବାକ୍ୟ ଉପରେ ସାହସର ସହିତ ଛିଡା ହୋଇଥିଲେ । ପରମେଶ୍ୱର ଦିନେ, ତାଙ୍କୁ ଏକ ଛୋଟ ରହସ୍ୟ ଦେଲେ । ସେ କହିଲେ, "ମୋର ସାତ ହଜାର ଅଛନ୍ତି, ଏଲିୟ, ଯାହାର ତୁମେ ଏଠାରେ, ସାକ୍ଷୀ ଅଟ । ସେମାନଙ୍କ ପାଖରେ ବାହାରି ଆସି ଏହାକୁ ଦାବି କରିବାର ସାହାସ ନାହିଁ । ସେମାନେ ଆଖପାଖରେ ବୁଦାରରେ ଲୁଚି ରହିଛନ୍ତି । ମାତ୍ର, ତଥାପି, ସେମାନଙ୍କ ହୃଦୟରେ, ସେମାନେ ମୋର ସେବକ ଅଟନ୍ତି । ସେମାନେ ବାଲ ଦେବତାକୁ ଆଣ୍ଠୁପାତ କରି ନାହାଁନ୍ତି । ସେମାନେ ଏହା କରିବାକୁ ଭୟ କରନ୍ତି । ମାତ୍ର, ମୁଁ ତୁମକୁ ଏକ ଚିହ୍ନ ଦେଉଅଛି, ଏବଂ ତୁମେ ଏକ ଚିହ୍ନ ଅଟ । ସେଠାରେ ଛିଡା ହୁଅ, ଏବଂ ମୋ ବାକ୍ୟ ଉପରେ ଛିଡା ହୁଅ । ମୁଁ ତୁମର ଯତ୍ନ ନେବି । ସେମାନଙ୍କୁ ଏକ ଚିହ୍ନ ଦିଅ ।" ହାଲ୍ଲେଲୁୟା!

ହେ ପରମେଶ୍ୱର, ଆମ ପାଖକୁ ସେପରି କିଛି ଗୋଟାଏ ପଠାଅ, ଯିଏକି ପରମେଶ୍ୱରଙ୍କ ବାକ୍ୟର ଏକ ଚିହ୍ନ ହେବେ । ଏବଂ ପ୍ରତ୍ୟେକ ପ୍ରତିଶୃତି ଯାହା ପରମେଶ୍ୱର ପ୍ରତିଜ୍ଞା କରିଛନ୍ତି ସେହି ବ୍ୟକ୍ତିଙ୍କଠାରେ ସଫଳ ହେବ, କାରଣ ସେ ଏକ ଚିହ୍ନ, ଏକ ବିସ୍ମରଣୀୟ ଚିହ୍ନ ଅଟେ ।

106 ଓଃ, ସେମାନେ ଭାବିଲେ, ଯେହେତୁ ଆହାବ ଜଣେ ମହାନ ରାଜା ଥିଲେ ଏବଂ ସମସ୍ତ ରାଷ୍ଟ୍ରମାନେ ତାଙ୍କୁ ଭୟ କରୁଥିଲେ, ତାହାହିଁ ଯଥେଷ୍ଟ ଉତ୍ତମ ଥିଲା । ମାତ୍ର ଏଲିୟ ବାକ୍ୟର ଏକ ଚିହ୍ନ ଥିଲେ । ତାହା ହେଉଛି ଜଣେ ପ୍ରକୃତ ଭବିଷ୍ୟଦ୍‌ବକ୍ତା, ବାକ୍ୟର ଏକ ଚିହ୍ନ । ତେଣୁକରି ଯେତେବେଳେକି ସେ ସେହି ବାକ୍ୟର ଚିହ୍ନ ଥିଲେ, ସେମାନେ ତାଙ୍କୁ ବିଶ୍ୱାସ କଲେ ନାହିଁ । ସେମାନଙ୍କ ପାଇଁ ସେ କୌଣସି ବ୍ୟବହାରଯୋଗ୍ୟ ନ ଥିଲେ ।

107 ସେ ସେହି ବିଧବାଙ୍କ ପାଇଁ ଏକ ଚିହ୍ନ ଥିଲେ, ଯେତେବେଳେ ପରମେଶ୍ୱର ତାଙ୍କୁ କର୍ମିଲ ପର୍ବତରୁ, ତଳକୁ ପଠାଇଥିଲେ...କରୀତ ନଦୀ କୂଳରେ । କାଉମାନେ ତାଙ୍କୁ ଖାଇବାକୁ ଦେଇସାରିବା ପରେ, ଏବଂ ନଦୀ ଶୁଖିଯିବା ପରେ, ତାଙ୍କୁ ସେଠାରେ ତଳକୁ ପଠାଇଲେ । ସେ ଏହି ବିଧବାଙ୍କ ଘରକୁ ଗଲେ । ଜଣେ ପ୍ରଚାରକଙ୍କ ନିମନ୍ତେ ଯିବା ପାଇଁ କି ଏକ ସ୍ଥାନ! ମାତ୍ର ସେ ସେଠାକୁ ଗଲେ କାରଣ ପରମେଶ୍ୱର ତାଙ୍କୁ ଯିବାକୁ କହିଥିଲେ ।

ମାତ୍ର ସେ ସେଠାରେ ତଳକୁ ଯାଇ, କହିଲେ, "ମୁଁ ତୁମକୁ ପ୍ରତିପୋଷଣ କରିବା ପାଇଁ ତାକୁ ଆଦେଶ ଦେଇଅଛି ।"

108 ସେହି ବିଧବା ଏକ ଚିହ୍ନ ହେବା ଉଚିତ୍ । ଏଲିୟ ଏକ ଚିହ୍ନ ହେବା ଉଚିତ୍ । ଯେତେବେଳେ, ସେହି ବିଧବା ସେଠାରେ ଥିଲେ, ତାଙ୍କ ପାଖରେ କେବଳ ଗୋଟିଏ ପିଠା ତିଆରି କରିବା ପାଇଁ ସେତିକି ମଇଦା ଥିଲା, ଆଉ ସେ ଏବଂ ତାଙ୍କ ପୁଅ ଏହାକୁ ଖାଇଥାନ୍ତେ । ପାତ୍ରରେ ଯଥେଷ୍ଟ... ଏବଂ ପାତ୍ରରେ ସେତିକି ତେଲ ଥିଲା, ଯେ ଏକ ଛୋଟ ପିଠା ତିଆରି କରନ୍ତେ, ଏବଂ ଏହାକୁ ଭୋଜନ କରନ୍ତେ । ସେ କହିଲା, "ମୁଁ ଏଠାରେ ଦୁଇଟି ଶୁଖିଲା ବାଡି ଗୋଟାଉଅଛି ।"

109 ସେହି ଭୟାନକ, ଗରମ, ଅତିଶୟ ଖରା ଦିନ ସକାଳେ ଯେତେବେଳେ ମୁଖରେ-କେଶ-ଥିବା ଜଣେ ବୃଦ୍ଧ ବ୍ୟକ୍ତି, ଧୂସର ବାଳ ତାଙ୍କ ପିଠିରେ ଝୁଲୁଥିଲା, ସେଠାରେ ଚାଲିକରି ଗଲେ, ଏବଂ ତାଙ୍କର ଚନ୍ଦା ମୁଣ୍ଡ ଚମକୁ ଥିଲା, ଫାଟକରେ ଆଉଜି ହୋଇ, କହିଲେ, "ମୋତେ ଟିକେ ପାଣି ପିଇବାକୁ ପିଅ," ଏବଂ କହିଲେ, "ତାହା ବ୍ୟତୀତ, ମୋ ପାଇଁ ନିଜ ହାତରେ ଏକ ଭୋଜନ, ଏକ ପିଠା ଆଣ।"

110 ସେ ବିଧବା କହିଲା, "ମୋ ପାଖରେ ପର୍ଯ୍ୟାପ୍ତ ଭୋଜନ ନାହିଁ। ମୁଁ ଏଠାରେ ବର୍ତ୍ତମାନ, ମୋ ପୁଅ ପାଇଁ ଏକ ଛୋଟ ପିଠା ତିଆରି କରିବା ପାଇଁ, ଦୁଇଟି ବାଡି ଗୋଟାଉଅଛି। ମୋ ପାଖରେ କେବଳ ସେତିକି ଅଛି ଯେ ତାହା ପାଇଁ ଏବଂ ନିଜ ପାଇଁ ଗୋଟିଏ ତିଆରି କରିବି। ଆମେ ଏହାକୁ ଖାଇ ମରିବାକୁ ଯାଉଅଛୁ।"

111 ସେ କହିଲେ, "ଭୟ କର ନାହିଁ, କାରଣ, **ସଦାପ୍ରଭୁ ଏହି କଥା କୁହନ୍ତି।**" ତାହାହିଁ ସେହି ବ୍ୟକ୍ତି ଯାହା ଆମେ ଆବଶ୍ୟକ କରୁ। ଏପରି ନ ଥିଲା, "ତେବେ, ଏହା *ହୋଇପାରେ*, ଭଉଣୀ। ଏହା ଘଟି *ପାରେ*। ମୁଁ ଜାଣେ ନାହିଁ।" ନା, ନା। ଏଲିୟ ସକାରାତ୍ମକ ଥିଲେ। "**ସଦାପ୍ରଭୁ ଏହି କଥା କୁହନ୍ତି।** ପରମେଶ୍ୱର ପୃଥିବୀ ଉପରେ ବର୍ଷା ନ ପଠାଇବା ଦିନ ପର୍ଯ୍ୟନ୍ତ, ସେହି କଳସରେ ମଇଦା ସରିବ ନାହିଁ, କିମ୍ବା ସେହି ପାତ୍ରରେ ତେଲ ଶୁଖିବ ନାହିଁ।" ଆମେନ୍। ଆପଣ ସେଠାରେ ଅଛନ୍ତି। ତାହା ସେହି ବିଧବା ପାଇଁ ଯଥେଷ୍ଟ ଚିହ୍ନ ହେବା ଉଚିତ୍।

112 ସେ ଆଜିର ମଣ୍ଡଳୀକୁ ନିଦର୍ଶିତ କରେ। ଏଲିୟ ତାହା ସହିତ ଅଳ୍ପ ସମୟ ରହିବା ପରେ... ତାର ଏକ ଛୋଟ ପୁଅ ଥିଲା। ସେ ଅସୁସ୍ଥ ହୋଇପଡିଲା। ତାର ଅସୁସ୍ଥତା ଏତେ ଖରାପ ହୋଇଗଲା ଯେ ଏପରିକି ତାହାଠାରେ କୌଣସି ନିଃଶ୍ୱାସ ରହିଲା ନାହିଁ। ସେ ମରିଗଲା। ତେବେ ସେହି ବିଧବା କଅଣ କଲା? ମଣ୍ଡଳୀ ତ ସେହି ଚିହ୍ନଗୁଡ଼ିକୁ ଆଗରୁ ଦେଖି ସାରିଛି। ମାତ୍ର, କଅଣ, ଗୋଟିଏ ଛୋଟ ବିପର୍ଯ୍ୟୟ ଆସିବା ମାତ୍ରେ, ସେ ଶୀଘ୍ର ହିଁ ଏଥିପାଇଁ ମଣ୍ଡଳୀକୁ ଦାୟୀ କରିବାକୁ ଚାହିଁଲା। ସେ ଏଲିୟଙ୍କୁ ଦୋଷ ଦେବାକୁ ଚାହିଁଲା। ସେ କହିଲା, "ହେ ପରମେଶ୍ୱରଙ୍କର ଲୋକ, ବର୍ତ୍ତମାନ ତୁମେ ମୋର ପାପଗୁଡିକୁ ମୋର ସ୍ମୃତିକୁ ଡାକିବା ପାଇଁ ଏବଂ ମୋ ପୁଅର ଜୀବନ ନେବା ପାଇଁ ଏଠାକୁ ଆସିଛ।"

113 ଏଲିୟ ସେହି ପୁଅକୁ ନେଇ, ସେଠାରେ ଉପରକୁ ତାଙ୍କର ଶୋଇଥିବା କୋଠରୀକୁ ଗଲେ, ଏବଂ ତାକୁ ନିଜ ଶଯ୍ୟା ଉପରେ ଶୁଆଇ ଦେଲେ, ତାହା ଉପରେ ନିଜକୁ ବିସ୍ତାର କରି, କହିଲେ, "ପ୍ରଭୁ ପରମେଶ୍ୱର!" ହାଲ୍ଲେଲୁୟା! "ଏହି ବାଳକଟିର ପ୍ରାଣକୁ ଫେରାଇ ଦିଅ।" ଏବଂ ଶିଶୁଟି ଉଠି ପଡ଼ିଲା।

114 ସେ ଏହାକୁ ତଳକୁ ନେଇଗଲେ। ସେହି ସ୍ତ୍ରୀଲୋକଟି ଶିଶୁକୁ ଅନାଇଲା, ଏବଂ ତାହାପରେ ତାଙ୍କୁ ଦେଖିଲା, ତେବେ ସେ ଜାଣିଲା ଯେ ସେଠାରେ କିଛି ଗୋଟାଏ ବିଷୟ ଅଛି। ସେ କହିଲା, "ଏହା ଦ୍ୱାରା ମୁଁ ଜାଣୁଛି ଯେ ପରମେଶ୍ୱରଙ୍କ ବାକ୍ୟ ଆପଣଙ୍କ ମୁଖରେ ଅଛି।" ଆମେନ୍। ସେ ସେହି ବିଧବାଙ୍କ ପାଇଁ ଏକ ଚିହ୍ନ ଥିଲେ। ଯେତେବେଳେ ସେ ପରମେଶ୍ୱରଙ୍କ

ଶକ୍ତିକୁ ଦେଖିଲା, ଯିଏକି ଜୀବିତ କରିପାରନ୍ତି କିମ୍ବା ମାରିପାରନ୍ତି, ତାର ମୃତ ଶିଶୁକୁ ଜୀବନ୍ତ କଲେ, ସେ କହିଲା, "ଏହା ଦ୍ୱାରା ମୁଁ ଜାଣୁଛି ଯେ ଆପଣ ଜଣେ ପରମେଶ୍ୱରଙ୍କର ଲୋକ ଅଟନ୍ତି।" ସେ ଏହା ଜାଣିଲା।

ଆଜି ରାଷ୍ଟ୍ରମାନେ ଆଜି ତାହା ଉପରେ ହସି ଦେବେ, ଯେପରିକି ସେମାନେ ସେଦିନ କରିଥିଲେ। ସେମାନେ ଏହାକୁ ବିଶ୍ୱାସ କରି ନ ଥିଲେ। ମାତ୍ର ସେହି ସ୍ତ୍ରୀଲୋକ କିଛି ଅଲଗା ଜାଣିଥିଲା। ଏହା ସେତେବେଳେ ଏକ ଚିହ୍ନ ଥିଲା, ଯେପରିକି ତାର ମୃତ ପୁଅକୁ ଜୀବନକୁ ଫେରାଇ ଆଣିବାରେ, ଏଲିୟ ଏକ ଚିହ୍ନ ଥିଲେ। ସେହି ଭବିଷ୍ୟଦ୍‌ବକ୍ତାମାନେ ସର୍ବଦା ପରମେଶ୍ୱରଙ୍କ ଚିହ୍ନ ଅଟନ୍ତି।

115 ତାହାପରେ ଯେତେବେଳେ ଏଲିୟକୁ ଏକ ଶେଷ ପ୍ରକଟୀକରଣ ପାଇଁ ଡକା ଗଲା, ସେ କହିଲେ, "ଯଦି ପରମେଶ୍ୱର ହିଁ ପରମେଶ୍ୱର ଅଟନ୍ତି, ତେବେ ତାହାଙ୍କର ସେବା କର। ଯଦି ବାଲ୍ ଈଶ୍ୱର ଅଟନ୍ତି, ତେବେ ତାଙ୍କର ସେବା କର।"

କଅଣ ତାହା ଆଜି ଏଲିୟଙ୍କ ପାଇଁ ଏହା ଏକ ସୁନ୍ଦର ଦିନ ହୋଇପାରିବ ନାହିଁ କି? ଯଦି ରାଜନୀତି ହିଁ ଈଶ୍ୱର, ତେବେ ତାହାର ସେବା କର। ଆମର ରାଜନୀତିରେ କି କାମ? ଆମେମାନେ କଅଣ କରିଛୁ? ଆମ ପାଖରେ କିଛି ନୁହଁ ମାତ୍ର ଦୁର୍ନୀତିର ଏକ ସମୂହ ରହିଛି। ଆମ ପାଖରେ କିଛି ନାହିଁ।

ମାତ୍ର ଆମେମାନେ ସମଗ୍ର ଦେଶରେ ରହିଥିବା, ଆମର ପ୍ରତ୍ୟେକ, ପ୍ରାୟଃ ପ୍ରତ୍ୟେକ ବନ୍ଧୁମାନଙ୍କୁ ହରାଇଅଛୁ। ଏଠାରେ, ଗତ ସପ୍ତାହରେ, ଆହୁରି ଦୁଇଟି ବା ତିନୋଟି ଦେଶ ସାମ୍ୟବାଦ ମଧ୍ୟକୁ ଚାଲିଗଲେ। ଆମେମାନେ ଲୋକମାନଙ୍କୁ କର ଲଗାଉଅଛୁ ଏବଂ ସେମାନଙ୍କର ଟଙ୍କା ନେଉଅଛୁ, ଏବଂ ଏହାକୁ ସେଠାରେ ଲୋକମାନଙ୍କୁ ଭୋଜନ ଯୋଗାଇ ଦେବା ନିମନ୍ତେ ପଠାଉଅଛୁ ଯେଉଁମାନେକି ଉତ୍ତମ ବଳ ପ୍ରାପ୍ତ କରିବା ମାତ୍ରେ ସାମ୍ୟବାଦ ଆଡକୁ ଚାଲିଯାଆନ୍ତି। ଏହା ଏକ କପଟତା ଅଟେ। ତାହା ଠିକ୍।

116 ଆମେମାନେ ଖ୍ରୀଷ୍ଟିଆନ ବୋଲି କୁହାଇଥାଉ। ତେବେ ଆସନ୍ତୁ ଆମେମାନେ ଖ୍ରୀଷ୍ଟିଆନମାନଙ୍କ ପରି ହେବା, ତେବେ, ସେମାନଙ୍କୁ ସେହିପରି ଜିନିଷ ଭୋଜନ କରାଇବା ଦ୍ୱାରା ନୁହେଁ। ତାହା ତ ବହୁତ କମ୍ ଅଟେ ଯାହାକି—ଯାହାକି...ଭଲ-ହୃଦୟ ଥିବା କୌଣସି ସାଧାରଣ ବ୍ୟକ୍ତି ତାହା କରିବ। ତାହା ହେଉଛି ଧର୍ମ। ତାହା ପରିତ୍ରାଣ ନୁହେଁ।

ଅନେକ ଲୋକ ଧର୍ମ ଏବଂ ପରିତ୍ରାଣ ମିଶ୍ରିତ କରି ଦେଇଥାନ୍ତି। ଧର୍ମ ହେଉଛି ବିଧବା ଏବଂ ଗରିବ ଲୋକମାନଙ୍କୁ ଖାଇବାକୁ ଦେବା, ଏବଂ ଇତ୍ୟାଦି ସବୁ। ତାହା ହେଉଛି ଧର୍ମ। ମାତ୍ର ପରିତ୍ରାଣ ହେଉଛି ଏକ ନୂତନ ଜନ୍ମ, ପୁନର୍ବାର ଜନ୍ମ ହେବା। ତାହା ଭିନ୍ନ ଅଟେ। ଧର୍ମ, ମହମ୍ମଦନ ଏକ ଧର୍ମ ଅଟେ। ସେଠାରେ ଅନେକ ଧର୍ମମାନ ଅଛି।

117 ତେବେ, ସେଠାରେ କର୍ମିଲ ପର୍ବତ ଉପରେ, ସେଦିନ ଯେତେବେଳେ ସେ ସେହି ଶେଷ ପ୍ରକଟୀକରଣ ନିମନ୍ତେ ଡକାଗଲେ, ଆଉ ସେ ଆହାବ ଏବଂ ହଜାର ହଜାର ଯାଜକମାନଙ୍କୁ

ଡାକିଲେ ଯେଉଁମାନେକି ସେମାନଙ୍କର ନାମଧାରୀ ସଂସ୍ଥାଗୁଡିକର ମନ୍ଦିର ସହିତ ସମ୍ପୃକ୍ତ ଥିଲେ, ସେ ସେମାନଙ୍କୁ କର୍ମିଲ ପର୍ବତ ଉପରକୁ ଡାକି, କହିଲେ, "ଏଠାରେ ଉପରକୁ ଆସ। ମୋତେ ଏଠାରେ ଉପରେ ଦେଖା କର। ମୁଁ ସେହି ସମଗ୍ର ସମୂହର ସମ୍ମୁଖୀନ ହେବି।" ସେ କଅଣ କଲେ? ତାଙ୍କ ପାଖରେ **ସଦାପ୍ରଭୁ ଏହି କଥା କୁହନ୍ତି** ଥିଲା। ସେ ଭୟଭୀତ ନ ଥିଲେ। ସେ କହିଲେ, "ଗୋଟିଏ ବଳଦ ବଳିଦାନ କର। ବାଲ ଦେବତାକୁ ଡାକ। ଯିଏ ଅଗ୍ନି ଦ୍ୱାରା ଉତ୍ତର ଦେବେ ସେ ପରମେଶ୍ୱର ହୁଅନ୍ତୁ।"

118 ତେଣୁ, ଦିନ ସାରା, ଯେପର୍ଯ୍ୟନ୍ତକି…ସକାଳରୁ ନେଇ ରାତ୍ରି ଭୋଜ ପର୍ଯ୍ୟନ୍ତ, ସେମାନେ ବେଦୀ ଉପରେ ଡେଇଁଲେ। ସେମାନେ ନିଜକୁ ଛୁରୀରେ କ୍ଷତ ବିକ୍ଷତ କରି ରକ୍ତାକ୍ତ କଲେ। ସେମାନେ ଚିତ୍କାର କଲେ। ସେମାନେ ଉଚ୍ଚ ପାଟି କଲେ। ଏଲିୟ ଆଗକୁ ପଛକୁ ଚଲାବୁଲା କଲେ, କହିଲେ, "ଆଉ ଟିକିଏ ଅଧିକ ଉଚ୍ଚ ପାଟିରେ ଚିତ୍କାର କର। ବୋଧହୁଏ ସେ ଏକ ମାଛଧରା ଯାତ୍ରାରେ ଯାଇଥିବେ, କିମ୍ବା କିଛି ଗୋଟାଏ କରୁଥିବେ। ସେ କିଛି ବିଷୟ ଅନ୍ୱେଷଣ କରୁଥିବେ, ବା ସେପରି କିଛି।"

କାରଣ, ତାଙ୍କ ପାଖରେ **ସଦାପ୍ରଭୁ ଏହି କଥା କୁହନ୍ତି** ଥିଲା। ସେ ସନ୍ତୁଷ୍ଟ ଥିଲେ। ତାଙ୍କ ପାଖରେ ପରମେଶ୍ୱରଙ୍କ ବାକ୍ୟ ଥିଲା।

ଭାଇ, ଭଉଣୀ, ପରମେଶ୍ୱରଙ୍କ ପ୍ରତିଜ୍ଞା ଅପେକ୍ଷା କୌଣସି ବ୍ୟକ୍ତି ଆଉ କଅଣ ବା ଅଧିକ ଆବଶ୍ୟକ କରେ? ପରମେଶ୍ୱର ଏହା କରିବେ ବୋଲି କହିଥିଲେ। ଏହା ହେଉଛନ୍ତି ଅବ୍ରହାମ। ପରମେଶ୍ୱର ଯାହା କହିଛନ୍ତି ସେ ତାହା ସାଧନ କରିବାକୁ ସକ୍ଷମ ବୋଲି ଅବ୍ରହାମ ଗଣନା କରିଥିଲେ। ସେ ଜାଣିଥିଲେ ଯେ ପରମେଶ୍ୱର ଏହା କରିପାରିବେ, କାରଣ ପରମେଶ୍ୱର ଏହା କହିଛନ୍ତି।

119 ତେଣୁକରି ସେ—ତେଣୁକରି ସେ ସେମାନଙ୍କୁ ସେଠାରେ ଉପରକୁ ଆସିବା ପାଇଁ ଡାକିଲେ। ଏବଂ ତେଣୁ ସେମାନେ ନିଜକୁ ଛୁରୀରେ କ୍ଷତବିକ୍ଷତକ କଲେ, ଓ ଉଚ୍ଚ ସ୍ୱରରେ ପାଟି ତୁଣ୍ଡ କଲେ, ଏବଂ ସନ୍ଧ୍ୟା ବଳିଦାନ ପର୍ଯ୍ୟନ୍ତ, ଦିନସାରା ଚିତ୍କାର କଲେ। ତାହାପରେ, ଏଲିୟକୁ, ଦେଖନ୍ତୁ ଯେ ସେ ଏହାକୁ କିପରି କଲେ। ପ୍ରତମ ବିଷୟ ଯାହା ସେ କଲେ ତାହା ହେଲା ବାରଟି ପଥରକୁ ଏକାଠି ଗଡ଼ାଇ ଆଣିଲେ।

ପରମେଶ୍ୱର ବିଭାଜିତ ନୁହଁନ୍ତି। ନାମଧାରୀ ସଂସ୍ଥାମାନ ମଣ୍ଡଳୀଗୁଡ଼ିକୁ ବିଭକ୍ତ କରନ୍ତି, ମାତ୍ର ପରମେଶ୍ୱର ନୁହଁନ୍ତି।

ଜଣେ କହିଲା, "ଆପଣ ଜଣେ ଖ୍ରୀଷ୍ଟିଆନ କି?"

120 "ମୁଁ ଜଣେ ବାପ୍ଟିଷ୍ଟ ଅଟେ।" ତେଣୁ ଏହା ସେହି କଥନଠାରୁ ଅଧିକ କିଛି ନୁହେଁ ଯେ ଆପଣ ଜଣେ ଘୁଷୁରି ଅଟନ୍ତି।

121 କୁହନ୍ତି, "ମୁଁ—ମୁଁ ଜଣେ ମେଥୋଡିଷ୍ଟ ଅଟେ।" ତେବେ, ତାହା ପୁନର୍ବାର, ପରମେଶ୍ୱରଙ୍କ ପାଇଁ ଗୋଟିଏ ଘୁଷୁରିଠାରୁ ଅଧିକ କିଛି ନୁହେଁ।

122 ମୁଁ କହିଲି, "ଆପଣ ଜଣେ ଖ୍ରୀଷ୍ଟିଆନ କି?" ଜଣେ ଖ୍ରୀଷ୍ଟିୟାନ ହେବା ପାଇଁ, ଆପଣଙ୍କୁ ଖ୍ରୀଷ୍ଟଙ୍କ-ପରି ହେବାକୁ ପଡ଼ିବ, ଆପଣଙ୍କ ଭିତରେ ଈଶ୍ୱରତ୍ୱ ବାସ କରୁଥିବା ସହ, ପୁଣି ପବିତ୍ରଆତ୍ମା ରହିବା ଉଚିତ, ଯେପରିକି ତାହା ପେଣ୍ଟିକଷ୍ଟ ଦିନରେ ପତିତ ହୋଇଥିଲା। କୌଣସି ଭାବାବେଗ ନୁହେଁ, ମାତ୍ର ମୋର ଅଭିପ୍ରାୟ ହେଉଛି ଏକ ପ୍ରକୃତ ପେଣ୍ଟିକଷ୍ଟ। ବୁଝିଲେ? ଠିକ୍।

123 "ମୁଁ ପେଣ୍ଟିକଷ୍ଟାଲ୍ ଅଟେ। ମୁଁ ଏକତ୍ୱବାଦୀ ଅଟେ। ମୁଁ—ମୁଁ ତ୍ରିତ୍ୱବାଦୀ ଅଟେ। ମୁଁ..." ଓଃ, ମୋର ପ୍ରଭୁ! ଏହା ତାହା କହିବାଠାରୁ କିଛି ଅଧିକ ନୁହେଁ ଯେ ଆପଣ ଅନ୍ୟ କିଛି ଗୋଟାଏ ଅଟନ୍ତି। ପରମେଶ୍ୱରଙ୍କ ପାଇଁ ତାହା କୌଣସି ଅର୍ଥ ନୁହେଁ। ତାହା ବିଭାଜନ କରେ।

124 ତାହାହିଁ ଅଟେ ଯାହାକି ସେଠାରେ ସେହି ଧର୍ମଗୁରୁମାନଙ୍କ ମଧ୍ୟରେ ଘଟିଥିଲା। ମାତ୍ର ଏଲିୟ ଏହି ବାରଟି ପଥରଗୁଡ଼ିକୁ ଗଡାଇ ଏକତ୍ର କଲେ, ଏହା ଦେଖାଇବା ପାଇଁ ଯେ ପରମେଶ୍ୱର ହିଁ ସେସମସ୍ତଙ୍କ ଉପରେ ଜଣେ ପରମେଶ୍ୱର ଅଟନ୍ତି, ଏବଂ ସେଗୁଡ଼ିକୁ ଏକତ୍ର ଗଡ଼ାଇଲେ।

125 ତେଣୁ, ଯେତେବେଳେ ସେ ସେଗୁଡ଼ିକୁ ସେହିପରି ଭାବରେ ଆଣିଲେ, ସେ ବଳଦକୁ ବଧ କଲେ ଏବଂ ତାକୁ ବେଦୀ ଉପରେ, ସେହି କାଠ ଉପରେ ଥୋଇଦେଲେ। ସେ କହିଲେ, "ତେବେ, ଏହି କଥାରେ ସୁନିଶ୍ଚିତ ହେବା ପାଇଁ ଯେ ଏଥିରେ କୌଣସି ଭଣ୍ଡାମୀ ନାହିଁ, ଯାଅ ମୋ ପାଇଁ ବାର କଳସ ପାଣି ଆଣ।" ଏବଂ ସେ ପ୍ରକୃତରେ ସେହି କାଠକୁ-ପାଣିରେ ଭିଜାଇ ଦେଲେ। ଓଃ, ହାଲ୍ଲେଲୁୟା! ସେ ଏହା ଦେଖାଇବାକୁ ଚାହୁଁଥିଲେ ଯେ ପରମେଶ୍ୱର ହିଁ ପରମେଶ୍ୱର ଅଟନ୍ତି। କାରଣ, କାହିଁକି? ତାଙ୍କ ପାଖରେ **ସଦାପ୍ରଭୁ ଏହି କଥା କୁହନ୍ତି** ଥିଲା। ସେ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ। ତାଙ୍କ ପାଖରେ ପରମେଶ୍ୱରଙ୍କ ବାକ୍ୟ ଥିଲା।

126 ତେଣୁକରି ସେମାନେ ସେଦିନ—ସେମାନେ ସେଦିନ ସେହିପରି କଲେ, ଯଦି ସେମାନେ କୁହନ୍ତି ଯେ ସେମାନେ ଆପଣଙ୍କୁ ମଣ୍ଡଳୀରୁ ବାହାର କରିଦେବେ, ସେମାନେ *ଏହା* କରିବେ, *ଅନ୍ୟ* କିଛି କରିବେ, ଯଦି ଆପଣ ଯୀଶୁଙ୍କ ନାମରେ ବାପ୍ତିଜିତ ହୋଇଛନ୍ତି, ଏବଂ ସେହିପରି ଭାବରେ ଏହି ସମସ୍ତ ବିଭିନ୍ନ ଜିନିଷମାନ: ନିର୍ବୋଧତା। ଏହା ତ **ସଦାପ୍ରଭୁ ଏହି କଥା କୁହନ୍ତି** ଅଟେ।

127 ଅତି ପ୍ରିୟ ବ୍ୟକ୍ତି ଜଣେ, ଅନ୍ୟ ରାତିରେ, ମୋ ସହିତ କଥା ହେଉଥିଲେ, ଆସି ମୋ ଚାରିପାଖରେ ନିଜ ବାହୁକୁ ଦେଲେ, ଏବଂ କହିଲେ, "ଭାଇ ବ୍ରାନହାମ୍," କହିଲେ, "ମୁଁ ଆପଣଙ୍କୁ କିଛି ପଚାରିବାକୁ ଚାହେଁ।" କହିଲେ, "ଯଦି ଆପଣ ଏହି କଥାରେ ଯାହା ବିଷୟରେ ଆପଣ କହୁଛନ୍ତି, ଟିକିଏ ଆପୋଷ ବୁଝାମଣା କରିବେ,"

ମୁଁ କହିଲି, "କଅଣ?"

କହିଲେ, "ଏହି ସମସ୍ତ ବାପ୍ତିସ୍ମ ବିଷୟ।" କହିଲେ, "ଶିକାଗୋର ଏବଂ ଆଖପାଖ ଚାରିଆଡର ସମସ୍ତ ମଣ୍ଡଳୀମାନେ କେବଳ ଆପଣଙ୍କୁ ଏତେ ବ୍ୟଗ୍ରତାର ସହ ଚାହୁଁଛନ୍ତି, ମାତ୍ର

ସେମାନେ ଭୟ କରୁଛନ୍ତି ଯେ ଆପଣ ତାହା ଉଲ୍ଲେଖ କରିଦେବେ ।"

128 ମୁଁ କହିଲି, "ନିଶ୍ଚିତରେ, ମୁଁ ଏହା ଉଲ୍ଲେଖ କରିବି । ନିଶ୍ଚିତ ଭାବରେ, ମୁଁ ଏହାକୁ ଉଲ୍ଲେଖ କରିବି ।"

କହିଲେ, "ତେବେ, ତାହାହିଁ ଏକମାତ୍ର ବିଷୟ ଯାହା ସେମାନେ ଆପଣଙ୍କ ବିରୁଦ୍ଧରେ ଧରିଛନ୍ତି ।"

129 ମୁଁ କହିଲି, "ତାହହେଲେ ସେମାନେ ମୋ ବିରୁଦ୍ଧରେ ଧରି ନାହାଁନ୍ତି । ମୁଁ ସେହି ଜଣକା ନୁହେଁ ଯିଏକି ଏହା କହିଅଛି । ପରମେଶ୍ୱର ଏହା କହିଛନ୍ତି । ମୁଁ ସେମାନଙ୍କ ମଧ୍ୟରୁ କାହାରିକୁ ବି ଏହା ଭୁଲ ବୋଲି ପ୍ରମାଣ କରିବା ହେତୁ ଆହ୍ୱାନ କରେ ।" ବୁଝିଲେ?

130 କହିଲେ, "ତେବେ, ଆପଣ ଦେଖନ୍ତୁ, ଆପଣଙ୍କୁ—ଆପଣଙ୍କୁ ତ ସହମତ ହୋଇ ସହଭାଗିତା କରିବା ଉଚିତ୍ ।"

ସେହି ସମାନ ବିଷୟ ତ ଏଲିୟ କରନ୍ତୁ ବୋଲି ସେମାନେ ଚାହୁଁଥିଲେ । ଆମେନ୍ । ପରମେଶ୍ୱର ଆପୋଷ ନିଷ୍ପତ୍ତି କରନ୍ତି ନାହିଁ । ନା, ମହାଶୟ । ସେ ଆପୋଷ ନିଷ୍ପତ୍ତି କରନ୍ତି ନାହିଁ ।

ସେ କହିଲେ—ସେ କହିଲେ, "ତେବେ, ଭାଇ ବ୍ରାନହାମ୍, ମୁଁ ଆପଣଙ୍କୁ କିଛି ପଚାରିବାକୁ ଚାହେଁ । କଅଣ ପ୍ରଭୁଙ୍କର ସ୍ୱର୍ଗଦୂତ..." କହିଲେ, "ଆମେ ସମସ୍ତେ ପ୍ରଭୁଙ୍କର ସ୍ୱର୍ଗଦୂତଙ୍କୁ ବିଶ୍ୱାସ କରୁ । କଅଣ ପ୍ରଭୁଙ୍କର ସ୍ୱର୍ଗଦୂତ ଆପଣଙ୍କୁ ଏହା କହିଛନ୍ତି କି?"

131 ମୁଁ କହିଲି, "ପ୍ରଭୁଙ୍କର ସ୍ୱର୍ଗଦୂତ କଅଣ କହିବେ ମୋର ସେଥିପ୍ରତି କିଛି ଯାଏ ଆସେ ନାହିଁ । ଯଦି ଏହା, ପ୍ରଭୁଙ୍କର ସ୍ୱର୍ଗଦୂତ ଅଟନ୍ତି, ତେବେ ସେ *ତାହା* କହିବେ । ମାତ୍ର ଯଦି ସେ କିଛି ବିପରୀତ କଥା କୁହନ୍ତି, ତେବେ ସେ ପ୍ରଭୁଙ୍କର ସ୍ୱର୍ଗଦୂତ ନୁହଁନ୍ତି ।" ମୁଁ କହିଲି, "ସ୍ୱର୍ଗଦୂତ, କିଅବା ଅନ୍ୟ କେହି ଯାହାକିଛି କଥା କୁହନ୍ତୁ ନା କାହିଁକି, ପାଉଲ କହିଲେ, 'ଯଦିଓ ସ୍ୱର୍ଗରୁ ଜଣେ ଦୂତ ସୁଦ୍ଧା ତୁମକୁ ଅନ୍ୟ କୌଣସି ସୁସମାଚାର ପ୍ରଚାର କରନ୍ତି, ତେବେ ସେ ଅଭିଶପ୍ତ ହେଉ ।'"

132 ସ୍ୱର୍ଗଦୂତମାନେ ଏବଂ ସମସ୍ତେ, କୌଣସି ଶାରୀରିକ-ଭାବରେ ଗର୍ବିତ କିଛି ଗୋଟାଏ, ସ୍ୱର୍ଗଦୂତମାନଙ୍କ ବିଷୟରେ କୁହନ୍ତି । ଜୋସେଫ୍ ସ୍ମିଥ୍, ବ୍ରିଗାମ୍ ୟଙ୍ଗ୍, ଏବଂ ଆଡଭେଣ୍ଟିଷ୍ଟ ଏବଂ ଅନ୍ୟାନ୍ୟ ସମସ୍ତ କିଛିର, ଭିନ୍ନ ଭିନ୍ନ ଧର୍ମମତ ପନ୍ଥମାନ, ସେମାନେ ସେହି ପ୍ରକାରର ସମସ୍ତ କିଛି ବିଷୟ ଦେଖନ୍ତି, ମାତ୍ର ଏହା ସର୍ବଦା ସେହି ବାକ୍ୟର ବିରୁଦ୍ଧାତ୍ମକ ଅଟେ ।

133 ମାତ୍ର, ପରମେଶ୍ୱର ଆପଣା ବାକ୍ୟକୁ ସମର୍ଥନ କରନ୍ତି । ଏହା ତାହାଙ୍କର ବାକ୍ୟ ଅଟେ । ମୁଁ କହିଲି, "ଏହା ପ୍ରଭୁଙ୍କର ବାକ୍ୟ ଅଟେ, ନିଶ୍ଚିତରେ । ଯାହାକିଛି ମୁଁ କଦାଚ ଜାଣିଥିଲି ତାହା ହେଉଛି ଯେ ଏହା ମୋତେ ତାହାଙ୍କ ଦ୍ୱାରା ଶିଖାଯାଇଥିଲା । ମୁଁ କଦାପି କୌଣସି ସେମିନାରୀ କିମ୍ବା ବିଦ୍ୟାଳୟକୁ ଯାଇ ନ ଥିଲି । ଏହା ତାହାଙ୍କଠାରୁ ଆସିଛି ।" ମାତ୍ର ମୁଁ କହିଲି, "ଯଦିଓ ଏହା ବିରୁଦ୍ଧାତ୍ମକ ଥିଲା କି ନାହିଁ...ଯଦି ଏହା ତାହାର ବିପରୀତ ଥିଲା, ମୁଁ ତାହାଙ୍କୁ ବିଶ୍ୱାସ କରିବି

ନାହିଁ । କାରଣ, ପ୍ରଥମେ, ତାହା ପରମେଶ୍ୱରଙ୍କ ବାକ୍ୟ ଅଟେ । ବାକି ସବୁକିଛି ମିଥ୍ୟା ହେଉ ।" ପରମେଶ୍ୱରଙ୍କ ବାକ୍ୟ, ଏହା ସହିତ ରୁହନ୍ତୁ ।

134 ତେଣୁକରି, ଏଲିୟ, ଯେତେବେଳେ ସେ ତାହାସବୁ କଲେ, ସେ ବାରଟି କଳସ ପାଣି ସହିତ, ସେହି କାଠ-ଗୁଡ଼ିକୁ ପାଣିରେ ଭିଜାଇଲେ । ସେଗୁଡିକ ଉପରେ ତାହା ଢାଳିଲେ । ସେ ଯେତିକି ଶାନ୍ତ ଭାବରେ ବାହାରି ପାରନ୍ତି, ସେତିକି ଶାନ୍ତ ଭାବରେ ସେଠାକୁ ବାହାରିଲେ । କାହିଁକି? ପରମେଶ୍ୱର ମିଛ କହିପାରନ୍ତି ନାହିଁ । ପରମେଶ୍ୱର ତାଙ୍କୁ କହିଥିଲେ । ସେ କହିଲେ, "ଅବ୍ରହାମ, ଇସ୍‌ହାକ ଏବଂ ଇସ୍ରାଏଲର ପ୍ରଭୁ ପରମେଶ୍ୱର, ଆଜି ଦିନରେ ଏହା ଜଣା ଯାଉ ଯେ ତୁମେ ହିଁ ପରମେଶ୍ୱର ଅଟ, ଏବଂ ମୁଁ ତୁମର ସେବକ ଅଟେ । ଏବଂ ମୁଁ ଏହା ତୁମ ଆଦେଶରେ କରିଅଛି, କାରଣ ଏହା **ସଦାପ୍ରଭୁ ଏହି କଥା କୁହନ୍ତି** ଅଟେ । ମୁଁ ଏହା କଲି କାରଣ ତୁମେ ମୋତେ ଏହା କରିବାକୁ କହିଥିଲ, କାରଣ ଏହା ତୁମର ବାକ୍ୟ ଅନୁଯାୟୀ ଅଟେ । ତେବେ ଏହା ଜଣା ଯାଉ ଯେ ତୁମେ ପରମେଶ୍ୱର ଅଟ ।"

ଏବଂ ପ୍ରଭୁଙ୍କର ଅଗ୍ନି ପତିତ ହେଲା, ବଳିଦାନକୁ, ପାଣିରେ-ଭିଜିଥିବା କାଠକୁ ଗ୍ରାସ କଲା, ପଥରଗୁଡିକୁ, ଏବଂ ଅନ୍ୟ ସମସ୍ତକିଛିକୁ ଚାଟି ପକାଇଲା, ଏବଂ ସବୁକିଛିକୁ ଗ୍ରହଣ କରି ନେଲା । ତାହାପରେ ଇସ୍ରାଏଲ କ୍ରନ୍ଦନ କଲା, ସେହି ସାତ ହଜାର, "ପରମେଶ୍ୱର ହିଁ ପରମେଶ୍ୱର ହେଉନ୍ତୁ ।"

135 ଏଲିୟ, ସେହି ଛୋଟ, ପୁରୁଣା ଦୁର୍ବଳ-ଦିଶୁଥିବା, ସର୍ବତ୍ର କୁଞ୍ଚନ ରହିଥିବା ପତଳା ଲୋକଟିକୁ ଦେଖିବା କେତେ ସୁନ୍ଦର ଅଟେ, ତାଙ୍କ ହାତରେ ସେହି ଛୋଟ ବାଡି ରହିଛି, ତାଙ୍କ ପାର୍ଶ୍ୱରେ ତେଲର ଛୋଟ ପାତ୍ର ଝୁଲୁଛି, ଓ ଖଣ୍ଡେ ମେଣ୍ଢା ଚର୍ମ ତାଙ୍କ ଚାରିଆଡେ ଗୁଡାଇ ହୋଇ ରହିଛି । କାହିଁକି, ସେମାନେ ତ ଆଜି ତାଙ୍କୁ କାରଗାରରେ ରଖିଦେବେ ଯଦି ସେ ରାସ୍ତାରେ ଚାଲିବେ; ମାତ୍ର ସେମାନେ ତ ସ୍ତ୍ରୀଲୋକମାନଙ୍କୁ ଛୋଟ ଛୋଟ ଜାମା ସର୍ଟ ପିନ୍ଧିବାକୁ ଦିଅନ୍ତି; ମାତ୍ର ସେମାନେ ନିଶ୍ଚିତ ଭାବରେ ତାହା କରିବେ ନାହିଁ, ଦେଖନ୍ତୁ, ସେହି ପରି ଭାବରେ, ବାହାରକୁ ଆସିବେ ନାହିଁ ।

136 ତେଣୁକରି, ତେବେ, ମାତ୍ର ଏଠାରେ ସେମାନେ ଆସି-...ଏଠାରେ ସେ ଏହି ବାଡ଼ି ସହିତରେ, ସେହି ସ୍ଥାନରୁ, ପାହାଡ ଆରପାରିକୁ ଓହ୍ଲାଇ ଆସିଲେ । ତେବେ, କର୍ମିଲ୍ ପର୍ବତ ସେହି ମରୁଭୂମିର ମଧ୍ୟ ଭାଗରେ ବିଦ୍ୟମାନ ଥିବା ଏକ ଛୋଟ—ଛୋଟ ଖାଲି ସ୍ଥାନ ନୁହେଁ । ଏହା ଏକ ବଡ ପର୍ବତ ଅଟେ । ଏହା ତ ବ୍ୟାପ୍ତ ଅଟେ, ଏହି ପରି ଭାବରେ ଏକ କୋଣ ପ୍ରସ୍ତୁତ କରି, ଓ ଶୀର୍ଷ ପର୍ଯ୍ୟନ୍ତ ଯାଇଥାଏ, ଏବଂ ସେଠାରେ ସମୁଦ୍ର ଉପରକୁ ଚାହିଁଥାଏ । ଏବଂ ଏଲିୟ ଓ ଗେହାଜୀ ଠିକ ଶୀର୍ଷ ପର୍ଯ୍ୟନ୍ତ, ଦୌଡି ଥିଲେ । ଏବଂ ଏଲିୟ ସେଠାରେ ନିଜ ମୁହଁ ମାଡି ତଳେ ପଡ଼ିଗଲେ, ଏବଂ ନିଜ ପିଠିକୁ ପଶ୍ଚିମ ଆଡକୁ, ସୂର୍ଯ୍ୟ ଆଡକୁ କରି, ପରମେଶ୍ୱରଙ୍କ ନିକଟରେ କ୍ରନ୍ଦନ କରିବାକୁ ଲାଗିଲେ । ତିନି ବର୍ଷ ଓ ଛଅ ମାସ, ଏପରିକି କାକର ସୁଦ୍ଧା ପଡ଼ିଲା ନାହିଁ । ସେ ଗେହାଜୀଙ୍କୁ କହିଲେ, "ଯାଅ ଏବଂ ଦେଖ ଯଦି ତୁମେ କିଛି ସମୁଦ୍ର ଉପରେ, ଏକ ମେଘକୁ

ଦେଖୁଛ କି ।"

ଏହି ପର୍ବତ ଉପରେ ଛିଡା ହୋଇ, ସେହି ଆଡକୁ ଚାହିଁ, କହିଲା, "ମୁଁ କୌଣସି ଜିନିଷ ଦେଖୁ ନାହିଁ ।"

137 ସେ ଠିକ ସେଠାରେ ରହିଲେ । "ହେ ପରମେଶ୍ୱର, ଯଦି ଏହି ଲୋକମାନେ ଅନୁତାପ କରି ନେଇଥାନ୍ତେ, ଯଦି ଏହି ଲୋକମାନେ ତୁମ ନିକଟକୁ ଫେରି ଆସିଥାନ୍ତେ, ଯଦି ସେମାନେ ଏହି ସମସ୍ତ ନିର୍ବୋଧତାରୁ ଦୂରେଇ ଯାଇ ତୁମ ବାକ୍ୟ ନିକଟକୁ ଫେରିବାକୁ ପ୍ରସ୍ତୁତ ହୋଇଥାନ୍ତେ, ତେବେ ତୁମେ ଆପଣା ବାକ୍ୟକୁ ଉତ୍ତର ଦେବା ନିମନ୍ତେ, ପରମେଶ୍ୱର ଅଟ ।"

138 ମୋତେ ଆଜି ସେହି ସମାନ କଥା କହିବାକୁ ଦିଅନ୍ତୁ । ଏହି ନାମଧାରୀ ସଂସ୍ଥାଗୁଡିକୁ ନିଅନ୍ତୁ ଓ ସେମାନଙ୍କୁ ଭାଙ୍ଗି ଦିଅନ୍ତୁ, ଏହି ନାମଧାରୀ ପାର୍ଥକ୍ୟକୁ ଭୁଲିଯାଆନ୍ତୁ, ଏବଂ ଲୋକମାନଙ୍କୁ ପରମେଶ୍ୱରଙ୍କ ବାକ୍ୟ ନିକଟକୁ, ସେହି ଆଘାତ କରୁଥିବା ପଂକ୍ତି ନିକଟକୁ ଫେରିବାକୁ ଦିଅନ୍ତୁ । ମୁଁ ଆପଣଙ୍କୁ ପ୍ରମାଣ କରିବି ଯେ ସେଠାରେ ଜଣେ ପରମେଶ୍ୱର ଅଛନ୍ତି ଯିଏକି ଏବେ ସୁଦ୍ଧା ଅଗ୍ନି ଦ୍ୱାରା ଉତ୍ତର ଦେଇପାରନ୍ତି ।

139 ଲୋକମାନେ ପରମେଶ୍ୱରଙ୍କୁ ଡାକନ୍ତୁ । ଏହା ହେଉ ଯେ...?...ଜଣେ ବ୍ୟକ୍ତିଙ୍କୁ ଡାକନ୍ତୁ । ଲୋକମାନେ ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ ଡାକନ୍ତୁ । ପରମେଶ୍ୱର ତାଙ୍କୁ ଘଟଣାସ୍ଥଳରେ ରଖିବେ । ମୁଁ ତାହା କରିବା ପାଇଁ ରାଷ୍ଟ୍ରଗୁଡିକୁ ଆହ୍ୱାନ କରେ । ନିଜ ମୁହଁ ମାଡି ପଡ଼ିଯାଆନ୍ତୁ ଓ ପରମେଶ୍ୱରଙ୍କୁ ଡାକନ୍ତୁ, ଯେ ସେ ଜଣେ ଉଦ୍ଧାରକାରୀକୁ ପଠାନ୍ତି, ଏବଂ ଦେଖନ୍ତୁ ଯେ କଅଣ ଘଟେ । କେବଳ ଏହାକୁ ଥରେ କରନ୍ତୁ, ପରମେଶ୍ୱର ଉତ୍ତର ଦେବେ । ପରମେଶ୍ୱର ସର୍ବଦା ଉତ୍ତର ଦିଅନ୍ତି ।

140 ତଳେ ପଡ଼ି ଯାଇ ଏହା କୁହନ୍ତୁ, "ହେ ପରମେଶ୍ୱର, ଏହା ଆଜି ହେଉ । ଏହି ଲୋକମାନେ ଥରେ ତୁମ ବିରୁଦ୍ଧରେ ଥିଲେ । ଏହି ଲୋକମାନେ ସବୁ ପ୍ରକାରର ନାମଧାରୀ ସଂସ୍ଥାରେ ଭଗ୍ନ ହୋଇ ରହିଛନ୍ତି । ମାତ୍ର, ଆଜି, ତୁମେ ନିଜକୁ ପ୍ରମାଣ କରିଅଛ । ତୁମେ ପରମେଶ୍ୱର ଅଟ । ଏବଂ ଲୋକମାନେ କହିଲେ, 'ବାଲ୍‌କୁ ଫିଙ୍ଗିଦିଅ ।' ଏବଂ ମୁଁ ସେମାନଙ୍କୁ ମଧ୍ୟରୁ ହଜାର ହଜାର ଯାଜକମାନଙ୍କୁ ହତ୍ୟା କରିଛି । ପ୍ରଭୁ, ସେମାନେ ବର୍ତ୍ତମାନ ବାଟରୁ ଓହରି ଯାଇଛନ୍ତି । ସମସ୍ତ ବାଧାବିଘ୍ନ, ଛୋଟ ପ୍ରତିବନ୍ଧକମାନ ଯାହା ଆମକୁ ଅଲଗା କରୁଥିଲା ଦୂର ହୋଇଯାଇଛି ।"

ଜଣେ ମେଥୋଡିଷ୍ଟ ଆସି ବାପ୍‌ଟିଷ୍ଟଙ୍କ ସହିତ ଉପାସନା କରିବାକୁ ଚାହାଁନ୍ତି; ବାପ୍‌ଟିଷ୍ଟ ଆସି ପେଣ୍ଟିକଷ୍ଟାଲମାନଙ୍କ ସହିତ ଉପାସନା କରିବାକୁ ଚାହାଁନ୍ତି; ସେଠାରେ ଥିବା ହୃଦୟରେ ସଚ୍ଚୋଟମାନେ, ସେହି ବିଶ୍ୱସ୍ତ ସାତ ହଜାର । ମାତ୍ର ସେମାନେ ତାହା କରିପାରନ୍ତି ନାହିଁ । ଯଦି ସେମାନେ କରିବେ, ତାହାହେଲେ ସେମାନଙ୍କୁ ସେମାନଙ୍କର ମଣ୍ଡଳୀରୁ ତଡି ଦିଆଯିବ । ସେମାନଙ୍କ ମଧ୍ୟରୁ କେତେକଙ୍କୁ ଫରକ୍ ପଡେ ନାହିଁ । ସେମାନେ ଯେକୌଣସି ପ୍ରକାରେ, ବି ଆସନ୍ତି । ତାହା ଠିକ୍ ।

141 ମାତ୍ର ଏହା ହେଉ ଯେ ସେମାନେ ସମସ୍ତେ ସେହି ପକ୍ଷପାତକୁ ଭାଙ୍ଗି ଏକତ୍ର ଆସନ୍ତୁ, ଏବଂ ଏହା କୁହନ୍ତୁ, "ଆମେ ଏଠାରେ ଥିବା ସମସ୍ତ ଧର୍ମମତ ଏବଂ କ୍ୟାଟେଚିଜିମ୍, ଏବଂ ସବୁକିଛି ଯାହା ଆମେମାନେ ପାଠ କରୁଅଛୁ ତାହା ଭୁଲିଯିବା । ଆସନ୍ତୁ ଆମେମାନେ ପ୍ରଭୁଙ୍କ ବାକ୍ୟ ନିକଟକୁ ଫେରିଯିବା ।" ଦେଖନ୍ତୁ ତାହାପରେ କଅଣ ଘଟିତ ହେବ । ପରମେଶ୍ୱର ସେମାନଙ୍କ ପାଇଁ ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ ଉଠାଇବେ, ସେ ନିଶ୍ଚିତରେ କରିବେ, ଯିଏକି ଏହାକୁ ଠିକ ସେମାନଙ୍କ ନିକଟକୁ ନେଇକରି ଆସିବେ, ଯଦି ସେମାନେ ଏହାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ଥାଆନ୍ତି । ପ୍ରଥମେ, ସେମାନଙ୍କୁ ପ୍ରାର୍ଥନା କରିବାକୁ ଅଛି । ପରମେଶ୍ୱର ଅପେକ୍ଷା କରିଥାନ୍ତି ।

142 କଅଣ ଏହା ଆଶ୍ଚର୍ଯ୍ୟଜନକ ନୁହେଁ ଯେ ପରମେଶ୍ୱର ଚାହାଁନ୍ତି ଯେ ଲୋକମାନେ ଏଥିରେ ଅଂଶଗ୍ରହଣ କରନ୍ତୁ? ଯେତେବେଳେ ଯୀଶୁ ଶସ୍ୟ ଅମଳକୁ ଅନାଇଲେ, ସେ କହିଲେ, "ଅମଳ ପରିପକ୍ୱ ଅଟେ । ଶ୍ରମିକମାନେ ଅଳ୍ପ । ତୁମେ ଅମଳର ପ୍ରଭୁଙ୍କୁ ପ୍ରାର୍ଥନା କର," ତାହା ସେ ହିଁ ଥିଲେ । "ତୁମେ ମୋତେ ପ୍ରାର୍ଥନା କର, ଯେ ମୁଁ ମୋର ଫସଲକୁ ଶ୍ରମିକ ପଠାଇବି ।" ଆପଣଙ୍କ ନିମନ୍ତେ କରିବା ପାଇଁ କିଛି ଅଂଶ ଅଛି । ପରମେଶ୍ୱର ତାହାଙ୍କ ମଣ୍ଡଳୀକୁ ଅପେକ୍ଷା କରି ରହିଛନ୍ତି ଯେ ସେମାନେ ତାହାଙ୍କୁ ପ୍ରାର୍ଥନାରେ ଡାକିବେ । ସେ ସର୍ବଦା ଏହା କରିଛନ୍ତି । ପରମେଶ୍ୱର ଆଜି ଲୋକମାନଙ୍କଠାରେ ଅପେକ୍ଷା କରି ରହିଛନ୍ତି ଯେ ସେ ତାହାଙ୍କର ସେବକଙ୍କୁ କାର୍ଯ୍ୟରେ ଡାକିବେ । ଏବଂ ଲୋକମାନେ ପ୍ରାର୍ଥନା ନ କରିବା ପର୍ଯ୍ୟନ୍ତ ସେବକ କାର୍ଯ୍ୟ ନିମନ୍ତେ ଆସିପାରନ୍ତି ନାହିଁ ।

143 ଇସ୍ରାଏଲ ସେପର୍ଯ୍ୟନ୍ତ ଚିହ୍ନ ଏବଂ ଚମତ୍କାର ସହିତ, ସେଠାରେ କାର୍ଯ୍ୟାନ୍ୱିତ କରିପାରିନ ଥିଲା, ଯେପର୍ଯ୍ୟନ୍ତକି ସେମାନେ ନିଜର ମୁହଁ ମାଡି ତଳେ ପଡ଼ି ନ ଗଲେ ଏବଂ ଏକ ଉଦ୍ଧାରକର୍ତ୍ତା ପାଇଁ ପ୍ରାର୍ଥନା ନ କରି ନେଲେ । ପରମେଶ୍ୱରଙ୍କଠାରେ ତାହାଙ୍କର ଉଦ୍ଧାରକର୍ତ୍ତା ରହିଥିଲା । ପରମେଶ୍ୱରଙ୍କଠାରେ ତାଙ୍କର ଜଣେ ଭବିଷ୍ୟଦ୍‌ବକ୍ତା ପ୍ରାନ୍ତରରେ ପ୍ରସ୍ତୁତ ରହିଥିଲେ, ତାଙ୍କୁ ସେଠାରେ ଚାଳିଶ ବର୍ଷ ଧରି ରଖିଥିଲେ, ଲୋକମାନଙ୍କ ପାଇଁ ଅପେକ୍ଷା କରିଥିଲେ ଯେ ସେମାନେ ସଠିକ୍ ହେବେ, ପ୍ରାର୍ଥନା କରିବେ । ମାତ୍ର ଯେତେବେଳେ ସେମାନେ ଠିକ୍ ହୋଇ ପ୍ରାର୍ଥନା କରିବାକୁ ଆରମ୍ଭ କଲେ, ତାହାପରେ ଯାଇ ପରମେଶ୍ୱର ଉଦ୍ଧାରକର୍ତ୍ତାଙ୍କୁ ପଠାଇଲେ ।

ପରମେଶ୍ୱର ଆଜି ସେହି ସମାନ ବିଷୟକୁ କରିବେ, ଯଦି ଲୋକମାନେ କେବଳ ଏକାଠି ହୋଇ, ପ୍ରାର୍ଥନା କରିବାକୁ ଯିବେ । ଠିକ୍ ଅଛି ।

144 ସେ ସେହି ଭଣ୍ଡ ଭବିଷ୍ୟଦ୍‌ବକ୍ତାମାନଙ୍କ ପାଇଁ ଏବଂ ଆହାବଙ୍କ ପାଇଁ ଏକ ଚିହ୍ନ ଥିଲେ, ଯେ ସେ ପରମେଶ୍ୱରଙ୍କ ସେବକ ଅଟନ୍ତି । ସେ ପରମେଶ୍ୱରଙ୍କ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ । ତାହାପରେ, ସେ ଇସ୍ରାଏଲ ପାଇଁ ମଧ୍ୟ ଏକ ଚିହ୍ନ ଥିଲେ, ଯେ ସେ ଯେତେବେଳେ ଇଚ୍ଛା କରିବେ, ସେତେବେଳେ ସେ ଆକାଶକୁ ବନ୍ଦ କରିପାରିବେ କିମ୍ବା ଆକାଶ ଖୋଲି ଦେଇପାରିବେ । ସେ ନିଶ୍ଚିତରେ ଥିଲେ ।

ମୋତେ ଏପରି ଜଣକା ବିଷୟରେ କୁହନ୍ତୁ ଯିଏକି ପରମେଶ୍ୱରଙ୍କ ବ୍ୟତୀତ, ସ୍ୱର୍ଗକୁ ବନ୍ଦ କରି ଦେଇପାରନ୍ତି, ମୋତେ ଏପରି ଜଣକା ଦେଖାନ୍ତୁ ଯିଏକି ସ୍ୱର୍ଗକୁ ଖୋଲି ଦେଇପାରନ୍ତି । ଏବଂ ପରମେଶ୍ୱରଙ୍କ ବାକ୍ୟ, କିମ୍ବା, ପରମେଶ୍ୱରଙ୍କ ବାକ୍ୟ ଭବିଷ୍ୟଦ୍‌ବକ୍ତାଙ୍କ ସହିତରେ ଅଛି ।

145 ମୀଖାୟ, ଯିହୋଶାଫଟ୍ ପାଇଁ ଏକ ଚିହ୍ନ ଥିଲେ । ମୀଖାୟ ଯିହୋଶାଫଟଙ୍କ ପାଇଁ ଏକ ଚିହ୍ନ ଥିଲେ, ଯେ ପରମେଶ୍ୱର ଜଣେ ପ୍ରକୃତ ଭବିଷ୍ୟଦ୍‌ବକ୍ତାଙ୍କୁ ହାତରେ ପ୍ରସ୍ତୁତ ରଖିଥାନ୍ତି ।

146 ତେବେ ଧ୍ୟାନ ଦିଅନ୍ତୁ । ଆହାବଙ୍କର ଥିଲେ, ତାଙ୍କର ଚାରି ଶହ ଭବିଷ୍ୟଦ୍‌ବକ୍ତା ଥିଲେ, ଏବଂ ସେ ସେହି ଚାରି ଶହ ଭବିଷ୍ୟଦ୍‌ବକ୍ତାଙ୍କୁ ଡାକିଲେ । ଏବଂ ସେମାନେ ଏକ ସ୍ୱରରେ ତାଙ୍କୁ କହିଲେ । ଏବଂ ତଥାପି, ଯିହୋଶାଫଟଙ୍କ ସେହି ହୃଦୟରେ, ଜଣେ ପରମେଶ୍ୱରଙ୍କ ଲୋକ, ସେ ଜାଣିଥିଲେ ଯେ କିଛି ଗୋଟାଏ ଭୁଲ୍ ଅଛି । ସେ ଜାଣିଥିଲେ ଯେ କିଛି ଗୋଟାଏ ଭୁଲ୍ ଅଛି । ସେ କହିଲେ, "କଅଣ ତୁମ ପାଖରେ ଆଉ ଜଣେ ନାହଁ କି?"

147 "ସେଠାରେ ଚାରି ଶହ ଜଣ ଛିଡା ହୋଇଥିବା ପରେ?" ସେ କହିଲେ, "ଏମାନେ ସମସ୍ତେ ଭବିଷ୍ୟଦ୍‌ବକ୍ତା, ଯିହୋବାଙ୍କ ଭବିଷ୍ୟଦ୍‌ବକ୍ତାଗଣ ଅଟନ୍ତି ।" ସେଠାରେ ଅଛନ୍ତି ସେହି—ସେହି ମେଥୋଡିଷ୍ଟ, ସେହି ବାପ୍‌ଟିଷ୍ଟ, ସେହି' ପ୍ରେସ୍‌ବିଟେରିଆନ୍, ସେହି ଏକତ୍ୱବାଦୀମାନେ, ଓଃ, ମୋର ପ୍ରଭୁ, ମୋର ପ୍ରଭୁ, ତ୍ରିତ୍ୱବାଦୀମାନେ, ଏବଂ ଅନ୍ୟାନ୍ୟ ସମସ୍ତ ପ୍ରକାର । "ଆମ ପାଖରେ ସମସ୍ତେ ଏଠାରେ ଅଛନ୍ତି, ଏବଂ ଏକ ସ୍ୱରରେ ସେମାନେ କହୁଛନ୍ତି ଯେ ଏହା ସେହି ସର୍ବଶ୍ରେଷ୍ଠ ରାଷ୍ଟ୍ର ଅଟେ ଯାହାକି ଅଛି । ଆମର କିଛି ଭୟ କରିବାର ନାହିଁ ।" ଯେପରିକି ଜଣେ ସାନ ବାଳକ, ଯିଏକି କବରଖାନା ଦେଇ ଗଲାବେଳେ ସିଟି ମାରିଥାଏ, ଆପଣ ଜାଣନ୍ତି, ଯେତେବେଳେ ସେ ଭୟ କରିଥାଏ । ଆପଣ ସେ ବିଷୟରେ ଚିନ୍ତା କରନ୍ତୁ ନାହିଁ ।

କହିଲେ, "ମାତ୍ର କଅଣ ତୁମ ପାଖରେ ଆଉ ଜଣେ କେହି ନାହଁ କି?"

କହିଲା, "ଓଃ, ହଁ, ଏଠାରେ ଆଉ ଜଣେ ଅଛି, କିନ୍ତୁ," କହିଲା, "ମୁଁ ତାକୁ ଘୃଣା କରେ ।" ବୁଝିଲେ? କହିଲା, "ସେ ସବୁବେଳେ ଏହି ଦେଶ ବିଷୟରେ ମନ୍ଦ କଥା କୁହେ । ସେ ସବୁବେଳେ ଏପରି କିଛି କହିଥାଏ ଯେ ଆମ ସହିତ କିଛି ଗୋଟାଏଟେ ମନ୍ଦ ଘଟିବାକୁ ଯାଉଛି ।"

148 ଯିହୋଶାଫଟ୍ କହିଲେ, "ମୁଁ—ମୁଁ ତାହା କଥା ଶୁଣିବାକୁ ଚାହିଁବି ।" ଓଃ, ହଁ!

ସେ କଅଣ ଥିଲେ? ଏକ ଚିହ୍ନ । ଏଥିରେ କିଛି ଯାଏ ଆସେ ନାହିଁ ଯେ କେତେ ସଂଗଠନ ବା ନାମଧାରୀ ସଂସ୍ଥା, ପରମେଶ୍ୱରଙ୍କ ପାଖରେ ତଥାପି ଜଣେ ଭବିଷ୍ୟଦ୍‌ବକ୍ତା ଅଛନ୍ତି ଯିଏକି ବାକ୍ୟ ସହିତରେ ରହିଥାଏ ।

149 ଯିହୋଶାଫଟ୍ ଜାଣିଥିଲେ ଯେ ଆହାବ୍ ବିନଷ୍ଟ ହେବେ, କାରଣ ସେହି ପ୍ରକୃତ ଭବିଷ୍ୟଦ୍‌ବକ୍ତା, ଏଲିୟ, ଯିଏକି ଜାତି ଜାତିମାନଙ୍କ ପାଇଁ ଚିହ୍ନ ରହିଥିଲେ, କହିଥିଲେ, "ଏଠାକୁ ଆସିବା ପାଇଁ, କୁକୁରମାନେ ତୁମର ରକ୍ତ ଚାଟିବେ ।" ତାହା ଠିକ୍ ଅଟେ । ସେ

ଜାଣିଥିଲେ ଯେ ଈଷେବଲ ଏବଂ ଆହାବଙ୍କର ସେହି ବିଷୟଟି ସେମାନଙ୍କର ନିକଟବର୍ତ୍ତୀ ହେଉଅଛି। ସେ ଜାଣିଥିଲେ ଯେ ଏହା ହେଉଥିଲା। ବୁଝିଲେ?

150 ଏବଂ ମୀଖାୟ, ମୀଖାୟ କହିଲେ...ସେମାନେ—ସେମାନେ ତାଙ୍କ ପାଖକୁ ଆସି କହିଲେ, "ବର୍ତ୍ତମାନ, ମୁଁ ତୁମକୁ କହୁଛି, ଯଦି ତୁମେ ପରବର୍ତ୍ତୀ ସଙ୍ଗଠନରେ ଆସିବାକୁ ଚାହୁଁଛ, ତାହାହେଲେ ମୁଁ ତୁମକୁ କହିବି ଯେ ତୁମେ କଅଣ କରିବ। ତୁମେ କେବଳ ଏଥିରେ ସହମତ ହୁଅ ଯେ ଏହି ସମସ୍ତ ପ୍ରଚାରକମାନେ ଠିକ୍ ଅଟନ୍ତି। ବୁଝିଲେ? ତୁମେ ତାଙ୍କୁ କୁହ, 'ଆଗକୁ ଯାଆନ୍ତୁ।'" ଏବଂ କହିଲେ, "ତୁମେ କେବଳ ସହମତ ହୁଅ।" କହିଲେ, "ମୁଁ ତୁମକୁ କହିବି ଯେ ଆମେମାନେ କଅଣ କରିବୁ। ଆମେମାନେ ପ୍ରସ୍ତୁତ କରିବୁ...ଆମେମାନେ ଦେଖିବୁ ଯେ ତୁମେ ଆମ ସଂଗଠନରେ ଆସିଯାଅ, ଯଦି ତୁମେ କେବଳ ତାହା କରିବ, ଦେଖନ୍ତୁ, ଯଦି ତୁମେ କେବଳ ଏଠାରେ ଏହି କେତୋଟି ବିଷୟଗୁଡ଼ିକ ଉପରେ ଆପୋଷ ବୁଝାମଣା କରିବ ଯାହା ବିଷୟରେ ତୁମେ କହୁଅଛ। ତୁମେ କେବଳ ଯାଇ, ଦେଖାଅ, ସେମାନଙ୍କ ସହିତ ସହମତ ହୁଅ, ସେମାନଙ୍କ ସହିତ ଯାଅ।" ହୁଃ-ହୁଃ! କଅଣ ଆପଣମାନେ ପରମେଶ୍ୱରଙ୍କ ଜଣେ ପ୍ରକୃତ ଭବିଷ୍ୟଦ୍‌ବକ୍ତାଙ୍କୁ ପରମେଶ୍ୱରଙ୍କ ବାକ୍ୟଠାରୁ ଦୂରେଇ ଯାଉଥିବାର କଳ୍ପନା କରିପାରିବେ କି? କଅଣ ଆପଣ କରିପାରିବେ କି?

"ତେବେ," ଏହି ବ୍ୟକ୍ତିମାନେ କହିଲେ, "ମାତ୍ର, ଆମେମାନେ ଏକ ଦର୍ଶନ ଦେଖିଲୁ," ଏହି ଚାରି ଶହ ଜଣ ଭବିଷ୍ୟଦ୍‌ବକ୍ତା। "ଆମେ ଜାଣୁ। ଆମେମାନେ ଭବିଷ୍ୟଦ୍‌ବକ୍ତା ଅଟୁ। ଆମେମାନେ ଜାଣୁ, କାରଣ ଆମେମାନେ ଭବିଷ୍ୟଦ୍‌ବକ୍ତା ଅଟୁ।"

151 ମୀଖାୟ କହିଲେ, "ମୋର ସନ୍ଦେହ ନାହିଁ ଯେ ତୁମେମାନେ ଏକ ଦର୍ଶନ ଦେଖିଛ। ମୁଁ ଏଥିରେ ଟିକେ ବି ସନ୍ଦେହ କରୁ ନାହିଁ, ଯାହା ତୁମେମାନେ ଦେଖିଛ, ଏକ ଦର୍ଶନ, ମାତ୍ର ଏହା ସେହି ବାକ୍ୟ ଅନୁଯାୟୀ ନୁହେଁ।" ଆମେନ୍। କହିଲେ, "ମୁଁ ମଧ୍ୟ, ଏକ ଦର୍ଶନ ଦେଖିଲି।" ଆମେନ୍। ଓଃ, ଦୟା ହେଉ! ସେ ଏକ ଚିହ୍ନ ଥିଲେ। ସେ ଏକ ଚିହ୍ନ ଥିଲେ। ସେ କହିଲେ, "ମୁଁ ଏକ ଦର୍ଶନ ଦେଖିଲି, ଏବଂ ମୁଁ ଇସ୍ରାଏଲକୁ, ଅରକ୍ଷକ ମେଷତୁଲ୍ୟ ଦେଖିଲି, ଯେପରିକି ମେଷପାଳକ ବିହୀନ ହୋଇ, ପାହାଡ ଉପରେ ଛିନ୍ନଛତ୍ର ହୋଇ ରହିଛନ୍ତି।"

ଏବଂ ଏହି ବଡ ପର୍ଯ୍ୟବେକ୍ଷକ, ବିଶପ୍, ଉପରକୁ ଯାଇ ତାଙ୍କୁ ମୁଖରେ ଚାପୁଡା ମାରିଲେ। କହିଲେ, "ପରମେଶ୍ୱରଙ୍କ ଆତ୍ମା ମୋ ପାଖରୁ ଗଲାବେଳେ କେଉଁଆଡେ ଗଲା?"

152 ମୀଖାୟ କହିଲେ, "ତୁମେ ଯେତେବେଳେ କାରାଗୃହରେ ଥିବ ସେତେବେଳେ ତୁମେ ଦେଖିବ। ତୁମେ ଦେଖିବ।"

ସେ, ଆହାବ କହିଲା, "ସେହି ବ୍ୟକ୍ତିକୁ କାରାଗାରରେ ନିକ୍ଷେପ କର। ତାକୁ ଏହି ଦୁଃଖରୂପ ରୁଟି ଭୋଜନ କରିବାକୁ ଦିଅ, ଏବଂ ତାକୁ ଦୁଃଖରୂପ ଜଳ, ପାନ କରିବାକୁ ଦିଅ।" କହିଲା, "ଯେତେବେଳେ ମୁଁ ଶାନ୍ତିରେ ଫେରି ଆସିବି," କହିଲା, "ତାହାପରେ ମୁଁ ତାର କଥା ବୁଝିବି।"

153 ବୃଦ୍ଧ ମୀଖାୟ ସେଠାରେ **ସଦାପ୍ରଭୁ ଏହି କଥା କୁହନ୍ତି** ବାକ୍ୟ ସହିତ ଛିଡା ହୋଇଥିଲେ। ସେ କହିଲେ, "ଯଦି ତୁମେ ଆଦୌ ଫେରିଆସ, ତାହାହେଲେ ପରମେଶ୍ୱର ମୋ ସହିତ କଥା ହୋଇନାହାଁନ୍ତି।" ହୁଁ! ତାହାହିଁ ହେଉଛି ଏହା। ସେ କଅଣ ଥିଲେ? ସେ ଏକ ଚିହ୍ନ ଥିଲେ, ଯେ ଯିହୋବାଙ୍କ ଭବିଷ୍ୟଦ୍‌ବକ୍ତାମାନେ, ପରମେଶ୍ୱରଙ୍କ ଭବିଷ୍ୟଦ୍‌ବକ୍ତାମାନେ, ପରମେଶ୍ୱରଙ୍କ ବାକ୍ୟ ସହିତରେ ରହିଥାନ୍ତି।

154 ଯଦି ଆପଣଙ୍କ ପାଖରେ ଜଣେ ଏପରି ଭବିଷ୍ୟଦ୍‌ବକ୍ତା ଅଛନ୍ତି ଯିଏକି କୁହନ୍ତି ଯେ ତୁମେ "ପିତା, ପୁତ୍ର, ପବିତ୍ରଆତ୍ମା" ଙ୍କ ଉପାଧିଗୁଡିକରେ ବାପ୍ତିଜିତ ହେବା ଉଚିତ୍, ତାହାହେଲେ ଏହା ଜଣେ ଭଣ୍ଡ ଭବିଷ୍ୟଦ୍‌ବକ୍ତା ଅଟନ୍ତି। ଯଦି ଆପଣ କୁହନ୍ତି ଯେ ସେଠାରେ ଆପଣମାନଙ୍କ ମଧ୍ୟରେ ଜଣେ ଭବିଷ୍ୟଦ୍‌ବକ୍ତା ଅଛନ୍ତି, ଯିଏକି କୁହନ୍ତି, "ତିନୋଟି ପରମେଶ୍ୱର ଅଛନ୍ତି," ତାହାହେଲେ ଏହା ଜଣେ ଭଣ୍ଡ ଭବିଷ୍ୟଦ୍‌ବକ୍ତା ଅଟନ୍ତି। ଏଥିର କୌଣସିଟି ପାଇଁ କିଛି ହେଲେ ଶାସ୍ତ୍ର ନାହିଁ। ତାହା ଠିକ୍ ଅଟେ। ମାତ୍ର ପରମେଶ୍ୱରଙ୍କ ଜଣେ ପ୍ରକୃତ ଭବିଷ୍ୟଦ୍‌ବକ୍ତା ସେହି ବାକ୍ୟ ସହିତରେ ରହିବେ। ଏବଂ ଯଦି ତାଙ୍କର ଦର୍ଶନ ସେହି ବାକ୍ୟର ବିରୁଦ୍ଧାତ୍ମକ ଥାଏ, ତାହାହେଲେ ସେ ପରମେଶ୍ୱରଙ୍କଠାରୁ ପ୍ରକୃତ ଭବିଷ୍ୟଦ୍‌ବକ୍ତା ନୁହଁନ୍ତି।

155 ବାଇବଲରେ, କୌଣସି ସ୍ଥାନରେ, କେହି ହେଲେ କେବେ "ପିତା, ପୁତ୍ର, ପବିତ୍ରଆତ୍ମା" ଙ୍କ ଉପାଧିରେ ବାପ୍ତିଜିତ ହୋଇ ନ ଥିଲେ।

156 ପାଉଲଙ୍କୁ ଦେଖନ୍ତୁ, ସେଠାରେ କାରାଗାରରେ, ଜଣେ ଛୋଟ, ବଙ୍କା-ନାକ ଥିବା ଯିହୁଦୀ ଜଣକ, ଚନ୍ଦାମୁଣ୍ଡ, ସେଠାରେ ପଡ଼ି ରହିଥିଲେ, କୋଡିଏ ବର୍ଷ, ଏକ ରୋମାନ୍ କାରାଗାରରେ ଅତିବାହିତ କଲେ। ସେ ଏହି ଚିଠିଗୁଡ଼ିକୁ ଲେଖିଥିଲେ। ତେବେ, ଆପଣମାନେ କଅଣ ଭାବୁଛନ୍ତି ଯେ ସେହି ମହିଳା ପ୍ରଚାରିକାମାନେ ପାଉଲଙ୍କ ବିଷୟରେ କଅଣ ଭାବିଥିଲେ, ଯେତେବେଳେ ସେ କହିଥିଲେ, "ସ୍ତ୍ରୀଲୋକମାନେ ମଣ୍ଡଳୀରେ ନୀରବ ରୁହନ୍ତୁ। ମୁଁ ସେମାନଙ୍କୁ କହିବାକୁ ଅନୁମତି ଦିଏ ନାହିଁ"? ମୁଁ ଭାବୁଛି ଯେ ସେମାନେ ପ୍ରକୃତରେ ତାଙ୍କ ଉପରେ କାମ କରିପାରିଥିବେ।

ଆପଣମାନେ କଅଣ ଭାବୁଛନ୍ତି ଯେ ସେହି ବିଶପ୍‌ମାନେ କଅଣ ଭାବିଥିବେ, ସେହି ବିଶପ୍‌ମାନେ, ଯେତେବେଳେ ସେ ଏହି ସବୁ ଭିନ୍ନ ବିଷୟଗୁଡିକୁ କହିଥିଲେ, "ଏଠାରେ ଏହି ବିଷୟକୁ, ଏବଂ ଏଠାରେ *ଏହା*, *ଏହି ସବୁ*, *ତାହା* ପରିତ୍ୟାଗ କର," ପାଉଲ ସେମାନଙ୍କୁ କହୁଥିଲେ? "ଏହି ଲୋକଟି କିଏ, ଯାହା ବି ହେଉ, ଏହି ବ୍ୟକ୍ତିଟି ଯିଏକି ସେଠାରେ କାରାଗାରରେ ପଡ଼ି ରହିଛନ୍ତି।" ମାତ୍ର ସେ ଯୀଶୁଙ୍କୁ ଭେଟିଥିଲେ। ସେ ଜାଣିଥିଲେ ସେ କଅଣ କହୁଛନ୍ତି।

ଏବଂ ସେହି ସମାନ ଗୋଷ୍ଠୀ ମଧ୍ୟରୁ, ପାଉଲଙ୍କ ମୃତ୍ୟୁ ପରେ, ସେମାନେ ଶେଷରେ, ସେହି ବିଶପ ଏବଂ ଉଚ୍ଚ-ପଦାଶୀନମାନଙ୍କର ସେହି ଗୋଷ୍ଠୀ ମଧ୍ୟରୁ, ନାଇସିନ ପରିଷଦକୁ ଗଠନ କଲେ, ଏବଂ ତାହା ପରମେଶ୍ୱରଙ୍କ ବାକ୍ୟରୁ ଦୂରେଇ ଯାଇ, କ୍ୟାଥୋଲିକ ମଣ୍ଡଳୀକୁ

ଗଠନ କରିଥିଲା । ସେଠାରେ ଆପଣଙ୍କର "ପିତା, ପୁତ୍ର, ପବିତ୍ରଆତ୍ମା" ଆସିଥିଲା । ମୁଁ ଯେକୌଣସି ସ୍ଥାନରୁ, ଯେକୌଣସି ରାଷ୍ଟ୍ରରୁ, କୌଣସି ବି ବ୍ୟକ୍ତିଙ୍କୁ ଆହ୍ୱାନ କରେ, ଯେ ଏହାକୁ ଭୁଲ୍ ପ୍ରମାଣ କରନ୍ତୁ ।

157 **ସଦାପ୍ରଭୁ ଏହି କଥା କୁହନ୍ତି ।** ସେହି ଉପାଧି "ପିତା, ପୁତ୍ର, ପବିତ୍ରଆତ୍ମା" ବ୍ୟବହାର କରି ବାପ୍ତିସ୍ମ ଦେବା ମିଥ୍ୟା ଅଟେ । **ସଦାପ୍ରଭୁ ଏହି କଥା କୁହନ୍ତି ।** ମୁଁ ଏଠାରେ ଥିବା କିମ୍ବା ଟେପ୍‌ରେ ଥିବା, ଆପଣ ସମସ୍ତଙ୍କ ମଧ୍ୟରୁ ପ୍ରତ୍ୟେକ ଜଣଙ୍କୁ ଆଦେଶ ଦେଉଅଛି, ଯିଏକି "ଯୀଶୁ ଖ୍ରୀଷ୍ଟ" ନାମରେ ବାପ୍ତିଜିତ ହୋଇନାହାଁନ୍ତି, ଯେ ପୁନର୍ବାର ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅନ୍ତୁ ।

158 ପାଉଲ, ପ୍ରେରିତ କ୍ରିୟାରେ, 5:୨, କିମ୍ବା, 19:5 ରେ, କହିଲେ, "ତୁମେ ବିଶ୍ୱାସ କରିବା ଦିନଠାରୁ କଅଣ ପବିତ୍ରଆତ୍ମା ପାଇଅଛ କି?"

ସେମାନେ କହିଲେ, "ପବିତ୍ରଆତ୍ମା ଯେ କଅଣ ତାହା ସୁଦ୍ଧା ଆମେମାନେ ଜାଣି ନାହୁଁ ।"

କହିଲେ, "ତେବେ ତୁମେ କାହିଁରେ ବାପ୍ତିଜିତ ହେଲ?"

159 ସେମାନେ କହିଲେ, "ଆମେମାନେ ବାପ୍ତିଜିତ ହୋଇଅଛୁ," ମାତ୍ର ଖ୍ରୀଷ୍ଟିଆନ ବାପ୍ତିସ୍ମରେ ନୁହେଁ ।

"ପିତା, ପୁତ୍ର, ଏବଂ ପବିତ୍ରଆତ୍ମା " ଖ୍ରୀଷ୍ଟିଆନ ବାପ୍ତିସ୍ମ ନୁହେଁ । ବାଇବଲରେ କିମ୍ବା ବାଇବଲ ପରେ ଶହ ଶହ ବର୍ଷ ପର୍ଯ୍ୟନ୍ତ, କୌଣସି ଖ୍ରୀଷ୍ଟିଆନ କେବେବି ସେହିପରି ବାପ୍ତିଜିତ ହୋଇ ନ ଥିଲେ । ଏହା ତ ଏକ କ୍ୟାଥୋଲିକ୍ ଧର୍ମମତ ଅଟେ, ଏବଂ ଖ୍ରୀଷ୍ଟିଆନ ଶିକ୍ଷା ନୁହେଁ । ମୋତେ ବାଇବଲରେ ଦେଖାନ୍ତୁ । ଏହା ଏକ—ଏହା ଏକ ଭଣ୍ଡ ବିଷୟ ଅଟେ । ଏହା ତ ଶୟତାନର କାର୍ଯ୍ୟ ଅଟେ ।

ମୋର କହିବାର ଅର୍ଥ ନୁହେଁ ଯେ ସେହିଭଳି ବାପ୍ତିଜିତ ହୋଇଥିବା ଲୋକମାନେ ସେହିପରି ଅଟନ୍ତି । ପରମେଶ୍ୱରଙ୍କ ଆଜି ସେଠାରେ ଅନେକ ଲୋକମାନେ ଅଛନ୍ତି ଯେଉଁମାନେକି ତାହାଠୁଁ ଅଧିକ ଉତ୍ତମ ଜାଣନ୍ତି ନାହିଁ ।

160 ମାତ୍ର, ସେହି ସମୟ ଆସିଯାଇଛି, ଆମକୁ ତ ବାକ୍ୟ ନିକଟକୁ ଫେରିଯିବାକୁ ଅଛି ଯଦି ଆମେ ପରମେଶ୍ୱରଙ୍କୁ ଠିକ ସେହି ଭଳି କାର୍ଯ୍ୟ କରନ୍ତୁ ବୋଲି ଆଶା କରୁ ଯେପରିକି ସେ ସେହି ଦିନରେ କାର୍ଯ୍ୟ କରିଥିଲେ ।

161 ମୁଁ ମୋର ମାଆଙ୍କୁ ତାଙ୍କର ମରଣ ଅବସ୍ଥାରେ କହିଥିଲି, ଠିକ ସେ ମରିବା ପୂର୍ବରୁ । ମୁଁ କହିଲି, "ମାଆ, ଯେତେବେଳେ ମୁଁ ଜଣେ ଖ୍ରୀଷ୍ଟିଆନ ହେଲି, ଜଣେ ବାଳକ ଭାବରେ, ମୁଁ ଅନ୍ୱେଷଣ କରିବାକୁ ଓ ଖୋଜିବାକୁ ଲାଗିଲି । ମୁଁ ଜାଣିଥିଲି ଯେ ସେଠାରେ ଏକ ପରମେଶ୍ୱର ଅଛନ୍ତି, ଦର୍ଶନଗୁଡ଼ିକରୁ ଆପଣ ଜାଣନ୍ତି, ଏବଂ ସମସ୍ତ କିଛି ଘଟଣାରୁ ଯାହା ଜୀବନସାରା ଘଟିଅଛି ।" ମୁଁ କହିଲି, "ତାହାପରେ ମୁଁ କ୍ୟାଥୋଲିକ୍ ମଣ୍ଡଳୀକୁ ଏହା କହୁଥିବାର ପାଇଲି, 'ଆମେ ମଣ୍ଡଳୀ ଅଟୁ । ବାଇବଲ କଅଣ କହୁଛି ସେଥିରେ କିଛି ଯାଏ ଆସେ ନାହିଁ ।

ଆମେମାନେ ତାହା ସବୁ ଠିକ ଅଟେ ବୋଲି ବିଶ୍ୱାସ କରୁ, ମାତ୍ର, ଆମେମାନେ ମଣ୍ଡଳୀ ଅଟୁ। ଆମେମାନେ ଯାହା କହୁ, ପରମେଶ୍ୱର ତାହା ସ୍ୱର୍ଗରେ ବାନ୍ଧନ୍ତି।' ଏବଂ ତେଣୁକରି, ତାହାପରେ, ସେମାନେ ଏହାକୁ ଏହି ପରି ଭାବରେ କରନ୍ତି। ତାହା ଏକ ଶରୀର ଅଟେ। ଲୁଥରାନ୍ କୁହନ୍ତି, 'ସେମାନେ ଭୁଲ୍ ଅଟନ୍ତି। ଆମେ ଏହାକୁ ଏହି ଉପାୟରେ ବିଶ୍ୱାସ କରୁ।' ବାପ୍ଟିଷ୍ଟମାନେ କୁହନ୍ତି, 'ସେମାନେ ସମସ୍ତେ ଭୁଲ୍ ଅଟନ୍ତି। ଆମେ ଏହାକୁ ଏହି ପରି ଭାବରେ ବିଶ୍ୱାସ କରୁ।' ଏବଂ ସେଠାରେ ସେହି ପ୍ରକାର ଶହ ଶହ ଶରୀରମାନ ଅଛନ୍ତି।"

କାହିଁକି, ତେବେ ଆପଣ କିପରି ବା ବିଶ୍ୱାସ କରିପାରିବେ? ସେମାନଙ୍କ ମଧ୍ୟରୁ କେଉଁଟି ଠିକ୍ ଅଟେ? ସେଠାରେ ଗୋଟିଏ ବିଷୟ ଠିକ୍ ଅଟେ। ମୁଁ ସେତେବେଳେ ତାହା ଜାଣି ନ ଥିଲି।

162 ମୁଁ କହିଲି, "ମାଆ, ମୁଁ ବାଇବଲକୁ ଫେରି ଗଲି ଓ ସେହି ଉପାୟକୁ ଜାଣିଲି ଯାହା ପ୍ରଥମ ପ୍ରେରିତମାନେ କରୁଥିଲେ, ସେମାନଙ୍କର କି ପ୍ରକାର ଏକ ମଣ୍ଡଳୀ ଥିଲା, ସେମାନେ କିପରି ଶିକ୍ଷା ଦେଉଥିଲେ, ଏବଂ ଯାହାସବୁ ବିଷୟ ସେମାନେ କରୁଥିଲେ। ମୁଁ ଏହାକୁ ଅବିକଳ ଠିକ ସେହିପରି ଭାବରେ କଲି ଯେପରି ଭାବରେ ସେମାନେ ଏହାକୁ କରିଥିଲେ, ଯେପରି ଭାବରେ ବାଇବଲ ଏହାକୁ କହିଥିଲା, ଏବଂ ମୁଁ ସମାନ ପରିଣାମଗୁଡ଼ିକୁ ପାଇଲି।" ଆମେନ୍। ସେହି ଅଭିବ୍ୟକ୍ତିକୁ କ୍ଷମା କରନ୍ତୁ, ମାତ୍ର ସେହି ଖିରି ଥିବାର ସେହି—ସେହି ପ୍ରମାଣଟି ହେଉଛି ଯେ ଏହା ଭୋଜନ କରାଯାଇଛି। ତାହା ସତ ଅଟେ। ସେହି ସମାନ ପରିଣାମଗୁଡ଼ିକୁ ପାଇଲି ଯାହା ସେମାନଙ୍କର ରହିଥିଲା। ହଁ।

163 ତେଣୁ, ଆପଣ ସେହିପରି କିଛି ଗୋଟାଏ ବିଷୟରେ ଭରସା ନିର୍ମାଣ କରିପାରନ୍ତି ନାହିଁ ଯାହାର ନଅ ଶହ ଭିନ୍ନ ଭିନ୍ନ ଉପାୟ ରହିଥାଏ, ଏହି ଉପାୟରେ ଯିବା ଏବଂ ସେହି ଉପାୟରେ ଯିବା।

ତାହାପରେ ମୁଁ, ଏଠାରେ ବାଇବଲରେ ପାଇଲି, ଯେ ଯୀଶୁ ନିଜେ, କହିଥିଲେ, "ଯଦି କୌଣସି ବ୍ୟକ୍ତି ଏହି ପୁସ୍ତକରେ, ଗୋଟିଏ ବି ବାକ୍ୟ ନେବ, କିମ୍ବା ଏହାକୁ ପରିବର୍ତ୍ତନ କରିବ; ଯେକେହି ବି ଏଥିରେ କିଛି ଯୋଗ କରିବ, କିମ୍ବା ଏଥିରୁ କିଛି ଲୋପ କରିବ; ତେବେ ତାର ସେହି ସମାନ ଅଂଶ, ଜୀବନ ପୁସ୍ତକରୁ ମଧ୍ୟ ଠିକ କାଢ଼ି ନିଆଯିବ।" ତାହା ଏହା ଦର୍ଶାଏ ଯେ ତାଙ୍କର ନାମ ଠିକ ସେଠାରେ ରହିଥିଲା, ଠିକ ଅଛି, ମାତ୍ର କାଢ଼ି ନିଆଯିବ। ଓଃ!

164 ଆମକୁ ଏହି ବାକ୍ୟ ନିକଟକୁ ଫେରି ଆସିବାକୁ ଅଛି। "ସ୍ୱର୍ଗ ଓ ପୃଥିବୀ ଲୋପ ପାଇବ, ମାତ୍ର ମୋହର ବାକ୍ୟ କେବେବି ବିଫଳ ହେବ ନାହିଁ।" ହଁ, ମହାଶୟ। "ପ୍ରତ୍ୟେକ ମନୁଷ୍ୟର ଶବ୍ଦ ଏକ ମିଥ୍ୟା ହେଉ। ମୋହର ସତ୍ୟ ହେଉ," ଯୀଶୁ କହିଲେ। ଆସନ୍ତୁ ବାକ୍ୟ ସହିତରେ ରହିବା। ହଁ। ଓଃ, ମୋର ପ୍ରଭୁ! ହଁ।

165 ଯିହୋଶାଫଟ୍ ଜାଣିଥିଲେ ଯେ ପରମେଶ୍ୱର ଜଣେ ପ୍ରକୃତ, ବାସ୍ତବ ଭବିଷ୍ୟଦ୍‌ବକ୍ତାଙ୍କୁ ରଖିଛନ୍ତି ଯିଏକି ତାହାଙ୍କ ବାକ୍ୟ ସହିତରେ ରହିବେ ଏବଂ ଏଥିରେ କୌଣସି ଆପୋଷ ବୁଝାମଣା କରିବେ ନାହିଁ। ନା, ମହାଶୟ।

166 ସେ ଠିକ ଏହା ସହିତରେ ଲାଗି ରହିଲେ। ଚାରି ଶହ ଜଣ ମଧ୍ୟ, ସେମାନଙ୍କ ଭବିଷ୍ୟତ୍‌ବାଣୀ ସହିତ, ତାଙ୍କ ବିରୁଦ୍ଧରେ। ମାତ୍ର ତାଙ୍କର ତ ପରମେଶ୍ୱରଙ୍କ ବାକ୍ୟ ଥିଲା, ସମାନ ଚିହ୍ନ ଏବଂ ବିଷୟଗୁଡିକ ସହିତରେ।

ଏବଂ ମୁଁ କହୁଛି, ଆଜି, ଆମର ଆଜି ଯାହା ଦରକାର ତାହା ହେଉଛି ଜଣେ ବ୍ୟକ୍ତି, ଜଣେ ଭବିଷ୍ୟଦ୍‌ବକ୍ତା, ଆମ ମଧ୍ୟରେ ଉଠନ୍ତୁ, ଯିଏକି ଅନ୍ୟ କେହି କଅଣ କୁହନ୍ତି, କିମ୍ବା ନାମଧାରୀ ସଂସ୍ଥା କଅଣ କୁହେ ତାହାର ନିର୍ବିଶେଷରେ, ପରମେଶ୍ୱରଙ୍କ ବାକ୍ୟ ସହିତରେ ରହିଥିବେ।

167 ମୀଖାୟଙ୍କର କୌଣସି ସହଯୋଗ ନ ଥିଲା। ମୋଶାଙ୍କର କୌଣସି ସହଯୋଗ ନ ଥିଲା। ନୋହଙ୍କର କୌଣସି ସହଯୋଗ ନ ଥିଲା। ସେମାନଙ୍କ ମଧ୍ୟରୁ କାହାରିର, କେବଳ, କଦାଚ କୌଣସି ସହଯୋଗ ରହି ନ ଥିଲା। ଏହା ସବୁ ସେମାନଙ୍କ ବିରୁଦ୍ଧରେ ଥିଲା। ମାତ୍ର ସେମାନେ ମନ୍ଦ ଦିନରେ ଚିହ୍ନଗୁଡିକ ଅଟନ୍ତି ଏହା ପୂର୍ବେକି ପରମେଶ୍ୱର ବିଚାର ପଠାନ୍ତି। ଏବଂ ପରମେଶ୍ୱର ତାହାଙ୍କର ବାକ୍ୟକୁ ରକ୍ଷା କରନ୍ତି ଏବଂ ଚାହାଁନ୍ତି ଯେ ତାହାଙ୍କର ଲୋକମାନେ ତାହାଙ୍କର ବାକ୍ୟକୁ ପାଳନ କରନ୍ତୁ। ପ୍ରଭୁଙ୍କର ପ୍ରଶଂସା ହେଉ।

ତେବେ, ସମାପ୍ତ କରିବାକୁ ଯାଉଅଛି, ତେବେ ମାତ୍ର କିଛି ମିନିଟ୍ ପାଇଁ। ତେବେ ଧ୍ୟାନ ସହକାରେ ଶୁଣନ୍ତୁ।

168 "ପରମେଶ୍ୱରଙ୍କଠାରୁ ପ୍ରେରିତ ଜଣେ ଲୋକ ଥିଲେ ଯାହାଙ୍କର ନାମ ଯୋହନ ଥିଲା," ଜଣେ ଭବିଷ୍ୟଦ୍‌ବକ୍ତା-ଚିହ୍ନ। ଯୀଶୁ ନିଜକୁ ଘୋଷଣା କରିବା ନିମନ୍ତେ, ପୃଥିବୀକୁ କଦାଚ ଆସିବା ପୂର୍ବରୁ, ସେ ତାଙ୍କ ଆଗରେ ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ ପଠାଇଥିଲେ। କଅଣ ସେ ଏହା କରିଥିଲେ କି? ସେ ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ, ପୁରାତନ ନିୟମର ଏଲିୟଙ୍କୁ ପଠାଇଥିଲେ, ପୁରାତନ ନିୟମର ଏଲିୟଙ୍କ ଶକ୍ତିରେ ଆସିବାର ଭବିଷ୍ୟତ୍‌ବାଣୀ କରାଯାଇଥିଲା। ତାହାଙ୍କୁ ତ ଜଣେ ଭବିଷ୍ୟଦ୍‌ବକ୍ତା-ଚିହ୍ନ ହେବାକୁ ଥିଲା ଯେ ଯୀଶୁ ଆସୁଛନ୍ତି, ଯେ ସେଠାରେ ଜଣେ ମଶୀହଙ୍କର ଆଗମନ ହେବାକୁ ଥିଲା।

169 ଏବଂ ଯୋହନ ପ୍ରାନ୍ତରରୁ ବାହାରି ଆସିଲେ, ସେ ଏକ ଚିହ୍ନ ଥିଲେ ଯେ ମଶୀହ ତାଙ୍କ ମାର୍ଗରେ ଅଛନ୍ତି। ଯେତେବେଳେ ଯୋହନ ଦେଖାଦେଲେ, ଇସ୍ରାଏଲକୁ ସେମାନଙ୍କର ଭବିଷ୍ୟଦ୍‌ବକ୍ତାମାନଙ୍କ ଦ୍ୱାରା ଜାଣିଯିବାର ଉଚିତ୍ ଥିଲା।

ସେହିଠାରେ ହିଁ ଅଟେ ଯେଉଁଠାରେକି ଲୋକମାନେ ଏହାକୁ ହରାଇଥାନ୍ତି। ସେମାନେ ନିଜର ଭବିଷ୍ୟଦ୍‌ବକ୍ତାମାନଙ୍କୁ ବିଶ୍ୱାସ କରନ୍ତି ନାହିଁ। ସେମାନେ ବିଶ୍ୱାସ କରନ୍ତି ନାହିଁ। "ପେଣ୍ଟିକଷ୍ଟ ଦିନରେ, ପିତର ଯାହା କହିଥିଲେ ତାହା ଠିକ୍ ଅଟେ ବୋଲି ଆମେମାନେ ବିଶ୍ୱାସ କରୁନାହୁଁ।" ସେମାନେ ବିଶ୍ୱାସ କରନ୍ତି ନାହିଁ ଯେ ତାହା ଠିକ୍ ଅଟେ। ସେମାନେ ବିଶ୍ୱାସ କରନ୍ତି ନାହିଁ ଯାହା ପାଉଲ କହିଥିଲେ, ସେହି ସମାନ ବିଷୟ ଯାହା ପିତର କହିଥିଲେ। କହିଲେ, "ଯଦି ସ୍ୱର୍ଗର ଜଣେ ଦୂତ ସୁଦ୍ଧା ଅନ୍ୟ କୌଣସି ବାକ୍ୟ ପ୍ରଚାର କରନ୍ତି, ତେବେ ସେ ଅଭିଶପ୍ତ

ହୁଅନ୍ତୁ ।" ସେମାନେ ତାହା ବିଶ୍ୱାସ କରନ୍ତି ନାହିଁ । ବୁଝିଲେ? ସେମାନେ ଏହାକୁ ବିଶ୍ୱାସ କରନ୍ତି ନାହିଁ ।

ଏବଂ ସେମାନେ ନିଜର ଭବିଷ୍ୟଦ୍‌ବକ୍ତାମାନଙ୍କୁ ବିଶ୍ୱାସ କଲେ ନାହିଁ । ଯଦି ସେମାନେ ଜାଣିଥାନ୍ତେ, ତାହାହେଲେ ସେମାନେ ଏହା ଜାଣିଥାନ୍ତେ ଯେ ଯିଶାଇୟ କହିଥିଲେ, "ସେଠାରେ ପ୍ରାନ୍ତରରେ ଚିତ୍କାର କରୁଥିବା ଜଣକାର ଏକ ରବ ହେବ, ଯାହାକି ପ୍ରଭୁଙ୍କ ଆଗରେ ମାର୍ଗକୁ ପ୍ରସ୍ତୁତ କରିବ ।" ସେମାନଙ୍କୁ ଏହା ଜାଣିବାର ଉଚିତ୍ ଥିଲା । ସେ ଜଣେ ଭବିଷ୍ୟଦ୍‌ବକ୍ତା, ଭବିଷ୍ୟଦ୍‌ବକ୍ତାମାନଙ୍କର ଜଣେ ରାଜକୁମାର ଥିଲେ । ସେ ସେମାନଙ୍କୁ କହିଲେ, ମାତ୍ର ସେମାନେ ଏହାକୁ ବିଶ୍ୱାସ କଲେ ନାହିଁ । ନା, ନା । ସେ କହିଲେ, "ଜଣେ ମଶୀହ ଆସୁଛନ୍ତି ।"

170 ଏହି ବ୍ୟକ୍ତି ଜଣକ ପରମେଶ୍ୱରଙ୍କଠାରୁ ପ୍ରେରିତ ଥିଲେ । ହେ, ଭାଇମାନେ! ତାଙ୍କର କୌଣସି ଅନୁକାରୀମାନେ ନ ଥିଲେ । ପରମେଶ୍ୱର ତାଙ୍କୁ ଏକ ଅନୁକାରୀ, ଏକ ଛୋଟ ପଲ ଦେଲେ, ଯେପରିକି ସେ ଏଲିୟଙ୍କୁ ଦେଇଥିଲେ । ପରମେଶ୍ୱର ତାଙ୍କୁ ତାଙ୍କର ଅନୁକାରୀ ଦଳ ଦେଲେ । ସେ ଏହାକୁ କୌଣସି ରାଜନୈତିକ ସଂଗଠନରୁ ପାଇ ନ ଥିଲେ । ସେ ବାକ୍ୟ ପ୍ରଚାର କଲେ, ପରମେଶ୍ୱରଙ୍କ ବାକ୍ୟ ଉପରେ ସ୍ଥିର ରହିଲେ, ଏବଂ ପରମେଶ୍ୱର ତାଙ୍କୁ ଏକ ଛୋଟ ପଲ ଦେଲେ । ଏଲିୟ ପରମେଶ୍ୱରଙ୍କ ବାକ୍ୟ ଉପରେ ସ୍ଥିର ରହିଲେ । ପରମେଶ୍ୱର ତାଙ୍କୁ ଏକ ଛୋଟ ପଲ ଦେଲେ ।

171 ଏହି ବ୍ୟକ୍ତି କୌଣସି ସହଯୋଗ ପାଇ ନ ଥିଲେ । ତାଙ୍କର କୌଣସି ଅନୁକାରୀ ଦଳ ନ ଥିଲା, କୌଣସି ସହଯୋଗ ପାଇ ନ ଥିଲେ, କୌଣସି ନାମଧାରୀ ସଂସ୍ଥା ସହିତ ସମ୍ପୃକ୍ତ ନ ଥିଲା, କୌଣସି ବିଷୟ ମାଗି ନ ଥିଲେ ଏବଂ କୌଣସି ବିଷୟକୁ ଭୟ କରି ନ ଥିଲେ । ତାହା ଯୋହନ ଥିଲେ । କାହିଁକି? ସେ ପରମେଶ୍ୱରଙ୍କଠାରୁ ପ୍ରେରିତ ଜଣେ ବ୍ୟକ୍ତି ଥିଲେ । ସେହି କାରଣରୁ ହିଁ ସେ ଛିଡା ହୋଇଥିଲେ । ସେ ସେଠାରେ ଏଲିୟ ଭାବରେ ଏହା ପ୍ରମାଣ କରିବା ପାଇଁ, ଛିଡା ହୋଇଥିଲେ ଯେ ମଶୀହ ଆସୁଛନ୍ତି । ସେ କହିଲେ, "ଯେପରି ଭବିଷ୍ୟଦ୍‌ବକ୍ତା ଯିଶାଇୟ କହିଥିଲେ, ମୁଁ ପ୍ରାନ୍ତରରେ ଚିତ୍କାର କରୁଥିବା ସେହି ଜଣକାର ରବ ଅଟେ । ପ୍ରଭୁଙ୍କୁ ସାକ୍ଷାତ କରିବା ନିମନ୍ତେ ପ୍ରସ୍ତୁତ ହୁଅ ।"

172 ସେହି ଫାରୂଶୀ ଓ ସାଦ୍ଦୂକୀମାନେ ସେଠାରେ ଛିଡା ହୋଇ ସେମାନଙ୍କର କୋଟ ଏବଂ ଜିନିଷଗୁଡିକ ବିଷୟରେ ଯୁକ୍ତିତର୍କ କରୁଥିଲେ । ଠିକ୍ ଯେତେବେଳେ ସେମାନେ ଏହା ବିଷୟରେ ଯୁକ୍ତିତର୍କ କରୁଥିଲେ ଏବଂ କଳି କରୁଥିଲେ, ଠିକ ସେମାନଙ୍କ ମଧ୍ୟରେ ମଶୀହ ଚାଲି ଚାଲି, ଆସିଥିଲେ ।

173 ଯୋହନ କହିଲେ, "ହେଇ ଦେଖ, ସେ ସେଠାରେ ଅଛନ୍ତି ।" ହାଲ୍ଲେଲୁୟା! ତାଙ୍କୁ ଦେଖ । ସେ ତାଙ୍କୁ ପରିଚିତ କରାଇଲେ । "ସେ ସେଠାରେ ଅଛନ୍ତି । ସେ ବର୍ତ୍ତମାନ ଠିକ ତୁମମାନଙ୍କ ମଧ୍ୟରେ ଛିଡା ହୋଇଛନ୍ତି ।"

ପ୍ରାୟଃ ସେହି ସମୟରେ, ଆକାଶ ଗର୍ଜନ କଲା । ଯୀଶୁ ପାଣି ଭିତରକୁ ଚାଲି ଆସିଲେ । ଏବଂ ଯୋହନ ପରମେଶ୍ୱରଙ୍କ ଆତ୍ମାକୁ, ଏକ କପୋତ ପରି, ତଳକୁ ଓହ୍ଲାଇ ଆସୁଥିବାର ଦେଖି, ସାକ୍ଷ୍ୟ ଦେଲେ । ଏକ ରବ ଚିତ୍କାର କଲା, "ଏହା ଆମ୍ଭର ପ୍ରିୟ ପୁତ୍ର, ଯାହାଙ୍କଠାରେ ବାସ କରିବାକୁ ଆମ୍ଭେ ପ୍ରସନ୍ନ ଅଟୁ ।" ଓଃ, ମୋର ପ୍ରଭୁ, ମୋର ପ୍ରଭୁ!

174 ଯୋହନ କହିଲେ, "ବର୍ତ୍ତମାନ ମୁଁ ହ୍ରାସ ପାଇବା ଜରୁରୀ । ସେ ବୃଦ୍ଧି ପାଇବେ ।" ଓଃ, କି ଏକ ଭବିଷ୍ୟଦ୍‌ବକ୍ତା, ଇସ୍ରାଏଲ ପାଇଁ ଏକ ଚିହ୍ନ! ହଁ, ମହାଶୟ ।

175 ସେ ପରମେଶ୍ୱରଙ୍କଠାରୁ ପ୍ରେରିତ ଜଣେ ବ୍ୟକ୍ତି ଥିଲେ, ଯଦିଓ ତାଙ୍କ ପିତା ଜଣେ ଯାଜକ ଥିଲେ । ଓଃ, ହଁ । ତାଙ୍କ ପିତା, ଯିଖରିୟ ଜଣେ ଯାଜକ ଥିଲେ । ମାତ୍ର କଅଣ ଆପଣ ଧ୍ୟାନ ଦେଲେ କି? ପରମେଶ୍ୱର ସେହି ଭବିଷ୍ୟଦ୍‌ବକ୍ତାଙ୍କୁ ସେମାନଙ୍କର ସଂଗଠନଗୁଡିକ ସହିତ ମିଶ୍ରିତ ହେବାକୁ ଦେଇ ନ ଥିଲେ । ତାଙ୍କ ପିତା ତାଙ୍କୁ ଧର୍ମଶାସ୍ତ୍ରୀୟ ବିଦ୍ୟାଳୟକୁ, ମହାନ *ଅମୁକ-ଓ-ଅମୁକ* ନାମଧାରୀ ସଂସ୍ଥାକୁ ନେଇ ଯାଇଥାନ୍ତେ, ତାଙ୍କୁ ଜଣେ ଅତି ଉତ୍ତମ ସେବକ କରି ଦେଇଥାନ୍ତେ, ଆପଣମାନେ ଜାଣନ୍ତି, ଏବଂ ତାଙ୍କୁ ସମସ୍ତ ତାଲିମ ପ୍ରଦାନ କରି ଦେଇଥାନ୍ତେ, ଏବଂ ତାଙ୍କୁ ଏପରି ଅନେକ ଜିନିଷମାନ ଦେଇଥାନ୍ତେ ଯାହାକି ତାଙ୍କର ଉଚିତ ନ ଥିଲା । ମାତ୍ର ପରମେଶ୍ୱର ତାଙ୍କ ପ୍ରାଣକୁ ଦୂଷିତ ହେବାକୁ ଦେଇ ନ ଥିଲେ । କଅଣ ଆପଣମାନେ ବୁଝିଲେ କି? ସେ ସେହି ବ୍ୟକ୍ତିଙ୍କୁ ସଂଗଠନ ସହିତ ମିଶ୍ରିତ ହେବାକୁ ଦେଇପାରିବେ ନାହିଁ । ସେ ସେମାନଙ୍କ ମଧ୍ୟରୁ କାହାରି ସହିତ ସମ୍ପୃକ୍ତ ନ ଥିଲେ, କୌଣସି ସମ୍ପ୍ରଦାୟ, ଫାରୂଶୀ, ସାଦ୍ଦୂକୀ, କିମ୍ବା ହେରୋଦିଆନ୍, କିମ୍ବା ଏହା ଯାହାକିଛି ବି ହୋଇପାରେ କାହାରି ସଙ୍ଗରେ ନୁହେଁ । ପରମେଶ୍ୱର ଏହାର ଅନୁମତି ଦେଇ ନ ଥିଲେ ।

176 ତାଙ୍କର ଏକ ବିଚିତ୍ର ଜନ୍ମ ହୋଇଥିଲା । ସେ ଏକ ବିଚିତ୍ର ଶିଶୁ ଥିଲେ । ସେ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ । ତାଙ୍କ ବାପା ଜଣେ ଯାଜକ ଥିଲେ, ମାତ୍ର ପରମେଶ୍ୱର ତାଙ୍କୁ ସେମାନଙ୍କର ସମସ୍ତ କପଟୀ, ଫାରୂଶୀ ଧର୍ମ ଏବଂ ଜିନିଷଗୁଡିକ ସହିତ ମିଶ୍ରିତ ହେବାକୁ ଦେଇ ନ ଥିଲେ । ସେ କଅଣ କଲେ? ସେ ତାଙ୍କୁ ବାହାରେ ପ୍ରାନ୍ତର ମଧ୍ୟକୁ ନେଇଗଲେ ଏବଂ ତାଙ୍କୁ ମରୁଭୂମିରେ ତାଲିମ ଦେଲେ ।

177 କି ଏକ ପ୍ରଶିକ୍ଷଣ! ଆମେନ୍ । ସେ ତାଙ୍କୁ ଅନୁଭୂତି ଦ୍ୱାରା ତାଲିମ ଦେଇଥିଲେ । ପରମେଶ୍ୱରଙ୍କୁ ଜାଣିବାର, ତାହା ହେଉଛି ସର୍ବୋତ୍ତମ ଉପାୟ । ଯେତେବେଳେ ସେ ବାହାରି ଆସିଲେ, ସେ ଅବିକଳ ଜାଣିଥିଲେ ଯେ ତାଙ୍କର ପ୍ରତ୍ୟାଦେଶ କଅଣ ଥିଲା । ପରମେଶ୍ୱର ସେହି ପ୍ରତ୍ୟାଦେଶକୁ ସୁପ୍ରମାଣିତ କରିଥିଲେ ।

ସେ ଏହାକୁ କେଉଁଠାରେ ସୁପ୍ରମାଣିତ କଲେ? ନଦୀ କୂଳରେ । ତେବେ, ଯଦି ଆପଣ ଦୁଇ ଏବଂ ଦୁଇ କରିପାରନ୍ତି । ବୁଝିଲେ? ନଦୀ କୂଳରେ!

କହିଲେ, "ମୁଁ ପ୍ରାନ୍ତରରେ ଚିତ୍କାର କରୁଥିବା ସେହି ଜଣକାର ରବ, 'ପ୍ରଭୁଙ୍କ ମାର୍ଗ ପ୍ରସ୍ତୁତ କର, ତାଙ୍କ ପଥ ସଳଖ କର ।'"

178 ଯୋହନ, ପରମେଶ୍ୱରଙ୍କଠାରୁ ପ୍ରେରିତ ଜଣେ ଲୋକ। ପରମେଶ୍ୱର ତାଙ୍କୁ ଏହା ଦ୍ୱାରା ଦୂଷିତ ହେବାକୁ ଦେଇ ନ ଥିଲେ। ସେ ତାଙ୍କୁ ପରମେଶ୍ୱରଙ୍କ ଦ୍ୱାରା ପ୍ରାନ୍ତରରେ ତାଲିମ ଦେଇଥିଲେ। ସେ ତାଙ୍କୁ ସେମାନଙ୍କ ବିଦ୍ୟାଳୟରେ ନୁହେଁ, ସେମାନଙ୍କ ଧର୍ମଶାସ୍ତ୍ର ଜ୍ଞାନରେ ତାଲିମ ଦେଇ ନ ଥିଲେ। ଯଦି ସେ ଦେଇଥାନ୍ତେ, ତାହାହେଲେ ସେ ସମ୍ପୂର୍ଣ୍ଣ ଭାବେ ସେହିସବୁ ବିଷୟରେ ପ୍ରଶିକ୍ଷିତ ହୋଇଥାନ୍ତେ ଯେପରିକି ଆପଣମାନେ ଆଜି ବିଦ୍ୟାଳୟରୁ, ସମସ୍ତ ପ୍ରକାରର ବିଦ୍ୟାଳୟରୁ ବାହାରି ଆସନ୍ତି। କେବଳ ପ୍ରେସ୍‌ବିଟେରିଆନ୍, ବାପ୍ଟିଷ୍ଟ ଏବଂ ମେଥୋଡିଷ୍ଟ ନୁହେଁ, ମାତ୍ର ପେଣ୍ଟିକଷ୍ଟାଲ୍ ବିଦ୍ୟାଳୟଗୁଡ଼ିକ, ମଧ୍ୟ ସେତିକି ଖରାପ ଅଟେ, ଯେତିକି ଖରାପ ସେହି ଧର୍ମଶାସ୍ତ୍ରୀୟ ବିଦ୍ୟାଳୟମାନଙ୍କ ମଧ୍ୟରୁ ଯେକୌଣସିଟି ବି ଅଟେ, ଯାହା ସେମାନଙ୍କୁ ସେଠାରେ ନେଇକି ଆସିଥାଏ। ଓଃ!

179 ତାଙ୍କ ଆଗମନ ବିଷୟ, ଯିଶାଇୟଙ୍କ ଦେଇ, ଆତ୍ମା କହିଥିଲେ। ତାଙ୍କ ଆଗମନ, ଯୋହନଙ୍କ ଆଗମନ, ଶାସ୍ତ୍ରରେ ପୂର୍ବାନୁମାନ କରାଯାଇଥିଲା। ଯିଶାଇୟ 40:3 କହିଥିଲେ, "ମୁଁ ମୋ ଦୂତକୁ ମୋ ଆଗରେ ପ୍ରେରଣ କରିବି, ପଥ ପ୍ରସ୍ତୁତ କରିବ," କିମ୍ବା, ତାହା ମଲାଖି 3 ଥିଲା। କହିଲେ…ମଲାଖି 3 କହିଥିଲେ ଯେ ସେ ତାହାଙ୍କର ଦୂତଙ୍କୁ ଆପଣା ଆଗରେ ପ୍ରେରଣ କରିବେ। ସେହି ଭବିଷ୍ୟଦ୍‌ବକ୍ତା, ସେହି ଶେଷ ଭବିଷ୍ୟଦ୍‌ବକ୍ତା, ତାଙ୍କ ବିଷୟରେ କହିଥିଲେ। ସେହି ଶେଷ କଥା ତାଙ୍କ ବିଷୟରେ କହିଥିଲା। ମନେରଖନ୍ତୁ, ପୁରାତନ ନିୟମର ଶେଷ ପୁସ୍ତକ ଏହା କହିଥିଲା ଯେ ମଶୀହଙ୍କ ପ୍ରକଟ ହେବା ପୂର୍ବରୁ ଏଲିୟ ଇସ୍ରାଏଲ ସନ୍ତାନଗଣଙ୍କ ନିକଟକୁ ଆସିବେ।

180 କଅଣ ଆପଣ ପ୍ରସ୍ତୁତ ଅଟନ୍ତି କି? ବାଇବଲର ଶେଷ ପୁସ୍ତକ, ପ୍ରକାଶିତ ବାକ୍ୟ, ଆମକୁ ଏହା ଦର୍ଶାଏ ଯେ ଶେଷ ଦିନରେ ତାଙ୍କର ଏକ ପ୍ରତ୍ୟାବର୍ତ୍ତନ ହେବ, ବିଜାତୀୟ ମଣ୍ଡଳୀ ନିକଟକୁ, ଏକ ଚିହ୍ନ ହେବ। ସେମାନେ ଏହାକୁ ଦେଖିବାରେ କିପରି ବିଫଳ ହୁଅନ୍ତି! ପ୍ରଭୁଙ୍କର ମହାନ ଏବଂ ଦ୍ୱିତୀୟ ଆଗମନର ଠିକ ପୂର୍ବରୁ, ସେ ପୁନର୍ବାର ଆସିବେ ବୋଲି ଭବିଷ୍ୟତ୍‌ବାଣୀ କରିଛନ୍ତି। ମଲା- ରେ…ମଲାଖି ତାର 4ର୍ଥ ପର୍ବରେ, ପ୍ରକାଶିତ ବାକ୍ୟରେ ମଧ୍ୟ, ତାର 3ୟ ପର୍ବରେ, ଆମକୁ କୁହେ ଯେ ଏହି ଶେଷ ଦିନମାନଙ୍କରେ ସେ ଏଠାରେ ରହିବେ। ସେହି ସମାନ ବ୍ୟକ୍ତିଜଣକ, ଯିଏକି ଲୋକମାନଙ୍କ ପାଇଁ ବ୍ୟବଧାନରେ ଛିଡା ହେବେ, ସେହି ଛୋଟ ପଲ ସହିତ ଯାହାକି ପରମେଶ୍ୱରଙ୍କ ତାଙ୍କୁ ଦେବେ, ସେ ଶେଷ ଦିନରେ ଆସିବେ। ପରମେଶ୍ୱର ଏହା କହିଛନ୍ତି। ସେ ଏହି ବିଜାତୀୟ ରାଷ୍ଟ୍ର ପାଇଁ ଏକ ଚିହ୍ନ ହେବେ, ଯେ ତାର ସମୟ ଆଉ ବାକି ନାହିଁ।

181 ଏବଂ, ମନେରଖନ୍ତୁ, ଯେତେବେଳେ ସେ ଦୃଶ୍ୟରେ ଉପସ୍ଥିତ ହୁଅନ୍ତି, ସମୟ ସନ୍ନିକଟ ଅଟେ। ଆସନ୍ତୁ ଆମେମାନେ ପରମେଶ୍ୱରଙ୍କ ଠାରେ ପ୍ରାର୍ଥନା କରିବା ଯେ ସେ ତାଙ୍କୁ ପଠାନ୍ତୁ। ସମୟ ସନ୍ନିକଟ ଅଟେ।

182 ତାଙ୍କର ସେବାକାର୍ଯ୍ୟ ସମାପ୍ତ ହେବା ମାତ୍ରେ, ମଶୀହ ଆପଣାକୁ ପ୍ରକଟ କରାଇଲେ।

ଶେଷ ଦିନରେ ଏହି ମହାନ ବ୍ୟକ୍ତି ଆସିବା ମାତ୍ରେ, ଯେତେବେଳେ ତାଙ୍କର ସେବାକାର୍ଯ୍ୟ ସମାପ୍ତ ହେବ, ମଶୀହ ଆପଣାକୁ ପ୍ରକଟ କରିବେ । ଏହା ସେହିପରି ହେବ । ସମୟ ସନ୍ନିକଟ ଅଟେ, ତେଣୁ ଭଲ ହେବ ଯେ ଆମେମାନେ ପ୍ରାର୍ଥନା କରୁ । ଉତ୍ତମ ହେବ ଯେ ଆପଣମାନେ ପ୍ରାର୍ଥନା କରିବା ଆରମ୍ଭ କରି ଦିଅନ୍ତୁ ।

183 ଏହି ଯୁଗ ପ୍ରତି ତାଙ୍କର ପରମେଶ୍ୱର-ଦତ୍ତ ଚିହ୍ନ ତାହା ପ୍ରମାଣ କରିବ ଯେ ସେ କଅଣ ଅଟନ୍ତି । ସମସ୍ତେ ଏହା ଜାଣିବେ । ପରମେଶ୍ୱର ଏହାକୁ ସୁପ୍ରମାଣିତ କରିବେ । ସେ ଏହା ଦ୍ୱାରା, ଅନେକ ଚିହ୍ନ ଏବଂ ଆଶ୍ଚର୍ଯ୍ୟକର୍ମମାନ ପ୍ରଦର୍ଶନ କରିବେ ଯାହାକି ଏହା ପୂର୍ବରୁ ପୃଥିବୀରେ କେବେବି ହୋଇନାହିଁ । ମୋର କହିବାର ଅର୍ଥ ଏହା ନୁହେଁ ଯେ ଦୋହଲା ଯିବା, କମ୍ପନ କରିବା, ଏବଂ ପରଭାଷାରେ କଥା କହିବା ଅଟେ । ସେ ତ ପରମେଶ୍ୱରଙ୍କ ବାକ୍ୟ ଦ୍ୱାରା ସମର୍ଥିତ ହେବେ, ଯେପରିକି ଏହି ବ୍ୟକ୍ତି ଥିଲେ । କାହିଁକି? ତାଙ୍କ ଆଗମନ କରିବା ବିଷୟ, ମଲାଖି 4 ଏବଂ ପ୍ରକାଶିତ ବାକ୍ୟ 3 ରେ ଭବିଷ୍ୟତ୍‌ବାଣୀ ହୋଇଥିଲା, ତେଣୁ ସେ ଆସିବେ । ତାଙ୍କୁ କିଛି ହେଲେ ବିଷୟ ଅଟକାଇବାକୁ ଯାଉ ନାହିଁ; ସେ ଆସୁଅଛନ୍ତି । ଆମେନ୍ । ସେ ଏଠାରେ ରହିବେ । ଆମେନ୍ । ଏହା ହେଉ ଯେ ଲୋକମାନେ ଆଜି ମୁହଁ ମାଡି ତଳେ ପଡନ୍ତୁ ଏବଂ ପରମେଶ୍ୱରଙ୍କ ନିକଟରେ କ୍ରନ୍ଦନ କରିବା ଆରମ୍ଭ କରନ୍ତୁ, ଏବଂ ଦେଖନ୍ତୁ ଯେ କଅଣ ଘଟିବ । ଆପଣ ତାଙ୍କୁ କ୍ଷମତାରେ ପ୍ରଦର୍ଶିତ ହେବାର ଦେଖିବେ । ହଁ, ମହାଶୟ ।

184 ଶାସ୍ତ୍ର ଅନୁଯାୟୀ, ତାଙ୍କର ଚିହ୍ନ-ବାର୍ତ୍ତା ହେବ "ଫେରାଇବା ।" ତାଙ୍କର କଣ ହେବ… ଆମେ ତାଙ୍କୁ କଅଣ ବୋଲି ଜାଣିବା? ଆମେମାନେ କିପରି ଜାଣିବା ଯେ ତାହାହିଁ ସେହି ସଠିକ ଜଣ ଅଟନ୍ତି?

185 ଆପଣ ଜାଣନ୍ତି, ଇସ୍ରାଏଲ୍ ଥରେ ତାହା ପଚାରିଥିଲା, ଦ୍ୱିତୀୟ ବିବରଣ, 20ତମ ପର୍ବରେ…20ତମ ପଦ, ମୁଁ ବିଶ୍ୱାସ କରେ ଯେ ଏହା ତାହାହିଁ ଅଟେ । ସେ କହିଥିଲେ, "ଆମେ କିପରି ଜାଣିବା ଯେ ଏହାହିଁ ସେହି ସଠିକ୍ ଜଣ ହେବେ?"

ଆମେମାନେ କିପରି ଜାଣିବା? ପରମେଶ୍ୱର ଆମକୁ କୁହନ୍ତି ଯେ ଆମେମାନେ ତାଙ୍କୁ ଜାଣିବା । ସେ କଅଣ କରିବେ? "ସେ ସନ୍ତାନମାନଙ୍କର ହୃଦୟକୁ ଆରମ୍ଭିକ ମୂଳ ପେଣ୍ଟିକଷ୍ଟାଲ୍ ବାର୍ତ୍ତା ନିକଟକୁ ଫେରାଇ ଆଣିବେ ।" ଓଃ, ମୋର ପ୍ରଭୁ!

186 ଏକ ଚିହ୍ନ ଯାହାକି ଅଣଦେଖା କରାଯାଇଛି, ସେହି ପ୍ରକୃତ ଚିହ୍ନ, ଏବଂ ସେମାନେ ଏହାକୁ ହରାଇଥାନ୍ତି । ସେମାନେ ସର୍ବଦା କରନ୍ତି ।

187 ସେହି ପ୍ରକୃତ ମଣ୍ଡଳୀ ନିକଟକୁ, ସେହି ପ୍ରକୃତ ବାର୍ତ୍ତା ନିକଟକୁ ଫେରି ଯାଆନ୍ତୁ! ସେ ଏକାକୀ, ସାହସୀ ଏବଂ ନିର୍ଭୀକ ହୋଇ, **ସଦାପ୍ରଭୁ ଏହି କଥା କୁହନ୍ତି** ସହିତ ଛିଡା ହେବେ । ସେ କୌଣସି ନାମଧାରୀ ସଂସ୍ଥା ସହିତ ଆପୋଷ ବୁଝାମଣା କରିବେ ନାହିଁ । ତାଙ୍କର କାହାରି ସହିତ କୌଣସି କିଛି କରିବାର ନ ଥିବ; କାହାରି ମୁଖାପେକ୍ଷା କରିବେ ନାହିଁ । ସେ ତ ସିଧା ସଳଖ ସେହି ବାକ୍ୟ, **ସଦାପ୍ରଭୁ ଏହି କଥା କୁହନ୍ତି** ଉପରେ ରହିବେ । ପରମେଶ୍ୱର ତାଙ୍କ

ସେବାକାର୍ଯ୍ୟକୁ ଚିହ୍ନ ଏବଂ ଆଶ୍ଚର୍ଯ୍ୟ କର୍ମମାନ, ବାକ୍ୟର ମହାନ ପ୍ରକାଶନ ସହିତ ପ୍ରମାଣ କରିବେ, ଏବଂ ଲୋକମାନଙ୍କ ନିକଟରେ ତାହା ନେଇକରି ଆସିବେ । କି ଏକ ଦିନ ପାଖେଇ ଆସୁଛି! ଯେପରିକି...ସେ ପେଣ୍ଟିକଷ୍ଟ ଦିନରେ ହୋଇଥିବା ପରି, ଠିକ ସେହିପରି ଭାବରେ, ପିତର ଏବଂ ଯୋହନଙ୍କ ପରି ଛିଡା ହେବେ ।

ପେଣ୍ଟିକଷ୍ଟ ପରେ, ସେମାନେ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହୋଇ, ସେଠାରେ ବାପ୍ତିଜିତ ହୋଇଥିଲେ, ସେମାନେ ସେହି ସାନହେଦ୍ରିନ୍ ସଭାରେ ଛିଡା ହୋଇଥିଲେ । ସେମାନେ ଯଥାସମ୍ଭବ ସମସ୍ତ ସାହସ ସହିତ ସେଠାରେ ଛିଡା ହୋଇଥିଲେ । ଯେତେବେଳେ, ସେମାନେ କହିଲେ, "ଆମେ ତୁମକୁ ଯୀଶୁଙ୍କ ନାମରେ, ଆଉ ଅଧିକ ଶିକ୍ଷା ଦେବାକୁ ବାରଣ କରୁଅଛୁ ।"

188 ସେ କହିଲେ, "ଆମ ପାଇଁ ତୁମ କଥା ଶୁଣିବା ନା ପରମେଶ୍ୱରଙ୍କ କଥା ଶୁଣିବା ଠିକ୍ ଅଟେ? ନିଜ ମଧ୍ୟରେ ବିଚାର କର ।" ଅଜ୍ଞ, ଅଶିକ୍ଷିତ । ଆମେନ୍ । ସେମାନେ ଭବିଷ୍ୟଦ୍‌ବକ୍ତା ଥିଲେ । ସେମାନେ ପରମେଶ୍ୱରଙ୍କ ଅଭିଷିକ୍ତ ଭବିଷ୍ୟଦ୍‌ବକ୍ତା ଥିଲେ । ସେମାନେ ପବିତ୍ରଆତ୍ମାଙ୍କର ଚିହ୍ନମାନ ଥିଲେ । ସେମାନେ ଭବିଷ୍ୟଦ୍‌ବକ୍ତା ଥିଲେ । ସେମାନେ ଜାଣିଥିଲେ ।

189 ସେମାନେ ଯୋହନଙ୍କ ପରି ଥିଲେ । ସେମାନେ ସେଠାରେ ଉପରେ ପେଣ୍ଟିକଷ୍ଟରେ ଥିଲେ ଏବଂ ସେମାନେ କିଛି ଗୋଟାଏ ବିଷୟ ପାଇଥିଲେ ।

ସେମାନେ ଆଜି ଆମର ଅଧିକାଂଶ ପ୍ରଚାରକମାନଙ୍କ ପରି ନ ଥିଲେ, ଆତ୍ମ-ପ୍ରଚଳିତ, ଏଥିରେ ଗର୍ବ କରିଥାନ୍ତି ଯେ ଆମର କେତେ ବଡ ମହାନ ସଂଗଠନ ଅଛି, ଆମ ମହାନ ଗୋଷ୍ଠୀରେ ଆମେ କେତେ ଲୋକଙ୍କୁ ପାଇଅଛୁ । "ଆମେ ତ ଏକ ମହାନ ସଂଗଠନ ଭାବରେ ଛିଡା ହୋଇଅଛୁ । ଆମେ ତ ମହାନ ମିଶନାରୀ କାର୍ଯ୍ୟ କରୁଅଛୁ ।" ଓଃ, ଦୟା କର! "ଓଃ, ଆମ ପାଖରେ ଅନ୍ୟ ସମସ୍ତଙ୍କ ଅପେକ୍ଷା ଲୋକମାନଙ୍କର ଅଧିକ ଭିଡ଼ ଅଛି ।" ଏହା କଅଣ ଅଟେ? ଏହା ତ ଏକ ରାଜନୈତିକ ଆକର୍ଷଣ ଅଟେ । ମୁଁ ଚାହେଁ ଯେ ଆପଣମାନେ ପରବର୍ତ୍ତୀ ଦୁଇ, ତିନି ମିନିଟ୍ ପାଇଁ ଧ୍ୟାନ ସହକାରେ ଶୁଣନ୍ତୁ । ଏକ ରାଜନୈତିକ ଆକର୍ଷଣ ।

190 ନିଶ୍ଚିତ ଭାବରେ ଅଳ୍ପ କିଛି ମିନିଟ୍ ପୂର୍ବରୁ, ମୁଁ କିଛି ଗୋଟାଏ କହିଅଛି, ଆପଣମାନେ ଜାଣନ୍ତି ଯେ ମୁଁ କେଉଁ ବିଷୟରେ କହୁଅଛି । ଏକ ଚିହ୍ନ ଯାହା ଭବିଷ୍ୟତ୍‌ବାଣୀ କରା ଯାଇଥିଲା । ମୁଁ ଏହାକୁ ଏକୁଟିଆ ଛାଡି ଦେଇଥିଲି, ଆପଣଙ୍କ କୋଳରେ ଦେଇ ଦେଲି । ବୁଝିଲେ? ତେବେ, କେବଳ ଆପଣମାନେ ଯେଉଁମାନେକି ଏଠାରେ ଅଛନ୍ତି ସେମାନେ ନୁହଁନ୍ତି, ବରଂ ସେମାନେ ଯେଉଁମାନେକି ଏହାକୁ ଶୁଣିବେ । ଏହା ଆପଣଙ୍କ କୋଳରେ ଅଛି । ଆପଣ ଏହା ସହିତରେ ଯାହା ଚାହାଁନ୍ତି ତାହା କରନ୍ତୁ । ଆପଣ ପ୍ରାର୍ଥନା କରନ୍ତୁ, ଏବଂ ପରମେଶ୍ୱରଙ୍କୁ ଦୃଶ୍ୟରେ ଗତି କରୁଥିବାର ଦେଖନ୍ତୁ । ତାହାଙ୍କୁ ଆପଣା ବାକ୍ୟ ପୂରଣ କରୁଥିବାର ଦେଖନ୍ତୁ । ସେ ଅପେକ୍ଷା କରୁଛନ୍ତି ।

191 ଯେତେବେଳେ ପରମାଣୁ ବୋମାମାନ, ଏବଂ ଲୋକମାନେ ଭୟଭୀତ ଅଟନ୍ତି; ଏବଂ

ପେଣ୍ଟାଗନ୍, ସେମାନେ ଜାଣନ୍ତି ନାହିଁ ଯେ କଅଣ କରିବେ; ଏବଂ ଆକାଶରେ ଉଡୁଥିବା ତାଟିଆର, ରହସ୍ୟମୟୀ ଚିହ୍ନଗୁଡିକ, ଏବଂ ସବୁକିଛି ଯାହା ପରମେଶ୍ୱର ପୂର୍ବରୁ କହିଥିଲେ: ଏହା ସେହି ଏଲିୟ ପାଇଁ ସମୟ ଅଟେ, (ସେ କୌଣସି ସ୍ଥାନରେ ଅଛନ୍ତି), ଯେ ସେ ଦୃଶ୍ୟରେ ଉଠିବେ ।

192 ଏହା ହେଉ ଯେ ସେହି ଲୋକମାନେ, ସେହି ଛୋଟ ପଲ, ସେହି ଛୋଟ ଅବଶିଷ୍ଟାଂଶ ଯାହା ପରମେଶ୍ୱର ତାଙ୍କୁ ଦେବେ, ସେହି ଛୋଟ ଅବଶିଷ୍ଟାଂଶ ପରମେଶ୍ୱରଙ୍କୁ ଡାକିବାକୁ ଯାଆନ୍ତୁ, ଏବଂ ଦେଖନ୍ତୁ ଯେ କଅଣ ଘଟିତ ହୁଏ । ସେଠାରେ ଏକ ଜାତୀୟ ଚରମ ପରାକଷ୍ଠା ହେବ । ସେଠାରେ ଏପରି ଏକ ଶକ୍ତି ରହିବ ଯାହା ସେମାନେ ପୂର୍ବରୁ କେବେବି ଦେଖି ନାହାଁନ୍ତି । ଏହାର ସମସ୍ୟାଟି ହେଉଛି, ଯେ ଏଥରକ, ଏହା ସେମାନଙ୍କ ପାଇଁ ସେତେବେଳେ ବହୁତ ଅଧିକ ବିଳମ୍ବ ହେବାକୁ ଯାଉଅଛି । କବାଟଗୁଡିକ ବନ୍ଦ ହୋଇଯିବ । ତେଣୁ, ମନେରଖନ୍ତୁ, ଆମେମାନେ ଶେଷ ସମୟରେ ଅଛୁ । ପ୍ରାର୍ଥନା କରନ୍ତୁ ।

193 ଆଜି ଦେଖନ୍ତୁ ଯାହାକୁ ଆମେ ସେବାକାର୍ଯ୍ୟ ବୋଲି କହିଥାଉ । ଆମେମାନେ କଅଣ ପାଇଅଛୁ? ତେବେ, ସମାପ୍ତ କରିବା ବେଳେ, ମୁଁ ଏହା କହିବାକୁ ଚାହେଁ । ଆମେମାନେ କଅଣ ପାଇଅଛୁ? ଆମେମାନେ କିଛି ପାଇଁ ନାହୁଁ । ଆମର କେତେକ ମହାନତମ ନେତା, ଆମର ସର୍ବଶ୍ରେଷ୍ଠ ପ୍ରଚାରକଗଣ; ଆମର ଜଣେ ମହାନ ପ୍ରଚାରକ କହିଲେ, "ଯଦି ମୁଁ ଗୋଟିଏ ବର୍ଷରେ, ମୋର ରୂପାନ୍ତରିତ ଲୋକମାନଙ୍କ ମଧ୍ୟରୁ ଦଶ ପ୍ରତିଶତଙ୍କୁ ବିଶ୍ୱାସକୁ ଧରି ରହିଥିବାର ପାଇପାରେ, ତେବେ ମୁଁ ବହୁତ କୃତଜ୍ଞ ହେବି ।" ଯେତେବେଳେକି, ଫିନ୍ନିଙ୍କ ସମୟଠାରୁ ଅଧିକ ଦୂର ନୁହେଁ, ତାଙ୍କର ସେମାନଙ୍କ ମଧ୍ୟରୁ ସତା-ନବେ ପ୍ରତିଶତ ରହିଥିଲା ।

ପାଉଲଙ୍କର ଶହେ-ଯୋଗ ଶହେ, ଶହେ ଯୋଗ ଶହେ ରହିଥିଲା । ଜଣେ ଉଦ୍ଧାର ପାଇଲା, ଏବଂ, ସେ ଏତେ ଭରି ଯାଇଥିଲା, ଭାଇ, ସେ ଯାଇ ଅନ୍ୟ କାହାରିକୁ କହିଲା; ସେ ଅନ୍ୟ କାହାରିକୁ କହିଲା; ଏବଂ ସେ ଅନ୍ୟ କାହାରିକୁ କହିଲା; ଲକ୍ଷ ଲକ୍ଷ ସଂଖ୍ୟାକୁ ଚାଲିଗଲା । କାହିଁକି? ସେମାନଙ୍କ ପାଖରେ କିଛି ଗୋଟାଏ ଥିଲା । ସେମାନେ ବାକ୍ୟ ଉପରେ ରହିଥିଲେ ।

194 ଆଜି, ଆମେମାନେ ତ କେବଳ ବଡ ବଡ ଭିଡ଼ ବିଷୟରେ ଚିନ୍ତା କରୁ । ଏହା କଅଣ ଅଟେ? ଏହା ଏକ ରାଜନୈତିକ ସଂଗଠନ ଅଟେ । ଯଦି ଆମେମାନେ ଆସୁ, ତେବେ କୌଣସି ଜଣେ ମହାନ ପ୍ରଚାରକ ସହରକୁ ଆସନ୍ତି, ତେବେ ପ୍ରଥମେ ବିଷୟ କଅଣ ଆସେ? ଲୋକମାନଙ୍କର ଏକ ସମୂହ । ଯଦି ସମସ୍ତ ମେଥୋଡିଷ୍ଟ, ବାପ୍ଟିଷ୍ଟ, ପ୍ରେସ୍ବିଟେରିଆନ୍, ସେମାନେ ସମସ୍ତେ, ସେମାନେ ଅଳ୍ପ ଏକ ଛୋଟ ବକ୍ତବ୍ୟ ଦେବେ ଯେ, ସେମାନେ, "ଏମାନେ କେବଳ *ଏହା* ପ୍ରଚାର କରିପାରନ୍ତି, ଏବଂ ସେ *ତାହା* ପ୍ରଚାର କରିପାରନ୍ତି ନାହିଁ, ଏବଂ ସେ *ଏହା* ପ୍ରଚାର କରିପାରନ୍ତି ନାହିଁ, ମାତ୍ର ସେ *ତାହା* ପ୍ରଚାର କରିପାରନ୍ତି," ଆପଣମାନେ କଅଣ ପାଇଥାନ୍ତି?

195 ଏବଂ ମହିଳାମାନେ, ସେମାନେ ସେଠାରେ ଉପରକୁ ଚାଲିଯାଆନ୍ତି । ମୁଁ

ପେଣ୍ଟିକଷ୍ଟାଲ୍‌ମାନଙ୍କ ବିଷୟରେ କହୁଅଛି। ମହିଳାମାନେ ସେଠାରେ ଉପରକୁ, ବେଦୀ ନିକଟକୁ ଯାଆନ୍ତି, ସେମାନେ ନିବେଦନ କରି ଚାଲିଥାନ୍ତି।

196 ମୁଁ ସବୁବେଳେ ଏକ ବେଦୀର ଡାକରା ବିରୁଦ୍ଧରେ ରହି ଆସିଛି। ଏହାକୁ ମଧ୍ୟ କହିପାରେ। ମୁଁ ସେଗୁଡିକ ଉପରେ ବିଶ୍ୱାସ କରେ ନାହିଁ। ବାଇବଲରେ ସେପରି କୌଣସି ବିଷୟ ନାହିଁ। କୌଣସି ମଣିଷ କିପରି ଆସିପାରେ ଯେପର୍ଯ୍ୟନ୍ତକି ପରମେଶ୍ୱର ତାଙ୍କୁ ନ ଡାକନ୍ତି? ଆପଣ ତାଙ୍କୁ ଦୂରରେ ରଖିପାରିବେ ନାହିଁ। ଆପଣଙ୍କୁ କିଛି ଡାକିବାକୁ ପଡିବ ନାହିଁ। ପରମେଶ୍ୱର ତାଙ୍କୁ ଡାକିଛନ୍ତି। ବେଦୀର ଡାକରା ତ ଏକ ମେଥୋଡିଷ୍ଟ ଧାରଣା ଅଟେ। ତାହା ଠିକ୍। ବେଦୀର ଡାକରାମାନ, ସେମାନେ ସେମାନଙ୍କୁ ଧରି ପକାନ୍ତି, କୁହନ୍ତି, "ଜନ୍, ତୁମେ ଜାଣ, ତୁମର ମାଆ ବହୁତ ଦିନ ପୂର୍ବରୁ ମରି ଯାଇଛନ୍ତି।"

197 "ଓଃ-ଓଃ-ଓଃ, ହଁ, ଭାଇ, ଓଃ-ଓଃ!" ତାହା ରୂପାନ୍ତରଣ ନୁହେଁ।

198 ଏଠାରେ, କିଛି ରାତି ପୂର୍ବରୁ, ଲୁଇସ୍‌ଭିଲେରେ ଆମର ଏକ ପ୍ରଦର୍ଶନ ରହିଥିଲା, ଯେଉଁଥିରେକି ଜଣେ ମହିଳାଙ୍କୁ ଏକ କୋକେଇରେ ଅଣା ଯାଇ, ଅସ୍ତ୍ରଶସ୍ତ୍ରର ଏକ ମଞ୍ଚ ଉପରେ ରଖା ଯାଇଥିଲା। "ଶହ ଶହ ଲୋକ," କହିଲେ, "ଯଜ୍ଞବେଦୀ ନିକଟକୁ ଦୌଡିଗଲେ।" ସୁସମାଚାର ଏକ ଭୟ ନୁହେଁ। ଏହା ଏକ ସହୃଦୟ ଅନୁଭୁତି ନୁହେଁ। ଏହା ତ ବିଶ୍ୱାସର ଏକ ରୂପାନ୍ତରଣ ଅଟେ।

199 ଏହି ସଭାଗୁଡ଼ିକୁ ଦେଖନ୍ତୁ, ଏହି ମହାନ ପ୍ରଚାରକମାନଙ୍କୁ, ଏବଂ ମୋତେ ବାଦ ନ ଦେଇ, ଏପରିକି ମୋର ନମ୍ର ଛୋଟ ସେବାକାର୍ଯ୍ୟରେ ମଧ୍ୟ ଦେଖନ୍ତୁ। ବେଳେବେଳେ ମୋତେ ବାହାରକୁ ଯିବା ପାଇଁ, ଲଜ୍ଜିତ ଅନୁଭବ ହୁଏ। ତାହା ଠିକ୍ ଅଟେ। ଆମମାନଙ୍କୁ କଅଣ କରିବା ଉଚିତ୍? ଛିଡା ହୋଇ ବେଦୀର ଡାକରା ଦେଇ ସେମାନଙ୍କୁ ବଳାଇବା କଥା। ସାନ ସାନ ଝିଅମାନେ ସେଠାକୁ ଆସନ୍ତି, ଏବଂ ସମସ୍ତେ ପାଟିରେ ଚୁଇ-ଙ୍ଗମ୍ ଚବାଉଥାନ୍ତି, କୁହନ୍ତି, "ବୁଝିଲେ? ବୁଝିଲେ? ମୁଁ ଯାଉଅଛି। ଉଃ-ହୁ।" ଏହି ସ୍ତ୍ରୀଲୋକମାନେ ସେଠାକୁ ଆସନ୍ତି, ଛୋଟ ଛୋଟ କେଶ ସହିତ ଏବଂ ଚିତ୍ରିତ ଚେହେରାଗୁଡିକ ସହିତରେ, ପେଣ୍ଟିକଷ୍ଟାଲ୍‌ମାନେ, ଏବଂ ଭିତରକୁ ଯାଆନ୍ତି, ଏବଂ ବାହାରକୁ ଆସନ୍ତି, ଏବଂ କୁହନ୍ତି ଯେ ସେମାନେ ପରଭାଷାରେ କଥା କହିଛନ୍ତି। ଏବଂ ସେମାନଙ୍କର କେଶକୁ କେବେବି ବଢିବାକୁ ଦିଅନ୍ତି ନାହିଁ, ଏବଂ ଏବେ ମଧ୍ୟ ସେହି ସମାନ କାର୍ଯ୍ୟ କରନ୍ତି ଯାହା ସେମାନେ କରିଥିଲେ। ଆପଣ ମୋତେ କୁହନ୍ତୁ କଅଣ ତାହା ରୂପାନ୍ତରଣ ଅଟେ? ତାହା ତ ପରମେଶ୍ୱରଙ୍କୁ ପରିହାସ କରିବା ଅଟେ। ବାଇବଲ କୁହେ, "ସେମାନଙ୍କ ପାଇଁ କେଶ କାଟିବା ଏହା ଏକ ପାପ ଏବଂ ଅପମାନ ଅଟେ।" ଛୋଟ ଛୋଟ କେଶ ଥିବା ଜଣେ ସ୍ତ୍ରୀଲୋକ କିପରି ଅନ୍ୟ ଜଣେ ସ୍ତ୍ରୀଲୋକଙ୍କୁ ନିନ୍ଦା କରିପାରେ ଯାହାଙ୍କର ମୁହଁରେ ରଙ୍ଗ ପ୍ରସାଧନ ଲାଗିଛି? ଏହାକୁ ମଧ୍ୟ ଶୁଣିପାରନ୍ତି। ସେହି ସମୟ ଆସୁଅଛି, ଏପରିକି କୁରାଢି ଗଛର ମୂଳରେ ଲଗା ଯାଇଛି। ଏବଂ ପ୍ରତ୍ୟେକ ଗଛ ଯାହାକି ଉତ୍ତମ ଫଳ ନ ଆଣେ ତାହା କଟା ଯିବ।

200 ମାମଲା କଅଣ ଅଟେ? ଏହା ଭୁଲ ଥିଲା, କାରଣ ଆମର ଆଧୁନିକ, ତଥା-କଥିତ ପ୍ରଚାରକମାନେ ଏଠାରେ ବାହାରେ, ବଡ଼ ସଂଖ୍ୟାରେ ଭୀଡ଼ ଏବଂ ଟାଣୁଆ ଲୋକମାନେ, ସେହି ସଂଗଠନଗୁଡ଼ିକ ପରମେଶ୍ୱରଙ୍କ ବିଷୟରେ ତାହା ଅପେକ୍ଷା ଅଧିକ ଜାଣନ୍ତି ନାହିଁ ଯେତିକି ହୋଟେଣ୍ଟଟ୍ ଜନଜାତିର ଜଣେ ଲୋକ ମିସରର ଏକ ରାତି ବିଷୟରେ ଜାଣିଥାଏ, ଯେତେବେଳେ ଏହା ଉପସ୍ଥିତ ହୁଏ । ସେମାନେ ସେଠାରେ ଉପରକୁ ଯାଆନ୍ତି...

201 କଅଣ ହୋଇଥାନ୍ତା ଯଦି ପେଣ୍ଟିକଷ୍ଟରେ ଥିବା ଲୋକମାନେ ସେଠାରେ ଉପରକୁ ଯାଇ ଏହା କୁହନ୍ତେ, "ତେବେ, ଯୀଶୁ ଆମକୁ ଆଦେଶ ଦେଇଥିଲେ ଯେ ଆମେ ଏଠାରେ ଉପରକୁ ଯାଇ ସେପର୍ଯ୍ୟନ୍ତ ରହିବା ଉଚିତ୍ ଯେପର୍ଯ୍ୟନ୍ତକି ଆମେମାନେ ଉର୍ଦ୍ଧ୍ୱରୁ ଶକ୍ତିପ୍ରାପ୍ତ ନ ହୋଇଯାଉ । ତେବେ, ଭାଇମାନେ, ଆମେମାନେ ଏଠାରେ ନଅ ଦିନ ହେଲାଣି, ରହି ଆସିଛୁ । ଆସନ୍ତୁ ଆମେ ଏହାକୁ ବିଶ୍ୱାସ ଦ୍ୱାରା, ଗ୍ରହଣ କରିବା । ବର୍ତ୍ତମାନ, ଆମ ପାଖରେ ପବିତ୍ରଆତ୍ମା ଅଛନ୍ତି । ଆମେମାନେ ବାହାରକୁ ଯାଉ, କାରଣ ଆମେମାନେ ଏଠାରେ ରହିଅଛୁ । ଆମେମାନେ ତାହା କରିଅଛୁ ଯାହା ଯୀଶୁ ଆମକୁ କରିବା ପାଇଁ କହିଥିଲେ"? ସେଠାରେ କଦାପି କୌଣସି ଅନୁଭୂତି ରହି ନ ଥିଲା ।

202 ମୋତେ ଆପଣଙ୍କୁ କିଛି କହିବାକୁ ଦିଅନ୍ତୁ । ମୁଁ ଜାଣେ ଯେ ଏହା ଟେପ୍‌ରେ ଅଛି, ମାତ୍ର ଏଠାରେ ଏହା ଯେକୌଣସି ଉପାୟରେ, ବି ଆସିଥାଏ । ଶୁଣନ୍ତୁ । ମୁଁ ଆପଣଙ୍କୁ କିଛି ଗୋଟାଏ କହିବାକୁ ଯାଉଛି । ଏହା ଏକ ଲଜ୍ଜାଜନକ ବିଷୟ ଅଟେ । ଲୋକମାନେ ଚେଷ୍ଟା କରୁଛନ୍ତି...ମୁଁ କଦାପି ବିଶ୍ୱାସ କରି ନାହିଁ ଯେ ପବିତ୍ରଆତ୍ମା "କମ୍ପିତ" ହେବା ଅଟନ୍ତି । ମୁଁ କଦାପି ବିଶ୍ୱାସ କରି ନାହିଁ ଯେ ପବିତ୍ରଆତ୍ମା "ପରଭାଷାରେ କଥା କହିବା, କିମ୍ବା କାନ୍ଦିବା, କିମ୍ବା ଉଚ୍ଚ ପାଟି କରିବାର ପ୍ରମାଣ" ଅଟନ୍ତି । ସେଗୁଡ଼ିକ ହେଉଛି ଭାବପ୍ରବଣତା ସମ୍ବେଦନାମାନ । ମୁଁ ବିଶ୍ୱାସ କରେ ଯେ ପବିତ୍ରଆତ୍ମା ତାହା କରିପାରନ୍ତି । ମାତ୍ର ପବିତ୍ରଆତ୍ମା ତ ଈଶ୍ୱରତ୍ୱର ବାସ ସ୍ଥାନ ଅଟନ୍ତି । ମୁଁ ବିଶ୍ୱାସ କରେ ଯେ ଲୋକମାନଙ୍କର ଏକ ବହୁତ ବଡ ସମୂହ ଯେଉଁମାନେକି ପବିତ୍ରଆତ୍ମା ପାଇଛନ୍ତି ବୋଲି ଦାବି କରନ୍ତି, ତାହାଙ୍କ ବିଷୟରେ ଗୋଟିଏ ବି କଥା ଜାଣନ୍ତି ନାହିଁ । ଆପଣ ପରମେଶ୍ୱରଙ୍କୁ ଭେଟନ୍ତୁ ।

203 କେମିତି, ପେଣ୍ଟିକଷ୍ଟର ସେହି ଦିନ, ସେମାନେ କହିଥିଲେ...ତେବେ, ଯେପରିକି ଆଜିର ବାପ୍ଟିଷ୍ଟମାନେ, ପ୍ରେସ୍‌ବିଟେରିଆନ୍ ଏବଂ ମେଥୋଡିଷ୍ଟମାନେ ଅଟନ୍ତି, ମୁଁ ପଚାରୁଛି, "କଅଣ ଆପଣ ତାହା ପାଇଛନ୍ତି ବୋଲି ବିଶ୍ୱାସ କରନ୍ତି କି...?"

204 "ଓଃ, ହଁ, ଆମେମାନେ ଏହାକୁ ବିଶ୍ୱାସ ଦ୍ୱାରା, ଗ୍ରହଣ କରୁ ।" ବିଶ୍ୱାସ ଦ୍ୱାରା, କିଛି ନୁହେଁ । ତାହା ଏହା ନୁହେଁ ।

205 ଏହା ତ ଏକ ସମ୍ବେଦନା ଅଟେ, ଆପଣ ଏକ ସୂର୍ଯ୍ୟାସ୍ତ ଦେଖିବାକୁ ଚାହାଁନ୍ତି, ଆପଣ ଛିଡା ହୋଇ ସୂର୍ଯ୍ୟ ଅସ୍ତ ହେଉଥିବାର ଦେଖନ୍ତି, ଏବଂ କାନ୍ଦନ୍ତି, ଏବଂ ଲୁହ ଝରିଯାଏ, ତାହା ପରମେଶ୍ୱର ନୁହଁନ୍ତି, ତାହା ତ ଆପଣଙ୍କ ଭିତରେ ଥିବା ଏପରି କିଛି ବିଷୟଠାରୁ, ବାହାରୁ

ଥିବା ସମ୍ବେଦନା ଅଟେ । ଆପଣ କାହାରି ବିଷୟରେ ଅସୁସ୍ଥ ହେବାର ଶୁଣନ୍ତି, କିମ୍ଵା କାହାରି ମରିବାର ବିଷୟରେ, ଆପଣ ଚିତ୍କାର କରି କାନ୍ଦନ୍ତି । ତାହା ପରମେଶ୍ଵର ନୁହଁନ୍ତି । ତାହା ତ ମାନବୀୟ ସମ୍ବେଦନା ଅଟେ । ପରମେଶ୍ଵର କିପରି…

206 ମୁଁ ଏକ ବଲ୍ ଗେମ୍ ଖେଳରେ ଲୋକମାନଙ୍କୁ ଦେଖିଛି, ଏତେ ଖୁସି ହୋଇଯାନ୍ତି ଯେ ସେମାନଙ୍କ ଓଠ ହଲୁଥାଏ, ସମସ୍ତ କିଛି ହେଉଥାଏ । ମୋତେ କୁହନ୍ତୁ ନାହିଁ ।

ଆମମାନଙ୍କର ଏକ ଉଦ୍ଦୀପନା, ଏକ ପରିତ୍ରାଣର ଆବଶ୍ୟକତା ଅଛି । ଏବଂ ପେଣ୍ଟିକଷ୍ଟାଲ୍‌ମାନେ ଚାରିଆଡ଼େ ଆସନ୍ତି, ଲୋକମାନଙ୍କୁ ଉତ୍ତେଜିତ କରି ପକାନ୍ତି, ଏବଂ ସେମାନଙ୍କୁ କୁହନ୍ତି, "ଯେତେବେଳେ ସେମାନେ ପରଭାଷାରେ କଥା କହିଲେ, ସେମାନେ ପବିତ୍ରଆତ୍ମା ପାଇଲେ ।" ଏବଂ ସେମାନଙ୍କ ମଧ୍ୟରୁ କେତେକ ତ, ପରେ ସମସ୍ତ ପ୍ରକାର ଜୀବନଯାପନ କରନ୍ତି ।

ଭାଇ, ଶୁଣନ୍ତୁ । ପେଣ୍ଟିକଷ୍ଟ ଦିନରେ, ଏହା ସେପରି ନ ଥିଲା । ସେମାନେ କୌଣସି ପରଭାଷା କିମ୍ଵା ଅନ୍ୟ କୌଣସି ଜିନିଷ ଉପରେ ନିର୍ଭର କରି ନ ଥିଲେ । ଯେତେବେଳେ ସେମାନେ ସେଠାରେ, ଗୋଟିଏ ସ୍ଥାନରେ, ଏକ ମନା ଭାବରେ ଛିଡା ହୋଇଥିଲେ, ସେତେବେଳେ ପରମେଶ୍ଵର ସେମାନଙ୍କ ମଧ୍ୟରେ, ଆକ୍ଷରିକ ଭାବରେ, ଓହ୍ଲାଇ ଆସିଥିଲେ । ସେମାନେ ଦେଖିଲେ, ଯେ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ଉପରେ, *ସେହି* ପରି ଭାବରେ, ଅଗ୍ନିର ଜିହ୍ଵାମାନ, ସେମାନଙ୍କ ମୁଣ୍ଡ ଉପରେ ଝୁଲି ରହିଥିଲା । ପରମେଶ୍ଵର ସେଠାରେ ଥିଲେ । ଏହା କୌଣସି, "ବିଶ୍ଵାସ ଦ୍ଵାରା, କିମ୍ଵା କିଛି ଭାବାବେଗ ଦ୍ଵାରା ଏହାକୁ ଗ୍ରହଣ କରିବା" ନ ଥିଲା । ସେମାନେ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହୋଇଥିଲେ, ଏବଂ ତାହାପରେ ବାହାରକୁ ଯାଇ ପରଭାଷାରେ କଥା କହିବାକୁ ଆରମ୍ଭ କରିଥିଲେ । ମାତ୍ର, ପ୍ରଥମେ, ସେମାନେ ପରମେଶ୍ଵରଙ୍କୁ ଭେଟିଥିଲେ ।

ଆଜି ତାହା ହିଁ ତ ମାମଲା ଅଟେ । ଲୋକମାନେ ଉତ୍ତେଜିତ ହୋଇ ଉତ୍ସାହିତ ହୋଇଯାଆନ୍ତି, ଭାବ ବିହ୍ଵଳ ହୋଇଯାନ୍ତି, ଏବଂ ଏହା ପବିତ୍ରଆତ୍ମା ନୁହେଁ । ପବିତ୍ରଆତ୍ମା ତ ଈଶ୍ଵରତ୍ଵର ବାସ ସ୍ଥାନ ଅଟନ୍ତି । ଆପଣଙ୍କର ବାକ୍ୟ ତାହାଙ୍କର ବାକ୍ୟ ଅଟେ । ଆପଣଙ୍କୁ କହୁଛି, ଆଜି ଆମକୁ ଯାହା ଦରକାର, ତାହା ହେଉଛି ଏକ ଆହ୍ଵାନ ।

207 ଲୋକମାନେ ଭିତରକୁ ଯାଆନ୍ତି, ସେପ୍ରକାର ସ୍ତ୍ରୀଲୋକମାନେ, ଭିତରକୁ ଯାଆନ୍ତି, ପରଭାଷାରେ କଥା କୁହନ୍ତି, ବାହାରି ଆସନ୍ତି । ଏବଂ ଆପଣ ସେମାନଙ୍କର ସ୍ଥାନଗୁଡିକୁ ଯାଆନ୍ତୁ ଯେଉଁଠାରେ ସେମାନଙ୍କର ମଣ୍ଡଳୀଗୁଡିକ ରହିଥାଏ…

208 ମୁଁ ଇଚ୍ଛା କରେ କାଳେ ବିଲି ଏଠାରେ ବସିଥାନ୍ତା । ଅନ୍ୟ ଏକ ଦିନ, ମୁଁ ଠିକ ସେତେବେଳେ ହିଁ ସେଠାରୁ ତଳୁ କେଉଁଠାରୁ ଗୋଟିଏ ଚିଠି ପାଇଲି, ଯେଉଁଠାରେକି ଜଣେ ସ୍ତ୍ରୀଲୋକ କହୁଥିଲେ, "ମୁଁ ଏକ ନିର୍ଦ୍ଦିଷ୍ଟ, ମହାନ ସହିତ ସମ୍ପୃକ୍ତ ଅଟେ…" ପେଣ୍ଟିକଷ୍ଟାଲ୍‌ମାନଙ୍କର ସବୁଠାରୁ ବଡ ସଂଗଠନ, ବଡ ତ୍ରିତ୍ତ୍ଵବାଦୀ ସଂଗଠନ । ସେମାନେ କହିଲେ, "ଆମର ସମସ୍ତ

ସ୍ତ୍ରୀଲୋକମାନେ, ଭାଇ ବ୍ରାନହାମ୍, ସମସ୍ତେ କେଶ କାଟନ୍ତି। ମୋର ଲମ୍ବା କଳା କେଶ ଥିଲା।” ସେ କହିଲେ, “ମୁଁ ଏହାକୁ ସର୍ବଦା ଭଲ ପାଉଥିଲି, କାରଣ ମୁଁ ବିଶ୍ୱାସ କରୁଥିଲି ଯେ ଏହା ପ୍ରଭୁଙ୍କ ଆଡୁ ଥିଲା।” କହିଲେ, “ମୁଁ କେବେବି ରଙ୍ଗ-ପ୍ରସାଧନ ଲଗାଇ ନ ଥିଲି। ଆମ ମଣ୍ଡଳୀ ଏହା ଶିକ୍ଷା ଦିଏ ଯେ ଏହା ପୁରୁଣା ଶୈଳୀ ଅଟେ।” କହିଲେ, “ସେମାନେ ମୋତେ କହିଲେ, ଯେତେବେଳେ ମୁଁ ମୋର କେଶକୁ ଗୁନ୍ଥୀ, ପଛ ପଟରେ ଏକ ଖୋପା କରିଥିଲି, କହିଲେ, ‘ଦେଖ, ତୁମର ପଛରେ ଏକ ଫଟା ଚକ ଅଛି,’ ଏବଂ ସେହିପରି ପ୍ରଭୃତି ବିଷୟ। କହିଲେ, ‘ତୁମେ ନିଜ ମୁଣ୍ଡ ପଛରେ ଏକ ଫଟା—ଫଟା ଚକ ଲଗାଇଅଛ।’” ଏବଂ କହିଲେ, “ଅବଶେଷରେ, ମୋ ସ୍ୱାମୀ କହିଲେ, ‘ତୁମେ କାହିଁକି ନିଜର କେଶ କାଟି ଦେଉ ନାହିଁ ଏବଂ ଅବଶିଷ୍ଟ ଅନ୍ୟମାନଙ୍କ ପରି ହୋଇଯାଉ ନାହିଁ?’”

ତେବେ ମୁଁ ପ୍ରତ୍ୟୁତ୍ତରରେ ତାଙ୍କ ନିକଟକୁ ଏକ ଚିଠି ପଠାଉଅଛି।

ସେ କହିଲେ, “କଅଣ ଏହା ସେହିପରି କି? ମୁଁ ଆପଣଙ୍କର ଗୋଟିଏ ଟେପ୍ ଶୁଣିଲି, ଯେ ଖ୍ରୀଷ୍ଟିଆନ ବାପ୍ତିସ୍ମ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଅଟେ।” ତେବେ, କଅଣ ଆପଣମାନେ ଜାଣନ୍ତି ଯେ ସେ କଅଣ ପାଇବାକୁ ଯାଉଛନ୍ତି। କଅଣ ଆପଣ ଜାଣନ୍ତି ନାହିଁ କି? ସେ କହିଲେ, “ଭାଇ ବ୍ରାନହାମ୍, ମୋତେ କୁହନ୍ତୁ। ମୁଁ କ୍ଷୁଧିତ ଅଟେ। ମୁଁ ଜାଣିବାକୁ ଚାହୁଁଛି ଯେ ମୁଁ କଅଣ କରିଅଛି।”

209 ମୁଁ କହିବାକୁ ଯାଉଛି, “ଆପଣଙ୍କର ସେହି ପଶ୍ଚାତଗାମୀ ସ୍ୱାମୀ ଉପରେ ଲଜ୍ଜା ହେଉ। ଏବଂ ସେହି ପରମେଶ୍ୱରବିହୀନ ଗୋଷ୍ଠୀ ଯାହାଙ୍କ ସହିତ ଆପଣ ଉପାସନା କରୁଛନ୍ତି, ସେମାନଙ୍କ ମଧ୍ୟରୁ ବାହାରି ଆସନ୍ତୁ।” ଠିକ୍ ଅଛି। ପରମେଶ୍ୱର ପରିବର୍ତ୍ତନ ହୋଇପାରନ୍ତି ନାହିଁ। ଯେତେବେଳେ ପରମେଶ୍ୱର କିଛି କୁହନ୍ତି, ସେତେବେଳେ ତାହାଙ୍କର ତାହାହିଁ ଅଭିପ୍ରାୟ ଥାଏ। ମୋର କିଛି ଫରକ୍ ପଡେ ନାହିଁ ଯେ କେତେ ସଂଖ୍ୟକ ପଶ୍ଚାତ୍‌ଗାମୀ ପ୍ରଚାରକମାନେ ଯେଉଁମାନେକି, ଏକ ବଡ଼ ସଂଗଠନ କିମ୍ବା ଏକ ଗୋଷ୍ଠୀ ପାଇବାକୁ ଆପୋଷ ବୁଝାମଣା କରିବାକୁ ଚାହୁଁଛନ୍ତି। ଆମକୁ ତ ପରିତ୍ରାଣକାରୀ ଦରକାର। ଏପରି ପୁରୁଷମାନେ ଯେଉଁମାନେକି ଛିଡା ହେବେ ଏବଂ ସେମାନଙ୍କର ପତ୍ନୀମାନଙ୍କୁ ସେହିପରି କରିବାକୁ ଦେବେ, ମୋର ତ ଆପଣଙ୍କର ଜଣେ ଖ୍ରୀଷ୍ଟିଆନ ହେବାର ଅଭିଜ୍ଞତା ଉପରେ ଅଳ୍ପ ହିଁ ଭରସା ଅଛି। ଠିକ୍। ଅନୁତାପ କରନ୍ତୁ, ନତୁବା ବିନଷ୍ଟ ହୁଅନ୍ତୁ! ମୋର, ପ୍ରଭୁ!

210 ସେହିପରି ଭାବରେ ଭିତରକୁ ଯାଆନ୍ତି, ମଣ୍ଡଳୀରେ ଯୋଗ ଦିଅନ୍ତି, ପେଣ୍ଟିକଷ୍ଟାଲ ମଣ୍ଡଳୀମାନ, ବାହାରି ଆସନ୍ତି ଏବଂ ଟିକେ ବି ପରିବର୍ତ୍ତିତ ହୁଅନ୍ତି ନାହିଁ; ସେହି ସମାନ ଭାବରେ ହିଁ ରହିଥାନ୍ତି, ଟିକିଏ ବି ଘୁଞ୍ଚନ୍ତି ନାହିଁ। ଓଃ, ଦୟା ହେଉ! ଏହା କଅଣ ଅଟେ? ଆଧୁନିକ ଈଷେବଲ୍‌ମାନେ। ସେଠାରେ ବାଇବଲରେ କେବଳ ଜଣେ ହିଁ ସ୍ତ୍ରୀଲୋକ ଅଛି ଯିଏକି ନିଜ ମୁହଁରେ ରଙ୍ଗ ପ୍ରସାଧନ ଲଗାଇଥିଲା, ଏବଂ ପରମେଶ୍ୱର ତାକୁ କୁକୁରମାନଙ୍କର ଭୋଜନ କରି ଦେଇଥିଲେ। ଆଧୁନିକ ଈଷେବଲ୍‌ମାନେ ସେମାନଙ୍କର ଆହାବକୁ କଲର ଦ୍ୱାରା ଟାଣି ଘୋଷାରି ନିଅନ୍ତି, ଯେକୌଣସି ଛୋଟ ମାଇଚିଆ ପୁରୁଷ ଯିଏକି ନିଜ ପତ୍ନୀଙ୍କୁ ସେହିପରି

କରିବାକୁ ଦେବେ, ଛୋଟ ଜାମା ଶାର୍ଟ ଏବଂ ଜିନିଷଗୁଡିକୁ ପିନ୍ଧିବାକୁ ଦେବେ, ଏବଂ ରାସ୍ତାରେ ବାହାରିବାକୁ ଦେବେ ଏପରି ପୋଷାକ ପରିଧାନ କରିବାକୁ ଦେବେ ଯେଉଁଥିରେକି ସେ ଏପରି ଶରୀର ଚିପା ହୋଇ ପତଳା ଦେଖାଯାଏ ଯେପରିକି ଜଣେ ଦୁର୍ବଳ ସ୍ତ୍ରୀଲୋକର ଚର୍ମଛେଦନ କରାଯାଇଅଛି। ଏବଂ ଯାଇଥାଏ...ମୁଁ ତାହାକୁ ଏକ ଥଟ୍ଟା ପାଇଁ କହୁ ନାହିଁ। ଏହା ଥଟ୍ଟା ପାଇଁ କୌଣସି ସ୍ଥାନ ନୁହେଁ। ଏହା ପରମେଶ୍ୱରଙ୍କ ବାକ୍ୟ ଅଟେ। ଏହା ସତ ଅଟେ। ଠିକ୍। ଏତେ ଚିପା ପୋଷାକ ପିନ୍ଧି, ରାସ୍ତାରେ ଚାଲିଯାଆନ୍ତି, ଯେ, ଏପରିକି ସେ ଚାଲିପାରନ୍ତି ନାହିଁ। ତାହାପରେ, କୌଣସି ଜଣେ ବ୍ୟକ୍ତି ତାଙ୍କ ବିଷୟରେ ଏକ ଟିପ୍ପଣୀ କରନ୍ତି, ଏବଂ ଆପଣ ତାଙ୍କ ସହିତ ଲଢିବାକୁ ଚାହାଁନ୍ତି। ଆପଣଙ୍କୁ ତ ନିଜର ପତ୍ନୀଙ୍କୁ ସେହିପରି କରିବାକୁ ଦେଇଥିବା ପାଇଁ, ନିଜ ଗାଲରେ ଚାପୁଡା ମାରିବା ଉଚିତ୍, ତାହା ଠିକ୍। ତାହା ଏହା ଦର୍ଶାଏ ଯେ ଆପଣ କେଉଁଥିରେ ତିଆରି ହୋଇଛନ୍ତି। ତାହା ଅବିକଳ ଠିକ୍ ଅଟେ।

211 ଆମକୁ ଯାହା ଦରକାର ତାହା ହେଉଛି ସୁସମାଚାର। ପରମେଶ୍ୱର, ସେହି ଦୃଶ୍ୟରେ କାହାରିକୁ ଉଠାଅ ଯିଏକି ଠିକ ବାକ୍ୟ ନିକଟକୁ ଫେରାଇ ନେବେ। ପରମେଶ୍ୱର କହିଲେ ଯେ ଜଣେ ସ୍ତ୍ରୀଲୋକଙ୍କ ପାଇଁ ଏପରିକି ତାଙ୍କ କେଶକୁ କାଟି ମଣ୍ଡଳୀକୁ ଆସି ପ୍ରାର୍ଥନା କରିବା ସୁଦ୍ଧା ଏକ ଶିଷ୍ଟ କଥା ନୁହେଁ। ଏବଂ ଜଣେ ସ୍ତ୍ରୀଲୋକ ଯିଏକି ନିଜର କେଶ କାଟନ୍ତି, ହେଉଛନ୍ତି... ଜଣେ ପୁରୁଷଙ୍କର ତାଙ୍କଠାରୁ ଛାଡପତ୍ର ପାଇବାର ଏକ ସମ୍ପୂର୍ଣ୍ଣ ଅଧିକାର ଅଛି। ସେ ଜଣେ ଅପମାନଜନକ ସ୍ତ୍ରୀଲୋକ ଅଟେ। ବାଇବଲ ଏପରି ହିଁ କୁହେ। ସେ ତାର ସ୍ୱାମୀ ପ୍ରତି ଅପମାନଜନକ ଅଟେ। ସେ ବୋଧହୁଏ ଏହା ଜାଣି ନ ଥାଇପାରେ। ଯେକୌଣସି ସ୍ତ୍ରୀଲୋକ ଯିଏକି ଛୋଟ ଜାମା ସର୍ଟ ପିନ୍ଧିବେ ତାହା ଅପମାନଜନକ ଅଟେ। ସେ ହୁଏତ ଏହା ଜାଣି ନ ଥାଇପାରେ। ହେ ମହିଳା, ମୁଁ ଆପଣଙ୍କୁ ଆଘାତ କରିବାକୁ ଚେଷ୍ଟା କରୁନାହିଁ। ମୁଁ ତ ଆପଣଙ୍କୁ ଏକ ଅଗ୍ନି ହ୍ରଦରୁ, ଏବଂ ନରକରୁ ରକ୍ଷା କରିବାକୁ ଚେଷ୍ଟା କରୁଅଛି। ଅନୁତାପ କରନ୍ତୁ!

212 "ତେବେ," ଆପଣ କୁହନ୍ତି, "ମୁଁ ପବିତ୍ରଆତ୍ମା ପାଇଛି।" ତେବେ ସେହିପରି ଆଚରଣ କରିବା, ପୁଣି ଆପଣଙ୍କ ଭିତରେ ପରମେଶ୍ୱର ବାସ କରୁଥିବା, ସେହି ସମାନ ପରମେଶ୍ୱର ଯିଏକି ଆପଣଙ୍କୁ ତାହା ନ କରିବାକୁ କହିଥିଲେ?

213 "ତେବେ," ଆପଣ କୁହନ୍ତି, "ମୁଁ ପରଭାଷାରେ କଥା କହିଛି।" ମୁଁ ଭୂତମାନଙ୍କୁ ବିଭିନ୍ନ ଭାଷାରେ କଥାବାର୍ତ୍ତା କରୁଥିବାର ଦେଖିଅଛି। ମୁଁ ଆଫ୍ରିକାରେ, ଗୋଟିଏ ମଣିଷର ଖପୁରୀରୁ ରକ୍ତ ପାନ କରୁଥିବାର, ଏବଂ ପରଭାଷାରେ କଥା କହି ଶୟତାନକୁ ଡାକିବାର, ଦେଖିଛି। ମୁଁ ଯାଦୁକର ଏବଂ ଗୁଣିଗାରୁଡିର ଶିବିରକୁ ଯାଇଛି, ଯେଉଁଠାରେ ସେମାନେ ପରଭାଷାରେ କଥା କୁହନ୍ତି ଏବଂ ତାହାର ବ୍ୟାଖ୍ୟା କରନ୍ତି। ମୁଁ ଦେଖିଛି ଯେ ପେନ୍‌ସିଲ୍ ମେଜ ଉପରେ ପଡ଼ି ରହିଥାଏ ଏବଂ ଅଜ୍ଞାତ ଭାଷାରେ ଲେଖୁଥାଏ, ଏବଂ ସେହି ବ୍ୟକ୍ତି ଜଣକ ଆସି, ତାହାର ବ୍ୟାଖ୍ୟା କରନ୍ତି। ଏହା ସତ୍ୟ ଥିଲା। ମୋତେ ପରଭାଷା ବିଷୟରେ କୁହନ୍ତୁ ନାହିଁ। ଆମ ପାଖରେ ତାହା ବର୍ତ୍ତମାନ ବହୁଳ ମାତ୍ରାରେ ରହିଛି।

ତଥାପି, ମୁଁ ବିଶ୍ୱାସ କରେ ଯେ ପରମେଶ୍ୱରଙ୍କର ଏକ ଅଜ୍ଞାତ ଭାଷା ଅଛି । ମୁଁ ବିଶ୍ୱାସ କରେ ଯେ ପରମେଶ୍ୱର ଅଜ୍ଞାତ ଭାଷାରେ କଥାବାର୍ତ୍ତା କରନ୍ତି, ମାତ୍ର ତାହା ଉପରେ ନିର୍ଭର କରନ୍ତୁ ନାହିଁ । ପାଉଲ କହିଲେ, "ଯଦିଓ ମୁଁ ପୁରୁଷ ଏବଂ ସ୍ୱର୍ଗଦୂତମାନଙ୍କ ଭାଷାରେ କଥାବାର୍ତ୍ତା କରେ, ଏବଂ ପବିତ୍ରଆତ୍ମା ପାଇ ନ ଥାଏ, ତେବେ ମୁଁ ସେପର୍ଯ୍ୟନ୍ତ କିଛି ନୁହେଁ । ଯଦିଓ ମୁଁ ପର୍ବତଗୁଡ଼ିକୁ ଘୁଞ୍ଚାଇ ଦେଇପାରେ..."

214 ଅନେକ ଲୋକମାନେ ଏହା କହିବାକୁ ଚେଷ୍ଟା କରୁଛନ୍ତି, "ଓଃ, *ଏହା* ପରମେଶ୍ୱରଙ୍କର ଜଣେ ମହାନ ବ୍ୟକ୍ତି ଅଟନ୍ତି । ଆପଣଙ୍କୁ ସେହି ମହାନ ଚମତ୍କାରମାନ ଦେଖିବା ଉଚିତ୍ ।" କାହିଁକି, ଭୂତମାନେ ସୁଷ୍ଠ କରନ୍ତି...

ଭୂତମାନେ ବାହାରକୁ ଯାଇ ସେହିପରି କାର୍ଯ୍ୟ ସାଧନ କରନ୍ତି । ମୁଁ ଜାଣେ ଯେ ସେହି ଯାଦୁକରମାନେ ବାହାରି ଯାଆନ୍ତି, ଏବଂ ସେହି ପରି ଜିନିଷଗୁଡ଼ିକ ସାଧନ କରନ୍ତି, ତାଙ୍କ ଚାରିପାଖରେ ଏକ ଅଙ୍ଗରଖା *ସେହି* ପରି ରହିଥାଏ । ସେମାନେ ସେଥିରେ ଟଙ୍କା ରଖନ୍ତି । ସେ ନିଜର ମୁଣ୍ଡ ପଛ ପଟରୁ କେଶ ବାହାର କରିଥାଏ, ତାକୁ ରକ୍ତରେ ମିଶ୍ରିତ କରି ଫିଙ୍ଗିଦିଏ । ଏବଂ ସେହି ଲୋକମାନେ ସଚ୍ଚୋଟ ଲୋକ ଥାଆନ୍ତି, ତାହା ବିଶ୍ୱାସ କରନ୍ତି । ଏହା ସେହି ବ୍ୟକ୍ତି ନୁହେଁ । ଏହା ତ ସେହି ଲୋକମାନେ ବିଶ୍ୱାସ କରନ୍ତି ଯେ ସେମାନେ ସେହି ଯାଦୁକର ମାଧ୍ୟମରେ, ପରମେଶ୍ୱରଙ୍କ ନିକଟକୁ ଆସୁଅଛନ୍ତି ।

215 କଅଣ ଯୀଶୁ କହି ନାହାଁନ୍ତି କି, "ସେଦିନ ଅନେକ ଲୋକ ମୋ ପାଖକୁ ଆସିବେ ଏବଂ କହିବେ, 'ମୋର ବହୁତ ବଡ଼ ବଡ଼ ଆରୋଗ୍ୟ ଅଭିଯାନ ହୋଇଥିଲା'"? ତାହା ଏକ ଚିହ୍ନ ନୁହେଁ । ଏହା ତ ଏକ ଚିହ୍ନ ଯେ ଆମେମାନେ ଶେଷରେ ଅଛୁ । କଅଣ ଯୀଶୁ, ମାଥିଉ ତାର 24ତମ ପର୍ବରେ, ପ୍ରାୟଃ 24ତମ ପଦ, 24:24 ରେ, ମଧ୍ୟ କହି ନାହାଁନ୍ତି କି? ଏବଂ ସେ କହିଲେ, "ଶେଷ ଦିନରେ ଭଣ୍ଡ ଭବିଷ୍ୟଦ୍‌ବକ୍ତାମାନେ ଉଠି ବଡ଼ ବଡ଼ ଚିହ୍ନମାନ ଦେଖାଇବେ ଏପରିକି ଯଦି ଏହା ସମ୍ଭବ ହୁଏ ତେବେ ସେମାନେ ମନୋନୀତ ଲୋକମାନଙ୍କୁ ସୁଦ୍ଧା ପ୍ରତାରିତ କରିବେ ।" ମାତ୍ର ସେହି ମନୋନୀତ ବ୍ୟକ୍ତି ବାକ୍ୟ ଉପରେ ଛିଡା ହୋଇଛନ୍ତି । ସେମାନେ ଜାଣନ୍ତି ଯେ ଏକ ପ୍ରକୃତ ଚିହ୍ନ କଅଣ ଅଟେ ।

216 କିପରି ଜଣେ ବ୍ୟକ୍ତି, ଯିଏକି ଏହିସବୁ ବିଷୟ କରନ୍ତି, ଯିଏକି ପରମେଶ୍ୱରଙ୍କ ବିଶ୍ୱାସକୁ ଅସ୍ୱୀକାର କରନ୍ତି, ଏହା କହିପାରନ୍ତି ଯେ ସେ ପ୍ରଭୁଙ୍କଠାରୁ ଆଗତ ଜଣେ ଭବିଷ୍ୟଦ୍‌ବକ୍ତା ଅଟନ୍ତି? ଜଗତରେ ଜଣେ ମଣିଷ କିପରି ଏହା କରିପାରନ୍ତି?

ସେ ଜଣେ ଭବିଷ୍ୟଦ୍‌ବକ୍ତା ହୋଇପାରନ୍ତି, ଯେପରିକି ସେଠାରେ ତଳେ ଆହାବ ଏବଂ ଯିହୋଶାଫଟଙ୍କ ସମୟରେ ହୋଇଥିଲା, ଯେତେବେଳେ ମୀଖାୟ ଛିଡା ହୋଇଥିଲେ । ମାତ୍ର ସେମାନଙ୍କ ପାଖରେ ସେଠାରେ ଜଣେ ହିଁ ରହିଥିଲା ଯିଏକି ବାକ୍ୟ ଉପରେ ଛିଡା ହୋଇଥିଲେ, ଏଲିୟ । ପ୍ରଭୁଙ୍କ ବାକ୍ୟ ଲେଖା ଯାଇଥିଲା, ଯେ ଆହାବ ତାର ଶେଷ ଦଶାକୁ ଆସିବ, ଏବଂ ଏଲିୟଙ୍କ ଦର୍ଶନ ତାହା ସମ୍ବନ୍ଧରେ ଥିଲା ।

217 ଏବଂ ଯେକୌଣସି ବ୍ୟକ୍ତି, ଯେକୌଣସି ବ୍ୟକ୍ତି ଯିଏକି ନିଜକୁ ଆତ୍ମିକ କିମ୍ବା ଜଣେ ଭବିଷ୍ୟଦ୍‌ବକ୍ତା ବୋଲି ଡାକନ୍ତି, ଏହା ସ୍ୱୀକାର କରନ୍ତି ଯେ *ଏହା* ର ପ୍ରତ୍ୟେକ ବାକ୍ୟ ସତ୍ୟ ଅଟେ। ସେ କିପରି ଜଣେ ତ୍ରିତ୍ୱବାଦୀ ହୋଇପାରନ୍ତି? ସେ କିପରି "ପିତା, ପୁତ୍ର ଏବଂ ପବିତ୍ରଆତ୍ମା" ଙ୍କ ନାମରେ ବାପ୍ତିଜିତ କରିପାରନ୍ତି, ଏବଂ କହିପାରନ୍ତି ଯେ ସେ ଆତ୍ମାଙ୍କ ଦ୍ୱାରା ଅଭିଷିକ୍ତ ଅଟନ୍ତି? ସେ କିପରି ଲୋକମାନଙ୍କୁ ସେହି ତ୍ରୁଟି ଶିଖାଇ ପାରନ୍ତି, ଏବଂ ତଥାପି ଆତ୍ମାଙ୍କ ଦ୍ୱାରା ଅଭିଷିକ୍ତ ହୋଇପାରନ୍ତି? ଏହା ହୋଇପାରେ ନାହିଁ। ଏହା ଏକ ଅସମ୍ଭାବ୍ୟ ବିଷୟ ଅଟେ।

218 ମୁଁ ଅନୁଭବ କରେ ଯେ ଏହା ଲୋକପ୍ରିୟ ନୁହେଁ। ମାତ୍ର ଆମେ ଲୋକପ୍ରିୟ ହେବାକୁ ଚାହୁଁନାହୁଁ। ଆପଣ ତ ସଙ୍କୋଚ ହେବାକୁ ଚାହାଁନ୍ତି।

ତେବେ, ଇଷେବଲ ଏବଂ ଆହାବମାନେ। ହଁ, ମହାଶୟ।

219 କାହିଁକି, ସେମାନେ ତାହା କାହିଁକି କରନ୍ତି? ସେହି ସ୍ତ୍ରୀଲୋକମାନେ ତାହା କାହିଁକି କରନ୍ତି, ସେମାନଙ୍କର କେଶକୁ ଛୋଟ ଛୋଟ କରନ୍ତି, ଏବଂ ରଙ୍ଗ-ପ୍ରସାଧନ ଲଗାନ୍ତି, ଏବଂ ବାହାରକୁ ଯାଆନ୍ତି ଓ ଛୋଟ ଛୋଟ ଜାମା ଶର୍ଟ ପିନ୍ଧନ୍ତି ଯେତେବେଳେକି ପୁରୁଷମାନେ ସେହି ମାର୍ଗରେ ଆସୁଥାନ୍ତି, ଏବଂ ସେହିପରି ଜିନିଷଗୁଡିକ କରନ୍ତି, ସେମାନଙ୍କର ସ୍ୱାମୀମାନେ ତାହା କରନ୍ତି? କାରଣ ସେମାନଙ୍କୁ ସତ୍ୟ କହିବା ପାଇଁ, ସେମାନଙ୍କର ପ୍ରଚାର ମଞ୍ଚରେ ସେମାନେ ଜଣେ ପ୍ରକୃତ ଭବିଷ୍ୟଦ୍‌ବକ୍ତାଙ୍କୁ ପାଇ ନାହାଁନ୍ତି। ସେମାନେ ସେମାନଙ୍କୁ କୁହନ୍ତି, "ତେବେ, ତାହା କୌଣସି ଭିନ୍ନ ନୁହେଁ। ତାହା ସବୁ ଠିକ ଅଛି। ଆପଣଙ୍କୁ *ତାହା* କରିବାର କୌଣସି ଦରକାର ନାହିଁ।" ଆପଣ!

220 ଏହା ତ ପ୍ରଭୁଙ୍କର ବାକ୍ୟ ଅଟେ। ବାଇବଲ କୁହେ, "ଯେକୌଣସି ସ୍ତ୍ରୀଲୋକ ଯିଏକି ଜଣେ ପୁରୁଷର ଏକ ପୋଷାକ ପିନ୍ଧିବ ତାହା ପରମେଶ୍ୱରଙ୍କ ନିକଟରେ ଘୃଣାର ବିଷୟ ଅଟେ।" ପରମେଶ୍ୱର ପରିବର୍ତ୍ତନ ହୁଅନ୍ତି ନାହିଁ। ସେ କିପରି ପରିବର୍ତ୍ତନ ହୋଇ ପରମେଶ୍ୱର ରହିପାରନ୍ତି? ସେ ତ ଅସୀମ ଅଟନ୍ତି।

221 ସେମାନଙ୍କର ଜଣେ ପ୍ରକୃତ ଭବିଷ୍ୟଦ୍‌ବକ୍ତାର ପ୍ରୟୋଜନ ଅଛି ଯାହାକି ସେମାନଙ୍କୁ କହିବେ ଯେ ତାହା ଶେଷ ସମୟର ଏକ ଚିହ୍ନ ଅଟେ। ବାଇବଲ କୁହେ ଯେ ସେମାନେ ଏହା କରିବେ। ଯିଶାଇୟ, ତାର 5ମ ପର୍ବ, କୁହେ ଯେ ଶେଷ ଦିନରେ ସ୍ତ୍ରୀଲୋକମାନେ ତାହା କରିବେ। ଅବିକଳ ଭାବେ। ଅତଏବ, ସେମାନେ ସେଠାରେ ଅଛନ୍ତି।

222 ମାତ୍ର ସେମାନେ କୁହନ୍ତି ଯେ ସେମାନେ ପ୍ରଚାର ମଞ୍ଚରେ, ପରମେଶ୍ୱରଙ୍କ ବାକ୍ୟକୁ ଭୟ କରୁଥିବା ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ ପାଇଛନ୍ତି। ନୁହେଁ...ସେ ତ ମଣ୍ଡଳୀକୁ ଭୟ କରନ୍ତି।

ଆସନ୍ତୁ ଆମେମାନେ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା ଯେ ସେ ଆମକୁ ସେହି ଶେଷ ଆଲୋକ, ସେହି ସନ୍ଧ୍ୟାକାଳୀନ ଦୀପ୍ତିକୁ ପ୍ରେରଣ କରନ୍ତୁ, ସେହି ଜଣକାକୁ ପ୍ରେରଣ କରନ୍ତୁ ଯାହାକୁ କରିବା ପାଇଁ, ସେ ମନୋନୀତ ମଣ୍ଡଳୀକୁ ପ୍ରତିଜ୍ଞା କରିଥିଲେ, ଯିଏକି

ସେମାନଙ୍କୁ କହିବ ଯେ ସତ୍ୟ କଅଣ ଅଟେ, ପରମେଶ୍ୱରଙ୍କ ବାକ୍ୟ ଉପରେ ଛିଡା ହେବେ। ଈଷେବେଲ୍ ଏବଂ ଆହାବମାନଙ୍କୁ ଛାଡ଼ି ଦିଅନ୍ତୁ, ତେବେ ସେମାନେ ସେମାନଙ୍କୁ ଅଲଗା କରିବେ। ତାହା ଅବିକଳ ଠିକ୍ ଅଟେ।

223 ମନେରଖନ୍ତୁ ଯେ ଯେତେବେଳେ ସ୍ତ୍ରୀଲୋକମାନେ ସେହିପରି ଆଚରଣ କରିବା ଆରମ୍ଭ କଲେ। ତେବେ କେବଳ ଅଳ୍ପ ଟିକିଏ ଖଣ୍ଡ ପଛକୁ ଫେରିଯାଆନ୍ତୁ, ଯେତେବେଳେ ସେମାନେ କେଶ କାଟିବା ଏବଂ ସେହିପରି ଆଚରଣ କରିବା ଆରମ୍ଭ କଲେ। ଯେତେବେଳେ ସ୍ତ୍ରୀଲୋକମାନେ ସେହିପରି ଆଚରଣ କରିବା ଆରମ୍ଭ କରନ୍ତି, ଏହା ସେତେବେଳେ ସେହି ସମୟ ଏବଂ ସେହି ଋତୁରେ ଅଟେ ଯେ ଶେଷ ଦିନର ଏଲିୟକୁ ସେହି ଶେଷ-ସମୟର ଚିହ୍ନ ସହିତ ଦୃଶ୍ୟରେ ଉପସ୍ଥିତ ହେବାକୁ ଅଛି, ସେହି ଶେଷ-ସମୟର ଚିହ୍ନ ସହିତ ଯେପରିକି ତାହା ଲୋଟଙ୍କ ସମୟରେ ହୋଇଥିଲା। ବୁଝିଲେ? ସେହି ଶେଷ-ସମୟର ଚିହ୍ନ; ଯେତେବେଳେ ସ୍ତ୍ରୀଲୋକମାନେ ସେହିପରି ଭାବରେ ଆଚରଣ କରିବାକୁ ଆରମ୍ଭ କରନ୍ତି। ସେମାନେ ବର୍ତ୍ତମାନ ସେହିପରି ଭବରେ ଆଚରଣ କରୁଛନ୍ତି। ଏହା ସେହି ସମୟରେ ଅଟେ ଯେ ଏଲିୟକୁ ଦୃଶ୍ୟରେ ଉପସ୍ଥିତ ହେବାକୁ ଅଛି, ଯିଏକି ରାମ୍ପୁଥିବେ ଏବଂ ଡାକୁ ଥିବେ, ଭର୍ତ୍ସନା କରୁଥିବେ ଏବଂ ଭାଙ୍ଗି ପକାଉଥିବେ, ଠିକ୍, ପରମେଶ୍ୱରଙ୍କ ଚିହ୍ନ ତାଙ୍କ ପଛରେ ରହିବା ସହିତ, ଆଗକୁ ବଢୁଥିବେ। ସେ ବର୍ତ୍ତମାନ କୌଣସି ବଡ ସମୂହକୁ ଡାକିବାକୁ ଯାଉନାହାଁନ୍ତି। ବାଇବଲ କୁହେ, "ହେ ଛୋଟ ପଲ, ଭୟ କର ନାହିଁ, ଏହା ତୁମର ପିତାଙ୍କର ସଦ୍ ଇଚ୍ଛା ଯେ ତୁମକୁ ରାଜ୍ୟ ଦିଆଯାଏ।" ତାହା ଠିକ୍ ଅଟେ। ତାହା ଅବିକଳ ଠିକ୍ ଅଟେ।

224 ତାହାଙ୍କୁ ସେହି ଛୋଟ ପଲ ବ୍ୟତୀତ ଅନ୍ୟ ସମସ୍ତଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ କରାଯିବାକୁ ଅଛି, କାରଣ ସେ ସାତ ଶହ ସହିତ ଏଲିୟଙ୍କ ପରି, ଏବଂ ଯୋହନ ତାଙ୍କର ଛୋଟ ପଲ ସହିତ ଥିବା ପରି ଅଟନ୍ତି। ହଁ।

225 କଅଣ ଆପଣ ଦେଖୁଛନ୍ତି ଯେ ଆଜି ଆମେମାନେ କେଉଁଠାରେ ଛିଡା ହୋଇଅଛୁ? ଆମକୁ ତ ମୂଳ ପେଣ୍ଟିକଷ୍ଟ ନିକଟକୁ ଫେରିଯିବାକୁ ଅଛି। ଆମକୁ ତ ପରମେଶ୍ୱରଙ୍କ ବିଷୟ ବସ୍ତୁ ନିକଟକୁ ଫେରିବାକୁ ଅଛି। ଆମକୁ ତ ଫେରିଯିବାକୁ ଅଛି। ଭାଇ, ଭଉଣୀ, ଆପଣ ନିଜର ଅଭିଜ୍ଞତାରେ ପ୍ରତାରିତ ହୁଅନ୍ତୁ ନାହିଁ। ଆମେମାନେ—ଆମେମାନେ ସେହି ଘଟିକା ପାଇଁ ଅପେକ୍ଷା କରୁଅଛୁ।

226 ଆପଣ କେବଳ ଏହା ଗ୍ରହଣ କରନ୍ତୁ ନାହିଁ, "ମୁଁ—ମୁଁ ଆଶା କରୁଛି-ଯେ ସେପରି ଅଟେ। ମୁଁ ବିଶ୍ୱାସ କରେ, ବିଶ୍ୱାସ ଦ୍ୱାରା ମୁଁ ଏହାକୁ ଗ୍ରହଣ କରେ।" ଆପଣ ତାହା କରନ୍ତୁ ନାହିଁ। ଆପଣ ପରମେଶ୍ୱରଙ୍କୁ, ସମ୍ମୁଖାସମ୍ମୁଖୀ ସାକ୍ଷାତ କରନ୍ତୁ, ଏବଂ ଆପଣ ଆତ୍ମାରେ ପରିପୂର୍ଣ୍ଣ ହୋଇଯାଆନ୍ତୁ, ଏବଂ ତାହାପରେ ଆପଣ ଦେଖନ୍ତୁ ଯେ କଅଣ ଘଟିଥାଏ। ଏବଂ ଯଦି ଆପଣଙ୍କ ଭିତରେ ଥିବା ସେହି ଆତ୍ମା ଏହି ବାକ୍ୟର ବିରୁଦ୍ଧାତ୍ମକ ଅଟେ, ତାହାହେଲେ ଆପଣ ସେହି ଆତ୍ମାକୁ ଏକାକୀ ଛାଡି ଦିଅନ୍ତୁ। ଯାଆନ୍ତୁ ଗୋଟିଏ ନିଅନ୍ତୁ...

ତେବେ, ପରମେଶ୍ୱରଙ୍କଠାରେ ପ୍ରାର୍ଥନା କରନ୍ତୁ ଯେ ସେ ଆପଣଙ୍କୁ ତାହାଙ୍କର ଆତ୍ମା ପ୍ରଦାନ କରନ୍ତି ।

227 ଯେତେବେଳେ ଏହି ଆତ୍ମା ଶେଷ ଦିନରେ ଉଠେ, ଏହା ସେମାନଙ୍କ ବିରୁଦ୍ଧରେ ଏକ ଚେତାବନୀ ହେବ, ଯେଉଁମାନେକି ଭଣ୍ଡ ଅଟନ୍ତି । ବୁଝିଲେ? ଯେହେତୁ, ଯୋହନ କହିଲେ, "ନିଜ ନିଜ ଭିତରେ ଏହା କହିବାକୁ ଚିନ୍ତା କର ନାହିଁ ଯେ ଆମେ...ଯେ ତୁମେ 'ଅବ୍ରହାମଙ୍କୁ ନିଜ ପିତା ସ୍ୱରୂପେ ପାଇଅଛ ।'" ଆମେମାନେ ପାଇଅଛୁ...ଆମେମାନେ ଅଟୁ...

"ଆମେ, ଆମର ପିତୃପୁରୁଷମାନେ ମେଥୋଡିଷ୍ଟ, ବାପ୍‌ଟିଷ୍ଟ, ପ୍ରେସ୍‌ବିଟେରିଆନ୍, କିମ୍ୱା ପେଣ୍ଟିକଷ୍ଟାଲ୍ ଥିଲେ ।" ଏହା କହିବାକୁ ଚିନ୍ତା କର ନାହିଁ, ତୁମେ, "ପରମେଶ୍ୱର," ଏବଂ ତୁମେ ଅବ୍ରହାମଙ୍କ ସନ୍ତାନଗଣ ଅଟ, କାରଣ ପରମେଶ୍ୱର ଏହି ପଥରଗୁଡ଼ିକରୁ ଅବ୍ରହାମଙ୍କ ନିମନ୍ତେ ସନ୍ତାନମାନଙ୍କୁ ଉଠାଇବାରେ ସକ୍ଷମ ଅଟନ୍ତି । ଏହା ଭାବ ନାହିଁ ଯେ ଯେହେତୁ ତୁମେ ପେଣ୍ଟିକୋଷ୍ଟାଲ ଅଟ, ଯେ ତୁମେ କ୍ଷମା ପାଇବାକୁ ଯାଉଅଛ । ଆଦୌ ନୁହେଁ । ପରମେଶ୍ୱର ଏହି ପଥରଗୁଡ଼ିକରୁ ଅବ୍ରହାମଙ୍କ ନିମନ୍ତେ ସନ୍ତାନଗଣଙ୍କୁ ଉଠାଇବାରେ ସକ୍ଷମ ଅଟନ୍ତି । ତାହା ଅବିକଳ ଠିକ୍ ଅଟେ । ହଁ, ମହାଶୟ ।

228 କେବଳ ଶେଷ ଦିନର ସତ୍ୟତାରେ, ପରମେଶ୍ୱରଙ୍କ ବାକ୍ୟ କୁହନ୍ତୁ । ତାହାଙ୍କର ଭବିଷ୍ୟଦ୍‌ବାଣୀ ହେଉଛି...

229 ଯଦି ଆପଣମାନେ ଚାହିଁବେ, ତେବେ ମୋତେ ମାତ୍ର ଗୋଟିଏ ମିନିଟ୍ ପାଇଁ ଏଠାକୁ ଫେରିବାକୁ ଦିଅନ୍ତୁ, ମୋତେ ଆପଣଙ୍କୁ ଏହା ଦେଖାଇବାକୁ ଦିଅନ୍ତୁ ଯେ ଆମେମାନେ କିପରି ତାହା ପାଇପାରୁ । ମୁଁ ଏଠାରେ ଅନେକ ଶାସ୍ତ୍ରାଂଶଗୁଡିଏ ଲେଖି ରଖିଛି । ମୁଁ କେବଳ ସେଗୁଡିକୁ ହିଁ ଉଦ୍ଧୃତ କରୁଥିଲି । ମୁଁ ଆପଣମାନଙ୍କୁ ଗୋଟିଏ ପାଠ କରି ଦେବାକୁ ଚାହେଁ । ସେଥିରୁ, ଆସନ୍ତୁ, ପ୍ରଥମେ, ଆମେମାନେ ନେବା...ଆସନ୍ତୁ ଆମେମାନେ ଦ୍ୱିତୀୟ ବିବରଣ, ତାର ୧୪ତମ ପର୍ବ ନେବା, ଏବଂ ମାତ୍ର ଗୋଟିଏ ମିନିଟ୍, ଆମେମାନେ ପାଇବା । ଠିକ୍ ସେହିପରି, ଏହା ପୂର୍ବେକି ଆମେମାନେ ଏଠାରେ ଶେଷ କରୁ, ଯେପରିକି ମୁଁ ଆପଣମାନଙ୍କ ନିକଟରେ ଏହି ଶାସ୍ତ୍ରାଂଶ ପାଠ କରିପାରେ । ଦ୍ୱିତୀୟ ବିବରଣ, ତାର ୧୪ତମ ପର୍ବରେ, ଠିକ ଅଛି, ଏବଂ ଆସନ୍ତୁ ଆମେମାନେ ବର୍ତ୍ତମାନ ଦେଖିବା । ଦ୍ୱିତୀୟ ବିବରଣ, ୧୪ତମ ପର୍ବର 20ତମ ପଦ, 20:

> *ମାତ୍ର ଆମ୍ଭେ ଯାହା କହିବାକୁ ଆଜ୍ଞା ଦେଇ ନାହୁଁ, ଆମ୍ଭ ନାମରେ ଏପରି କୌଣସି କଥା କହିବାକୁ, ଯେଉଁ ଭବିଷ୍ୟଦ୍‌ବକ୍ତା ଦୁଃସାହସ କରିବେ, ଅବା ଅନ୍ୟ ଦେବତାଗଣର ନାମରେ କହିବ (ବହୁବଚନ), ସେହି ଭବିଷ୍ୟଦ୍‌ବକ୍ତା ମରିବ ।*

ତାହା ଠିକ୍ ଅଟେ । ଆତ୍ମିକ ଭାବରେ ବିନଷ୍ଟ । ଠିକ୍ ଅଛି । "ଯେଉଁ ପ୍ରାଣ ପାପ କରେ, ସେ ମୃତ୍ୟୁବରଣ କରିବ ।" ଆମର ଜଣେ ପରମେଶ୍ୱର ଅଛନ୍ତି, "ପରମେଶ୍ୱରଗଣ" ନାହାଁନ୍ତି ।

*ମାତ୍ର ଯେବେ ତୁମ୍ଭେ ଆପଣା ମନେ ମନେ କୁହ, ଯାହା* ***ସଦାପ୍ରଭୁ*** *ଯେଉଁ କଥା... କହି ନାହାଁନ୍ତି, ତାହା ଆମ୍ଭେମାନେ କିପରି ଜାଣିବା?*

"ଆମେମାନେ କିପରି ଜାଣିବା? ସେମାନଙ୍କ ମଧ୍ୟରୁ ବହୁତ ଜଣ ରହିବେ, ଆମେମାନେ କିପରି ଜାଣିବା? ଏହି ଜଣକ *ତାହା* କୁହନ୍ତି, ଅନ୍ୟ ଜଣକ *ଏହି-ପରି* କୁହନ୍ତି । ତେବେ, ଜଣେ *ଏହା* କୁହନ୍ତି, ଏବଂ ଅନ୍ୟଟି *ତାହା* କୁହନ୍ତି, ଏବଂ ସେହିପରି ପ୍ରଭୃତି ।" ତେବେ ଦେଖନ୍ତୁ । ଆମେମାନେ ଜାଣୁ ।

*କୌଣସି ଭବିଷ୍ୟଦ୍‌ବକ୍ତା* ***ସଦାପ୍ରଭୁ****ଙ୍କ ନାମରେ କଥା କହିଲେ, ଯେବେ ତାହା ନ ହୁଏ, ଅବା ନ ଘଟେ, ତେବେ ସେହି କଥା* ***ସଦାପ୍ରଭୁ*** *କହି ନାହାଁନ୍ତି, ସେ ଭବିଷ୍ୟଦ୍‌ବକ୍ତା ଦୁଃସାହସରେ ତାହା କହିଅଛି: ତୁମ୍ଭେ ତାହାକୁ ଭୟ କରିବ ନାହିଁ ।*

230 ଯଦି ପରମେଶ୍ୱର ଏହା କହି ନାହାଁନ୍ତି, ତେବେ ଏହାକୁ ଭୟ କରନ୍ତୁ ନାହିଁ । ଏହା—ଏହା ଠିକ ଅଛି, କେବଳ ଆଗକୁ ବଢି ଯାଆନ୍ତୁ ଏବଂ ଏହାକୁ ଭୁଲିଯାଆନ୍ତୁ । ବୁଝିଲେ?

231 ତେବେ ତାହା ଦେଖନ୍ତୁ ଯାହା ଆଜି ଆମେମାନେ ଶୁଣୁଅଛୁ । ପ୍ରେରିତମାନଙ୍କ ଧର୍ମମତ, ମେଥୋଡିଷ୍ଟଙ୍କ ଧର୍ମମତ, ବାପ୍‌ଟିଷ୍ଟଙ୍କ ଧର୍ମମତ, ପେଣ୍ଟିକଷ୍ଟାଲ୍ମାନଙ୍କର ଧର୍ମମତ, ସେହି ଧର୍ମମତ, ଧର୍ମମତ, ଧର୍ମମତ । ଏକ ଧର୍ମମତ କଅଣ ଅଟେ? ଆପଣ ଏହାକୁ କେଉଁଠାରେ ପାଆନ୍ତି? ମୁଁ କାହାରିକୁ ବି ଆହ୍ୱାନ କରେ ଯେ ମୋତେ ବାଇବଲରେ ପ୍ରେରିତମାନଙ୍କ ଧର୍ମମତ ଦେଖାଇ ଦିଅନ୍ତୁ । ମୁଁ ବିଶ୍ୱାସ କରେ ଯେ ସେପରି କୌଣସି ବିଷୟ ନାହିଁ ।

ଯଦି ପ୍ରେରିତମାନଙ୍କର କୌଣସି ଧର୍ମମତ ଥିଲା ଯାହାକୁ ସେମାନେ କଦାଚ ଧରି ରହିଥିଲେ, ତାହା ଏଠାରେ ଅଟେ: "ତୁମେମାନେ ପ୍ରତ୍ୟେକଜଣ ମନଫେରଣ କର, ଏବଂ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ନିଜ ପାପ କ୍ଷମା ପାଇଁ ବାପ୍ତିଜିତ ହୁଅ, ଆଉ ତୁମେମାନେ ପବିତ୍ରଆତ୍ମାଙ୍କ ଦାନପ୍ରାପ୍ତ ହେବ । କାରଣ ଏହି ପ୍ରତିଜ୍ଞାଟି ତୁମ ପ୍ରତି ଅଟେ ।"

ବନ୍ଧୁଗଣ, କଅଣ ଆପଣମାନେ ଦେଖୁ ନାହାଁନ୍ତି ଯେ ଆମେମାନେ କେଉଁଠାରେ ଅଛୁ? ଆମେମାନେ ଏକ ଭୟଙ୍କର ଅବସ୍ଥାରେ ଅଛୁ । ଏହା କଅଣ ଅଟେ? ଏକ ସତ୍ୟ ଚିହ୍ନ ଯାହା ଅଣଦେଖା କରାଯାଇଛି ।

232 ତେବେ, ଆପଣ ପୁରୁଷ ଏବଂ ମହିଳାମାନେ, ଆପଣଙ୍କ ମଧ୍ୟରୁ ଅଧିକାଂଶ, ଏବଂ ଆପଣମାନେ ପରମେଶ୍ୱରଙ୍କ ସନ୍ତାନ ଅଟନ୍ତି । ଏହାକୁ ଅଣଦେଖା କରନ୍ତୁ ନାହିଁ । ମନେରଖନ୍ତୁ ଯେ ଆମର ଏହି ଜିନିଷଗୁଡିକ ରହିବା ଉଚିତ୍ । ସେଗୁଡିକ ଏହି ଦିନରେ ଘଟିବାର ଅନୁମାନ କରାଯାଏ, ଏହି ଘଟିକାରେ ଯେଉଁଥିରେକି ଆମେମାନେ ବର୍ତ୍ତମାନ ବସବାସ କରୁଅଛୁ । ଏହା ମଶୀହଙ୍କ ଠିକ ଆଗମନ ପୂର୍ବରୁ, ସେହି ଘଟିକା ଅଟେ, ସେଠାରେ ପରମେଶ୍ୱରଙ୍କଠାରୁ ଏକ ଘୋଷଣା ଆସିବାର ଅନୁମାନ କରାଯାଏ ।

ମୋତେ ତାହା ଆପଣମାନଙ୍କ ପାଇଁ ତାହା ପାଠ କରିବାକୁ ଦିଅନ୍ତୁ । ଆସନ୍ତୁ ମଲାଖି ନିକଟକୁ ଫେରିଯିବା । ଏହା ପୁରାତନ ନିୟମର ଶେଷ ଅଟେ, ଏବଂ ଶୁଣନ୍ତୁ ଯେ ଏଠାରେ

ମଲାଖିରେ ସେ କଅଣ କୁହନ୍ତି। ତେବେ ଆମେମାନେ...ଗୋଟିଏ ମୁହୂର୍ତ୍ତ ପାଇଁ କେବଳ ଏହାକୁ ଶୁଣନ୍ତୁ।

ତେବେ, ଯଦି ଆପଣମାନେ ଲକ୍ଷ୍ୟ କରିବେ, ମଲାଖୀ ୩, ତାହା କହୁଅଛି ଯାହା ଯୀଶୁ ଯୋହନଙ୍କ ଆସିବା ବିଷୟରେ କହିଥିଲେ:

*ଦେଖ, ଆମ୍ଭେ ଆପଣା ଦୂତକୁ ପ୍ରେରଣ କରୁଅଛୁ, ଓ ସେ ଆମ୍ଭ ଆଗରେ ପଥ ପ୍ରସ୍ତୁତ କରିବ: ପୁଣି ତୁମ୍ଭେମାନେ, ଯେଉଁ ପ୍ରଭୁଙ୍କର ଅନ୍ୱେଷଣ କରୁଅଛ, ସେ ଅକସ୍ମାତ ଆପଣା ମନ୍ଦିରକୁ ଆସିବେ, ଆଉ ନିୟମର ଯେଉଁ ଦୂତଠାରେ, ତୁମ୍ଭେମାନେ ସନ୍ତୁଷ୍ଟ ଅଟ: ଦେଖ, ସେ ଆସୁଅଛନ୍ତି, ଏହା ସୈନ୍ୟାଧିପତି* ***ସଦାପ୍ରଭୁ*** *କହନ୍ତି।*

233 ତାହା ଯୋହନ ଥିଲେ, ଯୀଶୁଙ୍କ ଆଗମନ ବିଷୟରେ ଘୋଷଣା କରୁଥିଲେ। ଏବଂ ସେ ମନ୍ଦିରକୁ ଆସିଲେ, ଠିକ୍ ଯେପରି ଭାବେ ସେ କହିଥିଲେ, ସେହି ନିୟମର ବାର୍ତ୍ତାବହ ଦୂତ, ସେହି ସ୍ୱର୍ଗଦୂତ ଯିଏକି ତାହା ସହିତରେ...ପ୍ରାନ୍ତରରେ ସେହି—ସେହି ଶିଷ୍ୟମାନଙ୍କ ସହିତ, କିମ୍ବା ଇସ୍ରାଏଲ ସହିତ ରହିଥିଲେ। କଅଣ ଆପଣମାନେ ବିଶ୍ୱାସ କରନ୍ତି ଯେ ସେ ସେହି ବାର୍ତ୍ତାବହ ଦୂତ ଥିଲେ? ତେବେ ସେ କହିଲେ, "ମୁଁ ପରମେଶ୍ୱରଙ୍କଠାରୁ ଆସିଛି, ଏବଂ ମୁଁ ପରମେଶ୍ୱରଙ୍କ ନିକଟକୁ ଯାଏ।"

234 ତେବେ, ପାଉଲଙ୍କୁ କାହିଁକି ଏକ ଅସୁସ୍ଥତା ଦିଆଗଲା? ତାଙ୍କୁ ଭୂମିଷ୍ଠ କରି ରଖିବା ପାଇଁ।

ଯୀଶୁ ମୃତ୍ୟୁବରଣ କରିବା, କବର ପ୍ରାପ୍ତ ହେବା, ପୁଣି ପୁନରୁତ୍ଥିତ ହେବା ପରେ; ଏହାର ଅନେକ ସମୟ ପରେ, ଦମ୍ମେସକ ଯିବା ମାର୍ଗରେ, ପାଉଲ ତାହାଙ୍କୁ, ସମ୍ମୁଖାସମ୍ମୁଖୀ ଭେଟିଥିଲେ। (ସେ କହିଲେ, "ମୁଁ ପରମେଶ୍ୱରଙ୍କଠାରୁ ଆସିଅଛି, ଏବଂ ପରମେଶ୍ୱରଙ୍କ ନିକଟକୁ ଯାଏ।") ପାଉଲ ଉପରକୁ ଅନାଇଲେ। ସେଠାରେ ଏକ ବଡ଼ ଜ୍ୟୋତି ଥିଲା, ସେହି ସମାନ ଅଗ୍ନିସ୍ତମ୍ଭ। କଅଣ ଆପଣମାନେ ଜାଣନ୍ତି ଯେ ମୁଁ କେଉଁ ବିଷୟରେ କହୁଅଛି? ସେହି ସମାନ ଅଗ୍ନିସ୍ତମ୍ଭ। ଏବଂ ପାଉଲ ତାହାଙ୍କ ସହିତ କଥାବାର୍ତ୍ତା କଲେ, ଆଉ ସେ ପ୍ରତ୍ୟୁତ୍ତରରେ ପାଉଲଙ୍କ ସହିତ କଥା ହେଲେ। ଲୋକମାନେ ତାହାଙ୍କ କଥା ଶୁଣି ନ ଥିଲେ। ସେମାନେ ତାହାଙ୍କ କଥା ଶୁଣି ନ ଥିଲେ। ମାତ୍ର ପାଉଲ ତାହା ଶୁଣିଥିଲେ। ସେ କହିଲେ, "ଶାଉଲ, ଶାଉଲ, ତୁମେ ମୋତେ କାହିଁକି ତାଡ଼ନା କରୁଅଛ?"

ସେ କହିଲେ, "ହେ ପ୍ରଭୁ, ତୁମେ କିଏ?"

235 ସେ କହିଲେ, "ମୁଁ ଯୀଶୁ। ବର୍ତ୍ତମାନ ଉଠ ଏବଂ ସଳଖ ନାମକ ଫାଟକକୁ ଯାଅ। ସେଠାରେ ତୁମକୁ ଆଗାମୀ ବିଷୟ କୁହାଯିବ। ମୋର ଜଣେ ଭବିଷ୍ୟଦ୍‌ବକ୍ତା ଅଛି ଯିଏକି ତୁମକୁ କଅଣ କରିବାକୁ ଅଛି ତାହା କହିବାକୁ ଆସୁଛନ୍ତି, ଆପଣ ଦେଖନ୍ତୁ। ଏବଂ କିପରି କରିବେ..."

236 ପାଉଲ ନିଆ ଗଲେ, ବାପ୍ତିଜିତ ହେଲେ, ଏବଂ ପ୍ରଭୁଙ୍କୁ ଡାକିଲେ, ପବିତ୍ରଆତ୍ମା ପ୍ରାପ୍ତ ହେଲେ।

ଏବଂ ପାଉଲ କହିଲେ, "ମୋର ଶରୀରରେ ଏକ ଦୁର୍ବଳତା ଅଛି, ଯାହାକି ମୋତେ ଦିଆଯାଇଥିଲା, ଏକ ଶୟତାନ, ଶୟତାନର ଏକ ଦୂତ, ଯାହାକି ମୋତେ *ଫୋଡିଥାଏ*," ତାହା ଯେପରି, "ପ୍ରହାର ପରେ ପ୍ରହାର।" ସେ ଟିକେ ଉତ୍ତମ ଅନୁଭବ କରନ୍ତି, ଏବଂ ତାହାପରେ ଏହାକୁ ପାଇଥାଆନ୍ତି, ତାଙ୍କୁ ପୁଣିଥରେ ପ୍ରହାର କରେ। କହିଲେ, "ମୁଁ ପ୍ରଭୁଙ୍କୁ ତିନିଥର ପରାମର୍ଶ କଲି, ଯେ ମୋଠାରୁ ଏହାକୁ ଦୂରେଇ ନେବା ପାଇଁ, ମାତ୍ର ପ୍ରଭୁ କହିଲେ, 'ପାଉଲ, ମୋର ଅନୁଗ୍ରହ ଯଥେଷ୍ଟ।'" ତାହାପରେ ପାଉଲ କୁହନ୍ତି, "ଯେପରି ମୁଁ ପ୍ରକାଶନର ବାହୁଲ୍ୟତାରେ ପ୍ରଚୁରତା ଯୋଗୁଁ...ଅଧିକ ଗର୍ବିତ ନ ହୋଇଯାଏ।"

ପିତର, ଯାକୁବ, ଯୋହନ, କିମ୍ବା ସେମାନଙ୍କ ମଧ୍ୟରୁ କାହାରି, ଅପେକ୍ଷା ତାଙ୍କଠାରେ ପ୍ରକାଶନ ଦ୍ୱାରା, ଅଧିକ ବିଷୟ ରହିଥିଲା। ଯୀଶୁଙ୍କର ଚାଲିଯିବାର ଦୁଇ ବର୍ଷ, କିମ୍ବା ତାହାଠାରୁ ଅଧିକ କିଛି ସମୟ ପରେ, ସେ ତାହାଙ୍କୁ ଅଗ୍ନିସ୍ତମ୍ଭରେ ଛିଡା ହୋଇ, ତାଙ୍କ ସହ କଥାବାର୍ତ୍ତା କରୁଥିବାର ଦେଖିଥିଲେ। ତାହାହେଲେ ଆଜି ଦୁଇ ହଜାର ବର୍ଷ ହେଲାଣି, କେତେ ଅଧିକ ମହାନ ହୋଇଥିବ, ଏବଂ ସେ ଏବେ ସୁଦ୍ଧା ଜୀବିତ ଅଟନ୍ତି! ଆମେନ୍।

237 କହିଲେ, "ମୋତେ ଦିଆ ଯାଇଅଛି, କଦାଚିତ୍ ଯେପରି ମୁଁ ଗର୍ବିତ ହୋଇ ଏହା ନ କହିଦିଏ, 'ତେବେ, ଭାଇ, ମୁଁ ତୁମ ସମସ୍ତଙ୍କ ଉପରେ ଅଟେ। ବୁଝିଲେ? ମୁଁ—ମୁଁ ତାହାଙ୍କୁ ମୃତ୍ୟୁରୁ ପୁନରୁତ୍ଥିତ ହେବା ପରେ ଦେଖିଅଛି, ଏବଂ ମୁଁ ତାହାଙ୍କ ସହିତ କଥାବାର୍ତ୍ତା କରିଅଛି। ମୁଁ...' କଦାଚିତ ଯେପରି ମୁଁ ସେଠାରେ ଗର୍ବିତ ନ ହୋଇଯାଏ, ସେଇଥି ପାଇଁ ମୋତେ ନମ୍ର କରିବା ପାଇଁ, କିଛି ଗୋଟାଏ ଦିଆଯାଇଛି।" ହଁ।

238 ସେ ହିଁ ସେହି ଜଣକା ଥିଲେ ଯିଏକି ସେମାନଙ୍କୁ, ପୁନର୍ବାର, ଯୀଶୁଙ୍କ ନାମରେ ପୁନର୍ବାର ବାପ୍ତିଜିତ ହେବାକୁ କହିଥିଲେ। କହିଲେ, "ଯଦି ସ୍ୱର୍ଗରୁ ଜଣେ ଦୂତ ସୁଦ୍ଧା..."

239 ସେ କହିଲେ, "ମୁଁ ସେମାନଙ୍କ ବିଦ୍ୟାଳୟକୁ ଯାଇ ନ ଥିଲି, ଯେଉଁଠାରେ ସେମାନେ ରହିଥିଲେ।" କହିଲେ, "ମୁଁ ତୁରନ୍ତ ହିଁ ଯିରୁଶାଲମକୁ ଗଲି ନାହିଁ, ଏବଂ ଚଉଦ ବର୍ଷ ପର୍ଯ୍ୟନ୍ତ ନୁହେଁ।" କହିଲେ, "ମୁଁ ମିସରକୁ ଗଲି, ସେଠାରେ ତଳେ ଆସିଆକୁ ଗଲି।" ଏବଂ ସେ ପ୍ରାୟଃ ତିନି ବର୍ଷ କାଳ ସେଠାରେ ତଳେ ରହିଲେ, ପ୍ରଭୁଙ୍କ ସହିତ ପରାମର୍ଶ କଲେ, ପୁରାତନ ନିୟମ ଅଧ୍ୟୟନ କଲେ, ଏହାକୁ ସମସ୍ତ ସହିତ ତୁଳନା କରି ଦେଖିଲେ। ଚଉଦ ବର୍ଷ ପରେ, ଯେତେବେଳେ ସେ ଫେରି ଆସିଲେ, ପିତର ଏବଂ ସେମାନଙ୍କୁ ଭେଟିଲେ, ଏବଂ ସେହି ସମାନ ସୁସମାଚାର ଥିଲା, ସେହି ସମାନ ଭାବରେ ବାପ୍ତିଜିତ କରୁଥିଲେ ଏବଂ ସେହି ସମାନ କାର୍ଯ୍ୟ କରୁଥିଲେ। ଆମେନ୍। ସେ ଜାଣିଲେ ଯେ ଏହା ଠିକ୍ ଅଟେ। ହଁ, ମହାଶୟ।

240 ତେବେ ଏଠାରେ, ମଲାଖୀକୁ ଶୁଣନ୍ତୁ, ମାଲାଖୀ 3। ତେବେ, ଯଦି ଆପଣ ପାରିବେ, ତେବେ ମୋତେ କେବଳ ଆପଣଙ୍କ ପାଇଁ ଏହାକୁ ସ୍ପଷ୍ଟ କରିବାକୁ ଦିଅନ୍ତୁ। ମୁଁ ବିଶ୍ୱାସ କରେ...

ତେବେ ଆସନ୍ତୁ ଆମେମାନେ ମାଥିଉ ତାର 11ଶ ପର୍ବକୁ ପ୍ରକୃତ ସହଜରେ ଯିବା, ଏବଂ ଦେଖିବା ଯେ ମୁଁ...ମୋର ଏହା ଭୁଲ ହୋଇ ଯାଇପାରେ, ମୁଁ ଭାବୁଛି ଯେ ମୁଁ ଏହା ପାଇଅଛି, ମୋତେ ତାହା ଦେଖିବା ପାଇଁ ପ୍ରଥମେ ଏହାକୁ ଅନାଇବାକୁ ପଡିପାରେ । ମାଥିଉ 11 । ଆସନ୍ତୁ ଆମେମାନେ ଦେଖିବା । ସେଠାରୁ ଆରମ୍ଭ କରନ୍ତୁ:

*ଯୀଶୁ* ଆପଣା *ଦ୍ୱାଦଶ ଶିଷ୍ୟଙ୍କୁ ଆଦେଶ ଦେବାର ସମାପ୍ତ କଲା ଉତ୍ତାରେ, ଲୋକମାନଙ୍କର ନଗରସମୂହରେ ଶିକ୍ଷା ଦେବାକୁ ଓ ଘୋଷଣା କରିବାକୁ ସେ ସ୍ଥାନରୁ ପ୍ରସ୍ଥାନ କଲେ ।*

ଏଥିମଧ୍ୟରେ...*ଯୋହନ ଖ୍ରୀଷ୍ଟଙ୍କ କର୍ମର ବିବରଣ କାରଗାରରେ...* ଯେଉଁଠାରେ ସେ ଥିଲେ...*ଶୁଣି,* ଥିଲେ...*କର୍ମର ବିବରଣ କାରଗାରରେ ଶୁଣି, ଆପଣା ଶିଷ୍ୟମାନଙ୍କ ଦ୍ୱାରା ତାହାଙ୍କୁ ପଚାରି ପଠାଇଲେ,*

*ତାହାଙ୍କୁ ପଚାରି ପଠାଇଲେ, ଯାହାଙ୍କର ଆଗମନ ହେବ, ସେହି ବ୍ୟକ୍ତି କି ଆପଣ ଅବା ଆମ୍ଭେମାନେ ଅନ୍ୟ ଜଣଙ୍କ ଅପେକ୍ଷାରେ ରହିବୁ?*

ଯୋହନଙ୍କର ଉକ୍ରୋଶ ଆଖି, ସେଠାରେ ତଳେ କାରାଗାରରେ ଧନ୍ଦଳା ହୋଇ ଯାଇଥିଲା । ବୁଝିଲେ?

*ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, ତୁମ୍ଭେମାନେ ଯାଇ...*ଯାହା ଯାହା *ଶୁଣୁଅଛ ଏବଂ ଦେଖୁଅଛ...ସେହିସବୁ ଯୋହନଙ୍କୁ ଜଣାଅ:*

"ଯୋହନ ଜଣେ ଭବିଷ୍ୟଦ୍‌ବକ୍ତା ଅଟନ୍ତି । ଏବଂ ଯଦି ସେ—ସେ ଏହା ଶୁଣିବେ, ଯାହା ସବୁ ଘଟୁଅଛି, ସେ ଜାଣିଯିବେ ଯେ ମୁଁ କିଏ ଅଟେ ।" ବୁଝିଲେ? ସେ କହିଲେ:

*ଅନ୍ଧମାନେ ଦୃଷ୍ଟି ପାଆନ୍ତି,...ଖଞ୍ଜମାନେ ଗମନ କରନ୍ତି, କୁଷ୍ଠୀମାନେ ଶୁଚି ହୁଅନ୍ତି,...ବଧିରମାନେ ଶ୍ରବଣ କରନ୍ତି, ଓ ମୃତମାନେ ଉତ୍‌ଥାପିତ ହୁଅନ୍ତି,...*

"ଏବଂ ସମସ୍ତ ନାମଧାରୀ ସଂସ୍ଥାଗୁଡିକ ଏକତ୍ର ହୋଇଛନ୍ତି"? ଏହା ସେହିପରି କୁହେ ନାହିଁ, କଅଣ କୁହେ କି? ନା । ଏହା କୁହେ ନାହିଁ । ଏହା କୁହେ:

*...ଞ୍ଜମାନେ ଗମନ କରନ୍ତି, କୁଷ୍ଠୀମାନେ ଶୁଚି ହୁଅନ୍ତି,...ବଧିରମାନେ ଶ୍ରବଣ କରନ୍ତି, ଏବଂ ମୃତମାନେ ଉତ୍‌ଥାପିତ ହୁଅନ୍ତି, ପୁଣି ଦରିଦ୍ରମାନଙ୍କ ନିକଟରେ ସୁସମାଚାର ପ୍ରଚାର ହୁଏ ।*

ସେଠାରେ ସେହି ଚିହ୍ନ ଅଛି । ଦେଖନ୍ତୁ:

*ସେମାନେ ଚାଲିଯାଉଥିବା ସମୟରେ...*

*ଆଉ ଯେ କେହି ମୋ ଠାରେ...ବିଘ୍ନର କାରଣ ନ ପାଏ, ସେ ଧନ୍ୟ ।*

ତେବେ ଦେଖନ୍ତୁ: "ଯେ କେହି ମୋ ଠାରେ ବିଘ୍ନର କାରଣ ନ ପାଏ, ସେ ଧନ୍ୟ," ଅନ୍ୟ ଶବ୍ଦରେ, କିମ୍ବା, "ମୋ ଠାରେ *ଲଜ୍ଜିତ ନ ହୁଏ ।* ଯେ କେହି ମୋ ଠାରେ ଲଜ୍ଜିତ ହେବ ନାହିଁ ସେ ଧନ୍ୟ ।" ବୁଝିଲେ?

*...ସେମାନେ ଚାଲିଯାଉଥିବା ସମୟରେ, ଯୀଶୁ ଯୋହନଙ୍କ ସମ୍ବନ୍ଧରେ* ଲୋକସମୂହକୁ *କହିବାକୁ ଲାଗିଲେ, ତୁମ୍ଭେମାନେ କଅଣ ଦେଖିବା ପାଇଁ ପ୍ରାନ୍ତରକୁ ବାହାରିଯାଇଥିଲ?*

ତେବେ ଏହି ଭବିଷ୍ୟଦ୍‌ବକ୍ତାଙ୍କୁ ଦେଖନ୍ତୁ:

*...ତୁତୁମ୍ଭେମାନେ କଅଣ ଦେଖିବା ପାଇଁ ପ୍ରାନ୍ତରକୁ ବାହାରିଯାଇଥିଲ? କଅଣ ପବନରେ ଦୋହଲୁଥିବା ଗୋଟିଏ ନଳ?*

ଯୋହନ ନୁହେଁ । ଓଃ, ନା । "ତୁମେ ଘାସରେ ଲୁଚିଥିବା କାଳସର୍ପର ଛୁଆମାନେ," ସେ ସେହି ନାମଧାରୀ ସଂସ୍ଥାମାନଙ୍କୁ କହିଲେ, "କିଏ ତୁମକୁ ଆଗମନ କରୁଥିବା କ୍ରୋଧରୁ ପଳାୟନ କରିବା ପାଇଁ ଚେତାବନୀ ଦେଇଅଛି? ଏହା କହିବାକୁ ଆରମ୍ଭ କର ନାହିଁ ଯେ, 'ଆମେ ତ *ଏହା* ଏବଂ *ତାହା* ସହିତ ସମ୍ପୃକ୍ତ ଅଟୁ, କାରଣ ପରମେଶ୍ୱର ଏହି ପଥରଗୁଡିକରୁ ସନ୍ତାନମାନଙ୍କୁ ଉଠାଇବାରେ ସକ୍ଷମ ଅଟନ୍ତି ।" ଓଃ, ଭାଇ, ଏହା ତାଙ୍କ ସହିତ, ପବନରେ ଦୋହଲୁଥିବା କୌଣସି ଏକ ନଳ ନୁହେଁ ।

*...ପବନରେ ଦୋହଲୁଥିବା ଗୋଟିଏ ନଳ?*

ତାହା ନ ହେଲେ *ତୁମ୍ଭେମାନେ କଅଣ ଦେଖିବା ପାଇଁ ବାହାରିଯାଇଥିଲ? କଅଣ ସୂକ୍ଷ୍ମ ବସ୍ତ୍ର ପରିହିତ ଜଣେ ବ୍ୟକ୍ତିଙ୍କି?* (ଯାହାଙ୍କୁ ପ୍ରଚାର କରୁଥିବା ସମୟରେ ନିଜର ବସ୍ତ୍ରକୁ ଦୁଇ ବା ତିନିଥର ବଦଳାଇବାକୁ ପଡିଥାଏ?) *ଦେଖ, ଯେଉଁମାନେ ସୂକ୍ଷ୍ମ ବସ୍ତ୍ର ପରିଧାନ କରନ୍ତି, ରାଜବାଟୀରେ ଥାଆନ୍ତି ।*

ସେମାନେ ତ ସେହି ସେବକଗଣ ଅଟନ୍ତି ଯେଉଁମାନେକି ଯାଇ ଶିଶୁମାନଙ୍କୁ ଚୁମ୍ବନ କରନ୍ତି, ଆପଣ ଜାଣନ୍ତି, ଏବଂ—ଏବଂ ଯୁବା ଲୋକମାନଙ୍କୁ ବିବାହ ଦିଅନ୍ତି, ଏବଂ—ଏବଂ ବିଦ୍ୟାଳୟକୁ ଯାଇ ବୌଦ୍ଧିକ କଥାବାର୍ତ୍ତା ପରିବେଷଣ କରନ୍ତି, ଏବଂ, ଆପଣ ଜାଣନ୍ତି, ଏହି ସମସ୍ତ ଛୋଟ ଛୋଟ ମାଇଚିଆ ଜିନିଷଗୁଡିକୁ କରନ୍ତି । ବୁଝିଲେ? ବୁଝିଲେ? ସେ ଆଗ ଧାଡିରେ ଏଠାରେ ଦୁଇ-ହାତିଆ ଖଣ୍ଡା ଚଳାନ୍ତି ନାହିଁ । "ତୁମେମାନେ ସେହିଭଳି କୌଣସି ବ୍ୟକ୍ତିଙ୍କୁ, କଅଣ ଦେଖିବା ପାଇଁ ବାହାରି ଯାଇଥିଲ?" ସେ ଥିଲେ...ସେ ସେମାନଙ୍କୁ ପଚାରୁଛନ୍ତି ।

*ତାହା ନ ହେଲେ କି ନିମନ୍ତେ...ବାହାରି ଯାଇଥିଲ? କଅଣ ଜଣେ ଭାବବାଦୀଙ୍କି ଦେଖିବାକୁ?* (ଶୁଣନ୍ତୁ ।) *ହଁ, ଏବଂ ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ଭାବବାଦୀଙ୍କ ଅପେକ୍ଷା ଶ୍ରେଷ୍ଠ ବ୍ୟକ୍ତିଙ୍କି ।*

ହଁ, ମହାଶୟ । ସେ କଅଣ ଥିଲେ? କହିଲେ, "ସେ ଜଣେ ଭବିଷ୍ୟଦ୍‌ବକ୍ତା ଅପେକ୍ଷା ଶ୍ରେଷ୍ଠ ବ୍ୟକ୍ତିଙ୍କି?" ସେ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ, *ଯୋଗ* । ସେ ସେହି ଯୁଗର ବାର୍ତ୍ତାବହ ଦୂତ ଥିଲେ ।

> *...ତାହା ନ ହେଲେ କି ନିମନ୍ତେ...ବାହାରି ଯାଇଥିଲ? ଜଣେ ଭାବବାଦୀଙ୍କି ଦେଖିବାକୁ? ହଁ, ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ଭାବବାଦୀଙ୍କ ଅପେକ୍ଷା ଶ୍ରେଷ୍ଠ ବ୍ୟକ୍ତିଙ୍କି ।*

> *ଯାହାଙ୍କ ବିଷୟରେ ଏହା ଲେଖାଅଛି,...ଦେଖ, ଆମ୍ଭେ ଆପଣା ଦୂତକୁ ଆମ୍ଭ ଆଗରେ ପ୍ରେରଣ କରୁଅଛୁ,...ସେ ଆମ୍ଭ ସମ୍ମୁଖରେ ପଥ ପ୍ରସ୍ତୁତ କରିବ ।*

ମଲାଖୀ 3 ରେ ଏଠାରେ ଦେଖନ୍ତୁ । "ଦେଖ, ମୁଁ ମୋର ଦୂତଙ୍କୁ ମୋ ଆଗରେ ପଠାଉଅଛି ।"

241 ଦେଖନ୍ତୁ । ବର୍ତ୍ତମାନ, ମଲାଖୀ 4, ମୋତେ ଏହାକୁ ପାଠ କରିବାକୁ ଦିଅନ୍ତୁ । ସେ ପୁଣିଥରେ ଆସିବାକୁ ଯାଉଛନ୍ତି ।

> *...ଦେଖ, ସେଦିନ ଆସୁଅଛି, ତାହା ତୁନ୍ଦୁର ପରି ଜଳୁଅଛି; ପୁଣି ଅହଙ୍କାରୀ, ହଁ,...*

242 ତାହା ଆଜି ଅଟେ । ମୁଁ ରାସ୍ତାରେ ଚାଲିକରି ଯାଏ ଏବଂ ଏହି ଲୋକମାନଙ୍କୁ ଦେଖେ । ଆପଣ ସେମାନଙ୍କ ସହ କଥାବାର୍ତ୍ତା କରିପାରନ୍ତି, ଏବଂ ସେମାନେ ଆପଣଙ୍କ ଉପରେ ହସନ୍ତି, ଆପଣଙ୍କୁ ପରିହାସ କରନ୍ତି । ମୁଁ ଭାବେ, "ଏହା କଅଣ ଅଟେ?"

ଅନ୍ୟ ଏକ ଦିନ, ମୁଁ ଏଠାରେ, ତଳେ, ସେହି ଛକର ପାର୍ଶ୍ୱ ଦେଇ ଚାଲି ଯାଉଥିଲି । ମୁଁ କିଛି ଲୋକମାନଙ୍କ ସହ କଥାବାର୍ତ୍ତା କରୁଥିଲି, ଏବଂ ସେମାନେ କେବଳ କହିଲେ, "ଓଃ," ଏବଂ ଚାଲି ଗଲେ ।

ସେତେବେଳେ କିଛି ଗୋଟାଏ ମୋତେ କହିଲା, "ସେମାନେ ପରମାଣୁ ଚାରା ଅଟନ୍ତି, ଶୀଘ୍ର ହିଁ ପାଉଁଶ ହୋଇ ଭୂମିରେ ପକାଯିବେ । ସେମାନଙ୍କୁ ଏକାକୀ ଛାଡି ଦିଅ । ତୁମେ ନିଜର ଶାନ୍ତି କଥା କହିଛ । ପ୍ରସ୍ତୁତ ହୁଅ ଏବଂ ଏଠାରୁ ବାହାରି ଯାଅ ।" ହାଲ୍ଲେଲୁୟା! ମୁଁ ଭାବୁଛି, ମୋତେ ଏହା କହିବାର ଉଚିତ୍ ନ ଥିଲା । "ଆପଣାକୁ ପ୍ରସ୍ତୁତ କର । ନିଜର ଅଣ୍ଟା ଭିଡି ନିଅ । ମୁଁ ତୁମକୁ ଡାକୁଅଛି ।" ସେହି କାରଣରୁ ମୁଁ ଅପେକ୍ଷା କରୁଅଛି ।

> *କାରଣ ଦେଖ, ସେଦିନ ଆସୁଅଛି, ତାହା ତୁନ୍ଦୁର ପରି ଜଳୁଅଛି; ହଁ, ପୁଣି ଅହଙ୍କାରୀ,...ଏବଂ ଦୁଷ୍ଟାଚାରୀ ସମସ୍ତେ, ନଡ଼ା ପରି ହେବେ:...*

ତାହା ହିଁ ଅବିକଳ ଅଟେ ଯାହାକି ଘଟିବ । କଅଣ ହୁଏ ଯେତେବେଳେ ଏକ ମହାନ୍... ଆପଣମାନଙ୍କ ମଧ୍ୟରୁ କେତେକ କୃଷକମାନେ; ଯେତେବେଳେ ଏକ ବହୁତ ବଡ଼ ନିଆଁ ଗହମ କ୍ଷେତରେ ଲାଗିଯାଏ, ଯେତେବେଳେ ସେ କେବଳ ନଡ଼ା ସଦୃଶ ଥାଏ? ସେ କେବଳ

ସେଠାରେ ପଡ଼ି ରହି, ପଛରେ ପାଉଁଶ ହୋଇ ଯାଏ । ତାହାହିଁ ଅଟେ ଯାହାକି ସେତେବେଳେ ହେବ, ଯେତେବେଳେ ତାହା, ଯେତେବେଳେ ସେ ଆଘାତ କରିବ ।

*...ସେମାନଙ୍କର ମୂଳ କି ଡାଳ ଯେପରି ଅବଶିଷ୍ଟ ନ ରହିବ, ଏଥିପାଇଁ ଯେଉଁ ଦିନ ଆସୁଅଛି ତାହା ସେମାନଙ୍କୁ ଦଗ୍ଧ କରିବ, ଏହା ସୈନ୍ୟାଧିପତି **ସଦାପ୍ରଭୁ** କହନ୍ତି ।*

ସେମାନଙ୍କର କିଛି ହେଲେ ଅବଶିଷ୍ଟ ରହିବ ନାହିଁ ।

*ମାତ୍ର ଆମ୍ଭ ନାମକୁ ଭୟ କରୁଅଛ ଯେ ତୁମ୍ଭେମାନେ ତୁମ୍ଭମାନଙ୍କ ପ୍ରତି ଧର୍ମରୂପ ସୂର୍ଯ୍ୟ ଆରୋଗ୍ୟଦାୟକ କିରଣ ସଂଯୁକ୍ତ ହୋଇ ଉଦିତ ହେବେ; ...ତୁମ୍ଭେମାନେ ବାହାର ହୋଇ, ହୃଷ୍ଟପୃଷ୍ଟ ଗୋବତ୍ସ ତୁଲ୍ୟ କୁଦା ମାରିବ ।* (ତାହା ହେଉଛି ସହସ୍ରାବ୍ଦୀ ।)

*ପୁଣି ତୁମ୍ଭେମାନେ ଦୁଷ୍ଟମାନଙ୍କୁ ପଦ ତଳେ ଦଳି ପକାଇବ । କାରଣ ସୈନ୍ୟାଧିପତି **ସଦାପ୍ରଭୁ** କହନ୍ତି,* ଯେଉଁ *ଦିନ ଆମ୍ଭେ କାର୍ଯ୍ୟ* କରିବା, *ସେଦିନ ସେମାନେ ତୁମ୍ଭମାନଙ୍କର ତଳିପାର ଅଧଃସ୍ଥିତ ଭସ୍ମ ହେବେ ।*

ସହସ୍ରାବ୍ଦୀରେ, ବାହାରି ଆସିବା । "ଦୁଷ୍ଟମାନଙ୍କର ପାଉଁଶ ।"

*ଆମ୍ଭେ ହୋରେବରେ ସମଗ୍ର ଇସ୍ରାଏଲ ନିମନ୍ତେ, ଯେଉଁ ବିଧି ଓ ଶାସନସକଳ ଆଦେଶ କଲୁ,...ଆମ୍ଭ ଦାସ ମୋଶାଙ୍କର ସେହି ବ୍ୟବସ୍ଥା ତୁମ୍ଭେମାନେ...ସ୍ମରଣ କର ।*

ତେବେ, ବର୍ତ୍ତମାନ ଧ୍ୟାନ ସହକାରେ ଶୁଣନ୍ତୁ ।

*ଦେଖ, **ସଦାପ୍ରଭୁ**ଙ୍କର ସେହି ମହାନ ଓ ଭୟଙ୍କର ଦିନର ଆଗମନ ପୂର୍ବେ ଆମ୍ଭେ ତୁମ୍ଭମାନଙ୍କ ନିକଟକୁ ଏଲୀୟ ଭବିଷ୍ୟଦ୍‌ବକ୍ତାଙ୍କୁ ପ୍ରେରଣ କରିବା:*

243 ତେବେ, ତାହା ଯୋହନ ହୋଇ ନ ପାରନ୍ତି । ଏହା ହୋଇପାରନ୍ତି ନାହିଁ, କାରଣ ସେତେବେଳକୁ ସଂସାର ଧ୍ୱଂସ ହୋଇ ଯାଇଥାନ୍ତା । ମାତ୍ର ଏଠାରେ, ସେ ମାଥିଉ ୩ ରେ କୁହନ୍ତି, ସେ ତାହାଙ୍କ ଆଗରେ ଏକ ବାର୍ତ୍ତାବହ ଦୂତଙ୍କୁ ପଠାନ୍ତି । ଏବଂ ଯୀଶୁ କହିଲେ, "ତାହା ତ ସେହି ଏଲିୟ ଯାହାଙ୍କୁ ମୋ ଆଗରେ, ପଥ ପ୍ରସ୍ତୁତ କରିବା ନିମନ୍ତେ ଆସିବାକୁ ଥିଲା ।"

"ମାତ୍ର ଏହା ପୂର୍ବେକି ଏହି ମହାନ ପରମାଣୁ ବୋମା ଆଘାତ କରେ, ମୁଁ ଏଲିୟ ଭବିଷ୍ୟଦ୍‌ବକ୍ତାଙ୍କୁ ତୁମ ନିକଟକୁ ପଠାଇବି ।"

*ପୁଣି ଏଥିପାଇଁ ସେ ସନ୍ତାନଗଣ ପ୍ରତି ପିତୃଗଣର ହୃଦୟକୁ, ଓ ପିତୃଗଣ ପ୍ରତି ସନ୍ତାନଗଣର ହୃଦୟ ଫେରାଇବ, ଆମ୍ଭେ ଆସି ଯେପରି ପୃଥିବୀକି ଅଭିଶାପରେ ଆଘାତ ନ କରୁ, ।*

244 ଏହି ଦିନରେ, ଭବିଷ୍ୟତ୍‌ବାଣୀ ।

ମାତ୍ର ବର୍ତ୍ତମାନ ଆପଣ କୁହନ୍ତି, "ଓଃ, ସେହି ଏଲିୟ, ତାହା ତ ଯୋହନ ହେବାକୁ ଥିଲା।" ନିୟମର ଦୂତ ପ୍ରକୃତରେ, ଯୋହନ ଥିଲେ। ତାହା ଅବିକଳ ଠିକ୍ ଅଟେ। ଯୀଶୁ ଏହା କହିଥିଲେ, ଏବଂ ଏହାକୁ ଠିକ୍ ଏଠାରେ ସୁପ୍ରମାଣିତ କରିଥିଲେ, "ତାହାହିଁ ହେଉଛି ସେହି ଜଣକା ଯାହା ବିଷୟରେ ମୁଁ କହିଥିଲି।" କିନ୍ତୁ, ଆପଣମାନେ ଦେଖନ୍ତୁ, ଏହା ସେହି ଏଲିୟ ହୋଇପାରିବେ ନାହିଁ ଯାହାକୁ ଅସିବାର ଥିଲା। ବୁଝିଲେ? ଏହା ହୋଇପାରିବେ ନାହିଁ। କାରଣ, ଆପଣ ଦେଖନ୍ତୁ, ଯଦି ଏହା ହେବ, ତାହାହେଲେ ସେହି ଭବିଷ୍ୟତ୍‌ବାଣୀ ଭୁଲ ଥିଲା; ପୃଥିବୀ ସେଠାରେ ଧ୍ୱଂସ ପାଇଲା ନାହିଁ। ବୁଝିଲେ? "ମାତ୍ର ପ୍ରଭୁଙ୍କର ସେହି ମହାନ ଏବଂ ଭୟଙ୍କର ଦିନ ଆସିବା ପୂର୍ବରୁ, ମୁଁ ତୁମମାନଙ୍କ ନିକଟକୁ ଏଲିୟଙ୍କୁ ପଠାଇବି। ଏବଂ ସେ ପୁନହସ୍ଥାପିତ କରିବେ," ତାଙ୍କର ପ୍ରଥମ ଆଗମନକୁ ଦେଖନ୍ତୁ, "ସନ୍ତାନଗଣ ପ୍ରତି ପିତୃଗଣର ହୃଦୟକୁ।" ତାହାହିଁ ଥିଲା ଯାହାକି ସେ କରିଥିଲେ, ପ୍ରଥମେ, ନୂତନ ସମୟାବଧିର ବାର୍ତ୍ତାକୁ ନେଇକରି ଆସିଥିଲେ, ବର୍ତ୍ତମାନ ଖ୍ରୀଷ୍ଟଙ୍କ ଆଗମନ ବିଷୟକୁ, ପୁରାତନ ଟାଣୁଆ ପିତୃଗଣଙ୍କୁ ସେହି ଟାଣୁଆ ବିଶ୍ୱାସରୁ ଦୂରେଇ, ଏକ ନୂତନ ବିଶ୍ୱାସ ମଧ୍ୟକୁ ଆଣିବା ଯାହାକି ବର୍ତ୍ତମାନ ହିଁ ଆବିର୍ଭାବ ହୋଇଥିଲା।

ତାହାପରେ ଯେତେବେଳେ ସେ ଦ୍ୱିତୀୟ ଥର ଆସନ୍ତି, "ଏବଂ ସନ୍ତାନଗଣର ହୃଦୟକୁ ପେଣ୍ଟିକଷ୍ଟାଲ୍ ପିତୃଗଣ, ସେହି ମୂଳ ବାର୍ତ୍ତା ପ୍ରତି ଫେରାଇବା।"

245 ତେବେ ଏଠାରେ ପ୍ରକାଶିତ ବାକ୍ୟ ୩ ରେ ଆସନ୍ତୁ, ଏବଂ ଆପଣ ଏହାକୁ ପୁନର୍ବାର ଠିକ ସେଠାରେ ଦେଖିବେ। ତେଣୁକରି, ଏହା ଭବିଷ୍ୟତ୍‌ବାଣୀ କରାଯାଇଛି। ଆମେମାନେ ଶେଷ ସମୟରେ ଅଛୁ, ମୋର ଭାଇ। ତାହା ଠିକ୍ ଅଟେ।

246 ଯେପରିକି ଚାରି ଶହ ଭବିଷ୍ୟଦ୍‌ବକ୍ତା ମୀଖାୟଙ୍କ ବିରୁଦ୍ଧରେ ଥିଲେ, ସେମାନେ କହିଥିଲେ ଯେ ଆମେମାନେ ମଧ୍ୟ...ଆମେ ଜାଣୁ ଯେ, ଆମେ ସେହି ଶେଷ ଦିନରେ ଅଛୁ। ଭଣ୍ଡ ଭବିଷ୍ୟଦ୍‌ବକ୍ତା, ଭଣ୍ଡ ଚିହ୍ନମାନ ଦେଖାନ୍ତି, ନାମଧାରୀ ସଂସ୍ଥାରେ ଯୋଗ ଦିଅନ୍ତି। ସେମାନେ କୁହନ୍ତି, "ଆସନ୍ତୁ ଏବଂ ଯୋଗ ଦିଅନ୍ତୁ। ଆସନ୍ତୁ ଆମେମାନେ ଯୋଗଦେବା। ଆପଣ ଆସି ଆମ ମଣ୍ଡଳୀରେ ଯୋଗ ଦିଅନ୍ତୁ। ଆପଣଙ୍କର ସଦସ୍ୟତା ଆଣନ୍ତୁ। ଆମେମାନେ ଆଜି ସକାଳେ ଆପଣଙ୍କ ପାଇଁ ଖୋଲା ରଖିଛୁ ଯେ ଆପଣ ଯେପରି ନିଜର ସଦସ୍ୟତାକୁ ସେହି ମଣ୍ଡଳୀରୁ ଏହି ଗୋଟିକକୁ ସ୍ଥାନାନ୍ତରିତ କରନ୍ତି।" ଓଃ, ନିର୍ବୋଧତା। ଆପଣଙ୍କର ସଦସ୍ୟତା ଆପଣଙ୍କୁ କି ଲାଭ କରେ? ଯଦି ଆପଣଙ୍କର ସ୍ୱର୍ଗରେ ଏକ ଅଧିକାର ନାହଁ, ତେବେ ଏହା ବିଷୟରେ ଭୁଲି ଯାଆନ୍ତୁ। ଭଣ୍ଡ ଭବିଷ୍ୟଦ୍‌ବକ୍ତାମାନେ ଭଣ୍ଡ ଚିହ୍ନ ଦେଖାଇବେ।

247 ମାତ୍ର, ଦେଖନ୍ତୁ, ପ୍ରକୃତ ଭବିଷ୍ୟଦ୍‌ବକ୍ତାମାନେ, ସେମାନେ ପରମେଶ୍ୱରଙ୍କ ବାକ୍ୟ ସହିତରେ ରହିବେ। ପ୍ରକୃତ ଚିହ୍ନମାନ ପରମେଶ୍ୱରଙ୍କ ସତ୍ୟ ବାକ୍ୟକୁ ଏକ ସତ୍ୟ ମଣ୍ଡଳୀ ନିକଟକୁ ଆଣିବେ, ଏବଂ ସେହି ସତ୍ୟ ମଣ୍ଡଳୀ ସେହି ବାକ୍ୟକୁ ଗ୍ରହଣ କରିବ ଏବଂ ଏଥିରେ ଆନନ୍ଦିତ ହେବ। ଯେତେବେଳେ ସେହି ଛୋଟ ପଲ, ଯାହାକି ଏହି ଶେଷ ଦିନରେ ଦିଆଯିବ,

ଯାହାକି ବିଜାତୀୟମାନଙ୍କର ଏକ ଅବଶିଷ୍ଟାଂଶ ହେବ, ଯାହାକୁ ବହନ କରି ନିଆଯିବ।

248 ଯେତେବେଳେ ଯୀଶୁ ଆସିଲେ, ସେଠାରେ କେବଳ ଅଳ୍ପ ଲୋକ ବ୍ୟତୀତ ଆଉ କେହି ନ ଥିଲେ—ନ ଥିଲେ ଯେଉଁମାନେକି ବିଶ୍ୱାସ କରିଥିଲେ। ଯୋହନଙ୍କ ଛୋଟ ଗୋଷ୍ଠୀ ଥିଲା ଯାହାକି ବିଶ୍ୱାସ କରିଥିଲା। ଯୀଶୁ ସେମାନଙ୍କୁ ସେଠାରୁ ନେଇ ଆଗକୁ ଗଲେ, ସେମାନଙ୍କ ମଧ୍ୟରୁ ଶିଷ୍ୟ କଲେ ଏବଂ ଆଗକୁ ବଢି ଚାଲିଲେ। ଯେତେବେଳେ ଏଲିୟ...

249 ଯେତେବେଳେ ବିନାଶ ଆସିଲା, ଯେତେବେଳେ ନୋହଙ୍କ ସମୟ ଆସିଲା, ସେତେବେଳେ ସେ ଏକ ଚିହ୍ନ ଥିଲେ, ଏବଂ ସେ ଲୋକମାନଙ୍କୁ ଜାହାଜ ଭିତରକୁ ନେଇଥିଲେ। ଯେତେବେଳେ ଏଲିୟ ଆସିଲେ, ସେ ଲୋକମାନଙ୍କୁ ସେହି ଦ୍ୱନ୍ଦ୍ୱରୁ ବାହାର କଲେ ଯେଉଁଥିରେ ସେମାନେ ରହିଥିଲେ। ଯେତେବେଳେ ଯୋହନ ଆସିଲେ...ସମସ୍ତ ଭବିଷ୍ୟଦ୍‌ବକ୍ତାମାନେ ଚିହ୍ନ, ଚିହ୍ନ, ଚିହ୍ନମାନ, ଚିହ୍ନ ଥିଲେ।

ଏବଂ ସେ ଶେଷ ଦିନରେ ଆମକୁ ଏକ ଚିହ୍ନ ପ୍ରତିଜ୍ଞା କରିଛନ୍ତି। ଶେଷ ଦିନରେ ସେଠାରେ ଏକ ଚିହ୍ନ ହେବ। ଏହା ଏକ ଅଣଦେଖା କରାଯାଇଥିବା ଚିହ୍ନ ଅଟେ। ଲୋକମାନେ ଏହାକୁ ଦେଖନ୍ତି ନାହିଁ। ସେମାନେ କେବଳ ଏହାର ଉପର ଦେଇ ଚାଲିଯାଆନ୍ତି, ଏବଂ ଏହାକୁ ଛାଡି ଦିଅନ୍ତି। ଭାଇ, ଭଉଣୀ, ମଣ୍ଡଳୀରେ ଯୋଗ ଦିଅନ୍ତୁ ନାହିଁ। ବର୍ତ୍ତମାନ ସମାପ୍ତ କରିବା ସମୟରେ, ମୋତେ ଏହା କହିବାକୁ ଦିଅନ୍ତୁ।

250 ଯଦି ଆପଣଙ୍କର କେବଳ କିଛି ଭାବାବେଗର, କିଛି ସମ୍ବେଦନାର ଅଭିଜ୍ଞତା ରହିଅଛି, ତେବେ ଆପଣ ତାହା ଉପରେ ନିର୍ଭର କରନ୍ତୁ ନାହିଁ। ଆପଣ ଏହା କରନ୍ତୁ ନାହିଁ। ଆପଣ ଲୋକମାନଙ୍କ ପାଇଁ। ଆପଣମାନେ...ମୁଁ ଲୋକମାନଙ୍କ ସହିତ କଥାବାର୍ତ୍ତା କରୁଅଛି। ମୁଁ ଠିକ ସେତେବେଳେ, ସେଠାରେ ପଛରେ ସେହି ଟେପ୍ ରେକର୍ଡରଗୁଡିକୁ କ୍ଲିକ୍ କରିବାର ଶବ୍ଦ ଶୁଣିଲି। ମୁଁ ବର୍ତ୍ତମାନ ମଣ୍ଡଳୀ ସହିତ କଥାବାର୍ତ୍ତା କରୁଛି। ବୁଝିଲେ? ଶୁଣନ୍ତୁ, ଆପଣ କରନ୍ତୁ ନାହିଁ...

251 ମୁଁ ବେଳେବେଳେ ସେହିପରି ଭାବରେ, ଅନେକ ଗୁଡିଏ କଥା କହିଥାଏ, ଯେପରିକି ଏଠାରେ ବାହାରେ ଥିବା ଲୋକମାନେ...ପରମେଶ୍ୱରଙ୍କ ସହିତ ରୁହନ୍ତୁ। ନିଜର ସତ୍ୟ ଚିହ୍ନକୁ ଲକ୍ଷ୍ୟ ରଖନ୍ତୁ। ଆପଣ ଏହାକୁ ଦେଖିବେ। ଏହା ଆପଣଙ୍କ ଚାରିପାଖରେ ରହିବ, ମାତ୍ର ଲକ୍ଷ ଲକ୍ଷ ଲୋକମାନେ ଏହା ଦେଇ ଗମନ କରିବେ ଓ ଏହାକୁ ଦେଖିବେ ନାହିଁ।

ଯେତେବେଳେ ଯୀଶୁ ଆସିଲେ, ସେମାନେ ତାହାଙ୍କୁ ଜାଣିଲେ ନାହିଁ।

ସେମାନେ ଏଲିୟଙ୍କୁ ଚିହ୍ନିଲେ ନାହିଁ। ଏଲିୟ ଯେତେବେଳେ ଉପରକୁ ଗଲେ କଅଣ ଆପଣମାନେ ଜାଣନ୍ତି ଯେ ସେତେବେଳେ ସେମାନେ କଅଣ କହିଲେ? ସେମାନେ ସେହି ନିର୍ବୋଧତାକୁ ବିଶ୍ୱାସ କଲେ ନାହିଁ। ସେମାନେ କହିଲେ, "ଏହା ନିରର୍ଥକ ଅଟେ।" ତାଙ୍କର ନିଜର ସେହି ନଗରରେ ସେହି ପିଲାମାନେ, ଯେଉଁଠାରେ ସେ ରହୁଥିଲେ...ସେ ରହିଥିଲେ, ପ୍ରଚାର କରିଥିଲେ, ଠିକ ସେହି ଦେଶରେ ସେଠାରେ ଚିହ୍ନ ଏବଂ ଆଶ୍ଚର୍ଯ୍ୟ କର୍ମମାନ

କରିଥିଲେ, ଯେତେବେଳେ ସେଠାରେ ଏକ ଚେତାବନୀ ଘଣ୍ଟି ବାଜିଲା, "ଆମେମାନେ ଏଲିୟଙ୍କୁ ପାଇପାରୁ ନାହୁଁ; ସଦାପ୍ରଭୁ ତାଙ୍କୁ ଏକ ଘୂର୍ଣ୍ଣିବାତ୍ୟାରେ ଉପରକୁ ନେଇଗଲେ," ସେମାନେ ଏପରି ଏକ କଥା ଶୁଣି ହସିଥିଲେ।

252 ଏଠାରେ ଏଲିୟ ଆସନ୍ତି...ଇଲୀଶାୟ, ତାଙ୍କ ସହିତ ସେହି ସମାନ ଚିହ୍ନ ରହିଥିଲା, ଏକ ପ୍ରକାର ଖ୍ରୀଷ୍ଟ ଏବଂ ତାହାଙ୍କ ମଣ୍ଡଳୀର ପ୍ରତିରୂପ। ଏଠାରେ ଏଲିୟ ଆସନ୍ତି, ସା-... ଇଲୀଶାୟ, ସେହି ସମାନ ଚିହ୍ନମାନ ସହିତ ଯାହାକି ଏଲିୟଙ୍କର ରହିଥିଲା, ଠିକ୍ ତଳକୁ ଆସି, ସେହି ବିଷୟ ସାଧନ କରୁଥିଲେ, ଏପରିକି ଯେ ସେମାନଙ୍କର ଛୋଟ ଛୋଟ ପିଲାମାନେ ମଧ୍ୟ ତାଙ୍କୁ ଅନୁସରଣ କରି କହିଥିଲେ, "ହେ ଟାଙ୍ଗରା ମୁଣ୍ଡା, ତୁମେ ଏଲିୟଙ୍କ ପରି କାହିଁକି ଉପରକୁ ଚାଲିଯାଉ ନାହଁ?" ଦେଖନ୍ତୁ ସେହି ଅସମ୍ମାନିତ ପିଲାମାନଙ୍କ ସହିତ କଅଣ ହେଲା?

ଆଜି ସେମାନେ ପରିହାସ କରନ୍ତି ଏବଂ ଥଟ୍ଟା କରନ୍ତି। ବ୍ୟସ୍ତ ହୁଅନ୍ତୁ ନାହିଁ, ଭାଇ, ବିଚାର ଠିକ ବର୍ତ୍ତମାନ ହିଁ ଆକାଶରେ ଝୁଲି ରହିଛି। ଏହା ପ୍ରତ୍ୟେକ ଆମେରିକୀୟଙ୍କ ମୁହଁରେ ଲେଖା ହୋଇଛି। ତାହା ଠିକ୍ ଅଟେ। ସର୍ବଶକ୍ତିମାନ୍ ପରମେଶ୍ୱରଙ୍କ ସମସ୍ତ କ୍ରୋଧ, ବିଚାର ଆକାଶରେ ଝୁଲି ରହିଛି।

253 [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।] "ଉତ୍ତମ ବିଷୟର ଘୃଣାକାରୀ; ଧାର୍ମିକତାର ଏକ ଭେଖ ଧାରଣ କରନ୍ତି, ମାତ୍ର ଏହାର ଶକ୍ତିକୁ ଅସ୍ୱୀକାର କରନ୍ତି: ଏପରି ଲୋକମାନଙ୍କଠାରୁ ଦୂର ହୁଅ।

254 ଆପଣ ଏକ ସମ୍ବେଦନାକୁ ଗ୍ରହଣ କରନ୍ତୁ ନାହିଁ। ଆପଣ ଏକ ଭାବାବେଗକୁ ଗ୍ରହଣ କରନ୍ତୁ ନାହିଁ। ଆପଣ ପରମେଶ୍ୱରଙ୍କୁ ସମ୍ମୁଖାସମୁଖୀ, ନ ଭେଟିବା ପର୍ଯ୍ୟନ୍ତ କୌଣସି ବିଷୟକୁ ଗ୍ରହଣ କରନ୍ତୁ ନାହିଁ, ଏବଂ ପରମେଶ୍ୱରଙ୍କ ଆତ୍ମାକୁ ନିଜ ଭିତରକୁ ଆସିବାକୁ ଦିଅନ୍ତୁ। ସେ ଆପଣଙ୍କର ହୃଦୟ ଏବଂ ପ୍ରାଣକୁ ଶକ୍ତି, ଏବଂ ପ୍ରେମ, ଏବଂ ନିଆଁରେ ପରିପୂର୍ଣ୍ଣ କରି ଦେବେ।

255 ହେ ପରମେଶ୍ୱର, ଆଗାମୀ କିଛି ଦିନ ମଧ୍ୟରେ କେଉଁଠାରେ, ମୋତେ ମୋର ସ୍ଥାନକୁ ଖୋଜିବାରେ ସାହାଯ୍ୟ କର, ସେଠାରେ ସେପର୍ଯ୍ୟନ୍ତ ରୁହେ ଯେପର୍ଯ୍ୟନ୍ତକି ମୁଁ ଏହା ଦେଖି ନ ନିଏ ଯେ ମୋର ପରବର୍ତ୍ତୀ ପଦକ୍ଷେପ କେଉଁଠାରେ ଅଛି।

256 ଆମେମାନେ ବହୁତ ଅଧିକ ସମୟ ଧରି ଅପେକ୍ଷା କରିଛୁ। ମୁଁ ବହୁତ ଅଧିକ ସମୟ ଧରି ଅପେକ୍ଷା କରିଛି। ମୋର ମନେ ଅଛି ମୁଁ ସେଠାରେ ମୋର ଅଗଣାରେ ଘାସ କାଟୁଥିଲି। ଯେତେବେଳେ ମୁଁ ଏଠାରେ ଉପରେ ଏହି ଗୃହ ନିର୍ମାଣ କଲି, ପ୍ରଭୁ ମୋତେ ଡାକିଥିଲେ। ମୋର ପତ୍ନୀ କାନ୍ଦିଥିଲେ କାରଣ ସେ ତାଙ୍କ ମାଆଙ୍କୁ ଛାଡି ଯିବାକୁ ଚାହିଁ ନ ଥିଲେ। କହିଲେ, "ବୋଧହୁଏ ତାଙ୍କର ଯତ୍ନ ନିଆ ଯାଇ ନ ପାରେ।"

ଏବଂ ମୁଁ ଚିନ୍ତା କଲି, "ମୋର ମଧ୍ୟ, ଏକ ବୃଦ୍ଧ ମାଆ ଅଛନ୍ତି।"

257 ମୁଁ ଦିନେ, ସେଠାରେ ବସି, ଘାସ କାଟୁଥିଲି। ମୁଁ ବସି ପଡ଼ିଲି। ଠିକ୍ ଯେତିକି ସ୍ପଷ୍ଟ, ଏକ ସ୍ୱର ଆସି, କହିଲା, "ନିଜକୁ ପୃଥକ କର, ତାହାପରେ ଆମ୍ଭେ ତୁମକୁ ଆଶୀର୍ବାଦ କରିବା।"

ମୁଁ କହିଲି, "ପ୍ରଭୁ ପରମେଶ୍ୱର, ମୋତେ ଏଠାରେ ଖୁସି କର। ତୁମେ ଦେଖୁଛ ଯେ ମୁଁ କାହା ବିରୁଦ୍ଧରେ ଅଛି।"

258 ସେହି ସମସ୍ତ ବିଷୟଗୁଡିକ ବର୍ତ୍ତମାନ ସମାପ୍ତ ହୋଇଛି। ମାତା ବ୍ରୋଏ ମହିମାରେ ଅଛନ୍ତି; ମାତା ବ୍ରାନହାମ୍ ମଧ୍ୟ।

"ପ୍ରଭୁ, ମୋର ପଦକ୍ଷେପ କେଉଁଠାରେ ଅଛି?"

259 ଏହି ଦିନଗୁଡିକ ମଧ୍ୟରୁ ଗୋଟିଏ ଦିନରେ, ବିଚାର ଏହି ଦେଶକୁ ଆଘାତ କରିବାକୁ ଯାଉଅଛି। ସେଠାରେ ଅନେକ ଦେଶ ଅଛନ୍ତି ଯେଉଁମାନେକି ସୁସମାଚାର ଶୁଣି ନାହାଁନ୍ତି। ସେଠାରେ ସ୍ଥାନଗୁଡିକ ଅଛି।

260 ଆପଣମାନେ ଯାହା ବି କରନ୍ତୁ, ମୋ କଥାକୁ ଆପଣ ଭୁଲନ୍ତୁ ନାହିଁ। ଆପଣ ଭୁଲନ୍ତୁ ନାହିଁ! ଏହା ହେଉ ଯେ ଏହି ଲଙ୍ଗର, ପରମେଶ୍ୱର ଏକ ଲୁହା କଲମ ନେଇ ଏହାକୁ ଆପଣଙ୍କ ହୃଦୟରେ ଖୋଦିତ କରି ଦିଅନ୍ତୁ, ଯେପରିକି ଆପଣ ଏହାକୁ ଭୁଲିବେ ନାହିଁ। ଏହାକୁ ଭୁଲନ୍ତୁ ନାହିଁ! **ସଦାପ୍ରଭୁ ଏହି କଥା କୁହନ୍ତି**: ଆପଣା ସମସ୍ତ ହୃଦୟ ସହିତ, ପରମେଶ୍ୱରଙ୍କ ନିକଟକୁ ଫେରିଯାଆନ୍ତୁ, ଫେରି ଆସନ୍ତୁ। କୌଣସି ଭାବାବେଗ, ସମ୍ବେଦନା, କିମ୍ବା ଅନ୍ୟ କୌଣସି ଜିନିଷ ଉପରେ ନିର୍ଭର କରନ୍ତୁ ନାହିଁ। ନିଜ ଭିତରେ ଥିବା ସମସ୍ତ କିଛି ସହିତ ପରମେଶ୍ୱରଙ୍କୁ ଅନ୍ୱେଷଣ କରନ୍ତୁ, ଯେପର୍ଯ୍ୟନ୍ତକି ଆପଣଙ୍କ ସହିତ କିଛି ଗୋଟାଏ ନ ଘଟିଯାଏ, ଯେ ଆପଣ ସଳଖ ହେବାକୁ ଚାହାଁନ୍ତି, ଆପଣ ଧାର୍ମିକ ହେବାକୁ ଚାହାଁନ୍ତି, ଆପଣ ପରମେଶ୍ୱରଙ୍କୁ ଭୟ କରନ୍ତି, ଆପଣ—ଆପଣ ସଠିକ୍ ଭାବେ ଜୀବନ ଯାପନ କରିବାକୁ ଚାହାଁନ୍ତି, ତାହା କରନ୍ତୁ। ଆପଣ ଏହାକୁ ଭୁଲନ୍ତୁ ନାହିଁ, କାରଣ ଆମେମାନେ ଶେଷ ସମୟରେ ଅଛୁ। ତେବେ, ମନେରଖନ୍ତୁ, ଆମେମାନେ ଶେଷ ସମୟରେ ଅଛୁ।

261 ଏବଂ ଏହାକୁ ମନେରଖନ୍ତୁ, ଯେତେବେଳେ ମୁଁ ସମାପ୍ତ କରିବା ପାଇଁ, ଗୋଟିଏ ମିନିଟରେ, ପ୍ରାର୍ଥନା କରେ, ହେ ମଣ୍ଡଳୀ, ଭୁଲନ୍ତୁ ନାହିଁ, ମୋତେ ଶୁଣନ୍ତୁ! ଏବଂ ଯଦି ଏହି ଟେପ୍ ଏପର୍ଯ୍ୟନ୍ତ ସୁଦ୍ଧା ଯାଉଥାଏ, ହେ ଜଗତ, କିମ୍ବା ଏହା ଯେଉଁଆଡ଼େ ବି ଯିବ, ମୋତେ ଶୁଣନ୍ତୁ: ଏକ ଚିହ୍ନ, ଏକ ସତ୍ୟ ଚିହ୍ନ ଉଠିବ; ବୋଧହୁଏ ଏହା ଉଠି ସାରିଛି ଏବଂ ଏହାକୁ ଅଣଦେଖା କରାଯାଇଛି, ଏକ ସତ୍ୟ ଚିହ୍ନ ଯାହାକି ପରମେଶ୍ୱର ସଦାସର୍ବଦା ଦେଇଅଛନ୍ତି, ଯାହାକୁ ଅଣଦେଖା କରାଯାଇଛି।

ଆସନ୍ତୁ ପ୍ରାର୍ଥନା କରିବା।

262 ନାଜରିତୀୟ ଯୀଶୁ, ଯେତେବେଳେ ସେହି ମହାନ ସ୍ୱର ସେହି ଦିନ, କିଛି ସପ୍ତାହ ପୂର୍ବରୁ, ପାର୍ଶ୍ୱରେ ଛିଡା ହୋଇ କଥା କହିଥିଲା, ଯେତେବେଳେ ମୁଁ ଗଛ ଚାରିପାଖରେ, ସେହି କାଠଗଣ୍ଡି ଦେଇ ଯାଉଥିଲି, ଏବଂ ସେହି ଆତ୍ମା ଯାହାକି ସେହି ଗଛର ଶୀର୍ଷରୁ ଓହ୍ଲାଇ ଆସି କହିଲେ, "ନୂତନ ନିୟମର ଯୀଶୁ ହେଉଛନ୍ତି ପୁରାତନର ଯିହୋବା।" ହେ ପରମେଶ୍ୱର, ଏହି ପଥର

ଉପରେ ମୁଁ ଛିଡା ହୋଇଛି । ଅନ୍ୟ ସମସ୍ତ ଭିତ୍ତିଭୂମି ଧସି ଯାଉଥିବା ବାଲୁକା ଅଟେ । ଅନ୍ୟ ସମସ୍ତ ଭୂମି ଧସି ଯାଉଥିବା ବାଲୁକା ଅଟେ ।

263 ପ୍ରାୟଃ ତିରିଶ ବର୍ଷ ଧରି, ହେ ପ୍ରଭୁ, ମୁଁ ଏହି ଉପତ୍ୟକା ଦେଇ, ସେହି ବାର୍ତ୍ତାକୁ, ଚିତ୍କାର କରି ଆସିଛି, ମୁଁ ଏଥିରୁ ଗୋଟିଏ ହେଲେ ଇଞ୍ଚ ଘୁଞ୍ଚି ନାହିଁ, ଯେଉଁଠାରୁ ମୁଁ ଆରମ୍ଭ କରିଥିଲି, ଠିକ ସେହି ସମାନ ବାର୍ତ୍ତା, ସେହି ସମାନ ଜିନିଷ; ଲୋକମାନଙ୍କୁ ଫେରି ଆସିବା ପାଇଁ ଡାକୁଅଛି, ଏକ ସମ୍ବେଦନା ପ୍ରତି ନୁହେଁ, ମାତ୍ର ପରମେଶ୍ୱରଙ୍କୁ ଭେଟି ତାହାଙ୍କ ଆତ୍ମା ଦ୍ୱାରା ଜନ୍ମ ହେବାର ଏକ ଅଭିଜ୍ଞତାକୁ ଡାକୁଛି । ଓଃ, ଏକ ବିଚାର ବ୍ୟତୀତ ଆଉ କଅଣ ବାକି ରହିବ? ଯେଉଁମାନେ ସେହି ବାର୍ତ୍ତାକୁ ପ୍ରତ୍ୟାଖ୍ୟାନ କରୁଛନ୍ତି, ପ୍ରଭୁ, ଆଉ କିଛି ବାକି ନାହିଁ ।

264 ଶେଷ-ଦିନର ଚିହ୍ନଗୁଡିକ ଘୋଷଣା କରିବା ପାଇଁ, ତୁମେ ତୁମର ବାକ୍ୟକୁ ଏତେ ଅଧିକ ଭାବରେ ପୂରଣ କରିଛ, ଏବଂ ଏହା ଅମୋଘ ଭାବେ ପ୍ରମାଣ କରିଅଛ, ଯେ ତୁମେ ପରମେଶ୍ୱର ଅଟ, ଏବଂ ଆମେମାନେ ଏଠାରେ ଅଛୁ । ଏପରିକି ଆଜି ଆମେମାନେ ଯେତେବେଳେ ଦେଶରେ ମହାନ ପ୍ରଚାରକଗଣଙ୍କୁ ଶୁଣିଥାଉ, ସମସ୍ତେ ଚିତ୍କାର କରୁଛନ୍ତି । ଏବଂ ଆମ ଦେଶର ରାଜଧାନୀ, ଏବଂ ଅନ୍ୟ ରାଷ୍ଟ୍ରଗୁଡିକ ସୂଚାଉଛନ୍ତି, ଏବଂ—ଏବଂ ଭୟ ମାଡି ଆସୁଛି । ଏବଂ ଯେତେବେଳେ ଆମେମାନେ ଏହି ମହାନ ବ୍ୟକ୍ତିମାନଙ୍କୁ ଶୁଣିଥାଉ, ଠିକ ଫ୍ରାନ୍‌ସ ପର୍ଯ୍ୟନ୍ତ, ଏହା ପୂର୍ବାନୁମାନ କରନ୍ତି ଯେ ସେହି ପ୍ରଥମ ବୋମାଟି କେଣ୍ଟକିର, ଲୁଇସ୍‌ଭିଲରେ ପଡ଼ିବ, ଶହ ଶହ ମାଇଲ୍ ପର୍ଯ୍ୟନ୍ତ ଏହା ଭୂମିକୁ ପୋଛି ନେଇଯିବ । ହେ ପରମେଶ୍ୱର, ସେମାନଙ୍କର ଶୁଣିବାର ଏକ ସୁଯୋଗ ଥିଲା, ମାତ୍ର ସେମାନେ ତାହା କରନ୍ତି ନାହିଁ ।

265 ଖବରକାଗଜ, ମଣ୍ଡଳୀ ବିଷୟବସ୍ତୁ, ଟେଲିଭିଜନ୍, ରେଡିଓ, ଏହାକୁ ଭର୍ତ୍ତି କରି ଦେଇଛି । ସେଠାରେ କୌଣସି ବାହାନା ନାହିଁ । ତାହାପରେ, ପ୍ରଭୁ, ତୁମେ କହିଛ, "ପିତା ମୋତେ ଯେଉଁମାନଙ୍କୁ ଦେଇଛନ୍ତି ସେମାନେ ଆସିବେ, ଏବଂ କୌଣସି ବ୍ୟକ୍ତି ସେପର୍ଯ୍ୟନ୍ତ ଆସିପାରେ ନାହିଁ ଯେପର୍ଯ୍ୟନ୍ତକି ପିତା ତାଙ୍କୁ ପ୍ରଥମେ ଆକର୍ଷିତ ନ କରନ୍ତି ।"

266 ତେବେ, ପିତା, ମୁଁ ଏହି ପ୍ରାର୍ଥନାକୁ ନିଜ ପାଇଁ କରୁଛି । ବର୍ତ୍ତମାନ ମୁଁ ଏଠାରେ, ଜଣେ ବୃଦ୍ଧ ବ୍ୟକ୍ତି ହେବାକୁ ଯାଉଅଛି, ଏବଂ ମୁଁ ଜାଣେ ନାହିଁ ଯେ ଆମର ଆଉ କେତେ ଦିନ ବାକି ଅଛି, ପ୍ରଭୁ । ହୁଏତ ଆମେ ଆଜି ଏଯାଏଁ ତାହା ପାଇ ନ ଥାଇପାରୁ । ମାତ୍ର ଯାହାକିଛି ବାକି ଅଛି, ପ୍ରଭୁ, ଏବଂ ମୋ ଜୀବନରେ ଯାହା ବାକି ଅଛି, ହେ ପରମେଶ୍ୱର, କଅଣ ଏହା ସମ୍ଭବ ଯେ ତୁମେ ଏହାକୁ ନେଇ ତୁମର ମହିମା ପାଇଁ, ଏପରି କିଛି ଗୋଟାଏ କରି ପାର?

267 ପ୍ରଭୁ, ମୁଁ ପ୍ରଥମେ ନିଜ ପାଇଁ ପ୍ରାର୍ଥନା କରେ, ଯେ ତୁମେ ମୋତେ ତୁମର ଇଚ୍ଛାକୁ ଦେବ । ହେ ପ୍ରଭୁ, ତୁମର ଇଚ୍ଛା ସଫଳ ହେଉ, ଏହା ଯାହାକିଛି ବି ଥାଉ । ମୁଁ ଚାହେଁ ଯେ ଏହା ସେହି ଦିନ କୁହାଯାଏ ଯେତେବେଳେ ମୁଁ ତୁମକୁ ଭେଟିବା ନିମନ୍ତେ ଆସିବି, "ଏହା ଉତ୍ତମ ଭାବେ କରାଗଲା ।" ଯଦି ଏହା ବଡ଼ ହେଉ, କିମ୍ବା ଯଦି ଏହା ଛୋଟ ହେଉ, ଯାହାକିଛି ମୋ ଜୀବନ

ପାଇଁ ତୁମର ମହାନ ହୃଦୟରେ ଅଛି, ପ୍ରଭୁ, ମୁଁ ଏଠାରେ ଅଛି ।

268 ଅଗ୍ନି କୋଇଲା ସହିତ ଜଣେ ସ୍ୱର୍ଗଦୂତକୁ ପଠାଅ ଏବଂ ଆମ ଓଠକୁ ଶୁଚି କର ଏବଂ ଆମକୁ ଶୁଚି ପବିତ୍ର କର, ପ୍ରଭୁ, ସେହି ଶେଷ ମହାନ କିଛି ଗୋଟାଏ ବିଷୟ ପାଇଁ ଯାହା ପୃଥିବୀକୁ ଆଘାତ କରିବାକୁ ଯାଉଅଛି । ଆସୁ ଆମେ ପାପର ପ୍ରାନ୍ତରରେ କ୍ରନ୍ଦନ କରୁଥିବା ଏକ ସ୍ୱର ହେଉ, "ପରମେଶ୍ୱରଙ୍କୁ ଭେଟିବାକୁ ପ୍ରସ୍ତୁତ ହୁଅନ୍ତୁ ।"

269 ଏହି ଛୋଟ ମଣ୍ଡଳୀ, ଏହି ଲୋକମାନେ ଯେଉଁମାନେକି, ଦିନକୁ ଦିନ ଆସନ୍ତି, ଏବଂ ଶହ ଶହ ମାଇଲ୍ ଗାଡି ଚଲାନ୍ତି, ହେ ଅନନ୍ତ ଓ ସ୍ନେହଶୀଳ, ଏବଂ କୌଣସି କୃତ କାର୍ଯ୍ୟକୁ ନ ଭୁଲିବାର, ଅବ୍ରହାମ, ଇସ୍‌ହାକ, ଏବଂ ଯାକୁବଙ୍କ ପରମେଶ୍ୱର, ଯିଏକି ଯୀଶୁଙ୍କୁ ମୃତ୍ୟୁରୁ ପୁନରୁତ୍‌ଥିତ କରିଥିଲେ, ଏବଂ ବର୍ତ୍ତମାନ ସେ ସର୍ବୋପରିସ୍ଥ ମହାମହିମଙ୍କ ଡାହାଣ ପଟେ ବସିଛନ୍ତି, ଶରୀରରୂପ ତମ୍ବୁରେ ବାସ କରୁଥିବାର ପରମେଶ୍ୱର, ଏହି ଲୋକମାନଙ୍କୁ ଆଶୀର୍ବାଦ କର ଯାହାଙ୍କୁ ମୁଁ ତୁମ ନାମରେ ଆଶୀର୍ବାଦ କରେ । ଏହା ହେଉ ଯେ ସେମାନେ ସର୍ବଦା ମନେରଖନ୍ତୁ ଏବଂ ଏହା ଜାଣନ୍ତୁ ଯେ ସେଠାରେ ଏକ ଚିହ୍ନ, ଶେଷ ସମୟର ଏକ ଚିହ୍ନ ଅଛି । ମୁଁ ପ୍ରାର୍ଥନା କରେ ଯେ ତୁମେ ସେମାନଙ୍କୁ ପ୍ରଦାନ କରିବ, ଏବଂ ସେମାନଙ୍କୁ ସେମାନଙ୍କ କାର୍ଯ୍ୟରେ: ଅନ୍ୟମାନଙ୍କର ବିଜୟୀ କରିବ, ସେମାନେ ଯେଉଁଠାରେ ବି ଥାଆନ୍ତୁ, ରାସ୍ତାର କୋଣରେ, ତେଲ ଭରିବା ଷ୍ଟେସନରେ, କିମ୍ବା ଏହା ଯେଉଁଠାରେ ବି ହୋଇ ଥାଇପାରେ, ଯେପରିକି ରାସନ ଦୋକାନରେ, କ୍ଷୀର ବଣ୍ଟନ କରୁଥିବା ବ୍ୟକ୍ତିଙ୍କୁ ସାକ୍ଷ୍ୟ ଦିଅନ୍ତି । ଏହା ଯାହାକିଛି ବି ହେଉ, ପ୍ରଭୁ, ଯଦି ସେମାନଙ୍କ ହୃଦୟରେ କିଛି ଗୋଟାଏ ବିଷୟ ଚେତାବନୀ ଦିଏ, ତେବେ ସେମାନେ ଏକ ସାକ୍ଷୀ ହୁଅନ୍ତୁ । ସେମାନେ ଏପରି ଧାର୍ମିକ ଏବଂ ପବିତ୍ର ଜୀବନଯାପନ କରନ୍ତୁ ଯେ ଏପରିକି ସେମାନେ ସମସ୍ତ ମନୁଷ୍ୟଙ୍କ ଦ୍ୱାରା ପାଠ କରାଯିବା ହେତୁ ଲିଖିତ ଚିଠି ହେବେ ।

270 ପରମେଶ୍ୱର, ଆମର ସ୍ତ୍ରୀଲୋକମାନଙ୍କୁ ଆଶୀର୍ବାଦ କର । ହେ ପରମେଶ୍ୱର, ମୁଁ ପ୍ରାର୍ଥନା କରେ ଯେ ତୁମେ ସେମାନଙ୍କୁ ସେମାନଙ୍କର ମୁହଁ ଧୋଇବାକୁ ଦେବ, ଯେଉଁମାନେକି ତାହା ବାହାର କରନ୍ତି ନାହିଁ, ସେମାନେ କରନ୍ତୁ...ସେମାନଙ୍କଠାରୁ ଈଷେବେଲ୍‌ର ସେହି ରଙ୍ଗ-ପ୍ରସାଧନ ବସ୍ତୁକୁ କାଢି ପକାନ୍ତୁ । ସେମାନଙ୍କ ପାଖରେ ଖ୍ରୀଷ୍ଟିଆନମାନଙ୍କର ଅଦମ୍ୟ ସାହାସ ଥାଉ, ଏବଂ ସେମାନଙ୍କ ଉପରେ ପରମେଶ୍ୱରଙ୍କ ଆତ୍ମା ଯଥେଷ୍ଟ ଭାବରେ, ରହିଥାଉ, ଯେପରିକି ଏହା ଜାଣନ୍ତୁ ଯେ ସେମାନେ ପିନ୍ଧୁଥିବା ସେହି ଅପରିଷ୍କାର ବସ୍ତ୍ରଗୁଡ଼ିକୁ ପିନ୍ଧିବା ସେମାନଙ୍କର ଉଚିତ୍ ନୁହେଁ । ମହିଳାମାନଙ୍କ ପରି, ସେମାନଙ୍କର କେଶ ବୃଦ୍ଧି ପାଉ । କାରଣ ଏହା ବାଇବଲରେ ଲେଖା ଅଛି, "ପ୍ରଭୁଙ୍କ ଦୃଷ୍ଟିରେ ମୂଲ୍ୟବାନ ସେହି ଛୋଟ ଶାଖା ଯାହାକି ଏହି ଶେଷ ଦିନରେ ଆସୁଥିବା ଏହି ସମସ୍ତ ବିଷୟ ବସ୍ତୁଠାରୁ ରକ୍ଷା ପାଇବ । ଏହା ପରମେଶ୍ୱରଙ୍କ ଦୃଷ୍ଟିରେ ଗୌରବମୟ ହେବ," ଯେପରିକି ଭବିଷ୍ୟଦ୍‌ବକ୍ତା ଏହାକୁ ଭବିଷ୍ୟତ୍‌ବାଣୀ କରିଛନ୍ତି । ପରମେଶ୍ୱର, ତାହା ପ୍ରଦାନ କର ।

271 ମୁଁ ଆଉ କିଛି ଅଧିକ କରିପାରେ ନାହିଁ । ପ୍ରଭୁ, ବର୍ଷ ପରେ ବର୍ଷ, ମୁଁ ମୋର ସର୍ବୋଚ୍ଚ ସ୍ୱରରେ ଚିତ୍କାର କରିଛି । ଏବଂ ଯେପର୍ଯ୍ୟନ୍ତ ତୁମେ ବର୍ତ୍ତମାନ ଘୁଞ୍ଚିବ ନାହିଁ, ସେପର୍ଯ୍ୟନ୍ତ ମୁଁ କିଛି କରିପାରେ ନାହିଁ । ମୁଁ ପ୍ରାର୍ଥନା କରେ, ଯେ ତୁମେ କରିବ । ଏବଂ ମୁଁ ଜାଣେ ଯେ ତୁମେ କରିବ, କାରଣ ତୁମେ ଏହାକୁ ନିଜ ବାକ୍ୟରେ ପ୍ରତିଜ୍ଞା କରିଅଛ । ଏବଂ ମୁଁ ସେହିଠାରେ ହିଁ ଛିଡା ହୋଇଛି । ପ୍ରଭୁ, ମୁଁ କେବଳ ଏକ ସାକ୍ଷ୍ୟ ଦେଇପାରେ । ଏବଂ କୌଣସି ବ୍ୟକ୍ତି ଯେପର୍ଯ୍ୟନ୍ତକି ତୁମେ ହିଁ ତାଙ୍କୁ ଆକର୍ଷିତ ନ କର ଆସିପାରେ ନାହିଁ; ଏବଂ ପରମପିତା ଯେସମସ୍ତଙ୍କୁ ଦେଇଛନ୍ତି ସେମାନେ ଆସିବେ । ମୋ ପାଖରେ ସେହି ଆଶ୍ୱାସନା ଅଛି, ଯେ ତୁମର ବାକ୍ୟର ଯତ୍ନ ନିଆଯିବ । ହେ ପ୍ରଭୁ, ଆମମାନଙ୍କୁ ଆଶୀର୍ବାଦ କର ।

272 ଏବଂ ଯଦି ଏଠାରେ ଏପରି କେହି ଅଛନ୍ତି ଯେଉଁମାନେକି କେବଳ ଏକ ସମ୍ବେଦନା ଉପରେ ନିର୍ଭର କରିଛନ୍ତି, ବୋଧହୁଏ ସେମାନେ ଚିତ୍କାର କରିଥିବେ, ସେମାନେ, ବୋଧହୁଏ ସେମାନଙ୍କ ପାଖରେ ପବିତ୍ରଆତ୍ମା ରହିଥିବ, କିମ୍ବା…ପ୍ରଭୁ, ଆମେ ତାହା ଗଣନା କରିବୁ ନାହିଁ, କାରଣ ଆମେ ଲୋକମାନଙ୍କୁ ବଲ୍ ଗେମ୍ କ୍ରୀଡା ସ୍ଥଳରେ, ଚିତ୍କାର କରୁଥିବାର ଦେଖିଅଛୁ । ଆମେମାନେ ଲୋକମାନଙ୍କୁ ସାଂସାରିକ ମନୋରଞ୍ଜନ ସ୍ଥାନରେ, ପାଟିତୁଣ୍ଡ କରିଥିବାର ଦେଖିଅଛୁ । ଆମେ ସେମାନଙ୍କୁ ଏତେ ଆନନ୍ଦ କରୁଥିବାର ଦେଖିଅଛୁ ଯେ ସେମାନେ କାନ୍ଦି ପକାନ୍ତି, ସେଠାରେ ଚଟାଣ ଉପରେ, ନାଚି ପକାନ୍ତି, ଏବଂ ସେହି ସବୁ ଜିନିଷ କରି ଦେଇଥାନ୍ତି । ପରମେଶ୍ୱର, ତାହା ତୁମେ ନୁହଁ ।

273 ମାତ୍ର ତୁମକୁ ଭେଟିବା ଏବଂ ତୁମ ସହିତ କଥାବାର୍ତ୍ତା କରିବା, ଏବଂ ତୁମେ ପ୍ରତ୍ୟୁତ୍ତରରେ କଥା କହିବା, ତାହା ହିଁ ଅଟେ ଯାହାକି ଆମେମାନେ ଚାହୁଁ, ପ୍ରଭୁ । ହେ, ପରମେଶ୍ୱର, ମୁଁ ଠିକ ଏହି ମୁହୂର୍ତ୍ତରେ, ପ୍ରାର୍ଥନା କରେ, ଯେ ତୁମେ ସେହି ପବିତ୍ରଆତ୍ମାକୁ ଏହି କୋଠରୀକୁ, ଏହି ଛୋଟ, ନମ୍ର ସ୍ଥାନକୁ ପଠାଇବ । ତାହାଙ୍କର ନିମନ୍ତେ ଆସିବା ପାଇଁ ଆଉ କୌଣସି ଯୋଗ୍ୟ ସ୍ଥାନ ନାହିଁ । ମାତ୍ର ମୁଁ ପ୍ରାର୍ଥନା କରେ, ହେ ପରମେଶ୍ୱର, ଯେ, ତୁମର ନିଜ ଉପାୟରେ, ଯେ ତୁମେ ତାହାଙ୍କୁ ଠିକ ବର୍ତ୍ତମାନ ହିଁ ସେହି କୋଠରୀକୁ ପଠାଇବ । ପ୍ରାଣଗୁଡିକୁ ବିଶ୍ୱାସ କରାଇବ ।

274 ଯେପରିକି ମୁଁ କିଛି ସମୟ ପୂର୍ବରୁ କହିଅଛି, ପ୍ରଭୁ, ବୋଧହୁଏ ତୁମେ କାହାରି ମାର୍ଗରେ ଏହି ଯଜ୍ଞବେଦୀର ଡାକରା ସମ୍ବନ୍ଧରେ, ଏକ ବାଧାଜନକ ପ୍ରସ୍ତର ରଖିଅଛ, ଯେ ଲୋକମାନଙ୍କୁ ଉପରକୁ ଯିବା ନିମନ୍ତେ ନିବେଦନ କରାଯାଏ ଓ ପ୍ରବର୍ତ୍ତାଯାଏ । ଏବଂ ଯେତେବେଳେ ଆମେମାନେ ଆସନ୍ତା ବର୍ଷ ଫେରିଆସୁ, ଆମେ ସେମାନଙ୍କୁ ଅପେକ୍ଷାକୃତ ଭାବରେ ନରକର ଦୁଇଗୁଣ ଅଧିକ ସନ୍ତାନ ଭାବେ ପାଇଥାଉ ଯେତିକି ସେମାନେ ଆରମ୍ଭ କରିବାବେଳେ ଥିଲେ । ହେ ମହାନ ପବିତ୍ରଆତ୍ମା, ତୁମେ ସେମାନଙ୍କୁ ବିଶ୍ୱାସ ନ କରାଇବା ପର୍ଯ୍ୟନ୍ତ ଏବଂ ସେମାନଙ୍କୁ ଦୋଷୀ ନ କରିବା ପର୍ଯ୍ୟନ୍ତ ସେମାନେ କିପରି ଆସିବେ?

275 ଏବଂ ମୁଁ ପ୍ରାର୍ଥନା କରେ, ହେ ପ୍ରଭୁ ପରମେଶ୍ୱର, ଯଦି ସେହି ପାପୀ ପୁରୁଷ କିମ୍ବା ସ୍ତ୍ରୀ,

ପୁଅ କିମ୍ବା ଝିଅ, ଆଜି ସକାଳେ ଏହି ଭବନରେ ଅଛନ୍ତି, ତେବେ ପବିତ୍ରଆତ୍ମା ଏପରି ଏକ ଦୃଢ଼ ବିଶ୍ୱାସଯୋଗ୍ୟ ଶକ୍ତି ସହିତ ଆସିବେ ଯେ ଏପରିକି ସେମାନଙ୍କ ଗାଲରେ ଲୁହ ଝରି ପଡ଼ିବ ଏବଂ ସେମାନଙ୍କ ପ୍ରାଣ ଭିତରକୁ ନିମଜ୍ଜିତ ହୋଇଯିବ, ପ୍ରଭୁ, ଯେ ସେମାନେ ନିଜ ହୃଦୟର ଗଭୀରତାରୁ ଖ୍ରୀଷ୍ଟଙ୍କୁ ବିଶ୍ୱାସ କରିବେ ଏବଂ ଗ୍ରହଣ କରିବେ । ହେ ପ୍ରଭୁ, ଏହା ପ୍ରଦାନ କର । ସେମାନଙ୍କର କୌଣସି ବେଦୀ ଦରକାର ହେବ ନାହିଁ । ସେମାନଙ୍କର ପ୍ରାଣ ହିଁ ସେମାନଙ୍କର ଯଜ୍ଞବେଦୀ ହେବ । ହେ ପ୍ରଭୁ, ଏହା ପ୍ରଦାନ କର । ତାହାପରେ ସେମାନେ ସମ୍ପୂର୍ଣ୍ଣ-ହୃଦୟ ସହିତ ତୁମ ପାଖକୁ ଆସି, କହିବେ, "ମୁଁ ବର୍ତ୍ତମାନ ଅନୁତାପ କରିଥିବା ମୋର ପାପଗୁଡିକର କ୍ଷମା ପାଇଁ ମୁଁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେବାକୁ ଚାହେଁ ।" ହେ ପ୍ରଭୁ, ଏହାକୁ ପ୍ରଦାନ କର । ସେମାନଙ୍କୁ ପବିତ୍ରଆତ୍ମାରେ ପୂର୍ଣ୍ଣ କର ।

276 ଆଜି ଜଗତରେ ଆମକୁ ଏପରି ସୁସମାଚାର ପ୍ରଚାରକମାନଙ୍କୁ ଦିଅ, ସେପରି ନୁହେଁ ଯେଉଁମାନେକି ପ୍ରବର୍ତ୍ତାଇଥାନ୍ତି ଏବଂ ଟାଣନ୍ତି, ଓ ନାମଧାରୀ ସଂସ୍ଥାଗତ ସନ୍ତାନ କରନ୍ତି । ହେ ପରମେଶ୍ୱର, ନିଜ ପ୍ରତି ଏପରି କିଛି ସନ୍ତାନମାନଙ୍କୁ ଉଠାଅ । ହେ ପ୍ରଭୁ, ଲୋକମାନଙ୍କୁ, ପ୍ରାର୍ଥନା କରିବାକୁ ବଳାଅ । ମୁଁ କର୍ଣ୍ଣୀଲିୟଙ୍କ ଘର ବିଷୟରେ ଚିନ୍ତା କରୁଛି । ଏହା ପୂର୍ବରୁ ତାହା କେବେ ହେଲେ ଜଣେ ବିଜାତୀୟଙ୍କ ସହିତ ଘଟି ନ ଥିଲା, ମାତ୍ର ସେମାନେ ଉପବାସ ଏବଂ ପ୍ରାର୍ଥନା କରୁଥିଲେ । ଏବଂ ଯେତେବେଳେ ପରମେଶ୍ୱରଙ୍କ ସେହି ଲୋକ, ସେହି ଭବିଷ୍ୟଦ୍‌ବକ୍ତା, ସେଠାରେ ଛିଡା ହେଲେ, "ଏବଂ ସେ ଏହି ଶବ୍ଦଗୁଡିକୁ କହୁ ହିଁ ଥିଲେ, ସେତେବେଳେ ପବିତ୍ରଆତ୍ମା ବାକ୍ୟ ଶୁଣିଥିବା ଲୋକମାନଙ୍କ ଉପରେ ଓହ୍ଲାଇ ଆସିଲେ ।" ହେ ପରମେଶ୍ୱର, ସେହି ପ୍ରକାରର ଏକ ସଭା ଦିଅ । "ଯେତେବେଳେ ପିତର ଏହି କଥା କହୁ ହିଁ ଥିଲେ ।" ହେ ପରମେଶ୍ୱର, ସେମାନେ ପ୍ରସ୍ତୁତ ଥିଲେ । ସେମାନେ ଉପବାସ କରୁଥିଲେ । ସେମାନେ ଅପେକ୍ଷା କରିଥିଲେ । ସେମାନେ ନିଷ୍ଠାବାନ ଥିଲେ । ସେମାନେ କେବଳ "ଅପେକ୍ଷା କର" ତାହା ନ ଥିଲା, ମାତ୍ର ସେମାନେ ତ "ସେପର୍ଯ୍ୟନ୍ତ ଅପେକ୍ଷା କର ଯେପର୍ଯ୍ୟନ୍ତକି" ସେହିପରି ଥିଲେ ।

277 ସେହି ପ୍ରେରିତମାନେ ସେପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ଯେପର୍ଯ୍ୟନ୍ତକି ପରମେଶ୍ୱର ସେମାନଙ୍କ ମଧ୍ୟରେ ଓହ୍ଲାଇ ନ ଆସିଲେ, ଏବଂ ସେମାନେ ତାହାଙ୍କୁ ଦେଖି ପାରିଥିଲେ ଓ ତାହାଙ୍କ ସହିତ କଥାବାର୍ତ୍ତା କରି ପାରିଥିଲେ । ସେମାନେ ଏପରି ହୃଦୟଗୁଡିକ ସହିତ ବାହାରକୁ ଗଲେ ଯାହାକି ଜଗତକୁ ପୋଡି ପାଉଁଶ କରି ଦେଇଥିଲା । ସେମାନେ ସାହସୀ ଥିଲେ, ଏବଂ ଏପରି ସ୍ଥାନଗୁଡିକ ମଧ୍ୟରେ ଛିଡା ହୋଇଥିଲେ ଯେଉଁଠାରେକି ସେମାନଙ୍କର ଅଭିପ୍ରାୟ ସେମାନଙ୍କର ନିଜ ମୁଣ୍ଡ ସୁଦ୍ଧା କଟାଯିବାର ପରି ହୋଇଥିଲା । ସେମାନେ କହିଥିଲେ, "କଅଣ ଏହା ଆମ ପାଇଁ ତୁମକୁ, କିମ୍ବା ତୁମର ସଂଗଠନକୁ, କିଅବା ତୁମର ନାମଧାରୀ ସଂସ୍ଥାଗତ ପୁରୁଷମାନଙ୍କର କଥା ଶୁଣିବା ଠିକ୍ ଅଟେ କି? କିଅବା, ଆମେ ପରମେଶ୍ୱରଙ୍କ କଥା ଶୁଣିବା? ଏହାକୁ ବିଚାର କରି ଦେଖନ୍ତୁ ।" ଏବଂ ଠିକ୍ ସିଧାସଳଖ, ସେମାନଙ୍କୁ ଛାଡି ଦିଆଯିବା ମାତ୍ରେ, ସେମାନେ ବାହାରକୁ ଯାଇ ପୁନର୍ବାର ଯୀଶୁ ଖ୍ରୀଷ୍ଟଙ୍କ

ନାମରେ ପ୍ରଚାର କରିଥିଲେ । ହେ ପରମେଶ୍ୱର, ଆମକୁ ଦିଅ—ଆମକୁ ତାହା ଦିଅ, ହେ ପ୍ରଭୁ ।

278 ତୁମେ ଯାହା ବିଷୟରେ ଶାସ୍ତ୍ରରେ କହିଅଛ, ଆମ ପାଇଁ ସେହି ଜଣକାକୁ ଉଠାଅ । ହେ ପ୍ରଭୁ, ତାଙ୍କୁ ଅଭିଷେକ କର । ମୁଁ ତାଙ୍କୁ ଡାକେ । ହେ ପ୍ରଭୁ, ତାଙ୍କୁ ପଠାଅ । ହେ ପରମେଶ୍ୱର, ଆମର କ୍ଷୁଧିତ ହୃଦୟଗୁଡିକ କ୍ରନ୍ଦନ କରୁଅଛି । ହେ ପ୍ରଭୁ, ତାଙ୍କୁ ପଠାଅ, ଯାହାକି ଲୋକମାନଙ୍କୁ ପୁନର୍ବାର ପିତୃପୁରୁଷଙ୍କ ବିଶ୍ୱାସ ନିକଟକୁ ଫେରାଇ ନେବ, ଯାହାକି ସେମାନଙ୍କୁ ଏହି ନାମଧାରୀ ସଂସ୍ଥାଗତ କଣ୍ଢେଇମାନଙ୍କଠାରୁ ଦୂରେଇ ଦେଇ, ପରମେଶ୍ୱରଙ୍କ ସହିତ ଏକ ପ୍ରକୃତ ଅନୁଭୂତି ମଧ୍ୟକୁ ନେଇ ଆସିବ, ଯେପରିକି ସେମାନେ ପେଣ୍ଟିକଷ୍ଟରେ କରିଥିଲେ, ପୁନର୍ବାର ଏକ ପ୍ରକୃତ ମଣ୍ଡଳୀ ନିକଟକୁ, ଯିଏକି ସେହି ସମାନ ବାର୍ତ୍ତା, ସେହି ସମାନ ବିଶ୍ୱାସ, ସେହି ସମାନ ଶିକ୍ଷା, ସେହି ସମାନ ବାଇବଲ, ସହିତ ଜଳୁଥିବ, ପୁଣି ସେହି ସମାନ ଚିହ୍ନ ସହିତ ସମାନ ପରମେଶ୍ୱର ହୋଇଥିବେ । ହେ ପ୍ରଭୁ, ଆମ ପ୍ରତି ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ ଉଠାଅ ।

279 ପ୍ରଭୁ, ଆଜି ଆମମାନଙ୍କ ମଧ୍ୟରେ ରୋଗୀମାନଙ୍କୁ ସୁସ୍ଥ କର । ଏଠାରେ ଏପରି କେତେକେ ଲୋକମାନେ ଅଛନ୍ତି ଯେଉଁମାନେକି ଅଭାବୀ ଅଟନ୍ତି । ପିତା, ମୁଁ ସେମାନଙ୍କ ପାଇଁ ପ୍ରାର୍ଥନା କରେ । ମୁଁ ଆଜି ସକାଳେ, ଏତେ ଅଧିକ ଅପେକ୍ଷା କରି ରହିଥିଲି, ଏବଂ ସେଠାରେ ସେହି ଲୋକମାନେ ବସିଛନ୍ତି ।

ଦିନେ ରାତିରେ, ପ୍ରେରିତ ପାଉଲ ଯେତେବେଳେ ରାତିସାରା ପ୍ରଚାର କରିଥିଲେ, ଜଣେ ଯୁବା ଲୋକ ଅଟ୍ଟାଳିକାରୁ ଖସିପଡି ନିଜର ପ୍ରାଣ ତ୍ୟାଗ କରିଥିଲା । ସେହି ଯୁବା ଲୋକଟି ନିଦରେ ଶୋଇ ପଡିଥିଲା । ତାର ତାହା କରିବାର ଅଭିପ୍ରାୟ ନ ଥିଲା, ମାତ୍ର ସେ—ସେ ଶୋଇ ପଡ଼ିଥିଲା । ଏବଂ ସେ ତଳେ ପଡ଼ିଗଲା, ଏବଂ ତାର ଜୀବନ ଚାଲି ଯାଇଥିଲା । ତେବେ ସେହି ପ୍ରେରିତ ପ୍ରାର୍ଥନା କରିଥିଲେ, ଏବଂ ତାର ଜୀବନ ପୁନର୍ବାର ଫେରି ଆସିଥିଲା ।

280 ହେ ପ୍ରଭୁ ପରମେଶ୍ୱର, ଏଠାରେ ଅନେକ ଅଛନ୍ତି ଯେଉଁମାନେକି ଅସୁସ୍ଥତାରେ ପଡ଼ି ରହିଛନ୍ତି । ଏବଂ ଯେତେବେଳେକି ଆମେମାନେ ମଣ୍ଡଳୀକୁ ବିସର୍ଜିତ କରିବାର ସମୟକୁ ଅତିକ୍ରମ କରି ବହୁତ ଅଧିକ ସମୟ ଅପେକ୍ଷା କରି ରହିଛୁ, ସେଠାରେ ଏପରି ଅନେକେ ଅଛନ୍ତି ଯେଉଁମାନେକି ଅସୁସ୍ଥ ଅଟନ୍ତି । ହେ ପରମେଶ୍ୱର, ହେବାକୁ ଦିଅ ଯେ ସେହି ଶକ୍ତି, ସେହି—ସେହି ପବିତ୍ରଆତ୍ମା ଯାହାକି ବ୍ୟକ୍ତିଗତ ଭାବରେ ଅସ୍ତିତ୍ୱରେ ଆସନ୍ତି, ଯିଏକି ଆପଣାକୁ ଘୋଷଣା କରନ୍ତି ଏବଂ ନିଜକୁ ସେ କିଏ ଅଟନ୍ତି ବୋଲି ଜଣାଇଥାନ୍ତି, ଏବଂ ଆମେ ତାହାଙ୍କୁ ବିଶ୍ୱାସ କରୁ, ଏହା ହେଉ ଯେ ସେ ଆଜି ଏଠାରେ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଘେରାରେ ଆବୃତ କରନ୍ତୁ । ରୋଗୀଙ୍କୁ ସୁସ୍ଥ କର । ଆତ୍ମାରେ ପରିପୂର୍ଣ୍ଣ କର । ପ୍ରଭୁ, ପ୍ରତ୍ୟେକ ପ୍ରକାରର ମୁକ୍ତି ଦିଅ, ଯାହାକି ଆମର ଆବଶ୍ୟକତା ଅଛି । ଆମର ହୃଦୟଗୁଡିକୁ ବିଶ୍ୱାସ ସହିତ, ହେ ପରମେଶ୍ୱର, ଅଦମ୍ୟ ବିଶ୍ୱାସ ସହିତ, ଆପୋଷ ନିଷ୍ପତ୍ତି ନ କରୁଥିବା ବିଶ୍ୱାସ ସହିତ ପରିପୂର୍ଣ୍ଣ କର ଯେପରିକି ଆମଠାରେ **ସଦାପ୍ରଭୁ ଏହି କଥା କୁହନ୍ତି** ରହିବ । ହେ ପ୍ରଭୁ, ଏହା ପ୍ରଦାନ କର ।

281 ଏହା ତୁମର ଲୋକମାନେ, ତୁମର ବାର୍ତ୍ତା, ତୁମର ବାକ୍ୟ, ତୁମର ସେବକଗଣ ଅଟନ୍ତି। ଏବଂ ଶୟତାନର ଆମ ଉପରେ କୌଣସି ଅଧିକାର ନାହିଁ। ଏପରିକି ସେ ଆମକୁ ବିନାଶ ସୁଦ୍ଧା କରିପାରେ ନାହିଁ ଯେତେବେଳେ ଏହି ତମ୍ବୁରୂପ ଗୃହ ନଷ୍ଟ ହୋଇଥାଏ। "ଯଦି ଏହି ପାର୍ଥିବ ତମ୍ବୁରୂପ ଗୃହ ନଷ୍ଟ ହୋଇଯାଏ, ତେବେ ଆମର ଆଉ ଗୋଟିଏ ଅପେକ୍ଷା କରୁଅଛି।" ସେ ଆମର କୌଣସି କ୍ଷତି କରିପାରେ ନାହିଁ, କାରଣ ଯାହାସବୁ କିଛି ଆମର ଶତ୍ରୁ ତାହା ତୁମର ଶତ୍ରୁ ଅଟେ, କାରଣ ଆମେ ତୁମର ଅଟୁ। ଆମେମାନେ ଯୀଶୁଙ୍କ ମୂଲ୍ୟବାନ ରକ୍ତରେ, ଏକ ମୂଲ୍ୟ ଦେଇ କ୍ରୟ କରାଯାଇଅଛୁ।

ତେଣୁକରି, ତୁ ଶୟତାନ ଯାହାକି ଏହି ଲୋକମାନଙ୍କୁ ରୋଗରେ ବାନ୍ଧି ରଖିଅଛୁ, ମୁଁ ତୋତେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଧମକ ଦେଉଅଛି, ଯେ ତୁ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ଭିତରୁ ବାହାରି ଆସ। ପରମେଶ୍ୱରଙ୍କ ଜଣେ ସେବକ ଭାବରେ, ଯିଏକି ଏହି ବାକ୍ୟକୁ ସତ୍ୟ ବୋଲି ଦାବି କରେ, ତୁ ସେମାନଙ୍କୁ ଛାଡି ଦେ। ତୋର କୌଣସି ଅଧିକାର ନାହିଁ। ସମସ୍ତ କିଛି ବିଷୟ ଯାହା ତୋର ଅଟେ ବୋଲି ତୁ କେବେ ଦାବି କରିଅଛୁ, ତାହା କାଲବରୀରେ ଖାରଜ କରାଯାଇଥିଲା। ଏବଂ ତୁ ଆଉ ଅଧିକ ସେଗୁଡିକୁ ଧରି ରଖି ନ ପାରୁ।

282 ତେବେ, ପରମେଶ୍ୱର, ଏଠାରେ ଥିବା ପ୍ରତ୍ୟେକ ପୁରୁଷ ଏବଂ ସ୍ତ୍ରୀ, ପୁଅ କିମ୍ବା ଝିଅକୁ, ତାହା ପ୍ରତ୍ୟୟ କରିବା ହେତୁ ବିଶ୍ୱାସ ଦିଅ। ବାକ୍ୟ ତ କୁହା ଯାଇସାରିଛି। "ଯଦି ତୁମେ ଏହି ପର୍ବତକୁ କୁହ, 'ଘୁଞ୍ଚି ଯା, 'ଏବଂ ନିଜ ହୃଦୟରେ ସନ୍ଦେହ ନ କର।" "ବିଶ୍ୱାସର ପ୍ରାର୍ଥନା ରୋଗୀମାନଙ୍କୁ ଉଦ୍ଧାର କରେ।" "ତୁମେ ଯାହା ମାଗିଛ ତାହା ପ୍ରାପ୍ତ ହୁଅ।" ଆମେ ତାହା ଜାଣୁ। ଆମର ପରମେଶ୍ୱରଙ୍କ ଉପରେ ସେହି ଭରସା ଅଛି। ଯଦି ଆମର ଆଦୌ କୌଣସି ବିଶ୍ୱାସ ଅଛି, ଯଦି ଆମ ଭିତରେ ପରମେଶ୍ୱର ବାସ କରୁଛନ୍ତି, ତାହାହେଲେ ଆମେ ତାହା ବିଶ୍ୱାସ କରୁ। ଏବଂ ମୁଁ ଜାଣେ ଯେ ତାହା ସେହିପରି ଅଟେ, ପ୍ରଭୁ। ତେଣୁ, ଆଜି, ଅସୁସ୍ଥତା ଏବଂ ପରିତ୍ରାଣ ପାଇଁ, ଏହାକୁ ପ୍ରଦାନ କର। କିଅବା, ମୁଁ ନିଶ୍ଚିତରେ କୁହେ, ଅବା କହିବା ଉଚିତ୍, ପ୍ରଥମେ ପରିତ୍ରାଣ ଏବଂ ତାହାପରେ ଅସୁସ୍ଥତା। ପ୍ରଭୁ, ଏହା ପ୍ରଦାନ କର, କାରଣ ସେହି ପ୍ରାଣଟି ଶରୀର ଅପେକ୍ଷା ଅଧିକ ମୂଲ୍ୟବାନ ଅଟେ।

283 ମାତ୍ର ସେମାନେ ଯେଉଁମାନେକି, ବେଳେବେଳେ, ସେମାନଙ୍କର ପ୍ରାଣଟି ପରିତ୍ରାଣପ୍ରାପ୍ତ ହୋଇଥାଏ, ଏବଂ ଏହି ପୁରୁଣା ଶରୀରଟି ତଥାପି ଶୟତାନର ରହିଥାଏ, ଏବଂ ସେ ଜାଣନ୍ତି ଯେ ସେ ଏହାକୁ ଶେଷ ସମୟରେ ନେବ। ସେ ଏହାକୁ ଚୂର୍ଣ୍ଣ କରି ତାହାକୁ ପୁନର୍ବାର ପଠାଇ ଦେବ ଏପରିକି ପୃଥିବୀରେ ଥିବା ପୋକଗୁଡ଼ିକ ସେଥି ଭିତରେ ଯାଇ ତାକୁ ଖାଇ ପକାଇବେ। ମାତ୍ର ସେ ସେହି ପ୍ରାଣକୁ କଦାପି ସ୍ପର୍ଶ କରିବ ନାହିଁ, କାରଣ ଏହା ପରମେଶ୍ୱରଙ୍କ ସେହି ବହୁମୂଲ୍ୟ ଧନ ଅଟେ। ଏବଂ ସେହି ଜୀବନ ମାଧ୍ୟମରେ, ଯେପରିକି ଗୋଟିଏ ପତ୍ରରୁ ବାହାରିଥାଏ, ଏହା ପରମେଶ୍ୱରଙ୍କ ନିକଟକୁ ଫେରିଯାଏ ଯିଏକି ଏହାକୁ ଦେଇଥିଲେ; ତାହା ଏକ ନୂତନ ଶରୀର ସହିତ ପରବର୍ତ୍ତୀ ଋତୁରେ ପୁନର୍ବାର ବାହାରି ଆସିବ, ଯାହାକି ଶୟତାନ

କଦାପି ସ୍ପର୍ଶ କରିପାରେ ନାହିଁ । ବୃଦ୍ଧାବସ୍ଥା କିମ୍ବା ଅନ୍ୟ କୌଣସି ଜିନିଷ ଏହାକୁ କଦାଚ ସ୍ପର୍ଶ କରିପାରେ ନାହିଁ । ଏହା ଏକ ଗୌରବମୟ ଶରୀର ହେବ । ପ୍ରଭୁ, ଆମେ ତାହାର ଅପେକ୍ଷା କରୁଅଛୁ । ବର୍ତ୍ତମାନ ତୁମର ଲୋକମାନଙ୍କୁ ଆଶୀର୍ବାଦ କର । ସେମାନେ ତୁମର ଅଟନ୍ତି । ଏବଂ ମୁଁ ସେମାନଙ୍କୁ ତୁମ ହାତରେ ସମର୍ପଣ କରେ । ମୁଁ ଏହାକୁ ଯୀଶୁଙ୍କ ନାମରେ ମାଗୁଅଛି ।

[ଭାଇ ନେଭିଲ୍ ଏକ ସମ୍ବର୍ଦ୍ଧନା ଦିଅନ୍ତି—ସମ୍ପା.] ମହିମା ହେଉ! ପ୍ରଶଂସା...[ଅନ୍ୟ ଜଣେ ଭାଇ ଏକ ସମ୍ବର୍ଦ୍ଧନା ଦିଅନ୍ତି ।]

284 ତାହା ମୋର ବାକ୍ୟ ନୁହେଁ । ତାହା ତ ତାହାଙ୍କର ବାକ୍ୟ ଅଟେ । ଓଃ, ଆମର ଯାହା ଆବଶ୍ୟକ, ଏହି ଘଟିକା—ଏହି ଘଟିକା ଯେଉଁଥିରେକି ଆମେମାନେ ରହୁଅଛୁ! ବନ୍ଧୁଗଣ, କଅଣ ଆପଣମାନେ ବୁଝୁ ନାହାଁନ୍ତି, ଯେ ପରମେଶ୍ୱର ମହାନ ଗଣ୍ୟମାନ୍ୟ ବ୍ୟକ୍ତିମାନଙ୍କ ପାଖକୁ ଆସନ୍ତି ନାହିଁ? ସେ ତ ବିନମ୍ର, ଛୋଟ, ଦୀନହୀନ ଜିନିଷଗୁଡିକ ମଧ୍ୟରେ ବାସ କରନ୍ତି । ଆପଣ ହୁଏତ ତାହା ଅନୁଭବ କରନ୍ତି ନାହିଁ ଯାହା ବର୍ତ୍ତମାନ ଘଟୁଅଛି, ଯାହା ଏହି ଭବନ ମଧ୍ୟରେ ଗତାୟତ କରୁଛି, ଯାହା ଏହି ଲୋକମାନଙ୍କ ମଧ୍ୟରେ ଠିକ ବର୍ତ୍ତମାନ ଗତି କରୁଛି ।

285 ଆତ୍ମା କାହିଁକି ଆଗରୁ, ତାହା କହିଲେ, "ମୁଁ ସେମାନଙ୍କୁ କିଛି ବି କରିବା ପୂର୍ବରୁ," ଭାଇ ହିଗିନ୍‌ବୋଥମ୍ ମାଧ୍ୟମରେ, "ଏହି ବାର୍ତ୍ତାକୁ ଲକ୍ଷ୍ୟ ରଖ, ଯେହେତୁ ମୁଁ ଏହାକୁ ନେଇକରି ଆସିଛି," *ସେହିପରି କିଛି* ଗୋଟାଏ ଅନ୍ୟ, "ଯେପରିକି ଆସୁଥିବା ଏହି ଜିନିଷ ବିଷୟରେ ତୁମମାନଙ୍କୁ ଚେତାବନୀ ଦିଏ"? ଦେଖନ୍ତୁ କଅଣ ଘଟିଲା ।

286 କେତେକ ବିଷୟ, ମୁଁ ଏଠାରେ ଲେଖିଥିବା ସେହି ଶାସ୍ତ୍ରାଂଶଗୁଡିକ, ମୁଁ ତ ଏପରିକି କଦାପି ସ୍ପର୍ଶ ସୁଦ୍ଧା କରି ନାହିଁ, ଏବଂ ଠିକ ତାହା ଉପର ଦେଇ ଚାଲିଗଲି । ମୋତେ ପବିତ୍ରଆତ୍ମାଙ୍କ ଦ୍ୱାରା ସେଠାକୁ କଢାଇ ନିଆ ଯାଇଥିଲା । ବୁଝିଲେ? କେତେକ ଶାସ୍ତ୍ରାଂଶ, ମୁଁ ତ କେବେବି ଛୁଇଁ ସୁଦ୍ଧା ନାହିଁ । ମୁଁ ତ ସମ୍ପୂର୍ଣ୍ଣ ଭାବେ, ଠିକ ଅନ୍ୟ ଏକ ବିଷୟ ଆଡକୁ ଚାଲିଗଲି । ବେଳେ ବେଳେ ଥରେ, କିଛି ବିଷୟକୁ ଆସୁଥିବାର ଶୁଣିଥାଏ, ତାହାପରେ ଓଲଟାଇ ଦେଖେ ଯେ ତାହା କେଉଁଠାରେ ଥିଲା । ଆତ୍ମା ବର୍ତ୍ତମାନ ପ୍ରତ୍ୟେକ ଦିଗରେ କଥା କହୁଛନ୍ତି ।

287 ହେ, ଲୋକମାନେ, ସଙ୍କୋଚ ହୁଅନ୍ତୁ, ନିଷ୍ପାପର ହୁଅନ୍ତୁ । କୌଣସୀ ବିଷୟ ଉପରେ ନିର୍ଭର କରିବାକୁ ଚେଷ୍ଟା କରନ୍ତୁ ନାହିଁ...ଦେଖନ୍ତୁ, ଆପଣ—ଆପଣ ଏପରି କିଛି ମହାନ ଏବଂ ଚକଚକିଆ ଜିନିଷକୁ ଖୋଜୁଛନ୍ତି ।

ଯେତେବେଳେକି, ସମସ୍ତ ଭବିଷ୍ୟଦ୍‌ବକ୍ତା, ଏପରିକି ଦାଉଦ ମଧ୍ୟ କହିଥିଲେ, "ପ୍ରଭୁଙ୍କ ଆଗମନ ସମୟରେ, ଯେ, ପ୍ରତ୍ୟେକ ପର୍ବତ ନୀଚ କରାଯିବ, ଏବଂ ସେହି—ଏବଂ ସେହି ନୀଚ ସ୍ଥାନଗୁଡିକ ଉଚ୍ଚ କରାଯିବ ।" କହିଲେ, "ପର୍ବତଗୁଡିକ ଛୋଟ ମେଷ ପରି କୁଦା ମାରିବେ, ଏବଂ ସମସ୍ତ ପତ୍ରଗୁଡିକ କରତାଳି କରିବେ ।" ତେବେ, ଲୋକମାନେ କଅଣ ଭାବିଲେ ଯେ ତାହା କଅଣ ହେବ, ଯେତେବେଳେକି ସେହି...ଯୀଶୁ ଆସିଲେ?

ଏହା କଅଣ ହେବାକୁ ଗଲା? ଜଣେ ବୃଦ୍ଧ ନମ୍ର ପ୍ରଚାରକ, କୌଣସି ଶିକ୍ଷା ନ ଥିଲା । ନଅ ବର୍ଷ ବୟସରେ, ପ୍ରାନ୍ତର ମଧ୍ୟକୁ ଚାଲି ଯାଇଥିଲେ, ମନୁଷ୍ୟ ଦ୍ୱାରା ତାଲିମ ପ୍ରାପ୍ତ ହେବା ପାଇଁ ନୁହେଁ, ବରଂ ପରମେଶ୍ୱରଙ୍କ ଦ୍ୱାରା ତାଲିମ ପ୍ରାପ୍ତ ହେବା—ହେବା ପାଇଁ । ବାହାରି ଆସିଲେ, ଏବଂ ଖଣ୍ଡେ ମେଣ୍ଢାଚର୍ମ ତାଙ୍କ ଚାରିପାଖରେ ଗୁଡ଼ାଇ ହୋଇଥିଲା, ତାଙ୍କ ମୁହଁରେ ସର୍ବତ୍ର ଲୋମ ରହିଥିଲା, ଚାରିଆଡ଼େ ଲୋମଯୁକ୍ତ, ଏବଂ କେଶ ତାଙ୍କ ବେକ ତଳେ ଝୁଲି ରହିଥିଲା । ପ୍ରାନ୍ତରରେ ବାସ କରୁଥିଲେ, ପଙ୍ଗପାଳ ଭୋଜନ କରୁଥିଲେ, ଅର୍ଥାତ ଫଡିଙ୍ଗ, ବନ୍ୟ ପଙ୍ଗପାଳ ଏବଂ ମହୁ, ଯେତେବେଳେ ସେ ଜଙ୍ଗଲରେ ବାସ କରୁଥିଲେ । ଏବଂ ଆସି, ନଦୀକୂଳରେ କାଦୁଅରେ ଛିଡା ହୋଇଗଲେ, ଏବଂ ମଶୀହଙ୍କ ଆଗମନ ବିଷୟରେ ଘୋଷଣା କଲେ । ଏବଂ ମଶୀହ ଠିକ୍ ଚାଲିକରି ଆସିଲେ, ସେହି ଲୋକମାନଙ୍କ ମଧ୍ୟରେ ଜଣେ ସାଧାରଣ ବ୍ୟକ୍ତି, ଏବଂ ବାପ୍ତିଜିତ ହେଲେ । ଏବଂ ସମସ୍ତ ଭବିଷ୍ୟଦ୍‌ବକ୍ତା ଏହାକୁ ଏକ ସର୍ବଶ୍ରେଷ୍ଠ ଘଟଣା ବୋଲି ଘୋଷଣା କରିଥିଲେ ଯାହାକି କେବେ ଘଟିଥିଲା, ଏବଂ ଏହା ଥିଲା । ବୁଝିଲେ?

288 ସେମାନେ କିଛି ଗୋଟାଏ ମହତ୍, ଚକଚକିଆ ଜିନିଷର ସଂଘଟିତ ହେବା ବିଷୟ ଅପେକ୍ଷା କରନ୍ତି । ବୁଝିଲେ? ପବିତ୍ରଆତ୍ମା ଚକମକ ହୁଅନ୍ତି ନାହିଁ । ଏହା ତ ଉଜ୍ଜ୍ୱଳ ହୁଅନ୍ତି । ଚକମକ ତ ଜଗତର ଅଟେ । ଉଜ୍ଜ୍ୱଳ ପରମେଶ୍ୱରଙ୍କର ଅଟେ ।

ହେ ପ୍ରଭୁ, ମୋର ଉପରେ ଉଜ୍ଜ୍ୱଳ ହୁଅ, ତାହାହିଁ ମୋର ପ୍ରାର୍ଥନା ଅଟେ । ମୋତେ ନମ୍ର କର । ମୋତେ ନିଅ, ମୋତେ ଗଢ ଏବଂ ତିଆରି କର । ଜୀବନ୍ତ ପରମେଶ୍ୱରଙ୍କ ଆତ୍ମା, ମୋ ଉପରେ ସତେଜ ହୁଅ । ମୋତେ ଗଢ, ମୋତେ ନିର୍ମାଣ କର । ହେ ପ୍ରଭୁ, ମୋତେ ତୁମର ନିଜର କର । ମୋତେ କେବଳ ନେଇ ଯାଅ ।

289 ମୁଁ ତ ଠିକ୍ ଏତିକି ଜାଣିଛି ଯେ ଆଜି ସକାଳେ ଖ୍ରୀଷ୍ଟଙ୍କ ଆତ୍ମା ଏଠାରେ ଏହି ଭବନରେ ଚାରିଆଡେ ବିଚରଣ କରୁଛନ୍ତି । ସେହି ପରମେଶ୍ୱର ଯିଏକି ଜଗତକୁ ବିଚାର କରିବେ ଠିକ ବର୍ତ୍ତମାନ ଏଠାରେ ଅଛନ୍ତି, ସେତିକି ସୁନିଶ୍ଚିତ ଭାବେ ଯେତିକି ସୁନିଶ୍ଚିତ ମୁଁ ଏହି ପ୍ରଚାର ମଞ୍ଚରେ ଛିଡା ହୋଇଛି । ସେହି ବାକ୍ୟର, ଏଠାରେ ଗୋଟିଏ, ଦୁଇଟି, ତିନୋଟି ସୁପ୍ରମାଣମାନ ରହିଛି, ଠିକ୍ ଅବିକଳ ଭାବେ ଯାହାକି ବାଇବଲ କହିଥିଲା । ଏହାର ପରେ, ସେହି ସମୟରେ କଅଣ ଆପଣ ଏହାକୁ କ୍ଷାନ୍ତ ହୋଇଥିବାର ଶୁଣିଲେ କି? ଏକ, ଦୁଇ, ତିନି, ସବୁକିଛି ଆତ୍ମିକ କ୍ରମରେ ଅଟେ, ସବୁକିଛି ଶାସ୍ତ୍ର କ୍ରମରେ । ଓଃ, ନିଜର ହୃଦୟ ଖୋଲି ଏହାକୁ ବୁଝନ୍ତୁ । ଓଃ, ଏପରି ଏକ ସମୟ, ଏହି ସମୟରେ କଅଣ ବା ହୋଇପାରେ!

290 ସେମାନେ ସମସ୍ତେ ଏକ ଚିତ୍ତ ହୋଇ, ଗୋଟିଏ ଉପର କୋଠରୀରେ, ଅପେକ୍ଷା କରୁଥିଲେ । "କାରଣ ଯେଉଁମାନେ ସଦାପ୍ରଭୁଙ୍କଠାରେ ଅପେକ୍ଷା କରନ୍ତି ସେମାନେ ନୂତନ ବଳ ପ୍ରାପ୍ତ ହେବେ । ସେମାନେ ଏକ ଉତ୍କ୍ରୋଶ ପକ୍ଷୀ ତୁଲ୍ୟ ପକ୍ଷ ଉପରେ ଆରୋହଣ କରିବେ ।"

291 କେବଳ ସେଠାରେ ଉପରକୁ ଯାଇ ଏହା କୁହନ୍ତୁ ନାହିଁ, "ପ୍ରଭୁ, ମୁଁ ମୋର ପାପଗୁଡିକ

ପାଇଁ ଦୁଃଖିତ ଅଟେ । ବର୍ତ୍ତମାନ ମୁଁ ବିଶ୍ୱାସ ଦ୍ୱାରା ଗ୍ରହଣ କରେ ଯେ ମୁଁ ପବିତ୍ରଆତ୍ମା ପାଇଛି," ଏବଂ ଚାଲିଯାଆନ୍ତୁ ନାହିଁ ।

"ଯେଉଁମାନେ ସଦାପ୍ରଭୁଙ୍କଠାରେ ଅପେକ୍ଷା କରନ୍ତି," ସପ୍ତାହ, ଦିନ, ଏହା ଯାହାକିଛି ବି ଅଟେ, "ସେମାନେ ନୂତନ ବଳ ପ୍ରାପ୍ତ ହେବେ । ସେମାନେ ଏକ ଉତ୍କ୍ରୋଶ ପକ୍ଷୀର ପକ୍ଷ ଉପରେ ଆରୋହଣ କରିବେ । ସେମାନେ ଦୌଡ଼ିବେ ଏବଂ କ୍ଳାନ୍ତ ହେବେ ନାହିଁ । ଯଦି ସେମାନେ ଚାଲିବେ, ସେମାନେ ଦୁର୍ବଳ ହେବେ ନାହିଁ । ହେ ପ୍ରଭୁ, ମୋତେ ଶିଖାଅ, ହେ ପ୍ରଭୁ, ମୋତେ ଅପେକ୍ଷା କରିବାକୁ, ଶିଖାଅ ।" ପ୍ରଭୁଙ୍କଠାରେ ଅପେକ୍ଷା କର ।

292 ଦିନରାତି, ନିରନ୍ତର ଭାବରେ, ଆନ୍ନା ମନ୍ଦିରରେ ରହି, ଦିନରାତି, ନିରନ୍ତର ପ୍ରାର୍ଥନା କରୁଥିଲେ । ଯେତେବେଳେ ସେମାନେ ଯୀଶୁଙ୍କୁ ନେଇକରି ଆସିଲେ, ସେ ଅନ୍ଧ ଥାଇ, ସେହି ଭବନର, ଚାରିଆଡ଼େ ଖୋଜି ଖୋଜି, ଭିତରକୁ ଆସିଲେ । ଜଣେ ଅନ୍ଧ ସ୍ତ୍ରୀ ତାହାଙ୍କ ଉପରେ ହାତ ରଖି ପରମେଶ୍ୱରଙ୍କୁ ଆଶୀର୍ବାଦ କଲେ । କାରଣ, ତାର ଶାରୀରିକ ଅନ୍ଧତାରେ, ତାର ଆତ୍ମାରେ, ସେ ଆତ୍ମାଙ୍କ ଦ୍ୱାରା ଚାଳିତ ହୋଇ ସେହି ସ୍ଥାନକୁ ପହଞ୍ଚିଥିଲେ, ସେହି ସ୍ଥାନରେ ଯେଉଁଠାରେକି ସେ ଛିଡ଼ା ହୋଇଥିଲେ ।

293 ସେଠାରେ, ଶିମିୟୋନ, ତାହାଙ୍କୁ ଅପେକ୍ଷା କରି, ସେଠାରେ ପଛରେ ପ୍ରାର୍ଥନା କକ୍ଷରେ ରହିଥିଲେ, ସେ ଜାଣିଥିଲେ ଯେ ପବିତ୍ରଆତ୍ମାଙ୍କ ଦ୍ୱାରା, ତାଙ୍କର ଏକ ପ୍ରତିଜ୍ଞା ରହିଥିଲା, ଯେ ସେ ମରିବେ ନାହିଁ; ଜଣେ ବୃଦ୍ଧ ବ୍ୟକ୍ତି, ଅଶୀ, ପ୍ରାୟଃ ନବେ ବର୍ଷ ବୟସ୍କ । ଏବଂ ସେ ଥିଲେ... ଲୋକମାନଙ୍କୁ ଖୋଲାଖୋଲି କହିଥିଲେ, "ମୁଁ ମଶୀହଙ୍କୁ ଦର୍ଶନ ନ କରିବା ପର୍ଯ୍ୟନ୍ତ ମୃତ୍ୟୁକୁ ଦେଖିବି ନାହିଁ ।" ଏବଂ ଠିକ ସେହି ସମାନ ମୁହୂର୍ତ୍ତରେ, ଏକ ଛୋଟ ଶିଶୁ...

ସେ କଅଣ ଥିଲେ? ଜଣେ ଗଣ୍ୟମାନ୍ୟ ଲୋକ ନ ଥିଲେ, ସମସ୍ତ ଆରକ୍ଷୀମାନେ ସେତେବେଳେ ସାବଧାନରେ ଛିଡ଼ା ହୋଇ ନ ଥିଲେ ଯେତେବେଳେ ସେମାନେ ମଶୀହଙ୍କୁ ନେଇକରି ଆସିଥିଲେ, ପ୍ରକୃତରେ ଖୁବ୍ ସୁନ୍ଦର ଭାବେ ଏବଂ ଭଲ ଭାବେ, ଏବଂ ଅତି ଉତ୍ତମ ଭାବେ ଓ ସାଜସଜ୍ଜାଯୁକ୍ତ ନ ଥିଲେ, ଏବଂ ଉତ୍ସର୍ଗୀକୃତ ହେବା ନିମନ୍ତେ ଆସୁଥିବା ଛୋଟ ଶିଶୁ ପରି ସୁଗନ୍ଧିତ ନ ଥିଲେ । ମାତ୍ର ଜଣେ ଛୋଟ ମାଆ ଯାହା ବିଷୟରେ ମନ୍ଦ କଥା କୁହାଯାଇଥିଲା, ଯଥା "ତାର ତ ପବିତ୍ର ବିବାହ ବନ୍ଧନର ବାହାରେ, ଏକ ଶିଶୁ ହୋଇଥିଲା ।" ପଶୁର ଅଖା ବସ୍ତ୍ରରେ ଘୋଡ଼େଇ ହୋଇଥିଲା, ଯୁଆଳି, ବଳଦର ଯୁଆଳି ସାମଗ୍ରୀ ତାଙ୍କ ଚାରିପାଖରେ ଗୁଡ଼ାଇ ହୋଇଥିଲା, ସେହି ଭବନ ଦେଇ ଚାଲି ଆସିଥିଲା, ଏବଂ ସମସ୍ତେ ତାଙ୍କଠାରୁ ଦୂରତା ଅବଲମ୍ବନ କରିଥିଲେ ।

ମାତ୍ର ଏଠାରେ ସେହି ଛୋଟ ସମୂହ, ସେହି ଛୋଟ ଗୋଷ୍ଠୀ ଆସନ୍ତି । ଆନ୍ନା, ଗୋଟିଏ । ଶିମିୟୋନ୍, ଅନ୍ୟ ଜଣେ, ସେହି ପଂକ୍ତି ଦେଇ ଚାଲି ଆସିଥିଲେ, ଏହା ନ ଜାଣି ଯେ ସେ କେବେ ଏହା ଉପରେ ନିଜର ଦୃଷ୍ଟି ପକାଇବାକୁ ଯାଉଛନ୍ତି । ଏବଂ ନିଜର ହାତ ଉଠାଇ ଏହା କହିଲେ, "ହେ ସଦାପ୍ରଭୁ, ବର୍ତ୍ତମାନ ତୁମ୍ଭ ବାକ୍ୟ ଅନୁସାରେ, ତୁମ୍ଭର ଦାସକୁ ଶାନ୍ତିରେ ପ୍ରସ୍ଥାନ

କରିବାକୁ ଦିଅ, କାରଣ ମୋର ଚକ୍ଷୁ ତୁମ୍ଭର ପରିତ୍ରାଣକୁ ଦେଖିଅଛି ।" ହୁଁ । ବୁଝିଲେ? କୌଣସି ବଡ଼, ଚକଚକିଆ ବିଷୟ ନୁହେଁ । ଏକ ଉଜ୍ଜ୍ୱଳ; ଏବଂ ଯଦିଓ ଏହା ବିଷୟରେ ମନ୍ଦ କଥା କୁହାଯାଇଥିଲା, ଏହା ଏକ ଚିହ୍ନ ଥିଲା ।

294 ଏବଂ, ଆଜି, ସେହି ଚିହ୍ନ ବିଷୟରେ ମନ୍ଦ କଥା କୁହାଯାଏ । ଏହାର କୌଣସି ସହଯୋଗ ନାହିଁ । ଏହା—ଏହା...ଏହା ବିଷୟରେ ମନ୍ଦ କଥା କୁହାଯାଏ, ଏବଂ ସବୁକିଛି ଉଡାଯାଏ । ମାତ୍ର ଏହା ଏକ ଚିହ୍ନ ଯାହାକୁ ଅଣଦେଖା କରାଯାଇଛି, ଏକ ଚିହ୍ନ ଯାହା ବିଷୟରେ ମନ୍ଦ କଥା କୁହାଯାଇଛି । ବାଇବଲ ସେହି ବିଷୟରେ କୁହେ, "ଏକ ଚିହ୍ନ, ଯାହା ବିଷୟରେ ମନ୍ଦ କୁହାଯାଇଛି ।"

295 ଆସନ୍ତୁ ଆମେମାନେ ଯେତେବେଳେ ନିଜର ଘରକୁ ଯାଉ ଏହାକୁ ମନେ ରଖୁ । ଆପଣ ଏହି ବାର୍ତ୍ତାକୁ କେବେବି ନିଜ ହୃଦୟରୁ କ୍ଷାନ୍ତ ହେବାକୁ ଦିଅନ୍ତୁ ନାହିଁ । ଆପଣ ଯାହାକିଛି ବି କରନ୍ତି, ଆପଣ ଏହା କରନ୍ତୁ ନାହିଁ । ଆପଣ ଦିନରାତି ଏହି ବିଷୟ ଉପରେ, ଧ୍ୟାନ କରନ୍ତୁ । ଏବଂ ଦିନରାତି, ପ୍ରାର୍ଥନା କରନ୍ତୁ, ଯେପରି ପରମେଶ୍ୱର ବର୍ତ୍ତମାନ ତାହାଙ୍କର ସାକ୍ଷୀକୁ ଉଠାନ୍ତି । ଆମେମାନେ ପ୍ରସ୍ତୁତ ଅଟୁ, କାରଣ ମୁଁ ବିଶ୍ୱାସ କରେ, ଯେ ଶୀଘ୍ର, ସମୟ ଆଉ ରହିବ ନାହିଁ । ଆମେମାନେ ଆସୁଅଛୁ...

296 "ତାହା କିପରି, କେମିତି ହେବ, ଭାଇ ବ୍ରାନହାମ୍?" ମୁଁ ଜାଣେ ନାହିଁ । ବୋଧହୁଏ ଆଜି । ବୋଧହୁଏ ଏହା ଆସନ୍ତାକାଲି ହୋଇପାରେ । ଯଦି ଏହା ଆଜି ନୁହେଁ, ତେବେ ମୁଁ କାଲି ଏହାକୁ ଅପେକ୍ଷା କରିବି । ଏବଂ ଏହା ହୁଏତ ଏହି ବର୍ଷ, ଆସନ୍ତା ବର୍ଷ, ଦଶ ବର୍ଷ ପରେ ହୋଇପାରେ । ବୋଧହୁଏ ତିରିଶ ବର୍ଷ, ମୁଁ ଜାଣେ ନାହିଁ ଯେ ଏହା କେବେ ହେବ । ମାତ୍ର ମୁଁ କୁହେ, ବର୍ତ୍ତମାନଠାରୁ ନେଇ, ଆପଣ ପ୍ରତି ମିନିଟରେ ପ୍ରସ୍ତୁତ ରୁହନ୍ତୁ ।

297 ଏବଂ ସାଧାରଣତଃ ଭାବେ କୌଣସି କିଛି ବିଷୟକୁ କେବଳ ଗ୍ରହଣ କରି ନିଅନ୍ତୁ ନାହିଁ । ତାହା କରନ୍ତୁ ନାହିଁ । ଆପଣ ପରମେଶ୍ୱରଙ୍କ ସହ କଥା ନ ହେବା ପର୍ଯ୍ୟନ୍ତ, ଦିନରାତି, ବିଶ୍ରାମ କରନ୍ତୁ ନାହିଁ । ନିଜକୁ ଧର୍ମୋନ୍ମତ୍ତତାରୁ ଦୂରେଇ ରଖନ୍ତୁ । ଭାବାବେଗରେ କାମ କରନ୍ତୁ ନାହିଁ । ତାହା କରନ୍ତୁ ନାହିଁ । ତାହାହିଁ ଅଟେ ଯାହାକି ଏତେ ମୌଳିକବାଦୀ ବିଷୟକୁ ଆଣିଥାଏ ଏବଂ ଲୋକମାନଙ୍କୁ ଏଥିରୁ ଭୟଭୀତ କରିଥାଏ, ଦେଖନ୍ତୁ, ମୌଳିକ ଧର୍ମୋନ୍ମତ୍ତତା ହେତୁ । ଆପଣ ତାହା ଗ୍ରହଣ କରନ୍ତୁ ନାହିଁ; ଆଦୌ ନୁହେଁ । ଆପଣ ପରମେଶ୍ୱରଙ୍କ ସହିତ କଥାବାର୍ତ୍ତା ନ ହେବା ପର୍ଯ୍ୟନ୍ତ ଠିକ ସେଠାରେ ରହିଥାଆନ୍ତୁ । ସର୍ବଶେଷରେ, ଏହା ଆପଣଙ୍କର ପ୍ରାଣ ଅଟେ, ଏବଂ ଏହା ଆପଣ ହିଁ ଅଟନ୍ତି ଯିଏକି ସେଠାରେ ଅନନ୍ତତା ଅତିବାହିତ କରିବାକୁ ଯାଉଛନ୍ତି । ଏବଂ ଆପଣ ଏଥିରେ ସୁନିଶ୍ଚିତ ହୁଅନ୍ତୁ ଯେ ଆପଣ କେବଳ ହାତ ମିଶାଇ ଏକ ଧର୍ମମତ କହିବେ ନାହିଁ, କିମ୍ବା—କିମ୍ବା ବିଶ୍ୱାସ ଦ୍ୱାରା କିଛି ଗୋଟାଏ ଗ୍ରହଣ କରିବେ ନାହିଁ । ଆପଣ ତାହା କରନ୍ତୁ ନାହିଁ । ଆପଣ ପରମେଶ୍ୱରଙ୍କ ସହିତ କଥାବାର୍ତ୍ତା କରନ୍ତୁ । ପରମେଶ୍ୱରଙ୍କୁ ଆପଣଙ୍କ ସହିତ କଥାବାର୍ତ୍ତା କରିବାକୁ ଦିଅନ୍ତୁ, ଏବଂ ଦେଖନ୍ତୁ ଯେ ଆପଣଙ୍କ ସହିତ କଅଣ ଘଟୁଅଛି ।

ନିଜର ଇଚ୍ଛାଗୁଡିକୁ ଦେଖନ୍ତୁ ଏବଂ କଅଣ ଘଟେ ଦେଖନ୍ତୁ, ତାହାପରେ ଆପଣ ଜାଣିଯିବେ ଯେ ଆପଣ ପରମେଶ୍ୱରଙ୍କ ସହ କଥା ହୋଇଛନ୍ତି କି ନାହିଁ ।

298 ଆପଣମାନେ ଯେଉଁମାନେକି ଆଜି ସକାଳେ ତାହାଙ୍କ ଉପରେ ବିଶ୍ୱାସ କରିଛନ୍ତି । ଆପଣମାନଙ୍କୁ, ଏବଂ ମୁଁ—ମୁଁ ବେଦୀର ଡାକରା ବିଷୟରେ କହୁଥିଲି । କଅଣ ଆପଣମାନେ ଜାଣନ୍ତି ଯେ ସେମାନେ ବାଇବଲରେ ଏହାକୁ କିପରି କରିଥିଲେ? "ଯେତେ ଲୋକ ପ୍ରଭୁଙ୍କ ଉପରେ ବିଶ୍ୱାସ କରିଥିଲେ, ଯେତେ ଲୋକ ପ୍ରଭୁଙ୍କ ଉପରେ ବିଶ୍ୱାସ କରିଥିଲେ ସେମାନେ ସମସ୍ତେ ସେମାନଙ୍କର ପାପ କ୍ଷମା ନିମନ୍ତେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୋଇଥିଲେ ।" ଯଦି ଆପଣ କେବେବି ହୋଇ ନାହାଁନ୍ତି...ଆମର କେବେବି ବେଦୀର ଡାକରା ରହି ନ ଥିଲା । ସେମାନେ କେବେବି ଲୋକମାନଙ୍କୁ ଉପରକୁ ଆସିବା ପାଇଁ କହି ନ ଥିଲେ । ଯେତେବେଳେ ଆପଣ ତାହା କରନ୍ତି, ଆପଣ ସବୁକିଛି ପାଇଯାଆନ୍ତି । ଏଠାରେ ଜଣେ ଲୋକ ଯଜ୍ଞବେଦି ନିକଟକୁ ଆସନ୍ତି, ଅହଂକାରୀ-ଦିଶୁଥିବା, ଏବଂ ଆଣ୍ଠୁପାଡ୍ କରନ୍ତି, କାରଣ କେହି ତାଙ୍କୁ ଆଣିବାକୁ ଚେଷ୍ଟା କରିଥିଲେ । ଆପଣଙ୍କୁ—ଆପଣଙ୍କୁ—ଆପଣଙ୍କୁ ତ ପୁନର୍ବାର ତାଙ୍କୁ ଆଣିବା ପାଇଁ କଦାଚ ଦୁଇଗୁଣ କଷ୍ଟ କରିବାକୁ ପଡିବ । ବୁଝିଲେ? ଏବଂ ଆପଣ କଅଣ କଲେ? ଆପଣ ସେଥିରେ ସବୁକିଛି ପାଇଲେ । ଏବଂ ଯୀଶୁ କହିଲେ, "ପରମପିତା ମୋତେ ଯେ ସମସ୍ତଙ୍କୁ ଦେଇଛନ୍ତି ସେମାନେ ମୋ ନିକଟକୁ ଆସିବେ ।" ସେହି ବାକ୍ୟ ସହିତ ରୁହନ୍ତୁ । ପରମେଶ୍ୱର ଏହାର ବାକି ସବୁ ବିଷୟ କରିବେ । ତାହା ଠିକ୍ । ତାହା ଠିକ୍ । ପରମେଶ୍ୱର ଏହାର ବାକି ସବୁ ବିଷୟ କରିବେ ।

299 ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ମୁଁ ଆଜି ରାତି ପୁନର୍ବାର ଆପଣମାନଙ୍କୁ ଦେଖିବାକୁ ଆଶା କରେ, ଆଶା କରେ, ଯେ ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ଯିଏକି ପାରନ୍ତି । ମୁଁ ଜାଣେ ଯେ ଆପଣମାନଙ୍କ ମଧ୍ୟରୁ ଅନେକଙ୍କୁ ବାହାରେ, ଦୂରରେ ରହିବାକୁ ପଡେ । ମୁଁ ଆଜି ରାତି, ମୋ ଭାଇଙ୍କୁ, ଶୁଣିବା ପାଇଁ ରହିବି, ଯଦି ଏହା ପରମେଶ୍ୱରଙ୍କ ଇଚ୍ଛା ଥାଏ । ମୁଁ ତାଙ୍କର ଉଭୟ ବାର୍ତ୍ତା ନେବାକୁ ଚାହେଁ ନାହିଁ ।

300 ଏବଂ—ଏବଂ ଭାଇ ନେଭିଲ୍ ଜଣେ ପରମେଶ୍ୱରଙ୍କ ସୁମଧୁର ବ୍ୟକ୍ତି ଅଟନ୍ତି । ଏବଂ ମୁଁ ଜାଣେ, ମୁଁ ଜାଣେ ଯେ କିଏ...ଯେତେବେଳେ ମୁଁ ତାଙ୍କୁ ପ୍ରଚାର କରୁଥିବାର ଶୁଣେ, ମୁଁ ଜାଣେ ଯେ ଏହା ସିଧାସଳଖ ତାଙ୍କ ହୃଦୟରୁ ଆସୁଅଛି । ମୁଁ ତାହା ଜାଣେ । ଏବଂ ଭାଇ ନେଭିଲ୍, ଯେପରିକି ସେ ଅନ୍ୟ ରାତିରେ କହୁଥିଲେ, ସେହି ବକ୍ତବ୍ୟ, କହିଥିଲେ ଯେ ମୁଁ ଏକ ଟିପ୍ପଣୀ କରିଥିଲି, "କୌଣସି ଦିନ ମୁଁ ତାଙ୍କୁ ଯୀଶୁଙ୍କ ନାମରେ ବାପ୍ତିସ୍ମ ଦେବି ।" ମୁଁ କରିଥିଲି । କାହିଁକି? ମୁଁ ତାଙ୍କ ଭିତରେ ସେହି ନିଷ୍ଠାପରତାକୁ ଓ ସଚ୍ଚୋଟତାକୁ ଦେଖିଥିଲି । ମୁଁ ଜାଣିଥିଲି ଯେ ଯଦି ସେ...ତାଙ୍କୁ ଯଦି କେବେ ଦିଆଯାଇପାରେ, ଏବଂ ଯଦି ସେ ଦେଖିପାରନ୍ତି...ଏବଂ ସେ—ସେ ପ୍ରକୃତରେ ଏହାକୁ ଦେଖି ପାରିଥିଲେ, ତାଙ୍କ ଆଖି ଖୋଲି ଯାଇଥିଲା, ସେ ଏହାକୁ ଗ୍ରହଣ କରିଥିଲେ । ମୁଁ ଅପେକ୍ଷା କରିଥିଲି, ଏବଂ ମଣ୍ଡଳୀକୁ କହିଥିଲି, "ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ, ସେହି ମେଥୋଡିଷ୍ଟ ପ୍ରଚାରକ ଠିକ୍ ଭାବରେ ଆସିବେ ।" ଏବଂ ଆଜି ସେ ଏଠାରେ ଅଛନ୍ତି,

ଏହି ଆରାଧନାଳୟର ଜଣେ ପାଳକ ଭାବରେ, କାର୍ଯ୍ୟରେ ଯେତିକି ଦୃଢ ରହିପାରନ୍ତି ଠିକ ସେତିକି ଦୃଢ ଭାବରେ, ବାର୍ତ୍ତାରେ ଅଛନ୍ତି। ସେ ପରମେଶ୍ୱରଙ୍କୁ ବିଶ୍ୱାସ କରନ୍ତି। ଏବଂ ମୁଁ ଜାଣେ, ଯେତେବେଳେ ମୁଁ ଭାଇ ନେଭିଲଙ୍କଠାରୁ କିଛି ଆସୁଥିବାର ଶୁଣେ, ମୁଁ ଜାଣେ ଯେ ଏହା ପ୍ରକୃତରେ, ପରମେଶ୍ୱରଙ୍କଠାରୁ ଆସୁଅଛି, କାରଣ ସେ ସେହି ପ୍ରକାରର ଜଣେ ବ୍ୟକ୍ତି ଅଟନ୍ତି।

301 ମୁଁ ଏଠାରେ ରଖା ଯାଇଥିବା ଆପଣଙ୍କ ରୁମାଲଗୁଡିକ ଉପରେ ହାତ ରଖିଛି ଯାହା ଉପରେ ପ୍ରାର୍ଥନା କରାଯାଇଅଛି। ଏହା ଭରସା କରି, ଯେ ଆପଣଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ପରମେଶ୍ୱରଙ୍କଠାରୁ ଆଶୀର୍ବାଦ ପ୍ରାପ୍ତ ହୋଇଛନ୍ତି। ଭରସା କରେ ଯେ ପରମେଶ୍ୱର ଆପଣଙ୍କ ହୃଦୟରେ ଅଛନ୍ତି।

302 ଆମେମାନେ କରୁ ନାହୁଁ—ଆମେମାନେ ଏଠାକୁ ଏଇଥି ପାଇଁ ଆସୁ ନାହୁଁ ଯେ—ଯେ ପରମେଶ୍ୱରଙ୍କଠାରୁ ଏକ ଆଶୀର୍ବାଦ ପ୍ରାପ୍ତ ହେଉ, ଏତେ ଅଧିକ, ଯେତେବେଳେକି ଆମେମାନେ ଏଠାକୁ ଆସିଥାଉ। ପ୍ରତିଦିନ ଆମେ ଯେତେବେଳେ ଏକ ନିଶ୍ୱାସ ପ୍ରଶ୍ୱାସ ନେଉ, ଆମେ ପରମେଶ୍ୱରଙ୍କଠାରୁ ଆଶୀର୍ବାଦ ପାଇଥାଉ। ଆମେ ଏଠାକୁ ଯାହା କରିବା ପାଇଁ ଆସିଥାଉ, ତାହା ହେଉଛି ଏକ ସଂଶୋଧନ ପାଇଁ, କାଟି ପକାଇବା ପାଇଁ, ଆମର ହୃଦୟଗୁଡିକୁ ସୁନ୍ନତ କରିବା ପାଇଁ, ଏବଂ ପରମେଶ୍ୱରଙ୍କ ନିକଟକୁ ଯିବା ହେତୁ, ଏବଂ ଆମର ସମସ୍ତ ହୃଦୟ ସହିତରେ ପରମେଶ୍ୱରଙ୍କୁ ବିଶ୍ୱାସ କରିବାକୁ।

303 ପ୍ରଭୁଙ୍କ ବାକ୍ୟକୁ ମନେରଖନ୍ତୁ। ଏବଂ ପରମେଶ୍ୱରଙ୍କଠାରୁ ପଠାଯାଇଥିବା ସେହି ସତ୍ୟ ଚିହ୍ନକୁ ଦେଖିବା ପାଇଁ, ଭୁଲନ୍ତୁ ନାହିଁ, ଏବଂ ବିଫଳ ହୁଅନ୍ତୁ ନାହିଁ।

ଏବଂ ତେବେ ମୁଁ ସେବାକୁ ଭାଇ ନେଭିଲ୍‌ଙ୍କୁ ଦେବାକୁ ଯାଉଅଛି, ତାଙ୍କର ଯାହା କହିବାକୁ ଇଚ୍ଛା ସେ କୁହନ୍ତୁ।

[ଭାଇ ନେଭିଲ୍ କୁହନ୍ତି, "ମୁଁ ନିଶ୍ଚିତରେ, ହେ ମୋର ପ୍ରଭୁ, ମୁଁ ଆପଣଙ୍କୁ କହୁଛି, ମୁଁ ଜାଣିଛି ଯେ ସେବାର ପ୍ରଥମ ଭାଗରେ ଆମେ ଯାହା ଆଶା କରିଥିଲୁ ପରମେଶ୍ୱର ତାହା ସୁନିଶ୍ଚିତ କରିଛନ୍ତି। ଯେତେବେଳେ ମୁଁ ଆଜି ସକାଳେ, ଏତେ ସଂଖ୍ୟକ ଚେହେରାଗୁଡିକୁ ଦେଖେ, ମୁଁ ଜାଣେ ଯେ ଏହା ଉତ୍ତମ ହୋଇଅଛି ଯେ ଆପଣ ଏଠାରେ ରହିଛନ୍ତି, ଏବଂ ଏହା ଭଲ ଅଟେ ଯେ ମୁଁ ଏଠାରେ ରହିଅଛି, ଏବଂ ମୋତେ ଏଠାରେ ରହିବାର ଥିଲା, ଏବଂ ଆପଣଙ୍କୁ ଏଠାରେ ରହିବାର ଥିଲା। ଆପଣଙ୍କର କାର୍ଯ୍ୟଭାର ସଠିକ୍ ଭାବରେ ପୂରଣ ହୋଇଛି ଯଦି ଆପଣ ଏହାକୁ ସେପରି ଭାବରେ ଗ୍ରହଣ କରିବାକୁ ଚାହିଁବେ। ଆଜି ସକାଳେ ଆପଣଙ୍କ ପାଖରେ ଯାହା କିଛି ରହିଛି, ଆପଣ ତାହା ଏଇଥି ପାଇଁ ପାଇପାରନ୍ତି କାରଣ ଆପଣ ଏହାକୁ ପରମେଶ୍ୱରଙ୍କଠାରୁ ପ୍ରାପ୍ତ କରିଥିଲେ।]

["ଏବଂ ତୁରନ୍ତହିଁ ଏହାର ପରେ, ଆମର ବାପ୍ତିସ୍ମ ସେବା ହେବାକୁ ଯାଉଅଛି। ଏବଂ ଭାଇ ୱିଲାର୍ଡ କଲିନ୍ସ ବାପ୍ତିସ୍ମ ସେବାର କାର୍ଯ୍ୟ ନିର୍ବାହ କରିବେ, ଏବଂ ଆମର ଦୁଇ କିମ୍ବା ଅଧିକ ପ୍ରାର୍ଥୀ

ଅଛନ୍ତି । ଏବଂ ଆଜି ସକାଳେ, ଆମେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିସ୍ମ ପାଇଁ ଶହେ ଜଣ ପ୍ରାର୍ଥୀ ଦେଖିବାକୁ ଚାହୁଁଛୁ ।"]

ଆମେନ୍!

["ନିଜର ବିଶ୍ୱାସକୁ ଏକ ସ୍ୱଷ୍ଟ ପ୍ରକଟିତ ଢଙ୍ଗରେ ପ୍ରଦର୍ଶିତ କରିବାକୁ ସ୍ଥିର କରନ୍ତୁ । ବିଶ୍ୱାସ କଦାପି କାମ ନୁହେଁ । ବିଶ୍ୱାସ, କେବଳ କଥିତ ଭାବରେ, ଲାଭଜନକ ନୁହେଁ । ମାତ୍ର ବିଶ୍ୱାସ, ପ୍ରଦର୍ଶିତ ହେବା, ହେଉଛି ବାଇବଲର କ୍ରମ ।"]

ଆମେନ୍! ତାହା ଠିକ୍ ଅଟେ ।

["ଆଜ୍ଞାବହ ହେବା ଦ୍ୱାରା, ବିଶ୍ୱାସ ପ୍ରଦର୍ଶନ କରାଯାଇପାରେ । ପରମେଶ୍ୱର ଆଜି ସକାଳେ, ଏହା କାହାରିକୁ ବି ପ୍ରଦାନ କରନ୍ତୁ, ଯେଉଁମାନେକି ଏଠାରେ ଅଛନ୍ତି, ଯିଏକି କରିବାକୁ ଇଚ୍ଛା ଅନୁଭବ କରନ୍ତି, ଏହା ହେଉ ଯେ ଆପଣ ଆସନ୍ତୁ । ଯଦି ଏହାହିଁ ହେଉଛି ତାହା, ଯଦି ଏହା ଆପଣ ଯୋଜନା କରିଥିବା ବିଷୟର କ୍ରମାଠାରୁ କିଛି ଅଲଗା ଅଟେ, ଅବା ଆପଣଙ୍କର ବୋଧହୁଏ ତୁରନ୍ତ ହିଁ ଏକ ସାକ୍ଷାତକାର କରିବାକୁ ଥିବ, କିମ୍ବା ସେପରି କିଛି ଗୋଟାଏ ଥିବ, ଯଦି ଆପଣ ଏହାକୁ ବିଳମ୍ବ କରିବାକୁ ସକ୍ଷମ ହୋଇପାରନ୍ତି, ଏବଂ ଏହି ଆଜ୍ଞାବହତାର କାର୍ଯ୍ୟ ସହିତ ଯାଇପାରନ୍ତି, ତେବେ ମୁଁ ଖ୍ରୀଷ୍ଟଙ୍କଠାରେ ଆପଣଙ୍କର ନମ୍ର ଭାଇ ଏବଂ ପରମେଶ୍ୱରଙ୍କ ଭବିଷ୍ୟଦ୍‌ବକ୍ତାଙ୍କ ସହିତ ଜଣେ ସହ-କର୍ମୀ ଭାବରେ ଏହା ବିଶ୍ୱାସ କରେ, ମୁଁ ବିଶ୍ୱାସ କରେ ଯେ ବର୍ତ୍ତମାନ ସେହି ନିଷ୍ପତ୍ତି ନେବା ପାଇଁ, ଏହା ହେବ—ଏହା ଆପଣଙ୍କର ସର୍ବୋତ୍ତମ ପସନ୍ଦ ହେବ ।"]

ପରମେଶ୍ୱର ଏହା ପ୍ରଦାନ କରନ୍ତୁ!

["ଏବଂ ଏହା ପ୍ରଦାନ କରନ୍ତୁ ଯେ ଆପଣ ଆସିବେ, ଏବଂ ବାପ୍ତିଜିତ ହେବାକୁ ଥିବା ଅନ୍ୟମାନଙ୍କ ମଧ୍ୟରେ ନିଜର ସ୍ଥାନକୁ ଗ୍ରହଣ କରିବେ, ଯେପରିକି ସେହି ଛୋଟ ପଲକୁ ତିଆରି କରିବାରେ, ଆପଣ ଏହି ସଂଖ୍ୟାରେ ଥାଇପାରନ୍ତି । ଓଃ, ଏହା ଅଦ୍ଭୁତ ଅଟେ, କଅଣ ନୁହେଁ କି? ତାହାଙ୍କର ଜଣେ ହେବା, ଏବଂ ତାହାଙ୍କ ବାକ୍ୟ ଅନୁଯାୟୀ ହେବା । ଆମେମାନେ ବିସର୍ଜିତ କରିବାକୁ ପ୍ରସ୍ତୁତ ହେଉଥିବାବେଳେ, ଆସନ୍ତୁ ଆମେମାନେ ସମସ୍ତେ ଏକାଠି ଛିଡା ହୋଇଯିବା ।]

["ଆସନ୍ତା ରବିବାର, ଭାଇ ବ୍ରାନହାମ୍ ପୁଣିଥରେ ଆମମାନଙ୍କ ସହିତରେ ରହିବେ । ଆସନ୍ତୁ ଆମେମାନେ ସେହି ଘୋଷଣାକୁ ମନେ ରଖିବା । ସେ କହିଛନ୍ତି ଯେ ସେ ଆଜି ରାତି ଏଠାରେ ରହିବେ, ମାତ୍ର ସେ ଏହା କହି ନାହାଁନ୍ତି ଯେ ସେ ସେବା କରିବେ । ତଥାପି, ମୋର ଇଚ୍ଛା, ସର୍ବଦା, ଯେ ସେ ତାହା କରନ୍ତୁ । ଏବଂ ସେ ମୋ ବିଷୟରେ କୌଣସି ଭୟ ନ କରନ୍ତୁ ଯେ ମୁଁ ତାହା ଉପରେ କେଉଁଠାରେ ଛିଡା ହୋଇଛି । ମୋର ଇଚ୍ଛା ତ ନିଶ୍ଚିତ ଭାବରେ, ଏହା ଜାଣି ଯେ ସେହି ବାର୍ତ୍ତାକୁ ଏବଂ ସେହି—ସେହି ଆହ୍ୱାନକୁ, ସେହି କାର୍ଯ୍ୟାଳୟ ଯାହା ତାଙ୍କର ଅଛି,

ତାହା ଏହି ଶେଷ ଦିନର ଏକ ବହୁତ ବଡ଼ ପ୍ରୟୋଜନ ଅଟେ । ମୁଁ ତ ଯେକୌଣସି ସମୟରେ ବି, ସ୍ଥାନ ଦିଏ ।]

["ମୁଁ ଏହାକୁ ଲୋକମାନଙ୍କର ଏବଂ ତାଙ୍କ ଉପସ୍ଥିତିରେ କହିବି: ମୁଁ, ଆନନ୍ଦ ସହକାରେ, ଯେକୌଣସି ସମୟରେ ବି, ଯେକୌଣସି ସେବାରେ, ଏହି ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ପାଇଁ ସ୍ଥାନ ଦିଏ ଯାହା ମୁଁ ବିଶ୍ୱାସ କରେ, କାରଣ ପରମେଶ୍ୱର ଆଜି ସକାଳେ, ଏହି ଚିହ୍ନର ମହତ୍ତ୍ୱକୁ ସୂଚାଇବାରେ, ଆମ ଦୁହିଁଙ୍କ ଦେଇ କଥା ହୋଇଥିଲେ । ଏବଂ ମୁଁ ଆନନ୍ଦିତ ଯେ ମୁଁ ସେମାନଙ୍କ ମଧ୍ୟରୁ ସେହି ଜଣକା ହୋଇପାରିବାର ସୌଭାଗ୍ୟ ପାଇଛି ଯିଏକି ତାଙ୍କୁ ସ୍ଥାନ ଦେଇପାରେ ।]

["ଏବଂ ମୁଁ, ଆଜି ରାତି ମଧ୍ୟ, ଯେ ତାହା କରିବାକୁ ମୁଁ ଖୁସି ହେବି, ଯଦି ଆମର ଭାଇ, ଏବଂ ପରମେଶ୍ୱରଙ୍କ ସେବକ ଏବଂ ଭବିଷ୍ୟଦ୍‌ବକ୍ତା, ତାହା କରିବାକୁ ଉତ୍ତମ ଇଚ୍ଛା କରନ୍ତି, ତେବେ ମୁଁ ଅତ୍ୟଧିକ ଆନନ୍ଦ ସହକାରେ ତାଙ୍କୁ ସ୍ଥାନ ଦେବି । କେବଳ ତାଙ୍କ କଥାରେ, ଯାହା ବି ସେ ଅନୁଭବ କରନ୍ତି । ମାତ୍ର, ସେ କହିଅଛନ୍ତି, ଏବଂ ଆମେ ସମଗ୍ର ବିଷୟର ନିଷ୍କର୍ଷକୁ କେବଳ ସର୍ବଶକ୍ତିମାନ୍ ପରମେଶ୍ୱରଙ୍କ ହାତରେ ସମର୍ପି ଦେବା ।"—ସମ୍ପା ।]

304 ଆପଣ ଜଣେ ପ୍ରକୃତ ଭାଇଙ୍କଠାରୁ, ତାହାଠାରୁ ଅଧିକ ମଧୁର କିଛି ମାଗି ପାରିବେ ନାହିଁ, କଅଣ ପାରିବେ କି? ସେହି କାରଣ ଯେଉଁଥି ଯୋଗୁଁ ମୁଁ...ଦେଖନ୍ତୁ, ବନ୍ଧୁଗଣ, ମୁଁ—ମୁଁ ଜାଣେ ଯେ ଆପଣମାନେ ମୋତେ ଭଲ ପାଆନ୍ତି । ଆପଣମାନେ ଭାଇ ନେଭିଲ୍‌କୁ ଭଲ ପାଆନ୍ତି । ଆପଣମାନେ ସମସ୍ତ ପରମେଶ୍ୱରଙ୍କ ଲୋକମାନଙ୍କୁ ଭଲ ପାଆନ୍ତି । ଆମେ ପରସ୍ପର ଜଣେ ଅନ୍ୟକୁ ଭଲ ପାଉ । ଯଦି ଏପରି ଏକ ସମୟ ଥିଲା ଯେତେବେଳେକି ଆମେମାନେ ପରସ୍ପର ଜଣେ ଅନ୍ୟକୁ ଅଧିକ ଭଲ ପାଇବା ଉଚିତ୍, ତାହା ଆଜି ଅଟେ । ଭାଇ, ଆମେ ଏତେ ଅଧିକ ନିକଟତର ହେବା ଉଚିତ୍, ଯେ ଆମେ କେବଳ...ଆମେ ପ୍ରକୃତ ରକ୍ତ ସମ୍ପର୍କ ଭାଇ ଓ ଭଉଣୀମାନଙ୍କ ଅପେକ୍ଷା ଅଧିକ ଅଟୁ । ତାହାହିଁ ସେହି ପ୍ରେମ ଯାହାକି ଆମର ପରସ୍ପର ଜଣେ ଅନ୍ୟ ପାଇଁ ଆମ ହୃଦୟରେ ରହିବା ଉଚିତ୍, ସମ୍ମାନ ଏବଂ ଆଦର, ସର୍ବୋଚ୍ଚ ଭାବରେ । ଏବଂ ମୁଁ ତାହା ପସନ୍ଦ କରେ । ମୁଁ ସେହି ପ୍ରକୃତ ଜିନିଷକୁ ପସନ୍ଦ କରେ ।

305 ଏବଂ ଏଠାରେ, ଭାଇ ନେଭିଲ୍, ଏବଂ ଭାଇ ହିଗିନ୍‌ବୋଥମ୍, ଭାଇ...ମୁଁ ବିଶ୍ୱାସ କରେ ଯେ ତାହା ଭାଇ ଫଙ୍କ ଥିଲେ, ଏହା ତ ତାଙ୍କ ଶବ୍ଦ ପରି ସୁଦ୍ଧା ଶୁଭା ଯାଉ ନ ଥିଲା, ଯିଏକି ସେଠାରେ ସେହି ବାର୍ତ୍ତାକୁ ଦେଇଥିଲେ । ତାହା ଆସିଥିଲା...ସେଗୁଡିକ ପରମେଶ୍ୱରଙ୍କଠାରୁ ଆସିଥିଲା, ସେହି ବାର୍ତ୍ତାଗୁଡିକ, ବନ୍ଧୁ, ସେଗୁଡିକ ପ୍ରକୃତରେ ଆସିଥିଲା । ଯେକୌଣସି ବ୍ୟକ୍ତି ଯାହାଙ୍କର ଆତ୍ମିକ ବୁଝାମଣା ଅଛି ତାହା ଜାଣନ୍ତି ।

306 ମାତ୍ର ଏଠାରେ ତାହା ଅଛି ଯାହାକି ତାହା ଅଟେ । ଏଠାରେ ଆସିବାରେ, ମୁଁ—ମୁଁ ଭାଇ ନେଭିଲ୍‌କୁ ଏତେ ଅଧିକ ପସନ୍ଦ କରେ ଯେ ଏପରିକି ମୁଁ ଏହା ଭାବି ଥାଏ, ଆପଣମାନେ ଦେଖନ୍ତୁ । ମୁଁ—ମୁଁ ସେପର୍ଯ୍ୟନ୍ତ କିଛି କହିବାକୁ ପସନ୍ଦ କରେ ନାହିଁ ଯେପର୍ଯ୍ୟନ୍ତକି ମୋ

ପାଖରେ ପ୍ରକୃତରେ ଆପଣମାନଙ୍କୁ କହିବା ପାଇଁ ପରମେଶ୍ୱରଙ୍କଠାରୁ କିଛି ବିଷୟ ନ ଥାଏ। ବୁଝିଲେ? ଏବଂ ଏହା—ଏହା ମୋ ପାଖରେ ମୋ ହୃଦୟକୁ ଆସିଥିଲା, ପ୍ରାୟଃ ଦୁଇ କିମ୍ବା ତିନି ଦିନ ପୂର୍ବରୁ, ଏବଂ ମୁଁ ଏହାକୁ ଗତ ରାତ୍ରି ପର୍ଯ୍ୟନ୍ତ ଅଧିକ କିଛି ଦେଖିବାକୁ ପାଇ ନ ଥିଲି, ଯେତେବେଳେ କିଛି ଶାସ୍ତ୍ରାଂଶଗୁଡିକୁ ଓଲଟାଇଲି। ସେହି କାରଣରୁ ମୁଁ ଏହାକୁ ଦେବା ପାଇଁ ଆସିଲି। ଏହା ବର୍ତ୍ତମାନ ମୋ ହାତରୁ ଚାଲିଯାଇଛି। କଅଣ ଆପଣମାନେ ବୁଝୁଛନ୍ତି? ଆପଣ ଏହା ସହିତ ଯାହା ବି କରନ୍ତି, ତାହା ହେଉଛି, ତାହା ଆପଣଙ୍କ ଉପରେ, ନିର୍ଭର କରିବ, ଆପଣ ଦେଖନ୍ତୁ। ମାତ୍ର ଏହା ମୋ ହାତରୁ ବାହାରି ଯାଇଛି।

307 ମାତ୍ର, ଭାଇ ନେଭିଲ୍ ଏବଂ ମୁଁ, ଆମେମାନେ ସେହିପରି ଅଟୁ। ଯଦି ମୁଁ ଏଠାକୁ ଆସେ, କେବଳ—କେବଳ କିଛି ସମୟ କଥାବାର୍ତ୍ତା କରିବା ପାଇଁ, ଏବଂ ସେପରି କିଛି ପାଇଁ, ଏବଂ ଭାଇ ନେଭିଲ୍‌ଙ୍କ ପାଖରେ ପରମେଶ୍ୱରଙ୍କଠାରୁ ଏକ ବାର୍ତ୍ତା ରହିଥାଏ, ମୁଁ ଠିକ୍ ସେହିଠାରେ ହିଁ ବସି ଯିବି। ହଁ, ଅବଶ୍ୟ। ମୁଁ ସର୍ବଦା, ପରମେଶ୍ୱରଙ୍କ ବାର୍ତ୍ତାକୁ ସ୍ଥାନ ଦେବି। ବୁଝିଲେ? ସେହି ପ୍ରକାରେ ଆମେ ପରସ୍ପର ଜଣେ ଅନ୍ୟ ସହିତ କରିଥାଉ। ଏବଂ ସେହି କାରଣରୁ ହିଁ ମୁଁ କୁହେ ଯେ ମୁଁ କରିବି...ଯଦି—ଯଦି ପରମେଶ୍ୱର ମୋତେ କିଛି ଦିଅନ୍ତି ନାହିଁ, ତେବେ, ବୋଧହୁଏ, କେବଳ କହିବା ପାଇଁ, ଏବଂ ଯଦି ପରମେଶ୍ୱର ଭାଇ ନେଭିଲ୍‌ଙ୍କୁ କିଛି ଦେଇଥାନ୍ତି, ଏବଂ ମୁଁ ଏଠାରେ, ରବିବାର ସକାଳେ ପ୍ରଚାର ମଞ୍ଚରେ ରହିଥାଏ, ରବିବାର ରାତି, ଏହା ଯେତେବେଳେ ବି ଅଟେ, ଭାଇ ନେଭିଲ୍ ତ କେବଳ, ସେ ତ ଠିକ ସେତିକି ଜଣେ ଭାଇ ହେବେ, ସେ ମୋ ପାଖକୁ ଆସି, କହିବେ, "ଭାଇ ବ୍ରାନହାମ୍, ମୁଁ ଆପଣଙ୍କୁ ପରମେଶ୍ୱରଙ୍କ ସେବକ ଭାବରେ ବିଶ୍ୱାସ କରେ, ମାତ୍ର ପ୍ରଭୁ ମୋତେ ଠିକ ବର୍ତ୍ତମାନ ହିଁ ଏକ ବାର୍ତ୍ତା ଦେଇଛନ୍ତି।" ଆପଣ ତାହା କରିବେ, କଅଣ ନୁହେଁ କି? [ଭାଇ ନେଭିଲ୍ କୁହନ୍ତି, "ଆମେନ୍।"—ସମ୍ପା।] ହଁ, ମହାଶୟ।

308 ମୁଁ ମଧ୍ୟ ତାଙ୍କ ପ୍ରତି ସେହି ସମାନ କରିବି, ଯଦି ସେ କହିବାକୁ ଯାଉଥାନ୍ତି। ମୁଁ କହିବି, "ଭାଇ ନେଭିଲ୍, କଅଣ ଆପଣ ମୋତେ କ୍ଷମା କରିବେ କି? ପରମେଶ୍ୱର ମୋତେ ଏକ ବାର୍ତ୍ତା ଦେଇଛନ୍ତି। ମୋତେ ଠିକ ବର୍ତ୍ତମାନ ହିଁ, ଏହା ଲୋକମାନଙ୍କୁ କହିବାକୁ ଅଛି।" ଏବଂ ସେ, ଭାଇ ନେଭିଲ୍, ଠିକ ସେହି ମାର୍ଗରୁ ଅନ୍ୟତ୍ର ହୋଇଯିବେ; ଆମ ମଧ୍ୟରୁ କେହି ଜଣେ, ପରସ୍ପର ଅନ୍ୟ ପାଇଁ। ବୁଝିଲେ? ସେହି ପ୍ରକାରେ ହିଁ ଆମେ କରିଥାଉ। ଏବଂ ତାହାପରେ ଯଦି ଆମେ, ଯଦି ମୋ ପାଖରେ କିଛି ନିର୍ଦ୍ଦିଷ୍ଟ ବିଷୟ ନ ଥାଏ, ତେବେ ମୁଁ...

309 ମୁଁ ତ କେବଳ ତାଙ୍କୁ ପ୍ରଚାର କରୁଥିବାର ଶୁଣିବାକୁ ଭଲ ପାଏ। ମୁଁ ତାଙ୍କୁ ଶୁଣିଛି। ଗତ ରବିବାର ରାତିରେ, କେତେ ଜଣ ତାଙ୍କୁ ଶୁଣିଛନ୍ତି? ଏପରି ଏକ ଅଦ୍ଭୁତ ବାର୍ତ୍ତା, ମୁଁ ଆପଣଙ୍କୁ କହୁଛି। ସକାଳେ ଯାହା କୁହା ଯାଇଥିଲା, ଏହା ତାହା ସହିତ ଠିକ୍ ବାନ୍ଧି ହୋଇଗଲା।

ଏବଂ, ଲୋକମାନେ, ମୁଁ ଆପଣମାନଙ୍କୁ କହୁଅଛି, ଆପଣଙ୍କ ପାଖରେ ଯଥେଷ୍ଟ ଭବରେ ପରମେଶ୍ୱରଙ୍କ ବାକ୍ୟ ରହିଛି ଯେ ଆପଣ ନିଶ୍ଚିତ ଭାବରେ ସଠିକ୍ ଜୀବନଯାପନ କରିବା

ଉଚିତ୍ ଓ ସଠିକ୍ ରହିବା ଉଚିତ୍ ।

ପରମେଶ୍ୱର ବର୍ତ୍ତମାନ ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭାଇ ନେଭିଲ୍ ।

61-1112 ଏକ ସତ୍ୟ ଚିହ୍ନ ଯାହା ଅଣଦେଖା କରାଯାଇଛି

ବ୍ରାନ୍‌ହାମ୍ ଟାବର୍ନେକଲ

ଜେଫର୍ସନ୍‌ଭିଲେ, ଇଣ୍ଡିୟାନା ୟୁ.ଏସ୍.ଏ.


ORIYA



©2024 VGR, ALL RIGHTS RESERVED



VOICE OF GOD RECORDINGS, INDIA OFFICE

19 (NEW NO: 28) SHENOY ROAD, NUNGAMBAKKAM

CHENNAI 600 034, INDIA

044 28274560 • 044 28251791

india@vgroffice.org

VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org

# ପ୍ରତିଲିପ୍ୟାଧିକାର ସୂଚନା

ସମସ୍ତ ଅଧିକାର ସୁରକ୍ଷିତ ଅଟେ। ଏହି ପୁସ୍ତକଟି ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଗୃହ ପ୍ରିଣ୍ଟରରେ ଛପା ଯାଇପାରେ କିମ୍ବା ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାରର ପ୍ରଚାର ନିମନ୍ତେ ଏକ ଉପକରଣ ଭାବରେ, ମାଗଣାରେ, ଦିଆ ଯାଇପାରେ। ଏହି ପୁସ୍ତକଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ® ର ପ୍ରକାଶ୍ୟ ଲିଖିତ ଅନୁମତି ବିନା ବିକ୍ରୀ କରା ଯାଇ ନ ପାରେ, ବଡ ମାତ୍ରାରେ ପୁନରୁତ୍ପାଦିତ କରା ଯାଇ ନ ପାରେ, ଏକ ୱେବସାଇଟରେ ପୋଷ୍ଟ କରା ଯାଇ ନ ପାରେ, କୌଣସି ଗନ୍ଥାଘରରେ ଗଚ୍ଛିତ କରା ଯାଇ ନ ପାରେ, ଅନ୍ୟ ଭାଷାରେ ଅନୁବାଦ୍ କରା ଯାଇ ନ ପାରେ, କିଅବା ଧନ ସଂଗ୍ରହ ନିମନ୍ତେ ବ୍ୟବହାର କରା ଯାଇ ନ ପାରେ।

ଅଧିକ ସୂଚନା ନିମନ୍ତେ କିମ୍ବା ଅନ୍ୟାନ୍ୟ ଉପଲବ୍ଧ ସମାଗ୍ରୀ ନିମନ୍ତେ, ଦୟାକରି ଯୋଗାଯୋଗ କରନ୍ତୁ:

Voice Of God Recordings, India Office

19 (New No: 28) Shenoy Road, Nungambakkam

Chennai 600 034, India

044 28274560 • 044 28251791

india@vgroffice.org

Voice Of God Recordings

P.O. Box 950, Jeffersonville, Indiana 47131 U.S.A.

www.branham.org